R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୩୩୭
ତିଥି: ପ୍ରତିପଦ
୧୨ ସେପ୍ଟେମ୍ବର ୨୦୨୬, ଶନିବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 337
12 September 2026, Saturday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

## ବ୍ରିକ୍ସ ସମ୍ମିଳନୀ ଆରମ୍ଭ

# ଜି-୭ ସହ ବ୍ରିକ୍ସ ରାଷ୍ଟ୍ର ଭୂମିକାର ତୁଳନା କଲେ ପୁଟିନ୍

ନୂଆଦିଲ୍ଲୀ, ୧୧।୯ : ନୂଆଦିଲ୍ଲୀରେ ବ୍ରିକ୍ସ ସମ୍ମିଳନୀ ଆରମ୍ଭ ହୋଇଛି। ବ୍ରିକ୍ସ ବିଜ୍‌ନେସ୍ ଫୋରମରେ ଜି-୭ ଏବଂ ବ୍ରିକ୍ସ ରାଷ୍ଟ୍ର ମଧ୍ୟରେ ଋଷ୍ ରାଷ୍ଟ୍ରପତି ଭ୍ଲାଦିମିର୍ ପୁଟିନ୍ ତୁଳନା କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସମାନ ପରିସଂଖ୍ୟାନକୁ ଉଲ୍ଲେଖ କରି ଏହା ଉପରେ ଗୁରୁତ୍ୱ ଦେଇଥିଲେ।

ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଶୁକ୍ରବାର ଉଦୀୟମାନ ଅର୍ଥନୀତିଗୁଡ଼ିକର ସଂଗଠନ ବ୍ରିକ୍ସ ଏବଂ ବିକଶିତ ଦେଶଗୁଡ଼ିକର ଜି-୭ ମଧ୍ୟରେ ତୁଳନା କରିଛନ୍ତି। ସେ କହିଛନ୍ତି, ବିଶ୍ୱ ଅର୍ଥନୀତିରେ ବ୍ରିକ୍ସର ଅବଦାନ ଜି-୭ ତୁଳନାରେ ଅଧିକ। ନୂଆଦିଲ୍ଲୀରେ ଆୟୋଜିତ ବ୍ରିକ୍ସ ବିଜନେସ୍ ଫୋରମ୍‌ରେ ସେ ଏହା କହିଥିଲେ।

ପୁଟିନ କହିଥିଲେ, ଗତ ୫ ବର୍ଷ ମଧ୍ୟରେ ବିଶ୍ୱର ମୋଟ ଜିଡିପିର ୪୦ ପ୍ରତିଶତରୁ ଅଧିକ ବ୍ରିକ୍ସ ଦେଶଗୁଡ଼ିକରୁ ଆସିଛି। ଅନ୍ୟପକ୍ଷରେ, କଥିତ ଜି-୭




ଅର୍ଥାତ୍ ସାତଟି ଦେଶର ଗୋଷ୍ଠୀର ଅବଦାନ ମାତ୍ର ୨୯ ପ୍ରତିଶତ। ମୁଁ ଜାଣେ ନାହିଁ, ଏହାକୁ ସେମାନେ କାହିଁକି 'ଗ୍ରୁପ୍ ଅଫ୍ ସେଭେନ୍' କହନ୍ତି।

ସେ କହିଥିଲେ, ବିଶ୍ୱ ସବୁବେଳେ ପରିବର୍ତ୍ତନଶୀଳ ଏବଂ ଗତ ୫ ବର୍ଷର ନିରପେକ୍ଷ ତଥ୍ୟ ଏହାର ପ୍ରମାଣ। ବର୍ତ୍ତମାନ ବିଶ୍ୱରେ ଗଠନମୂଳକ, ଗଭୀର ଏବଂ ବ୍ୟାପକ ପରିବର୍ତ୍ତନ ଘଟୁଛି। ଯେଉଁମାନେ ପୂର୍ବରୁ ଅର୍ଥନୈତିକ ବିକାଶର ଅଗ୍ରଦୂତ ଥିଲେ, ସେମାନଙ୍କ ସ୍ଥାନ ଏବେ ନୂଆ ବିକାଶର ଇଞ୍ଜିନ୍‌ମାନେ ନେଉଛନ୍ତି।

ପୁଟିନ ପଶ୍ଚିମ ଦେଶଗୁଡ଼ିକ ଉପରେ ଅନ୍ୟ ଅର୍ଥନୈତିକ ଶକ୍ତିର ବିକାଶକୁ ବାଧା ଦେବାର ଅଭିଯୋଗ ମଧ୍ୟ ଆଣିଥିଲେ। ସେ କହିଥିଲେ, ଦୀର୍ଘ ସମୟ ଧରି ଆମକୁ କୁହାଯାଇଛି ଯେ ପ୍ରତିଯୋଗିତା ହେଉଛି ପବିତ୍ର। କିନ୍ତୁ ଆମର ପଶ୍ଚିମୀ ପ୍ରତିଯୋଗୀମାନେ ପୁଣିଥରେ ନିଜର ପୂର୍ବତନ ପ୍ରତିଯୋଗୀତାମୂଳକ ସ୍ଥିତି ଫେରାଇବା ପାଇଁ ସବୁକିଛି କରୁଛନ୍ତି। ବେଳେବେଳେ ଏହି ପ୍ରତିଯୋଗିତା ଅତ୍ୟନ୍ତ ଅସୁନ୍ଦର ରୂପ ନେଉଛି।

ସେ କହିଥିଲେ, ବେଳେବେଳେ ଭୌତିକ ପ୍ରକୃତିର ପଦକ୍ଷେପ ନିଆଯାଉଛି । ପାଇପଲାଇନ୍ ଧ୍ୱଂସ କରାଯାଉଛି, ଅନ୍ତର୍ଜାତୀୟ ପରିବହନ କରିଡର୍‌ଗୁଡ଼ିକୁ ଅବରୋଧ କରିବାର ପ୍ରୟାସ ହେଉଛି, ସାମୁଦ୍ରିକ ଜାହାଜ ଜବତ କରିବାର ଚେଷ୍ଟା ହେଉଛି।

### ବ୍ରିକ୍ସ ଦେଶ ଜିଡିପିର ୪୦%କୁ ପ୍ରତିନିଧିତ୍ୱ କରୁଛନ୍ତି : ମୋଦୀ

ଏହାପରେ ସେ ରୁଷିଆ ଉପରେ ଲାଗୁ ହୋଇଥିବା କଟକଣା ବିଷୟରେ କହିଥିଲେ। ପୁଟିନ କହିଥିଲେ, ଅବୈଧ ପ୍ରତିବନ୍ଧ ଲଗାଯାଉଛି (୯ ପୃଷ୍ଠାରେ)

# ଲଘୁଚାପ ପ୍ରଭାବରେ ୧୪ ଯାଏଁ ବର୍ଷା

ଭୁବନେଶ୍ୱର, ୧୧।୯ (ସବ୍ୟୁ) : ଉତ୍ତର-ପଶ୍ଚିମ-ପଶ୍ଚିମ କେନ୍ଦ୍ରିୟ ବଙ୍ଗୋପସାଗର ସଲଗ୍ନ କ୍ଷେତ୍ରରେ ଉତ୍ତର ଓଡ଼ିଶା ଓ ଆନ୍ଧ୍ରପ୍ରଦେଶ ଉପକୂଳରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହା ସମୁଦ୍ର ପତନରୁ ୭.୬ କିମି ଉପରକୁ ଘୂର୍ଣ୍ଣିବଳୟ ବ୍ୟାପିଛି। ଏହା ଧୀରେ ଧୀରେ ଅଧିକ ସ୍ପଷ୍ଟ ଚିହ୍ନିତ ହେବାସହ ପଶ୍ଚିମ ଉତ୍ତର ଆଡ଼କୁ ଅଗ୍ରସର ହୋଇ ଦକ୍ଷିଣ ଓଡ଼ିଶା ଓ ଉତ୍ତର ଉପକୂଳ ଆନ୍ଧ୍ରପ୍ରଦେଶକୁ ୨୪ ଘଣ୍ଟାରେ ଅତିକ୍ରମ କରିବ।

ଲଘୁଚାପ କ୍ଷେତ୍ର ପ୍ରଭାବରେ ୧୪ ତାରିଖ ଯାଏ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଆସନ୍ତାକାଲି ଯାଏ ପ୍ରବଳରୁ ଅତିପ୍ରବଳ ବର୍ଷା ନେଇ ନବରଙ୍ଗପୁର, କୋରାପୁଟ, ମାଲକାନଗିରିକୁ ଅରେଞ୍ଜ ୱାର୍ଣ୍ଣିଂ ଦିଆଯାଇଥିବାବେଳେ ଘଡ଼ଘଡ଼ି ଓ ବିଜୁଳି ସହ ସୁବର୍ଣ୍ଣପୁର, ବୌଦ୍ଧ, ନୂଆପଡା, ବଲାଙ୍ଗିର, କଳାହାଣ୍ଡି, କନ୍ଧମାଳ, ନରବଙ୍ଗପୁର, ରାୟଗଡା, କୋରାପୁଟ, ମାଲକାନଗିରି, ଗଜପତି, ଗଞ୍ଜାମ, ପୁରୀ, ଖୋର୍ଦ୍ଧା ଓ ନୟାଗଡରେ ବର୍ଷା ହେବ। ଏହି ଜିଲ୍ଲାକୁ ମଧ୍ୟ ଅରେଞ୍ଜ ୱାର୍ଣ୍ଣିଂ ଦିଆଯାଇଛି। ସେହିଭଳି ବାଲେଶ୍ୱର, ଜଗତସିଂହପୁର, କଟକ, ମୟୂରଭଞ୍ଜ, ନୂଆପଡା, ବଲାଙ୍ଗିର, କଳାହାଣ୍ଡି, କନ୍ଧମାଳ, ରାୟଗଡା, ଗଜପତି, ଗଞ୍ଜାମ, ପୁରୀ, ଖୋର୍ଦ୍ଧା ଓ ନୟାଗଡକୁ ୟେଲୋ ୱାର୍ଣ୍ଣିଂ ଦିଆଯାଇଛି।

୧୨ ତାରିଖ ଲାଗି ନୂଆପଡା, ବଲାଙ୍ଗିର, କଳାହାଣ୍ଡି, ନବରଙ୍ଗପୁର, କୋରାପୁଟ ଜିଲ୍ଲାରେ ପ୍ରବଳ ବର୍ଷା ପାଇଁ ୟେଲୋ ୱାର୍ଣ୍ଣିଂ ଦିଆଯାଇଛି। ୧୩ ରୁ ୧୪ ତାରିଖ ଯାଏ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, ଜଗତସିଂହପୁର, କଟକ, କେନ୍ଦୁଝର, ମୟୂରଭଞ୍ଜ, ଗଜପତି, ଗଞ୍ଜାମ, ପୁରୀ, ଖୋର୍ଦ୍ଧା ଓ ନୟାଗଡ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଦିଆଯାଇଛି।

# ପୁଟିନଙ୍କ ସହ ମୋଦୀଙ୍କ ସାକ୍ଷାତ ଆଲୋଚନା




ନୂଆଦିଲ୍ଲୀ, ୧୧।୯ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ନୂଆଦିଲ୍ଲୀରେ ଆୟୋଜିତ ୧୮ତମ ବ୍ରିକ୍ସ ସମ୍ମିଳନୀ ଅବସରରେ ରୁଷ ରାଷ୍ଟ୍ରପତି ମହାମହିମ ଭ୍ଲାଦିମିର ପୁଟିନଙ୍କ ସହ ସାକ୍ଷାତ କରିଛନ୍ତି। ଚଳିତ ବର୍ଷ ଦୁଇ ନେତାଙ୍କ ମଧ୍ୟରେ ଏହା ଦ୍ୱିତୀୟ ସାକ୍ଷାତ। ଏହା ପୂର୍ବରୁ ଅଗଷ୍ଟ ୩୧ ତାରିଖରେ ବିସକେକଠାରେ ଆୟୋଜିତ ୨୬ତମ ଏସସିଓ ସମ୍ମିଳନୀ ଅବସରରେ ଦୁଇ ନେତା ସାକ୍ଷାତ କରିଥିଲେ।

ଏହି ସାକ୍ଷାତ ସମୟରେ ଦୁଇ ନେତା ରାଜନୈତିକ, ଅର୍ଥନୈତିକ, ପ୍ରତିରକ୍ଷା, ଶକ୍ତି, ମହାକାଶ, ଦକ୍ଷତା ଗତିଶୀଳତା ଏବଂ ଦୁଇ ଦେଶର ଲୋକଙ୍କ ମଧ୍ୟରେ ସମ୍ପର୍କ ଆଦି କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗର ଅଗ୍ରଗତି ସମୀକ୍ଷା କରିଥିଲେ।

ସେପ୍ଟେମ୍ବର ୯ରୁ ୧୧ ତାରିଖ ପର୍ଯ୍ୟନ୍ତ ଭାରତରେ ପ୍ରଥମ (୯ ପୃଷ୍ଠାରେ)

# ଦୁବାଇରୁ ୨, ୪୩, ୧୬୨ କୋଟିର ନିବେଶ ପ୍ରସ୍ତାବ

## ୬ ଲକ୍ଷରୁ ଉର୍ଦ୍ଧ୍ୱ ନିଯୁକ୍ତି ସୁଯୋଗ

## ଓଡ଼ିଶା ଭାରତର ପରବର୍ତ୍ତୀ ପୁଞ୍ଜି ନିବେଶ ସ୍ଥଳ : ମୁଖ୍ୟମନ୍ତ୍ରୀ

ଦୁବାଇ/ଭୁବନେଶ୍ୱର, ୧୧।୯ (ସବ୍ୟୁ) : ପୁଞ୍ଜି, ପ୍ରଯୁକ୍ତିବିଦ୍ୟା, ଉତ୍ପାଦନ ଭାଗିଦାରୀ ଏବଂ ଅନ୍ତର୍ଜାତୀୟବଜାରରେ ପ୍ରବେଶ ପାଇଁ ରାଜ୍ୟର ବିଶ୍ୱସ୍ତରୀୟ ପ୍ରୟାସକୁ ଜୋରଦାର କରାଯିବା ସହ ଓଡ଼ିଶା ୟୁଏଇରେ ଏହାର ତିନିଦିନିଆ ପୁଞ୍ଜିନିବେଶ ଅଭିଯାନ ଶେଷ କରିଛି। ଏହି ଅବସରରେ ମୋଟ ୨,୪୩,୧୬୨ କୋଟି ଟଙ୍କାର ପ୍ରସ୍ତାବିତ ପୁଞ୍ଜିନିବେଶ ଏବଂ ୬,୧୮,୭୨୫ଟି ନିଯୁକ୍ତି ସୁଯୋଗ ସୃଷ୍ଟି ହେବା ସମ୍ଭାବନା ରହିଛି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଆବୁଧାବୀ ଏବଂ ଦୁବାଇରେ ଅନୁଷ୍ଠିତ ଏହି ତିନିଦିନିଆ କାର୍ଯ୍ୟକ୍ରମରେ ୫୨ ଟି ୱାନ୍-ଅନ୍-ୱାନ୍ ନିବେଶକ ବୈଠକ ଏବଂ ରାଉଣ୍ଡ ଟେବଲ୍ ଆଲୋଚନା ପରେ ୧୬ ଟି




- ୱାନ୍-ଅନ-ୱାନ୍ ବୈଠକ: ୪୬
- ରାଉଣ୍ଡ ଟେବୁଲ ବୈଠକ: ୬
- ରାଉଣ୍ଡ ଟେବୁଲ ଅଂଶ ଗ୍ରହଣକାରୀ: ୧୬୦
- ସ୍ୱାକ୍ଷରିତ ବୁଝାମଣାପତ୍ର : ୮
- ପୁଞ୍ଜିନିବେଶ ପ୍ରସ୍ତାବ : ୧୬

ବୁଝାମଣାପତ୍ର ଏବଂ ପୁଞ୍ଜିନିବେଶ ପ୍ରସ୍ତାବ ସ୍ୱାକ୍ଷରିତ ହୋଇଛି। ଏହି କାର୍ଯ୍ୟକ୍ରମରେ ୟୁଏଇ ନିବେଶକ, ବିଶ୍ୱସ୍ତରୀୟ ବ୍ୟବସାୟୀ, ସାର୍ବଭୌମ ତଥା ପ୍ରତିଷ୍ଠାନିକ ଅଂଶୀଦାର, ଭାରତୀୟ କୂଟନୈତିକ ପ୍ରତିନିଧି ଏବଂ ଓଡ଼ିଆ ପ୍ରବାସୀମାନେ ଏକାଠି ହୋଇଥିଲେ।

ଉଦ୍‌ଯାପନୀ ଦିନଟି ଦୁବାଇରେ ଅନୁଷ୍ଠିତ 'ଓଡ଼ିଶା ନିବେଶକ ସମ୍ମିଳନୀ – ୟୁଏଇ ୨୦୨୬' ଉପରେ କେନ୍ଦ୍ରିତ ଥିଲା, ଯେଉଁଥିରେ ପ୍ରାୟ ୪୦୦ ଜଣ ବିଜନେସ୍ ଲିଡର, ନିବେଶକ ଏବଂ ୟୁଏଇ ବିଜନେସ କମ୍ୟୁନିଟିର ସଦସ୍ୟମାନେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମ ଓଡ଼ିଶା ପାଇଁ ଏହାର ନିବେଶ ପ୍ରସ୍ତାବ ଉପସ୍ଥାପନ କରିବା ଏବଂ ବିଶ୍ୱବ୍ୟାପୀ ବ୍ୟବସାୟୀମାନଙ୍କୁ ରାଜ୍ୟରେ ସେମାନଙ୍କର ଉପସ୍ଥିତି ସ୍ଥାପନ କିମ୍ବା ସମ୍ପ୍ରସାରଣ କରିବା ପାଇଁ ସୁଯୋଗ ଦିଗରେ ସିଧାସଳଖ ମଞ୍ଚ ଯୋଗାଇ ଦେଇଥିଲା।

ଆଜି ଦିନର ନିବେଶ ଆଲୋଚନାରେ ପର୍ଯ୍ୟଟନ, ଲଜିଷ୍ଟିକ୍ସ, ଆର୍ଥିକ ପୁଞ୍ଜିନିବେଶ, ଏଲ୍‌ଏନ୍‌ଜି ସଂରକ୍ଷଣ, ଗ୍ରୀନ୍ ଏନର୍ଜି, ଏଆଇ ଏବଂ ଡାଟା ସେଣ୍ଟର, ରେୟାର୍ ଆର୍ଥସ୍, ଜାହାଜ ମରାମତି, ପ୍ରପେଲାଣ୍ଟ ଉତ୍ପାଦନ, ସାର ଓ ରାସାୟନିକ ପଦାର୍ଥ, ଗୃହ ନିର୍ମାଣ, ଇସ୍ପାତ ଏବଂ ଇସ୍ପାତ ସମ୍ବନ୍ଧୀୟ ଶିଳ୍ପ ସହିତ ଅନ୍ୟାନ୍ୟ କ୍ଷେତ୍ର ସାମିଲ ଥିଲା। ପାରମ୍ପରିକ (୯ ପୃଷ୍ଠାରେ)

# ସୁରକ୍ଷା ମାଗିଲେ ତେଲକୋଇ ବିଧାୟକ

କେନ୍ଦୁଝର, ୧୧।୯ (ଜିପ୍ର): କେନ୍ଦୁଝର ତେଲକୋଇ ବିଧାୟକ ଫକୀର ମୋହନ ନାଏକଙ୍କୁ ଧମକ ଓ ଆକ୍ରମଣ ଅଭିଯୋଗ। ନିଜ ସୁରକ୍ଷା ପ୍ରତି ବିପଦ ଥିବା ଦର୍ଶାଇ ମୁଖ୍ୟମନ୍ତ୍ରୀଙ୍କୁ ଜରୁରୀ ନିବେଦନ କରିଛନ୍ତି ବିଧାୟକ । ତୁରନ୍ତ ତାଙ୍କ ସୁରକ୍ଷା ବ୍ୟବସ୍ଥା ବଢ଼ାଇବା ସହ ଘଟଣାଗୁଡ଼ିକର ନିରପେକ୍ଷ ତଦନ୍ତ କରିବାକୁ ସେ ଦାବି କରିଛନ୍ତି ।

ବିଧାୟକଙ୍କ ଅଭିଯୋଗ ଅନୁଯାୟୀ, ଗତ କିଛିଦିନ ଧରି ସୋସିଆଲ ମିଡିଆରେ ତାଙ୍କୁ ଏବଂ ତାଙ୍କ ଦଳୀୟ ସହଯୋଗୀମାନଙ୍କୁ ଟାର୍ଗେଟ କରି ବିଭିନ୍ନ ଧମକପୂର୍ଣ୍ଣ ଗ୍ରାଫିକ୍ସ ଓ ପୋଷ୍ଟ ପ୍ରଚାର କରାଯାଉଛି । ଏଭଳି ପୋଷ୍ଟ ତାଙ୍କ ଓ ସହଯୋଗୀମାନଙ୍କ ସୁରକ୍ଷା ପ୍ରତି ଗମ୍ଭୀର ଆଶଙ୍କା ସୃଷ୍ଟି କରୁଥିବା ସେ ଚିଠିରେ ଦର୍ଶାଇଛନ୍ତି । ବିଧାୟକ କହିଛନ୍ତି, ସୋସିଆଲ ମିଡିଆରେ ଆସୁଥିବା ଏହି ଧମକପୂର୍ଣ୍ଣ ପୋଷ୍ଟଗୁଡ଼ିକ କେବଳ ଅନଲାଇନ ଧମକ ନୁହେଁ, ବରଂ ଏକ ଯୋଜନାବଦ୍ଧ ଆକ୍ରମଣର (୯ ପୃଷ୍ଠାରେ)

# ଅଡିଟରଙ୍କ ଠାରୁ ୧୪. ୩୮ ଲକ୍ଷ ଜବତ

ବାରିପଦା, ୧୧।୯ (ସବ୍ୟୁ) : ମୟୁରଭଞ୍ଜ ଜିଲ୍ଲା ବାରିପଦାରେ ଦୁଇ ଅଡିଟରଙ୍କ ଠାରୁ ୧୪ ଲକ୍ଷରୁ ଅଧିକ ଟଙ୍କା ଜବତ ଘଟଣାକୁ ନେଇ ଭିଜିଲାନ୍ସ ତଦନ୍ତ ଜୋରଦାର ହୋଇଛି। ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବିଭାଗର ଦୁଇ ଅଡିଟରଙ୍କ ଠାରୁ ମୋଟ ୧୪ ଲକ୍ଷ ୩୮ ହଜାର ୩୪୦ ଟଙ୍କାର ସନ୍ଦେହଜନକ ନଗଦ ଟଙ୍କା ଜବତ କରିଛି ଓଡ଼ିଶା ଭିଜିଲାନ୍ସ । ଭିଜିଲାନ୍ସ ସୂଚନା ଅନୁଯାୟୀ, ୧୦ ସେପେଫମ୍ବର ରାତିରେ ଡିଡବ୍ଲ୍ୟୁଓ କାର୍ଯ୍ୟାଳୟ, ବାରିପଦାରୁ ଅଡିଟ୍ କାର୍ଯ୍ୟ ଶେଷ କରି ରକ୍ସି ଲେନ ସ୍ଥିତ ମହାପାତ୍ର ହୋଟେଲକୁ ଯାଉଥିବା ସମୟରେ ଡିଡବ୍ଲ୍ୟୁଓ କାର୍ଯ୍ୟାଳୟର ସ୍କର୍ପିଓ ଗାଡ଼ିକୁ ଅଟକାଇ ଭିଜିଲାନ୍ସ ଯାଞ୍ଚ କରିଥିଲା । ଯାଞ୍ଚ ସମୟରେ ୫ ଲକ୍ଷ ୫୧ ହଜାର ୫୧୦ ଟଙ୍କା ନଗଦ ମିଳିଥିଲା। ଏହି ଟଙ୍କା ୫୨ଟି ଖାମ ଓ ୨୦ଟି ଖୋଲା ବଣ୍ଡଲରେ ରହିଥିବା ଜଣାପଡ଼ିଛି। ଏହି ଟଙ୍କାର ଉତ୍ସ ସମ୍ପର୍କରେ ଅଡିଟରମାନେ (୯ ପୃଷ୍ଠାରେ)

## ପାର୍ବଣ ଲାଗି ଆଇନ୍‌ଶୃଙ୍ଖଳା ପ୍ରସ୍ତୁତି

# ଆଗୁଆ ସଜାଗ ରହିବାକୁ ଡିଜିପିଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, ୧୧।୯ (ସବ୍ୟୁ) : ଶୁକ୍ରବାର ପୂର୍ବାହ୍ନରେ କମିଶନରେଟ୍ ପୋଲିସ ସମ୍ମିଳନୀ କକ୍ଷରେ ଡିଜିପି ବିନୟତୋଷ ମିଶ୍ରଙ୍କ ଅଧ୍ୟକ୍ଷତାରେ ଦୈତନଗରୀ କମିଶନରେଟ୍ ପୋଲିସର ଆଇନଶୃଙ୍ଖଳା, ଅପରାଧ ନିୟନ୍ତ୍ରଣ ଓ ପୋଲିସ ବ୍ୟବସ୍ଥା ସମ୍ପର୍କିତ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଆଗାମୀ ୩ ମାସ ପୋଲିସ ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି ଡିଜିପି କହିଥିଲେ । ସତର୍କ ରହି ଅପରାଧ ଓ ଆଇନଶୃଙ୍ଖଳା



ନିୟନ୍ତ୍ରଣ କରିବାକୁ ପଡ଼ିବ ବୋଲି ପାର୍ବଣ ପ୍ରସ୍ତୁତି ବୈଠକରେ ସମୀକ୍ଷା ହୋଇଥିଲା। ଗଣେଶ ପୂଜା, ଦଶହରା, ବାଲିଯାତ୍ରା, କାଳୀପୂଜା (୯ ପୃଷ୍ଠାରେ)

# ଦେଶବ୍ୟାପୀ ବ୍ୟାଙ୍କ ଧର୍ମଘଟ ଲାଗି ସେବା ଠପ୍

ନୂଆଦିଲ୍ଲୀ/ଭୁବନେଶ୍ୱର, ୧୧।୯ (ସବ୍ୟୁ) : ଶୁକ୍ରବାର ଦେଶବ୍ୟାପୀ ବ୍ୟାଙ୍କ ଧର୍ମଘଟ ଯୋଗୁଁ ବ୍ୟାଙ୍କ ବ୍ୟବସ୍ଥା ଏକରକମ ଅଚଳ ହୋଇପଡ଼ିଛି। ଏସ୍‌ବିଆଇ, ପିଏନ୍‌ବି, ୟୁନିୟନ୍ ବ୍ୟାଙ୍କ ସମେତ କିଛି ସରକାରୀ ଓ ଘରୋଇ ବ୍ୟାଙ୍କ ବନ୍ଦ ରହିଛି। ଫଳରେ ନଗଦ ଜମା ଉଠାଣ, ଚେକ୍ କ୍ଲିୟରାନ୍ସ ଆଦି ବ୍ୟବସ୍ଥା ବନ୍ଦ ହୋଇଯାଇଛି। ଏଟିଏମରୁ ଟଙ୍କା ସରିଯାଇଥିବା ନେଇ ଅଭିଯୋଗ ହୋଇଛି।

ୟୁନାଇଟେଡ୍ ଫୋରମ୍ ଅଫ୍ ବ୍ୟାଙ୍କ ୟୁନିୟନ୍ ପକ୍ଷରୁ ଦିନିକିଆ ଦେଶବ୍ୟାପୀ ବ୍ୟାଙ୍କ ଧର୍ମଘଟ ଡାକରା ଦିଆଯାଇଛି। ଆଜି ଧର୍ମଘଟ ବନ୍ଦ ରହିଥିବା ଯୋଗୁଁ ଆସନ୍ତାକାଲି ଦ୍ୱିତୀୟ ଶନିବାର, ରବିବାର ଓ ଗଣେଶପୂଜା




ପାଇଁ ସୋମବାର ମଧ୍ୟ ବ୍ୟାଙ୍କ ଛୁଟି ରହିବ। ଏହାଦ୍ୱାରା ରାଷ୍ଟ୍ରାୟତ ବ୍ୟାଙ୍କଗୁଡ଼ିକର କାର୍ଯ୍ୟ ପ୍ରଭାବିତ ହେବ। ଏହି ଧର୍ମଘଟରେ ପ୍ରାୟ ୫୦ ହଜାରରୁ ଉର୍ଦ୍ଧ୍ୱ କର୍ମଚାରୀ ଓଡ଼ିଶାରେ ସାମିଲ ହୋଇଛନ୍ତି। ଦିନିକିଆ ଦେଶବ୍ୟାପୀ ଧର୍ମଘଟ ପରେ ଯଦି ଦାବି ପୂରଣ ନ ହେବ ତେବେ ଚଳିତ ମାସ ୨୮ ରୁ ୩୦ ପର୍ଯ୍ୟନ୍ତ ଧର୍ମଘଟ କରାଯିବ। ଅକ୍ଟୋବର ୨୬ ପରଠୁ ଆମରଣ ଅନଶନ କରାଯିବ ବୋଲି ବ୍ୟାଙ୍କ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଧର୍ମଘଟ ଯୋଗୁଁ ମଧ୍ୟପ୍ରଦେଶରେ ଗୋଟିଏ ଦିନରେ ୫ ହଜାର ୫୦୦ କୋଟି ଟଙ୍କାର ବ୍ୟବସାୟ ପ୍ରଭାବିତ ହୋଇଥିବା ସୂଚନା ମିଳିଛି। ୟୁନାଇଟେଡ୍ ଫୋରମ୍ ବ୍ୟାଙ୍କ ୟୁନିୟନ୍ସ ଅନୁଯାୟୀ ୨୦୨୪ ମାର୍ଚ୍ଚ ୮ ରେ ଆଇବିଏ ସହ ୧୨ତମ ଦ୍ୱିପାକ୍ଷିକ ଚୁକ୍ତି ଏବଂ ୯ତମ ଯୁଗ୍ମ ନୋଟ୍ ସ୍ୱାକ୍ଷର ହୋଇଥିଲା। ଏଥିରେ ୫ ଦିନିଆ ବ୍ୟାଙ୍କିଂ ବ୍ୟବସ୍ଥା ଲାଗୁ କରିବା ନେଇ ସହମତି ହୋଇଥିଲା। ସୋମବାରରୁ ଶୁକ୍ରବାର ପର୍ଯ୍ୟନ୍ତ ବ୍ୟାଙ୍କ କର୍ମଚାରୀମାନେ ପ୍ରତିଦିନ ଅତିରିକ୍ତ ୪୦ ମିନିଟ୍ କାର୍ଯ୍ୟ କରିବେ। ଆଇବିଏ ଏହି ପ୍ରସ୍ତାବକୁ ଅନୁମୋଦନ କରି କେନ୍ଦ୍ର ସରକାରଙ୍କ ନିକଟକୁ ପଠାଇଥିଲା। ଦୁଇବର୍ଷ ବିତିଯାଇଥିଲେ ମଧ୍ୟ ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ମଞ୍ଜୁରୀ ମିଳିନାହିଁ। ବ୍ୟାଙ୍କ କର୍ମଚାରୀ (୯ ପୃଷ୍ଠାରେ)

### ଓଡ଼ିଶାରୁ ୫୦ ହଜାର କର୍ମଚାରୀ ସାମିଲ

## ଓରାଙ୍ଗଉଟାନ ଉଦ୍ଧାର ମାମଲା

# ଏସ୍‌ଟିଏଫ୍ ପଞ୍ଝାରେ ୩ ସନ୍ଦିଗ୍ଧ

ଭୁବନେଶ୍ୱର, ୧୧।୯ (ସବ୍ୟୁ) : ଓରାଙ୍ଗଉଟାନ ଉଦ୍ଧାର ମାମଲାରେ ଏସ୍‌ଟିଏଫ୍ ତଦନ୍ତ ଆଗକୁ ବଢ଼ିଛି । ପଶ୍ଚିମବଙ୍ଗ ଦୀଘା ଅଞ୍ଚଳରେ ଥିବା ଏକ ହୋଟେଲର ତିନିଜଣ କର୍ମଚାରୀଙ୍କୁ ତଦନ୍ତକାରୀ ଟିମ୍ ଉଠାଇ ଆଣି ଜେରା କରୁଛି । ଏସ୍‌ଟିଏଫ୍ ଚଢାଉ କରିବା ସୁରାକ ପାଇ ହୋଟେଲ ମାଲିକ ବାପ-ପୁଅ କେଉଁଆଡେ ଫେରାର ହୋଇଯାଇଛନ୍ତି ।

ମଙ୍ଗଳବାର ସକାଳେ ବାଲେଶ୍ୱର ଜିଲ୍ଲା ଭୋଗରାଇ ବିଚିତ୍ରପୁର ଜଙ୍ଗଲରୁ ୫ କୁନି ଓରାଙ୍ଗଉଟାନ ଉଦ୍ଧାର ହୋଇଥିଲେ । ପୂର୍ବଦିନ ରାତିରେ ସେହି ଜଙ୍ଗଲ ପାଖ ରାସ୍ତାରେ ସନ୍ଦେହଜନକ ଭାବେ ଏକ ଥର୍ ଗାଡି ଯାତାୟତ କରୁଥିବା ସିସିଟିଭି ଫୁଟେଜ ଏସ୍‌ଟିଏଫ୍ ତଦନ୍ତକାରୀ ଟିମ୍ ସଂଗ୍ରହ କରିଥିଲା ।

### ହୋଟେଲ ମାଲିକ ବାପ-ପୁଅ ଫେରାର୍

ସେହି ଥର୍ ଗାଡି ଫେରାର୍ ହୋଟେଲ ମାଲିକ ବାପ-ପୁଅଙ୍କର ବୋଲି ତଦନ୍ତକାରୀ ଟିମ୍ ସୁରାକ ପାଇବା ପରେ ଏହି କଡା ପଦକ୍ଷେପ ନିଆଯାଇଛି। ଡିଜିପି ବିନୟତୋଷ ମିଶ୍ରଙ୍କ କହିବାନୁଯାୟୀ ଆସନ୍ତା ସପ୍ତାହ ମଧ୍ୟରେ ଓରାଙ୍ଗଉଟାନ ଉଦ୍ଧାର ମାମଲାର ପର୍ଦ୍ଦାଫାସ ହେବ । ଏସ୍‌ଟିଏଫ୍ ପଞ୍ଝାରେ ଥିବା ୩ ହୋଟେଲ କର୍ମଚାରୀଙ୍କୁ ମାରାଥନ ଜେରା କରାଯାଉଛି ।


୧୦ଦିନ ପରେ ନନ୍ଦନକାନନରେ ଥିବା ୫ ଓରାଙ୍ଗଉଟାନଙ୍କ ଡିଏନ୍‌ଏ ପରୀକ୍ଷା ହେବା ପରେ ସେମାନେ କେଉଁ ପ୍ରଜାତିର ସ୍ପଷ୍ଟ ହେବ । ଯଦି ଇଣ୍ଡୋନେସିଆର ହୋଇଥାନ୍ତି ତେବେ ଭିନ୍ନ କଥା । କାରଣ ଇଣ୍ଡୋନେସିଆ ସରକାର ୫ କୁନି ଓରାଙ୍ଗଉଟାନଙ୍କୁ ଫେରାଇ ଦେବାକୁ ଦାବି କଲାଣି। ହସ୍ତାନ୍ତର କରାଯିବ କି (୯ ପୃଷ୍ଠାରେ)

## ସୋସିଆଲ କୋଟ୍ସ



ମୁଁ ମୋ ପତ୍ନୀଙ୍କର ଖୁବ ସମ୍ମାନ କରିଥାଏ । ସବୁବେଳେ ତାଙ୍କୁ ମୁଣ୍ଡିଆ ମଧ୍ୟ ମାରିଥାଏ । ମୁଁ ଆଜି ଯାହା ବି ଅଛି, ତାଙ୍କର ଏଥିରେ ଖୁବ ଅବଦାନ ରହିଛି ।

**ରବି କିଷାନ, ଅଭିନେତା**



ବମ୍ବେ ଡାକ୍ତରଖାନାରେ ପ୍ରଥମ ଏମ୍ଆରଆଇ ସରିଛି । ଆଶା ଅଛି ଅସ୍ତ୍ରୋପଚାର ସଫଳ ହେବ । ଖୁବ ଜଲଦି ମୁଁ ପୁଣି ଆଗଭଳି ଚାଲି ପାରିବି ।


**ଶରତ ସକସେନା, ଅଭିନେତା**



ସୁଶାନ୍ତଙ୍କୁ ନ୍ୟାୟ ଦେବା ମୋର ଲକ୍ଷ । ମାନବ ଆୟୋଗକୁ ଆଉଥରେ ଯାଞ୍ଚ ପାଇଁ ପତ୍ର ଲେଖିଛି । ରିଆଙ୍କୁ ସରି ବାବୁ କହୁଥିବା ମୁଁ ନିଜେ ଶୁଣିଛି ।

**ସୁରଜିତ ସିଂ, କରଣୀ ସେନା ଅଧକ୍ଷ**

## ଇତିହାସ



ଫିରୋଜ ଗାନ୍ଧି

୧୮୭୩- ବିକ୍ରି ଉଦ୍ଦେଶ୍ୟରେ ବଜାରକୁ ଆସିଲା ଟାଇପ୍ରାଇଟର ।

୧୮୯୮- ପ୍ରସିଦ୍ଧ ହିନ୍ଦୀ ସାହିତ୍ୟକାର ବଳଦେବ ପ୍ରସାଦ ମିଶ୍ରଙ୍କ ଜନ୍ମ ।

୧୯୧୨- ସ୍ୱତନ୍ତ୍ରତା ସେନାନି ଫିରୋଜ ଗାନ୍ଧିଙ୍କ ଜନ୍ମ ।

୧୯୨୮- ଫ୍ଲୋରିଡ଼ାରେ ଭୟଙ୍କର ଘୂର୍ଣ୍ଣିଝଡ଼ରେ ୬୦୦୦ ଲୋକଙ୍କ ମୃତ୍ୟୁ ।

୧୯୭୧- ପ୍ରସିଦ୍ଧ ସଂଗୀତକାର ଜୟକିଷାନଙ୍କ ନିଧନ ।

୧୯୪୮- ମହମ୍ମଦ ଅଲ୍ଲି ଜିନ୍ନାଙ୍କ ପରଲୋକ ।

୧୯୮୮- କୁଆଲାଲାମ୍ପୁରରେ ୧୬ତମ ରାଷ୍ଟ୍ରମଣ୍ଡଳ ଖେଳର ଶୁଭାରମ୍ଭ ।

୨୦୦୧- ଆତଙ୍କବାଦ ବିରୋଧରେ ଆମେରିକାର ଯୁଦ୍ଧ ଘୋଷଣା ।

୨୦୦୮- ନନ୍‌ବ୍ୟାଙ୍କିଙ୍ଗ ବିତ୍ତୀୟ କାରବାର ବନ୍ଦ କଲା ସାହାରାଇଣ୍ଡିଆ ଇନ୍‌ଭେଷ୍ଟମେଣ୍ଟ କର୍ପୋରେସନ୍ ।

## ଆନ୍ଧ୍ରପ୍ରଦେଶର ପାରମ୍ପରିକ ଗ୍ରାମ

ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ୍ ଜିଲ୍ଲାସ୍ଥିତ ଆନ୍ଧକାପଲ୍ଲୀ ପାହାଡ଼ ନିକଟରେ ଥିବା 'କୂର୍ମଗ୍ରାମ' ବୈଦିକ ଗ୍ରାମର ୧୨ଟି ପରିବାର ଆଧୁନିକ ସ୍ମାର୍ଟଫୋନ୍, ଇଣ୍ଟରନେଟ୍ ଓ ବିଜୁଳି ସେବାକୁ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରି ଏକ ପାରମ୍ପରିକ ଓ ଆଧ୍ୟାତ୍ମିକ ଜୀବନଶୈଳୀ ଆପଣାଇ ଚର୍ଚ୍ଚାରେ ଅଛନ୍ତି । ୨୦୧୮ ମସିହାରେ 'ନନ୍ଦ ଗୋକୁଳମ୍ ଗୋଶାଳା ଟ୍ରଷ୍ଟ' ଅଧୀନରେ ଇସ୍କନ୍‌ର ସଂସ୍ଥାପକଙ୍କ ଶିକ୍ଷାରେ ଅନୁପ୍ରାଣିତ ହୋଇ ପ୍ରତିଷ୍ଠା ହୋଇଥିବା ଏହି ୬୦ ଏକର ପରିବ୍ୟାପ୍ତ ଗାଁରେ କୌଣସି ବିଦ୍ୟୁତ୍ ସଂଯୋଗ, ମୋବାଇଲ୍ ନେଟୱାର୍କ, ଟିଭି କିମ୍ବା ଏଲପିଜି ଗ୍ୟାସ୍ ସିଲିଣ୍ଡର ବ୍ୟବହାର କରାଯାଏ ନାହିଁ । ବ୍ରାହ୍ମ ମୁହୂର୍ତ୍ତ (ଭୋର୍ ୩ଟାରୁ ୩:୩୦) ରୁ ଦିନଚର୍ଯ୍ୟା ଆରମ୍ଭ କରୁଥିବା ଏହି ଭିନ୍ନ ଗ୍ରାମବାସୀମାନେ ମାଟି, କାଠ, ପଥର ଓ ଝୁଣାରେ ନିର୍ମିତ ଘରେ ରୁହନ୍ତି । ଗୁରୁକୁଳ ପଦ୍ଧତିରେ ପିଲାମାନଙ୍କୁ ସଂସ୍କୃତ, ବେଦ, ଗୀତା ଓ ସାଧାରଣ ଜ୍ଞାନ ଶିକ୍ଷା ଦିଅନ୍ତି ଏବଂ ନିଜସ୍ୱ ଜୈବିକ କୃଷି ଓ ଗୋ-ସେବା ମାଧ୍ୟମରେ ସ୍ୱାବଲମ୍ବୀ ହୋଇପାରିଛନ୍ତି । ଗ୍ରୀଷ୍ମଦିନେ ଫ୍ୟାନ୍ ଓ ଚିକିତ୍ସା ସୁବିଧାର ଅଭାବ ପରି କିଛି ଚ୍ୟାଲେଞ୍ଜ ଥିବା ସତ୍ତ୍ୱେ, କେବଳ ଗୋଟିଏ ଜରୁରୀ ଲ୍ୟାଣ୍ଡଲାଇନ୍ ଫୋନ୍‌କୁ ସମ୍ପର୍କର ମାଧ୍ୟମ କରି ସେମାନେ ପ୍ରକୃତି, ଅଧ୍ୟାତ୍ମ ଓ ମାନସିକ ଶାନ୍ତିକୁ ଗୁରୁତ୍ୱ ଦେଇ ଆଧୁନିକ ମାନସିକ ଚାପମୁକ୍ତ ଜୀବନ ବିତାଉଛନ୍ତି ।



## ହାଃହାଃ

ରୋଗୀ : ଡାକ୍ତରବାବୁ, ମୋତେ ଗୋଟିଏ ନୂଆ ବେମାରୀ ହୋଇଛି !
ଡାକ୍ତର: କ'ଣ ହୋଇଛି ?
ରୋଗୀ: ମୁଁ ଯେତେବେଳେ ବି କଥା ହୁଏ, ମୋତେ କେହି ଶୁଣନ୍ତି ନାହିଁ !
ଡାକ୍ତର: ଏହା ବେମାରୀ ନୁହେଁ, ତୁମେ ନିଶ୍ଚୟ ବାହା ହୋଇସାରିଛ !



## ବିଶ୍ୱର ସବୁଠାରୁ ସରୁ କାର୍

ଇଟାଲୀର ଜଣେ ମେକାନିକ୍ ଆଣ୍ଡ୍ରିଆ ମାରାଜୀ ନିଜ ସ୍କ୍ରାପ୍‌ୟାର୍ଡ ଏବଂ ୱାର୍କସପ୍‌ରେ ୧୯୯୩ ମସିହାର 'ଫିଅଟ୍ ପାଣ୍ଡା' କାର୍‌ର ଅରିଜିନାଲ୍ ପାର୍ଟସକୁ କାଟି ବିଶ୍ୱର ସବୁଠାରୁ ସରୁ ଇଲେକ୍ଟ୍ରିକ୍ କାର୍ ତିଆରି କରି ଚର୍ଚ୍ଚାକୁ ଆସିଛନ୍ତି । ମାତ୍ର ୫୦.୨୦ ସେଣ୍ଟିମିଟର ଓସାର, ୨.୫ ମିଟର ଲମ୍ବ ଏବଂ ୧.୪୫ ମିଟର ଉଚ୍ଚତା ବିଶିଷ୍ଟ ଏହି ନିଆରା କାର୍‌ରେ କେବଳ ଡ୍ରାଇଭର ବସିବା ପାଇଁ ଏକ ସଂକୀର୍ଣ୍ଣ ସିଟ୍ ଏବଂ ଗୋଟିଏ ହେଡ୍‌ଲାଇଟ୍ ରହିଛି । ଗୋଟିଏ ଇ-ସ୍କୁଟରର ମୋଟର ଦ୍ୱାରା ଚାଳୁଥିବା ଏହି କାର୍ ଘଣ୍ଟାପ୍ରତି ପ୍ରାୟ ୧୫ କିଲୋମିଟର ବେଗରେ ଗତି କରିପାରୁଥିବା ବେଳେ ଥରେ ସମ୍ପୂର୍ଣ୍ଣ ଚାର୍ଜ ହେଲେ ପ୍ରାୟ ୨୫ କିଲୋମିଟର ପର୍ଯ୍ୟନ୍ତ ଚାଲିପାରିବ । ଏତେ ସରୁ ହୋଇଥିବା ସତ୍ତ୍ୱେ ଏହା ସହଜରେ ଓଲଟିପଡ଼େ ନାହିଁ ବୋଲି ମାରାଜୀ ପ୍ରଦର୍ଶନ କରି ଦେଖାଇଛନ୍ତି । ଏହି ଅଦ୍ଭୁତ ସୃଷ୍ଟିକୁ ଗିନିଜ୍ ୱାର୍ଲ୍ଡ ରେକର୍ଡସ ୨୦୨୭ରେ ବିଶ୍ୱର ସବୁଠାରୁ ସରୁ ଚାଳନକ୍ଷମ କାର୍ ଭାବେ ସ୍ଥାନ ମିଳିଛି ।

## କୁକୁର ଚିହ୍ନିବ କର୍କଟ ରୋଗ

କର୍କଟ ରୋଗ ଚିହ୍ନଟ କରିବା ଦିଗରେ ଏବେ ଡାକ୍ତରଙ୍କ ସହ କୁକୁରମାନଙ୍କ ଘ୍ରାଣ ଶକ୍ତିକୁ ମଧ୍ୟ ବ୍ୟବହାର କରାଯାଉଛି । ବେଙ୍ଗାଲୁରୁ ସ୍ଥିତ 'ଡଗ୍‌ନୋସିସ୍' ନାମକ ଏକ ଷ୍ଟାର୍ଟଅପ୍ କମ୍ପାନୀ କୁକୁର ଏବଂ ଏଆଇ (କୃତ୍ରିମ ବୁଦ୍ଧିମତ୍ତା) ସାହାଯ୍ୟରେ ମଣିଷର ନିଶ୍ୱାସରୁ କର୍କଟ ରୋଗର ସଙ୍କେତ ଖୋଜି ବାହାର କରୁଛି । ଏହି ପରୀକ୍ଷଣ ପ୍ରକ୍ରିୟାରେ ରୋଗୀଙ୍କୁ ପ୍ରଥମେ ପ୍ରାୟ ୧୦ ମିନିଟ୍ ପର୍ଯ୍ୟନ୍ତ ଏକ ସୂତା ମାସ୍କ ଭିତରେ ନିଶ୍ୱାସ ନେବାକୁ ପଡ଼ିଥାଏ ଏବଂ ପରେ ସେହି ମାସ୍କକୁ ସିଲ୍ କରି ଲାବୋରେଟୋରୀକୁ ନିଆଯାଏ । ସେଠାରେ ତାଲିମପ୍ରାପ୍ତ କୁକୁରମାନେ ନିଶ୍ୱାସର ଏହି ନମୁନାଗୁଡ଼ିକୁ ଶୁଙ୍ଘିଥାନ୍ତି ଏବଂ ନମୁନା ଶୁଙ୍ଘିବା ପରେ କୁକୁରମାନେ ଦେଉଥିବା ପ୍ରତିକ୍ରିୟାର ତଥ୍ୟକୁ ବୁଝିବାରେ ଏଆଇ ସାହାଯ୍ୟ କରିଥାଏ । ନିକଟରେ 'ଡଗ୍‌ନୋସିସ୍' ପକ୍ଷରୁ କର୍ଣ୍ଣାଟକର ୬ଟି ଡାକ୍ତରଖାନାରେ ୧,୫୦୨ ଜଣ ଲୋକଙ୍କ ନିଶ୍ୱାସ ନମୁନା ଉପରେ ଏକ ବୃହତ୍ ପରୀକ୍ଷଣ କରାଯାଇଥିଲା । ଯେଉଁଥିରେ ୭ ପ୍ରକାର କର୍କଟ ରୋଗ ଥିବା ବ୍ୟକ୍ତି ଏବଂ କର୍କଟ ରୋଗ ନଥିବା ସୁସ୍ଥ ଲୋକଙ୍କ ନମୁନା ସାମିଲ ଥିଲା । ଆଶ୍ଚର୍ଯ୍ୟଜନକ ଭାବେ ଏହି ଅଧ୍ୟୟନରେ କୁକୁରମାନେ ୯୦% ରୁ ଅଧିକ ସଠିକତା ସହ କର୍କଟ ଆକ୍ରାନ୍ତ ଏବଂ ବିନା କର୍କଟ ନମୁନାକୁ ଚିହ୍ନଟ କରି ପୃଥକ କରିବାରେ ସଫଳ ହୋଇଛନ୍ତି । ତେବେ ଉଲ୍ଲେଖଯୋଗ୍ୟ ଯେ, ଏହା ବର୍ତ୍ତମାନ ସୁଦ୍ଧା କର୍କଟ ରୋଗର କୌଣସି ଚୂଡ଼ାନ୍ତ ବା ପକ୍କା ପ୍ରାମାଣିକ ପରୀକ୍ଷା ଭାବେ ଗ୍ରହଣ କରାଯାଇନାହିଁ ।



## ବ୍ୟକ୍ତିଗତ ଜୀବନକୁ ନେଇ ଚର୍ଚ୍ଚାରେ ମେରିକମ



ଭାରତୀୟ ବକ୍ସିଂ କିମ୍ବଦନ୍ତୀ ମେରି କମ୍ ଏବଂ ତାଙ୍କ ପୂର୍ବତନ ସ୍ୱାମୀ କାରୁଙ୍ଗ ଓନ୍‌ଖୋଲର କମ୍ (ଓନ୍‌ଲର)ଙ୍କ ଦୀର୍ଘ ଦୁଇ ଦଶନ୍ଧିର ବୈବାହିକ ସମ୍ପର୍କର ଅନ୍ତ ଘଟିବା ସହ ସେମାନଙ୍କ ବିଚ୍ଛେଦକୁ ନେଇ ଚର୍ଚ୍ଚା ଜୋର ଧରିଛି । ୨୦୦୦ ମସିହାରେ ନୂଆଦିଲ୍ଲୀରେ ଭେଟ ହେବା ପରେ ୨୦୦୫ରେ ବିବାହ ବନ୍ଧନରେ ଆବଦ୍ଧ ହୋଇଥିବା ଏହି ଦମ୍ପତିଙ୍କର ଚାରୋଟି ସନ୍ତାନ ଅଛନ୍ତି । ମେରୀଙ୍କ ସଫଳ ବକ୍ସିଂ କ୍ୟାରିୟର ପଛରେ ଓନ୍‌ଲରଙ୍କ ଗୁରୁତ୍ୱପୂର୍ଣ୍ଣ ସହଯୋଗ ରହିଥିବା କଥା ପୂର୍ବରୁ ମେରୀ ଅନେକ ସମୟରେ ପ୍ରକାଶ କରିଥିଲେ । ମାତ୍ର ପରିବାରର ବରିଷ୍ଠ ସଦସ୍ୟ ଓ କ୍ଲାନ୍ ନେତାମାନଙ୍କ ଉପସ୍ଥିତିରେ 'କମ୍' ପାରମ୍ପରିକ ରୀତିନୀତି ଅନୁଯାୟୀ ୨୦୨୩ ଡିସେମ୍ବର ୨୦ରେ ସେମାନଙ୍କର ଆପୋଷ ସହମତିରେ ବିବାହ ବିଚ୍ଛେଦ ଚୂଡ଼ାନ୍ତ ହୋଇଥିଲା । ବିଚ୍ଛେଦ ପରେ ମେରିକମ୍ ଏବଂ ପୂର୍ବତନ ଜାତୀୟ ସ୍ତରର କ୍ରିକେଟର, ହିତେଶ ଚୌଧୁରୀଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଥିବା ନେଇ ଓନ୍‌ଲର ଅଭିଯୋଗ ଆଣିଥିଲେ । ହିତେଶ, 'ମେରିକମ ବକ୍ସିଂ ଫାଉଣ୍ଡେସନ୍'ର ଅଧ୍ୟକ୍ଷ ଏବଂ ସେମାନଙ୍କ ଯୌଥ ଉଦ୍ୟୋଗର ସିଇଓ ତଥା ପ୍ରବନ୍ଧ ନିର୍ଦ୍ଦେଶକ ଭାବେ କାର୍ଯ୍ୟରତ ଅଛନ୍ତି । ଗ୍ଲୋବାଲ୍ ବକ୍ସିଂ ସିରିଜ୍ ଏବଂ ବିଭିନ୍ନ କ୍ରୀଡ଼ା ପ୍ରୋତ୍ସାହନ କାର୍ଯ୍ୟକ୍ରମରେ ମେରୀ ଓ ହିତେଶଙ୍କୁ ଏକାଠି ଦେଖିବାକୁ ମିଳିବା ପରେ ସୋସିଆଲ ମିଡିଆରେ ଅନେକ କଳ୍ପନାଜଳ୍ପନା ପ୍ରକାଶ ପାଇଥିଲା । ମାତ୍ର ମେରୀ ଏକ ସରକାରୀ ବିବୃତି ମାଧ୍ୟମରେ ଏହି ସମସ୍ତ ଗୁଜବକୁ ସମ୍ପୂର୍ଣ୍ଣ ଖଣ୍ଡନ କରିବା ସହ ହିତେଶଙ୍କ ସହ ତାଙ୍କର ସମ୍ପର୍କ କେବଳ ବ୍ୟାବସାୟିକ ଓ ପେଷାଦାର ସ୍ତରରେ ସୀମିତ ବୋଲି ସ୍ପଷ୍ଟ କରିଛନ୍ତି । ହେଲେ ବର୍ତ୍ତମାନ ମେରୀ ରିଆଲିଟି ଶୋ ବିଗବସରେ ଭାଗନେବା ପରେ ଏ ସମସ୍ତ ଆଲୋଚନା ପୁଣି ଫେରିଛି । ସୋସିଆଲ ମିଡିଆରେ ପୁଣି ମେରୀଙ୍କ ବ୍ୟକ୍ତିଗତ ଜୀବନ ଚର୍ଚ୍ଚାର ପରିସରକୁ ଆସିଛି ।

## ଥାର୍-ଫର୍ଚ୍ୟୁନର ସଂକଳ୍ପ ଯାତ୍ରା

ଦାଦ୍ରା ନଗର ହାବେଳିର ଦମନ ଜିଲ୍ଲାର ଟ୍ରାନ୍ସପୋର୍ଟ ନଗରଠାରେ ଆୟୋଜିତ ହୋଇଛି 'ଥାର୍-ଫର୍ଚ୍ୟୁନର ସଂକଳ୍ପ ଯାତ୍ରା' କାର୍ଯ୍ୟକ୍ରମ, ଯାହାକୁ ନେଇ ସୋସିଆଲ ମିଡିଆରେ ଖୁବ ଚର୍ଚ୍ଚା ଜାରି ରହିଛି । ଏହି କାର୍ଯ୍ୟକ୍ରମରେ ଥାର୍ ଓ ଫର୍ଚ୍ୟୁନର ଗାଡ଼ି ମାଲିକମାନଙ୍କୁ ସଡ଼କରେ ବେପରୁଆ ଗାଡ଼ି ଚାଳନା, 'ହିରୋଗିରି' ନଦେଖାଇ ଦାୟିତ୍ୱବାନ ଭାବେ ଗାଡ଼ି ଚଳାଇବା ପାଇଁ ଏକ ଅଭିନବ ଶପଥ ପାଠ କରାଯାଇଛି । ଜିଲ୍ଲାପାଳ ସୌରଭ ମିଶ୍ର ଗାଡ଼ି ଚାଳକମାନଙ୍କୁ ଟ୍ରାଫିକ୍ ନିୟମର କଡ଼ା ପାଳନ କରିବାକୁ ଅନୁରୋଧକରିବାସହଥାର୍‌କିମ୍ବାଫର୍ଚ୍ୟୁନରରାସ୍ତାରେଯିବାସମୟରେଅନ୍ୟସାଧାରଣଲୋକେଯେପରିଭୟଭୀତନହୁଅନ୍ତି, ସେଥିପ୍ରତି ଧ୍ୟାନ ଦେବାକୁ ପରାମର୍ଶ ଦେଇଛନ୍ତି । ଏହି ଅଭିଯାନ ଅଧୀନରେ ବେଆଇନ ଭାବେ ଗାଡ଼ିରେ କରାଯାଇଥିବା ମୋଡିଫିକେସନ୍, ଯେପରିକି କଳା କାଚ, ନିୟମ ବିରୋଧୀ ଟାୟାର୍ ଏବଂ ବିକଟାଳ ଶବ୍ଦ ସୃଷ୍ଟି କରୁଥିବା ଡିଜେ-ସାଉଣ୍ଡ ସିଷ୍ଟମକୁ ହଟାଯାଇଛି । ପ୍ରଶାସନ ପକ୍ଷରୁ 'ଥାର୍‌ର ଅର୍ଥ ଦାୟିତ୍ୱ' ନାମକ ଏକ ସଚେତନତା ଅଭିଯାନ ଆରମ୍ଭ କରାଯିବା ସହ ଗାଡ଼ି ମାଧ୍ୟମରେ 'ଭାଇଗିରି' କିମ୍ବା ମାଫିଆଗିରି ଦେଖାଉଥିବା ବ୍ୟକ୍ତିଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସ୍ପଷ୍ଟ ଚେତାବନୀ ଦିଆଯାଇଛି ।





**ମେଷ:** ପୁରାତନ ରୋଗରୁ ଆରୋଗ୍ୟ, ନୂତନ କର୍ମ ଆରମ୍ଭ, ବଡ଼ କାମରେ ନେତୃତ୍ୱ ମିଳିବ, ଅର୍ଥଲାଭ, ଶରୀର ସୁସ୍ଥ, ବିବାଦ ସମାଧାନ, ପଦବୀଲାଭ, ଦୂରଯାତ୍ରା ସଫଳ । ଦ୍ୱିଜା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୮, ଆରାଧନା-ମହାଲକ୍ଷ୍ମୀ ।

**ବୃଷ:** ମନଅସ୍ଥିର, ପାରିବାରିକ ଶାନ୍ତି, ଉତ୍ସବକୁନେଇ ଚିନ୍ତିତ, ବନ୍ଧୁସାହାଯ୍ୟ, ବ୍ୟବସାୟରେ ସ୍ୱଳ୍ପ ଲାଭ, ଗଚ୍ଛିତ ଧନ ଖର୍ଚ୍ଚ, ଦାମ୍ପତ୍ୟଖୁସି, ସନ୍ତାନଲାଭ, କିଛିଦ୍ରବ୍ୟ ମିଳିବ । ରୋହିଣୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୬, ଆରାଧନା-ମା' ବଗଳାମୁଖୀ ।

**ମିଥୁନ:** ଅଯଥା ଅଶାନ୍ତି, ବ୍ୟବସାୟିକ କଷ୍ଟ, ହେବାକାର୍ଯ୍ୟ ବିଳମ୍ବ, ଦୂରଯାତ୍ରା, ଶୁଭକାର୍ଯ୍ୟକୁ ଆଲୋଚନା, କର୍ମକ୍ଷେତ୍ରେ ଶାନ୍ତି, ପାରିବାରିକ ସହଯୋଗ, ବିଶିଷ୍ଟ କାର୍ଯ୍ୟରେ ପ୍ରଶଂସା, ଶରୀର ସୁସ୍ଥ । ପୁନର୍ବସୁ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ମେରୁନ, ସଂଖ୍ୟା-୮, ଆରାଧନା-ମା' ଛିନ୍ନମସ୍ତା ।

**କର୍କଟ:** ସମ୍ମାନପ୍ରାପ୍ତି, ବ୍ୟବସାୟରେ ଉନ୍ନତି, ବନ୍ଧୁ ସହଯୋଗ, ସମସ୍ତ କର୍ମରେ ସହଯୋଗ ମିଳିବ, ଅର୍ଥଲାଭ, ସମ୍ପତ୍ତି ବିବାଦ ସମାଧାନ, ପୁରାତନ ବନ୍ଧୁଲାଭ, ସୁମିଷ୍ଟ ଭୋଜନ ପ୍ରାପ୍ତି, ଅନୁଷ୍ଠାନରୁ ଲାଭ । ଅଶ୍ଳେଷା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୧୦, ଆରାଧନା-ମା' ଭୁବନେଶ୍ୱରୀ ।

**ସିଂହ:** ଆର୍ଥିକ କାରବାରରେ ସତର୍କ ରୁହନ୍ତୁ, ମନ ଅସ୍ଥିର, ବିବାଦ ସ୍ୱଳ୍ପ ସମାଧାନ, ଦୂରଯାତ୍ରାରେ ଲାଭ, ବନ୍ଧୁଲାଭ, ପାରିବାରିକ ସହଯୋଗ, ହେବାକାର୍ଯ୍ୟ ବିଳମ୍ବ, ନୂଆ କାର୍ଯ୍ୟକୁ ନେଇ ଖୁସି । ପୂର୍ବାଫାଲଗୁନି ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ସିଲଭର, ସଂଖ୍ୟା-୫, ଆରାଧନା-ମା' ଭଗବତୀ ।

**କନ୍ୟା:** ମାନସମ୍ମାନ ପ୍ରାପ୍ତି, ଅଭିଳାଷ ପୂର୍ଣ୍ଣ, ବନ୍ଧୁ ସାହାଯ୍ୟ, ଦାମ୍ପତ୍ୟଖୁସି, ଦୂରଯାତ୍ରା, ସମ୍ପତ୍ତିଲାଭ, ଶରୀର ସୁସ୍ଥ, ଅର୍ଥଲାଭ । ହସ୍ତା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଆକାଶି, ସଂଖ୍ୟା-୧୨, ଆରାଧନା-ମା' ମହାଲକ୍ଷ୍ମୀ ।

**ତୁଳା:** ଅପବାଦ ମିଳିପାରେ, କିଛି କାର୍ଯ୍ୟକୁ ନେଇ ଚିନ୍ତା, ଅଯଥା ଖର୍ଚ୍ଚାନ୍ତ, ଶୁଭ ଆଲୋଚନା, ପାରିବାରିକ ସହଯୋଗ, ନୂତନ ନିଯୁକ୍ତି, ସମ୍ପତ୍ତି ସମସ୍ୟା, ହଠାତ୍ ଦୂରଯାତ୍ରା, ଅନୁଷ୍ଠାନରୁ ଲାଭ, ଦାମ୍ପତ୍ୟକଳହ । ବିଶାଖା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୬, ଆରାଧନା-ପ୍ରଭୁ ହନୁମାନ ।

**ବିଛା:** ଆକସ୍ମିକ ଧନଲାଭ, ପାରିବାରିକ ଶାନ୍ତି, ଶୁଭ ଆଲୋଚନା, ନୂତନ ନିଯୁକ୍ତି, ନୂତନ ବନ୍ଧୁଲାଭ, ଗୃହେ ଉତ୍ସବ, ଶରୀର ସୁସ୍ଥ, ବିବାଦ ସମାଧାନ, ସମ୍ମାନ ପ୍ରାପ୍ତି, ସମସ୍ତ କାର୍ଯ୍ୟରେ ସଫଳତା । ଜ୍ୟେଷ୍ଠା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦିଆ, ସଂଖ୍ୟା-୧୦, ଆରାଧନା-ଭଗବାନ ବିଷ୍ଣୁ ।

**ଧନୁ:** ନୂତନ କର୍ମ ଆରମ୍ଭ, ପାରିବାରିକ ଶାନ୍ତି, ଦେବକାର୍ଯ୍ୟରେ ଆଗ୍ରହ, ବିଶିଷ୍ଟ କାର୍ଯ୍ୟରେ ଧନଲାଭ, ସନ୍ଥଦର୍ଶନ, ପୁରାତନ ବିବାଦ ସମାଧାନ, ଯାତ୍ରା ସଫଳ, ଲୋକସମ୍ପର୍କ ବୃଦ୍ଧି । ପୂର୍ବାଷାଢ଼ା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୯, ଆରାଧନା- ମା' ବୃନ୍ଦାବତୀ ।

**ମକର:** ମାନସିକ ଦୁଶ୍ଚିନ୍ତା, ଅର୍ଥକଷ୍ଟ, ବନ୍ଧୁସାହାଯ୍ୟ, ଦୂରଯାତ୍ରାରେ ବିଫଳ, କର୍ମକ୍ଷେତ୍ରେ ଅସଫଳ, ଶରୀର ସୁସ୍ଥ, ପାରିବାରିକ ସହଯୋଗ । ଶ୍ରବଣା ନକ୍ଷତ୍ର-ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୫, ଆରାଧନା-ମା' ଉଗ୍ରତାରା ।

**କୁମ୍ଭ:** ଶରୀର ଅସୁସ୍ଥ, କଥାବାର୍ତ୍ତାରେ ବିବାଦ, ବୃଥା ଭ୍ରମଣ, ଅଳ୍ପ ଅର୍ଥପ୍ରାପ୍ତି, ବନ୍ଧୁସାହାଯ୍ୟ, ମିଥ୍ୟା ଅପବାଦ, ଅଯଥା ଖର୍ଚ୍ଚ, ପାରିବାରିକ ସାହାଯ୍ୟ, ବିଶିଷ୍ଟ ବ୍ୟକ୍ତି ସହାୟତା । ପୂର୍ବଭାଦ୍ର ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ମାଟିଆ, ସଂଖ୍ୟା-୪, ଆରାଧନା- ମା' ବିମଳା ।

**ମୀନ:** ପାରିବାରିକ ଶାନ୍ତି, ଶୁଭ ଆଲୋଚନା, କର୍ମକ୍ଷେତ୍ରେ ସନ୍ତୁଷ୍ଟ, ଅର୍ଥଲାଭ, ନୂତନ ନିଯୁକ୍ତି, ବ୍ୟବସାୟରେ ଉନ୍ନତି, ଶତ୍ରୁ ପରାଜିତ, ଶୁଭଖବର, ଦୂରଯାତ୍ରା ସଫଳ । ରେବତୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୧୦, ଆରାଧନା-ପ୍ରଭୁ ଗଜାନନ ।

ଭାଦ୍ରବ ଶୁକ୍ଳ ପକ୍ଷ ପ୍ରତିପଦା
୧୨.୯.୨୦୨୬, ଶନିବାର



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮



सत्यमेव जयते
GOVERNMENT OF INDIA
"Our goal will be to redefine BRICS as Building Resilience and Innovation for Cooperation and Sustainability. Just as we brought inclusivity to our G-20 Presidency and placed the concerns of the Global South at the forefront of the agenda, similarly, during our Presidency of BRICS, we will advance this forum with a people-centric approach and the spirit of 'Humanity First.'"
- Shri Narendra Modi, Prime Minister
Shaping an Inclusive Future
BRICS
INDIA 2026
BUILDING FOR RESILIENCE, INNOVATION, COOPERATION AND SUSTAINABILITY
BRICS SUMMIT
12 - 13 September 2026
New Delhi, India
As BRICS completes twenty years, India's Chairship marks a defining moment. It is uniting emerging and developing economies to build resilient, innovative, sustainable and inclusive societies.
HIGHLIGHTS
400+ Meetings
30+ Cities in India
20+ Ministerials
10,000+ Participants
www.brics2026.gov.in
BRICS2026India
brics2026
BricsIndia2026
BRICS India
CBC 14129/13/0023/2627






ୟୁଏଇରେ ନିବେଶକଙ୍କ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଶିଳ୍ପମନ୍ତ୍ରୀ ସଂପଦ ଚନ୍ଦ୍ର ସ୍ୱାଇଁ ଓ ଅନ୍ୟାନ୍ୟ ସରକାରୀ ଅଧିକାରୀଙ୍କ ସହ ପ୍ରମୁଖ ଶିଳ୍ପପତିମାନେ ।



# ଦୁବାଇ ରୋଡ୍ ଶୋ'ରେ ୟୁଏଇ ନିବେଶକଙ୍କୁ ଓଡ଼ିଶାର ଆହ୍ୱାନ

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶାର ଶିଳ୍ପ ବିକାଶର ପରବର୍ତ୍ତୀ ପର୍ଯ୍ୟାୟରେ ୟୁଏଇ ନିବେଶକମାନଙ୍କୁ ସହଭାଗୀ ହେବା ପାଇଁ ଆହ୍ୱାନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଦୁବାଇରେ ଆୟୋଜିତ ଓଡିଶା ନିବେଶକ ସମ୍ମିଳନୀ-ୟୁଏଇ-୨୦୨୬ ରେ ପ୍ରାୟ ୪୦୦ ଜଣ ବ୍ୟବସାୟୀ, ନିବେଶକ ଓ ୟୁଏଇ ବ୍ୟବସାୟିକ ସମୁଦାୟର ପ୍ରତିନିଧି ଯୋଗଦେଇଥିଲେ ।





ମୁଖ୍ୟମନ୍ତ୍ରୀ ଓଡ଼ିଶାର ପ୍ରାକୃତିକ ସମ୍ପଦ, ପ୍ରତିଯୋଗିତା ମୂଳକ ଶକ୍ତି, ବନ୍ଦର, ଶିଳ୍ପ ଭିତ୍ତିଭୂମି, ଦକ୍ଷ ମାନବ ସମ୍ବଳ ଓ ନିବେଶ ଅନୁକୂଳ ପରିବେଶକୁ ନିବେଶକଙ୍କ ସମ୍ମୁଖରେ ଉପସ୍ଥାପନ କରିଥିଲେ । ଏଲଏନଜି ଷ୍ଟୋରେଜ୍, ଗ୍ରୀନ୍ ଏନର୍ଜି, କୃତ୍ରିମ ବୁଦ୍ଧିମତ୍ତା ଡାଟା ସେଣ୍ଟର, ରେୟାର୍ ଆର୍ଥ, ଜାହାଜ ମରାମତି, ପ୍ରୋପେଲାଣ୍ଟ ଉତ୍ପାଦନ, ସାର ଓ ରସାୟନ, ହାଉସିଂ, ଷ୍ଟିଲ୍ ଓ ଡାଉନଷ୍ଟ୍ରିମ୍ ଶିଳ୍ପ ଭଳି କ୍ଷେତ୍ରରେ ନିବେଶ ସୁଯୋଗ ଉପରେ ଆଲୋଚନା ହୋଇଥିଲା । ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ସରକାରଙ୍କ ସ୍ପିଡ୍, ସର୍ଟନିଟି ଆଣ୍ଡ ଏକ୍ଜିକ୍ୟୁସନ( ଶୀଘ୍ର, ନିଶ୍ଚିତତା ଓ କାର୍ଯ୍ୟାନ୍ୱୟନ) ନୀତି ଉପରେ ଗୁରୁତ୍ୱ ଦେଇ ନିବେଶକମାନଙ୍କୁ ପ୍ରକଳ୍ପର ପ୍ରତ୍ୟେକ ପର୍ଯ୍ୟାୟରେ ସରକାରୀ ସହଯୋଗର ଆଶ୍ୱାସନ ଦେଇଥିଲେ । କାର୍ଯ୍ୟକ୍ରମରେ ବରିଷ୍ଠ ସରକାରୀ ଅଧିକାରୀ, ଭାରତୀୟ କୂଟନୈତିକ ପ୍ରତିନିଧି ଓ ୟୁଏଇର ପ୍ରମୁଖ ଶିଳ୍ପପତିମାନେ ଉପସ୍ଥିତ ଥିଲେ । ଦୁବାଇ ରୋଡ୍‌ଶୋ ଓଡ଼ିଶା-ୟୁଏଇ ଆର୍ଥିକ ସମ୍ପର୍କକୁ ଆହୁରି ସୁଦୃଢ଼ କରିବା ସହ ରାଜ୍ୟରେ ପୁଞ୍ଜି, ପ୍ରଯୁକ୍ତି, ଶିଳ୍ପ ଓ ନିଯୁକ୍ତି ସୃଷ୍ଟି ପାଇଁ ନୂଆ ସୁଯୋଗ ସୃଷ୍ଟି କରିଛି ।



### ଓଡ଼ିଶାର ପାରମ୍ପରିକ କଳାକୁ ବିଶ୍ୱ ବଜାରରେ ପହଞ୍ଚାଇବାର ପ୍ରୟାସ

# ଦୁବାଇରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା 'ୱାନ୍ ଡିଷ୍ଟ୍ରିକ୍ଟ, ୱାନ୍ ପ୍ରଡକ୍ଟ' ଗ୍ୟାଲେରୀ ଉଦ୍‌ଘାଟିତ



ଭୁବନେଶ୍ୱର (ସବ୍ୟୁ): ଓଡିଶାର ସମୃଦ୍ଧ ହସ୍ତତନ୍ତ ଓ ହସ୍ତଶିଳ୍ପ ପରମ୍ପରାକୁ ବିଶ୍ୱ ଦରବାରରେ ପହଞ୍ଚାଇବା ଲକ୍ଷ୍ୟରେ ଦୁବାଇରେ 'ୱାନ୍ ଡିଷ୍ଟ୍ରିକ୍ଟ, ୱାନ୍ ପ୍ରଡକ୍ଟ' (ଓଡିଓପି) ଗ୍ୟାଲେରୀ ଉଦ୍‌ଘାଟନ କରିଛନ୍ତି ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ । ଗ୍ୟାଲେରୀରେ ଓଡିଶାର ବିଭିନ୍ନ ଜିଲ୍ଲାର ସ୍ୱତନ୍ତ୍ର କଳା ଓ ହସ୍ତଶିଳ୍ପ ସ୍ଥାନ ପାଇଛି। ଏଥିରେ ସମ୍ବଲପୁରୀ ଶାଢ଼ି, କଟକର ମଣିଆବନ୍ଧା ହସ୍ତତନ୍ତ, କଟକର ରୂପା ତାରକସୀ, ରାୟଗଡ଼ାର ଡୋଙ୍ଗରିଆ ଶାଲ, କେନ୍ଦୁଝରର ଟେରାକୋଟା ମୂର୍ତ୍ତି, ବାଲେଶ୍ୱରର ବ୍ଲାକ୍ ଗ୍ରାନାଇଟ୍ ଆଧୁନିକ ମୂର୍ତ୍ତି ଏବଂ ପୁରୀର ପଟ୍ଟଚିତ୍ର ଓ ତାଳପତ୍ର ଖୋଦେଇ କଳା ପ୍ରଦର୍ଶିତ ହୋଇଛି । ଏହି ପ୍ରଦର୍ଶନୀ ଓଡିଶାର କାରିଗରଙ୍କ ପାରମ୍ପରିକ ଦକ୍ଷତା, ସୃଜନଶୀଳତା ଓ ସାଂସ୍କୃତିକ ପରିଚୟକୁ ବିଶ୍ୱ ବଜାର ସହ ଯୋଡ଼ିବାର ଏକ ପ୍ରମୁଖ ପଦକ୍ଷେପ । ଏହା ମାଧ୍ୟମରେ ମହିଳା ଉଦ୍ୟୋଗୀଙ୍କୁ ନୂଆ ବଜାର, ଅଧିକ ରୋଜଗାର ଓ ଉଦ୍ୟମିତାର ସୁଯୋଗ ମିଳିବା ସହ ଓଡିଶାର ପାରମ୍ପରିକ ଉତ୍ପାଦର ରପ୍ତାନି ସମ୍ଭାବନା ବଢ଼ିବ । ସ୍ଥାନୀୟ କାରିଗରଙ୍କ କଳାକୁ ବିଶ୍ୱ ବଜାରରେ ପହଞ୍ଚାଇ "ଲୋକାଲ ଟୁ ଗ୍ଲୋବାଲ" ' ଯାତ୍ରାକୁ ଆହୁରି ସୁଦୃଢ଼ କରିବାରେ ଓଡିଓପି ଗ୍ୟାଲେରୀ ଏକ ନୂଆ ଦିଗ ଦେଖାଇଛି ।




# ଦୁବାଇରେ ସର୍କୁଲାର ଇକୋନୋମି ଓ ମେଟାଲ୍ ରିସାଇକ୍ଲିଂ ନେଇ ରାଉଣ୍ଡଟେବୁଲ୍ ଆଲୋଚନା



ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁବାଇ ଠାରେ ବ୍ୟୁରୋ ଅଫ୍ ମିଡିଲ ଇଷ୍ଟ ରିସାଇକ୍ଲିଂ (ବିଏମଆର) ଏବଂ ଜେଏସଡବ୍ଲୁ ସହ ଏକ ରାଉଣ୍ଡଟେବୁଲ୍ ଆଲୋଚନା କରିଛନ୍ତି । ଆଲୋଚନାରେ ମେଟାଲ୍ ରିସାଇକ୍ଲିଂ, ସର୍କୁଲାର ଇକୋନୋମି, ରିସୋର୍ସ ଏଫିସିଏନ୍ସି ଓ ଭାଲ୍ୟୁ-ଆଡେଡ୍ ମାନୁଫାକ୍ଚରିଂ ଉପରେ ଗୁରୁତ୍ୱ ଦିଆଯାଇଛି । ଓଡ଼ିଶାର ବିକଶିତ ମେଟାଲ୍ ଓ ମାନୁଫାକ୍ଚରିଂ ଇକୋସିଷ୍ଟମ୍‌କୁ ଆଧାର କରି ରିସାଇକ୍ଲିଂ, ସେକେଣ୍ଡାରୀ ମେଟାଲ୍ ଓ ସର୍କୁଲାର ଇଣ୍ଡଷ୍ଟ୍ରିରେ ନିବେଶ ଓ ପ୍ରଯୁକ୍ତି ସହଯୋଗ ପାଇଁ ଶିଳ୍ପପତିମାନଙ୍କୁ ଓଡ଼ିଶା ଆସିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ କରିଛନ୍ତି ।

### ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିକୁ ଦୁର୍ବୃତ୍ତ ଭାଙ୍ଗିବା ଘଟଣା

# ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କଲା ବିଜେଡି

ଭୁବନେଶ୍ୱର/ପାରାଦ୍ୱୀପ (ସବ୍ୟୁ): ଜଗତସିଂହପୁର ଜିଲ୍ଲାର ଏରସମା ବ୍ଲକ ଅନ୍ତର୍ଗତ ପଦ୍ମପୁର ପଞ୍ଚାୟତର ଶିଆଳି ବେଳାଭୂମି ନିକଟରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିକୁ ଦୁର୍ବୃତ୍ତ ମାନେ ଭାଙ୍ଗି ଦେଇଛନ୍ତି । ଉକ୍ତ ଘଟଣାକୁ ନେଇ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଜଗତସିଂହପୁର ଜିଲ୍ଲା ସଭାପତି ତଥା ପୂର୍ବତନ ବିଧାୟକ ପ୍ରଶାନ୍ତ ମୁଦୁଲିଙ୍କ ନେତୃତ୍ୱରେ ବିଜେଡିର ଏକ ପ୍ରତିନିଧି ମଣ୍ଡଳୀ ଘଟଣାସ୍ଥଳକୁ ଗସ୍ତ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି । ପ୍ରବାଦ ପୁରୁଷଙ୍କ ପ୍ରତି ଏହି ଅସମ୍ମାନକୁ ଦୃଢ଼ ନିନ୍ଦା କରିଥିଲେ । ଜଗତସିଂହପୁର ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ଭେଟି ଦୋଷୀ ମାନଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରିଥିଲେ ପ୍ରତିନିଧି ମଣ୍ଡଳୀ । କର୍ତ୍ତୃପକ୍ଷ ତୁରନ୍ତ ମୂର୍ତ୍ତି ପୁନଃସ୍ଥାପନ କରିବାକୁ ଅନୁରୋଧ କରିଥିଲେ । ଶ୍ରୀ ପ୍ରଶାନ୍ତ ମୁଦୁଲି କହିଥିଲେ ଯେ, ମହାନ ବରପୁତ୍ର ବିଜୁ ବାବୁଙ୍କ ପ୍ରତି ଅସମ୍ମାନ ଆଦୌ ଗ୍ରହଣୀୟ ନୁହେଁ । ଏହା ଓଡ଼ିଆ ଜାତିର ସ୍ୱାଭିମାନ ଏବଂ ଓଡ଼ିଆ ଅସ୍ମିତା ପ୍ରତି ଅପମାନ । ଶିଆଳି ବେଳାଭୂମି ରାଜ୍ୟର ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳ । ବେଳାଭୂମିକୁ ବୁଲିବାକୁ ଆସୁଥିବା ପର୍ଯ୍ୟଟକମାନେ ଉକ୍ତ ଘଟଣା ଦେଖି ମର୍ମାହତ ହେଉଛନ୍ତି । ପ୍ରବାଦ ପୁରୁଷ, ମହାନ ଜନନାୟକ, ଓଡ଼ିଶାର ବରପୁତ୍ର ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ଭାଙ୍ଗିବା ଅତ୍ୟନ୍ତ ନିନ୍ଦନୀୟ । ବିଜୁ ବାବୁ କେବଳ ପ୍ରତିମୂର୍ତ୍ତୀରେ ସୀମିତ ନାହାଁନ୍ତି, ସେ ପ୍ରତିଟି ଓଡ଼ିଆଙ୍କ ହୃଦୟରେ ରହିଛନ୍ତି । ଉକ୍ତ ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ ଗଭୀର ଦୁଃଖ ପ୍ରକାଶ କରିଛନ୍ତି । ଭାରତବର୍ଷ ଯେଉଁ ବ୍ୟକ୍ତିତ୍ୱଙ୍କୁ ନେଇ ଗର୍ବ ଅନୁଭବ କରେ, ତାଙ୍କ ପ୍ରତିମୂର୍ତ୍ତିକୁ ଭାଙ୍ଗିବା ହୀନମନ୍ୟତର ପରିଚୟ । ଉକ୍ତ ଘଟଣା ନେଇ ସ୍ଥାନୀୟ ସରପଞ୍ଚ ଥାନାରେ ଅଭିଯୋଗ କରିଛନ୍ତି । କିନ୍ତୁ ଦୁଃଖ ଓ ପରିତାପର ବିଷୟ ଯେ, ଅଭିଯୋଗର ୨୪ ଘଣ୍ଟା ବିତି ଯାଇଥିଲେ ସୁଦ୍ଧା ପ୍ରଶାସନ ଚୁପ ହୋଇ ବସି ରହିଛି । ରାଜ୍ୟରେ ଅପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଉଛି । ଏହିପରି ଘଟଣା ଓଡ଼ିଆ ଅସ୍ମିତାକୁ ହତ୍ୟା କରୁଥିବାରୁ ବିଜେଡି କଡ଼ା ନିନ୍ଦା କରିଛି । ରାଜ୍ୟ ସରକାର ଘଟଣା ପ୍ରତି ଯତ୍ନଶୀଳ ହୋଇ ତୁରନ୍ତ ପଦକ୍ଷେପ ଗ୍ରହଣ ନ କରିଲେ ବିଜେଡି ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବ ।



ବିଜେଡି ପ୍ରତିନିଧି ମଣ୍ଡଳୀରେ ଚିରଞ୍ଜୀବ ବିଶ୍ୱାଳ, ବିଧାୟକ ଶାରଦା ପ୍ରସନ୍ନ ଜେନା, ସମ୍ବିତ ରାଉତରାୟ, ଡ଼ ରାଜଶ୍ରୀ ମଲ୍ଲିକ, ମିନତୀ ବେହେରା, ଲୋରା ମହାପାତ୍ର, ଅରିନ୍ଦମ ସର୍ଖେଲ, ନାରାୟଣ ପ୍ରସାଦ ଜେନା, ଲକ୍ଷ୍ମୀପ୍ରିୟା ମହାପାତ୍ର, ପ୍ରକାଶ ପ୍ରଧାନ, ପୀତବାସ ବଚତା, ତଟିନୀ ସ୍ୱାଇଁ, ଡଲି ପଣ୍ଡା, ରାଣୀ ଟୁଡୁ, ଦିପ୍ତି ରଞ୍ଜନ କୁଅଁର, କମଳାକାନ୍ତ ସ୍ୱାଇଁ, ଆଦିତ୍ୟ ନନ୍ଦନ ଦାସ, ପାର୍ଥସାରଥୀ ରାଉତ ପ୍ରମୁଖ ସାମିଲ ଥିଲେ ।

- ଘଟଣାସ୍ଥଳକୁ ଯାଇ ସ୍ଥିତି ଅନୁଧ୍ୟାନ କଲା ବିଜେଡି ପ୍ରତିନିଧି ମଣ୍ଡଳୀ
- ଏପରି ଲଜ୍ଜାଜନକ ଘଟଣା ଓଡ଼ିଆ ଅସ୍ମିତା ପ୍ରତି ଅପମାନ

### ୧୭ରେ ସାରା ଓଡ଼ିଶାରେ

# 'ଆଶୀର୍ବାଦର ଦୀପ' ପ୍ରଜ୍ୱଳନ ପାଇଁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଆହ୍ୱାନ

ଭୁବନେଶ୍ୱର, (ସବ୍ୟୁ): ରାଜ୍ୟର ସମସ୍ତ ମହିଳା ହିତାଧିକାରୀମାନଙ୍କୁ ଆସନ୍ତା ସେପ୍ଟେମ୍ବର ୧୭ ତାରିଖ ସନ୍ଧ୍ୟାରେ 'ଆଶୀର୍ବାଦର ଦୀପ' କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ନିଜ ନିଜ ଘରେ ଦୀପ ପ୍ରଜ୍ୱଳନ କରିବା ପାଇଁ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ଆହ୍ୱାନ ଦେଇଛନ୍ତି। ସେବା, କୃତଜ୍ଞତା ଏବଂ ମହିଳା ସଶକ୍ତୀକରଣର ପ୍ରତୀକ ସ୍ୱରୂପ ଏହି ଦୀପ ପ୍ରଜ୍ୱଳନ କରାଯିବ ବୋଲି ମାନ୍ୟବର ଉପମୁଖ୍ୟମନ୍ତ୍ରୀ ବାର୍ତ୍ତା ଦେଇଛନ୍ତି । ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଜିର ସମୀକ୍ଷା ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି । ଏଥିରେ ରାଜ୍ୟର ସ୍ୱୟଂ ସହାୟକ ଗୋଷ୍ଠୀ, କ୍ଲଷ୍ଟର ସ୍ତରୀୟ ମହାସଂଘ, ଗ୍ରାମପଞ୍ଚାୟତ ସ୍ତରୀୟ ମହାସଂଘ, ବ୍ଲକ ଓ ଜିଲ୍ଲା ସ୍ତରୀୟ ମହାସଂଘ, ଲକ୍ଷପତି ଦିଦି, ଉତ୍ପାଦକ ଗୋଷ୍ଠୀ ଏବଂ ଉତ୍ପାଦକ କମ୍ପାନୀଗୁଡ଼ିକୁ ସକ୍ରିୟ ଭାବେ ଅଂଶଗ୍ରହଣ କରିବେ।

ଏହି ବୈଠକରେ ମିଶନ ଶକ୍ତି ବିଭାଗର ଶାସନ ସଚିବ ଶ୍ରୀମତୀ ମାନସୀ ନିମ୍ଭାଲ ଏବଂ ମିଶନ ଶକ୍ତି ବିଭାଗର ନିର୍ଦ୍ଦେଶିକା ଡ. ମୋନିକା ବାନାର୍ଜୀଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ରାଜ୍ୟର ୩୦ଟି ଜିଲ୍ଲାର ମୁଖ୍ୟ ଉନ୍ନୟନ ଅଧିକାରୀ, ବ୍ଲକ ଉନ୍ନୟନ ଅଧିକାରୀ, ସି.ଏଲ୍.ଏଫ୍., ଜି.ପି.ଏଲ୍.ଏ.ଏଫ୍. ପ୍ରତିନିଧି ଏବଂ ଏସ୍.ଏଚ୍.ଜି. ସଦସ୍ୟାମାନେ ଆଭାସୀ ମାଧ୍ୟମରେ ଏଥିରେ ଯୋଗଦେଇଥିଲେ। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା କହିଛନ୍ତି, "ଯଦି ପ୍ରତ୍ୟେକ ମହିଳା ହିତାଧିକାରୀ 'ବିକଶିତ ଭାରତ ୨୦୪୭' ଏବଂ 'ବିକଶିତ ଓଡ଼ିଶା ୨୦୩୬'ର ସଂକଳ୍ପ ଓ କୃତଜ୍ଞତାର ପ୍ରତୀକ ଭାବେ ଗୋଟିଏ ଲେଖାଏଁ ଦୀପ ପ୍ରଜ୍ୱଳନ କରିବେ, ତେବେ ସାରା ରାଜ୍ୟ ମହିଳା ସଶକ୍ତୀକରଣର ଆଲୋକରେ ଆଲୋକିତ ହୋଇଉଠିବ। ପ୍ରତିଟି ଦୀପ ଆମ ନାରୀଶକ୍ତିର ସାମର୍ଥ୍ୟ, ସ୍ୱାଭିମାନ, ଆଶା-ଆକାଂକ୍ଷା ଏବଂ ରାଜ୍ୟ ଓ ଦେଶର ବିକାଶରେ ସେମାନଙ୍କ ଯୋଗଦାନକୁ ପ୍ରତିଫଳିତ କରିବ। ରାଜ୍ୟ ସରକାରଙ୍କ ଦ୍ୱାରା ସେପ୍ଟେମ୍ବର ୧୭ ରୁ ଅକ୍ଟୋବର ୧୭, ୨୦୨୬ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା ମାସବ୍ୟାପୀ 'ସେବା ସଂକଳ୍ପ ଅଭିଯାନ-୨୦୨୬'ର ଅଂଶବିଶେଷ ଭାବେ ଏହି 'ଆଶୀର୍ବାଦର ଦୀପ' କାର୍ଯ୍ୟକ୍ରମ ପରିଚାଳିତ ହେଉଛି।



# କମୁନି ସୁବର୍ଣ୍ଣରେଖା ନଦୀ କୂଳବାସୀଙ୍କ ଦୁର୍ଦ୍ଦଶା
## ବର୍ଷା ଛାଡ଼ିଲା ପରେ ବି ଅବସ୍ଥା ବେହାଲ

ବାଲେଶ୍ୱର ,(ସବ୍ୟୁ): ବର୍ଷା ଛାଡି ଏବେ ଉଦୁଉଦିଆ ଖରା ହେଲାଣି । ଜନଜୀବନ ଏବେ ନିଜ ପୂର୍ବାବସ୍ଥାକୁ ଧିରେ ଧିରେ ଫେରିଲାଣି ହେଲେ ଏବେ ମଧ ଅନେକ ଗ୍ରାମବାସୀଙ୍କ ଦୁର୍ଦ୍ଦଶା କମିବାରେ ନାଁ ଧରୁନି । ବାଲେଶ୍ୱର ଜିଲ୍ଲାର ବସ୍ତା ବ୍ଲକର କାଦରାୟାଁ ଗ୍ରାମ ପଞ୍ଚାୟତ ନିକଟରେ ଥିବା ସୁବର୍ଣ୍ଣରେଖା ନଦୀବନ୍ଧ ଧସିପଡିଥିବା ଦେଖିବାକୁ ମିଳିଛି । ପ୍ରାୟ ୩୦୦ ଫୁଟରୁ ଅଧିକ ଲମ୍ବର ବନ୍ଧ ଭୁସୁଡି ମାଟିରେ ମିଶିଯାଇଥିବାର ସୂଚନା ମିଳିଛି । ବନ୍ୟା ସମୟରେ ରାସ୍ତା ତଳୁ ମାଟି ଧୋଇ ହୋଇ ଯାଇଥିବା ଯୋଗୁଁ ଏହି ନଦୀବନ୍ଧ ଭୁଷୁଡ଼ି ପଡ଼ିଥିବା କୁହାଯାଉଛି ।ଏହି ନଦୀବନ୍ଧ ମୁଖ୍ୟତଃ ୫ ଟି ପଞ୍ଚାୟତର ଲୋକଙ୍କ ଯାତାୟତର ଏକ ମାତ୍ର ସାଧନ ଥିବା ବେଳେ ଏବେ ଶହ ଶହ ଲେକଙ୍କ ଜୀବନ ବାଧାପ୍ରାପ୍ତ ହେବାର ଆଶଙ୍କା ରହିଛି । ଯାତାୟତ ବାଧାପ୍ରାପ୍ତ ହେବା ସହ ପିଲାଙ୍କ ପାଠ ପଢା ତଥା ଲୋକଙ୍କ ଜୀବନ ଜୀବିକା ଠପ ହେଇଯାଇଛି । ତବେ ବର୍ତ୍ତମାନ ଆଉ କେତେ ଦିନ ଏଭଳି ପରିସ୍ଥିତିରେ ଗ୍ରାମବାସୀଙ୍କୁ ବଞ୍ଚିବାକୁ ହେବ ଏବଂ କେତେ ଶୀଘ୍ର ଏହାର ମରାମତି କାର୍ଯ୍ୟ ଆରମ୍ଭ ହେବ ତାହା ଦେଖିବା ବାକିରହିଲା ।

## ବ୍ରାଉନସୁଗର ଜବତ : ଅଭିଯୁକ୍ତ ଗିରଫ

ବାଲେଶ୍ୱର,(ସବ୍ୟୁ): ବାଲେଶ୍ୱର ଟାଉନ ପୁଲିସ ଜଣେ ବ୍ରାଉନସୁଗର ବିକ୍ରେତାକୁ ଧରିବା ସହ ତାଙ୍କ ନିକଟରୁ ୫୯ ଗ୍ରାମ୍ ବ୍ରାଉନସୁଗର ଜବଦ କରିଛନ୍ତି । ଘଟଣାରୁ ପ୍ରକାଶ ବାଲେଶ୍ୱର ଟାଉନ ଥାନା ଅନ୍ତର୍ଗତ ବାଲିଘାଟ ଅଞ୍ଚଳରେ ବ୍ରାଉନ ସୁଗର ବିକ୍ରି ଚାଲିଥିବା ଖବର ପାଇ ଟାଉନ ଥାନା ଆଇଆଇସି ବିଜୟ କୁମାର ଦାସଙ୍କ ନିର୍ଦ୍ଦେଶରେ ଏକ ଟିମ୍ ଘଟଣାସ୍ଥଳ ଉପରେ ଚଢାଉ କରି ସ୍କୁଲ ବଜାର ଅଞ୍ଚଳର ସେକ୍ କୁତୁବୁଦ୍ଦିନଙ୍କ ପୁତ୍ର ସିପୁନ ଓରଫ ସେକ୍ କୁରର୍ବାନ (୨୪)ଙ୍କୁ ଧରିଥିଲେ । ତାଙ୍କ ନିକଟରୁ ୫୯ ଗ୍ରାମ୍ ବ୍ରାଉନ ସୁଗର,ଓଡ଼ି୦୧ବିଏ–୩୧୨୭ ନମ୍ବର ବିଶିଷ୍ଟ ସ୍କୁଟି ଓ ଗୋଟିଏ ଅପ ମୋବାଇଲ ଫୋନ ଜବଦ କରିଛନ୍ତି । ଏବାବଦରେ ଟାଉନଥାନାରେ କେଶ୍ ନମ୍ବର ୩୨୦/୨୦୨୬ ମୂଳେ ମାମଲା ରୁଜୁ କରାଯାଇଛି । ଏଠାରେ ଉଲ୍ଲେଖଯୋଗଯ ଗିରଫ ହୋଇଥିବା ସିପୁନଙ୍କ ବିରୋଧରେ ପୂର୍ବରୁ ଟାଉନ ଥାନାରେ କେଶ୍ ନମ୍ବର ୧୬୦/୨୦୨୫ ମୂଳେ ଧାରା ୧ମାମଲା ପୂର୍ବରୁ ରହିଛି । ଅଭିଯୁକ୍ତ ବଯକ୍ତି ଜଳେଶ୍ୱର ଅଞ୍ଚଳରୁ ବ୍ରାଉନ ସୁଗାର ଆଣି ବିଭିନ୍ନ ଅଞ୍ଚଳରେ ବିକ୍ରି କରୁଥିବା ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି ।

## ଶିଶୁ ଯତ୍ନ ଅନୁଷ୍ଠାନର ୬ଜଣ ଅନ୍ତେବାସୀଙ୍କୁ ନିଯୁକ୍ତି

ଭଦ୍ରକ,(ସବ୍ୟୁ) : ଭଦ୍ରକ ଜିଲ୍ଲା ପ୍ରଶାସନର ଉଦ୍ୟମ ତଥା ପରବର୍ତ୍ତୀ ଯତ୍ନ କାର୍ଯ୍ୟକ୍ରମ ଜରିଆରେ ଶିଶୁ ଯତ୍ନ ଅନୁଷ୍ଠାନରୁ ବାହାରିଥିବା ୬ଜଣ ଅନ୍ତେବାସୀ ନିଯୁକ୍ତି ପାଇଛନ୍ତି। ଏହି ଉପଲକ୍ଷେ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ୬ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ନିଯୁକ୍ତି ପାଇଥିବା ଅନ୍ତେବାସୀମାନଙ୍କ ମଧ୍ୟରୁ ବିକାଶ ଧଳ,ରାହୁଲ ବର୍ମା ଓ ରୁଦ୍ର ନାରାୟଣ ରାଉତ ଗରଦପୁରସ୍ଥିତ ଗାନ୍ଧୀ ଓଡ଼ିଶା ବାଳାଶ୍ରମର ଅନ୍ତେବାସୀ ଥିଲେ। ସେହିପରି ବିଶ୍ୱ ରଞ୍ଜନ ପଣ୍ଡା,ଅଲେଖ ଚନ୍ଦ୍ର ଦାସ ଓ ଅଚ୍ୟୁତାନନ୍ଦ ଦାସ କାଞ୍ଚିଆପାଳସ୍ଥିତ ମହାପୁରୁଷ ଆଶ୍ରମର ଅନ୍ତେବାସୀ ଥିଲେ। ଶିଶୁ ଯତ୍ନ ଅନୁଷ୍ଠାନରେ ରହୁଥିବା ସମୟରେ ଏହି ଶିଶୁମାନେ ଭଦ୍ରକସ୍ଥିତ ପ୍ରଫୁଲ୍ଲ ଚନ୍ଦ୍ର ଶିଳ୍ପ ତାଲିମ କେନ୍ଦ୍ର ଏବଂ ଧାମନଗରସ୍ଥିତ ନିତଯାନନ୍ଦ ଶିଳ୍ପ ତାଲିମ କେନ୍ଦ୍ରରେ ଫିଟର ଓ ଇଲେକ୍ଟ୍ରିସିଆନ ବିଭାଗରେ ଦୁଇ ବର୍ଷିଆ ଶିଳ୍ପ ତାଲିମ ଗ୍ରହଣ କରିଥିଲେ। ତାଲିମ ସମାପ୍ତ କରିବା ପରେ ସେମାନେ ବାଙ୍ଗାଲୋରସ୍ଥିତ ଘରୋଇ କମ୍ପାନୀ ଟିବିଆ ଗ୍ରୀନ୍ ଏନର୍ଜିରେ ନିଯୁକ୍ତି ସୁଯୋଗ ପାଇଛନ୍ତି। ପରବର୍ତ୍ତୀ ଯତ୍ନ ସେବା କ୍ଷେତ୍ରରେ କାର୍ଯ୍ୟରତ ଭୁବନେଶ୍ୱରସ୍ଥିତ ସ୍ୱେଚ୍ଛାସେବୀ ସଂଗଠନ ସିୱାଇଏସ୍‌ଡି ପକ୍ଷରୁ ମଧ୍ୟ ଏହି ଶିଶୁମାନଙ୍କୁ ନିଯୁକ୍ତି ପାଇବାରେ ଆବଶଯକ ସହଯୋଗ ଯୋଗାଇ ଦିଆଯାଇଥିଲା। ଆୟୋଜିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ୍ତ ନିଯୁକ୍ତି ପାଇଥିବା ଶିଶୁମାନଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ ଜଣାଇଥିଲେ। ସେ ସମସ୍ତଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ନିଜ ଦକ୍ଷତା ଓ ପରିଶ୍ରମ ବଳରେ ଜୀବନରେ ଆଗକୁ ବଢ଼ିବାକୁ ପ୍ରେରଣା ଦେଇଥିଲେ। ଏହି ଅବସରରେ ଜିଲ୍ଲା ଶିଶୁ ମଙ୍ଗଳ ସମିତି,ଭଦ୍ରକ ପକ୍ଷରୁ ମଧ୍ୟ ନିଯୁକ୍ତି ପାଇଥିବା ଶିଶୁମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲା ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷ ସୁବ୍ରତ କୁମାର ବିଶ୍ୱାଳ,ସଦସ୍ୟ ପ୍ରଦୀପ୍ତ କୁମାର କର,ସୁବାଶ ଚନ୍ଦ୍ର ଦେବତା ଓ ଲଳିତା ସାହୁ,ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ହାଟଡିହିରେ ରୋମିଓଙ୍କ ହାଇଭୋଲଟେଜ ଡ୍ରାମା
## ଗିଫ୍ଟ ଫେରାଇ ବ୍ଲକ୍ କରିବାରୁ ଛାତ୍ରୀଙ୍କୁ ପିଟିଲେ ଯୁବକ

କେନ୍ଦୁଝର, (ଜିପ୍ର): ଇନଷ୍ଟାଗ୍ରାମରେ ପ୍ରେମ, ତା'ପରେ ପ୍ରତ୍ୟାଖ୍ୟାନ, ଆଉ ଶେଷରେ ରାସ୍ତା ମଝିରେ ଗୁଣ୍ଡାଗର୍ଦ୍ଦି। ବୁଧବାର ଏଭଳି ଏକ ଲଜ୍ଜାଜନକ ଘଟଣା କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଅଞ୍ଚଳରେ ଘଟିଛି । ଯୁବକଙ୍କ ଏହି ହାଇଭୋଲଟେଜ ଡ୍ରାମା ଏବେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଚର୍ଚ୍ଚାର ବିଷୟ ପାଲଟିଛି। ଜଣେ ଯୁବକ ଇନଷ୍ଟାଗ୍ରାମରେ ଜଣେ କଲେଜ ଛାତ୍ରୀଙ୍କ ପଛରେ ପଡ଼ିଥିଲା। ଦିନରାତି ଚାଟିଂ କରିବା ସହ ନିଜକୁ ବଡ଼ ପ୍ରେମିକ ଦେଖାଇବା ପାଇଁ ଗତ ୩ ଦିନ ତଳେ ଛାତ୍ରୀଙ୍କ ସହପାଠୀଙ୍କ ହାତରେ ଏକ ଉପହାର ମଧ୍ୟ ପଠାଇଥିଲେ। କିନ୍ତୁ ଛାତ୍ରୀ ଜଣକ ସେହି ଉପହାରକୁ ନ ନେଇ ଫେରାଇ ଦେଇଥିଲେ ଓ ସେ ଇନଷ୍ଟାଗ୍ରାମରେ ଯୁବକ ଜଣଙ୍କୁ ବ୍ଲକ କରିଦେବା ସହ କଥାବାର୍ତ୍ତା ସମ୍ପୂର୍ଣ୍ଣ ବନ୍ଦ କରିଦେଇଥିଲେ।ପ୍ରେମ ପ୍ରସ୍ତାବ ପ୍ରତ୍ୟାଖ୍ୟାତ ହେବା ପରେ ଯୁବକଜଣକ ନିଜର ଅସଲ ଚେହେରା ଦେଖାଇ ପ୍ରତିଶୋଧ ପରାୟଣ ହୋଇ କଲେଜ ଯିବା ରାସ୍ତାରେ ଛାତ୍ରୀଙ୍କୁ ଜଗି ରହିଥିଲେ। ବୁଧବାର ଛାତ୍ରୀ ଜଣକ ଏକୁଟିଆ କଲେଜ ଯାଉଥିବା ସୁଯୋଗ ନେଇ ଯୁବକଜଣକ ତାଙ୍କ ବାଟ ଓଗାଳିଥିଲେ। ସେଠାରେ ଗାଳିଗୁଲଜ କରିବା ସହ ଛାତ୍ରୀଙ୍କ ଉପରକୁ ଆକ୍ରମଣ କରି ପିଟାପିଟି କରିଥିଲେ।ଯୁବକଙ୍କ ଏଭଳି ଉନ୍ମତ୍ତ କାଣ୍ଡରେ ଭୟଭୀତ ହୋଇ ଛାତ୍ରୀ ଜଣକ ଚିତ୍କାର କରିବା ସହ ନିଜ ଜୀବନ ବଞ୍ଚାଇବାକୁ ଘରକୁ ଦୌଡ଼ି ପଳାଇଥିଲେ। ତେବେ ଏହି ଘଟଣାକୁ ନେଇ ବର୍ତ୍ତମାନ ସୁଦ୍ଧା ଥାନାରେ କୌଣସି ଆନୁଷ୍ଠାନିକ ଅଭିଯୋଗ ହୋଇନଥିବା ସୂଚନା ମିଳିଛି।

## ଯୋଡ଼ାରେ ମାଫିଆଙ୍କ ରାଜ, ଦିନରାତି ଚାଲିଛି ବାଲି ଚୋରା ଚାଲାଣ

ଯୋଡ଼ା,(ସବ୍ୟୁ): କେନ୍ଦୁଝର ଜିଲ୍ଲା ଯୋଡ଼ା ବ୍ଲକ ବାରିଆ ଥାନା ଅଧୀନ ନିଶ୍ଚିନ୍ତପୁର ଗାଁରେ ବେଆଇନ ବାଲି କାରବାରକୁ ନେଇ ଚିନ୍ତା ବଢ଼ିଛି । ମେର୍ହେଦା ନାଳରୁ ଦିନରାତି ବାଲି ଉତ୍ତୋଳନ କରାଯାଇ ଟ୍ରାକ୍ଟରରେ ଚାଲାଣ ହେଉଥିବା ଗାଁ ଲୋକ ଅଭିଯୋଗ କରିଛନ୍ତି। ଦୈନିକ ଶହଶହ ଟ୍ରିପ ବାଲି ଚାଲାଣ ହେଉଥିବାରୁ ଅଞ୍ଚଳର ପରିବେଶ ଓ ରାସ୍ତାଘାଟ ଉପରେ ଏହାର ପ୍ରଭାବ ପ କୁହାଯାଉଛି ।ଅଭିଯୋଗ ଅନୁସାରେ, ନାଳର ଚେକ ଡ୍ୟାମ ତଳୁ ବେଆଇନ ଭାବେ ବାଲି ଉତ୍ତୋଳନ କରାଯିବାରୁ ଚେକ ଡ୍ୟାମ୍ଟି ଭୁଶୁଡ଼ି ପଡ଼ିଛି। ଏହା ସହ ନିଶ୍ଚିନ୍ତପୁର କମାଣ୍ଡ ରୋଡରେ ଥିବା ମେର୍ହେଦା ନାଳର ପୋଲ ମଧ୍ୟ ବିପଦସଙ୍କୁଳ ଅବସ୍ଥାରେ ଥିବା ଗାଁ ଲୋକ କହିଛନ୍ତି। ଭାରୀ ଯାନରେ ଲଗାତାର ବାଲି ଚାଲାଣ ହେଉଥିବାରୁ ପୋଲର ସୁରକ୍ଷା ନେଇ ଚିନ୍ତା ପ୍ରକାଶ ପାଉଛି ।କେବଳ ନାଳରୁ ବାଲି ଉତ୍ତୋଳନ ନୁହେଁ, ଚାଲାଣ ପାଇଁ ନାଳ କଡ଼ରେ ଥିବା ଶହଶହ ଗଛ କାଟି ରାସ୍ତା ତିଆରି କରାଯାଇଥିବା ମଧ୍ୟ ଅଭିଯୋଗ ହୋଇଛି । ଏହା ଫଳରେ ମେର୍ହେଦା ନାଳର ସ୍ୱାଭାବିକ ଗତିପଥ ପରିବର୍ତ୍ତନ ହେଉଛି। ଏଥିସହ ନାଳ ନିକଟବର୍ତ୍ତୀ ଧାନଜମି ମଧ୍ୟ କ୍ଷତିଗ୍ରସ୍ତ ହେବାରେ ଲାଗିଥିବା ଗାଁ ଲୋକଙ୍କ ଅଭିଯୋଗ ।ବେଆଇନ ବାଲି କାରବାର ବନ୍ଦ କରିବାକୁ ଗ୍ରାମବାସୀ ଅନେକଥର ପୁଲିସ ଓ ଜିଲ୍ଲା ଲଘୁ ଖଣି ବିଭାଗର ଦ୍ୱାରସ୍ଥ ହୋଇଥିବା କହିଛନ୍ତି । ହେଲେ ଅଭିଯୋଗ ସତ୍ତ୍ୱେ ଆଶାନୁରୂପ ପଦକ୍ଷେପ ନିଆଯାଇନଥିବାରୁ ଏବେ ଗାଁ ଲୋକ ଏକାଠି ହୋଇ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି ।ବେଆଇନ ବାଲି ଉତ୍ତୋଳନ ଓ ଚାଲାଣ ଉପରେ ତୁରନ୍ତ ରୋକ ଲଗାଇବା ସହ ଏହି କାରବାରରେ ସମ୍ପୃକ୍ତ ଲୋକଙ୍କ ବିରୋଧରେ ଆଇନାନୁଗତ କାର୍ଯ୍ୟାନୁଷ୍ଠାନ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

## ବ୍ୟାଙ୍କ କର୍ମଚାରୀଙ୍କ ଧର୍ମଘଟ

ବାଲେଶ୍ୱର,(ସବ୍ୟୁ): ରାଷ୍ଟ୍ରାୟତ ବ୍ୟାଙ୍କଗୁଡ଼ିକ ପକ୍ଷରୁ କାର୍ଯ୍ୟବନ୍ଦ କରାଯାଇଥିବା ବେଳେ ଏହିମହାଧର୍ମଘଟକୁ ସମର୍ଥନ କରି ସମସ୍ତ ଘରୋଇ ବ୍ୟାଙ୍କ, ସମବାୟ ବ୍ୟାଙ୍କମାନେ ସାମିଲ ହେବା ଫଳରେ ବଯାଙ୍କରେ ଦେଣନେଣ ଏକ ପ୍ରକାର ଠପ୍ ହୋଇଯାଇଛି । ୟୁନାଇଟେଡ୍ ଫୋରମ୍ ଅଫ୍ ବଯାଙ୍କ ୟୁନିଅନ୍‌ର ଆହ୍ୱାନରେ ଆୟୋଜିତ ଦେଶବ୍ୟାପୀ ଏହି ଧର୍ମଘଟରେ ପ୍ରାୟ ୮ ଲକ୍ଷ ବ୍ୟାଙ୍କ କର୍ମଚାରୀ ଓ ଅଧିକାରୀମାନେ ସାମିଲ ହୋଇଥିଲେ । ଏହି ଅବସରରେ ବାଲେଶ୍ୱର ଭାରତୀୟ ଷ୍ଟେଟବ୍ୟାଙ୍କ ମୁଖଯ ଶାଖା ସମ୍ମୁଖରେ ଏକ ବିଶାଳ ଆନ୍ଦୋଳାତ୍ମକ କାର୍ଯକ୍ରମ ଅନୁଷ୍ଠିତ ହୋଇଥିଲା। ୟୁଏଫ୍‌ବିୟୁ ଘୋଷିତ ପରବର୍ତୀ କାଯ୍ୟସୂଚୀ ଅନୁଯାୟୀ ୨୮, ୨୯ ଓ ୩୦ ସେପ୍ଟେମ୍ବର ୨୦୨୬ରେ ତିନିଦିନିଆ ଅଖିଳ ଭାରତୀୟ ବ୍ୟାଙ୍କ ଧର୍ମଘଟ ଏବଂ ଦାବିଗୁଡ଼ିକର ସମାଧାନ ନହେଲେ ୨୬ ଅକ୍ଟୋବର ୨୦୨୬ରୁ ଅନିର୍ଦ୍ଦିଷ୍ଟକାଳୀନ ବଯାଙ୍କ ଧର୍ମଘଟ ଆରମ୍ଭ କରାଯିବ ବୋଲି କୁହାଯାଇଛି ।

## ଏକାସଙ୍ଗରେ ୯ ଦୋକାନରୁ ଚୋରି

ଖଇରା,(ସବ୍ୟୁ): ବାଲେଶ୍ୱର ଜିଲ୍ଲା ଖଇରା ଥାନା ଅଧୀନ ଗଣ୍ଡିବେଡ ବଜାରରେ କ୍ରମାଗତ ୧୦ରୁ ଉର୍ଦ୍ଧ ଚୋରୀ ଏବଂ ଗୁରୁବାର ରାତିରେ କେବଳ ୯ଦୋକାନ ଚୋରୀ ବଯବସାୟୀଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି କରିଛି । ଏଥିନେଇ ଖଇରା ଥାନାରେ ସଂପୃକ୍ତ ଦୋକାନୀମାନଙ୍କ ପକ୍ଷରୁ ଅଭିଯୋଗ ପରେ ଖଇରା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ ଆରମ୍ଭ କରିଛି । ଚୋର ମାନେ ପ୍ରଫୁଲ୍ଲ ଗିରିଙ୍କ ଟେଲର ଦୋକାନ,ରମେଶ ପ୍ରଧାନଙ୍କ ହାର୍ଡୱେଆର,ସନ୍ତୋଷ ମୁଖି ଓ ମାନସ ମହାନ୍ତିଙ୍କ ଜୋତା ଦୋକାନ,ସୋଫିକ ମାଂସ ଦୋକାନ,ଅଜୟ ସାହୁଙ୍କ ମୋବାଇଲ ମରାମତି,ସନା ମହାରଣାଙ୍କ ଭୋରାଇଟି ଷ୍ଟୋର,କୃଷ୍ଣଚନ୍ଦ୍ର ସାହୁଙ୍କ ମିଠା ଦୋକାନ ଏବଂ ଜଖ ଜେନାଙ୍କ ପାନ ଦୋକାନ ସଟର ଭାଙ୍ଗି ନଗଦ ଟଙ୍କା ଓ ଅନ୍ୟାନ୍ୟ ଆସବାବପତ୍ର ଚୋରାଇ ନେଇଛନ୍ତି ।


# ଫେଡେରାଲ ବ୍ୟାଙ୍କ

## ହାଇଦ୍ରାବାଦ ଜୋନାଲ ଅଫିସ

ଷଷ୍ଠ ମହଲା ଏମପିଏମ ଟାଇମ ସ୍କୋୟାର , ରୋଡ ନଂ.୧ ଦ୍ୱାରକାପୁରୀ, ପୁଞ୍ଜାଗୁଟ୍ଟା, ହାଇଦ୍ରାବାଦ, ତେଲେଙ୍ଗାନା-୫୦୦୦୮୨ ଇ-ମେଲ- hydz@federalbank.bank.in

### ସୁନା ନିଲାମ ସମ୍ବନ୍ଧୀୟ ବିଜ୍ଞପ୍ତି

ଫେଡେରାଲ୍ ବ୍ୟାଙ୍କ ଲିମିଟେଡ୍ (ବ୍ୟାଙ୍କ) ଦ୍ୱାରା ସମସ୍ତ ସମ୍ପୃକ୍ତ ବ୍ୟକ୍ତି ଏବଂ ସାଧାରଣ ଜନତାଙ୍କୁ ଏତଦ୍ୱାରା ସୂଚିତ କରାଯାଉଛି ଯେ, ଋଣଗ୍ରହୀତାମାନେ ସୁନା ଋଣ ନେବା ସମୟରେ ବ୍ୟାଙ୍କ ନିକଟରେ ଜମା କରିଥିବା ସୁନା ଅଳଙ୍କାର/ଗହଣା/ମୁଦ୍ରାଗୁଡ଼ିକୁ ନିଲାମ କରାଯିବ । ବାରମ୍ବାର ନୋଟିସ୍ ଦିଆଯିବା ସତ୍ତ୍ୱେ ଯେଉଁ ଋଣଗ୍ରହୀତାମାନେ ଋଣ ଅର୍ଥ ପରିଶୋଧ କରିବାରେ ବିଫଳ ହୋଇଛନ୍ତି, ସେମାନଙ୍କର ନିମ୍ନଲିଖିତ ଋଣ ଖାତା ପାଇଁ ଏହି ନିଲାମ ପ୍ରକ୍ରିୟା **ଯେଉଁ ଅବସ୍ଥାରେ ଓ ଯେଉଁ ସ୍ଥାନରେ ଅଛି** ସେହି ଆଧାରରେ ଅନୁଷ୍ଠିତ ହେବ ।

### ଖିଲାପି ଋଣ ହିସାବଖାତାର ବିବରଣୀ

| କ୍ର. ନଂ | ଖାତା ନାମ | ଋଣ ଖାତା ନମ୍ବର | ଗହଣା/ମୁଦ୍ରାର ସଂଖ୍ୟା | ମୋଟ ଓଜନ |
|---|---|---|---|---|
| | ଶାଖା: ଅନୁଗୁଳ, ଶଙ୍କର ସିନେମା ରୋଡ଼, ଅନୁଗୁଳ ଟାଉନ ଅନୁଗୁଳ- ୭୫୯୧୨୨, ଯୋଗାଯୋଗ ନଂ.- ୦୮୭୬-୩୧୩୩୧୪୨ | | | |
| କ୍ର. ନଂ | ଖାତା ନାମ | ଋଣ ଖାତା ନମ୍ବର | ଗହଣା/ମୁଦ୍ରାର ସଂଖ୍ୟା | ମୋଟ ଓଜନ |
| ୧ | ଅନିତା ବିଲାସ | ୨୦୨୨୬୪୦୦୧୮୦୭୬୩ | ୬ | ୬୪.୬ |
| ୨ | ଅନିତା ବିଲାସ | ୨୦୨୨୬୯୦୦୦୧୭୩୬୬ | ୨୧ | ୧୪୫ |
| ୩ | ଅଞ୍ଜନା ସାହୁ | ୨୦୨୨୬୯୦୦୦୧୨୪୦୯ | ୪ | ୮ |
| ୪ | ଅନ୍ନପୂର୍ଣ୍ଣା ପ୍ରଧାନ | ୨୦୨୨୬୯୦୦୦୦୧୫୬୮ | ୪ | ୧୮.୨ |
| ୫ | ବିଜୟନ୍ତୀ ମିଶ୍ର | ୨୦୨୨୬୯୦୦୦୦୯୨୦୭ | ୪୮ | ୪୭୬ |
| ୬ | ବୃନ୍ଦାବନ ମହାପାତ୍ର | ୨୦୨୨୬୪୦୦୧୮୫୩୯୦ | ୪୪ | ୨୨୭.୭ |
| ୭ | ବିଭୂତି ସାହୁ | ୨୦୨୨୬୯୦୦୦୦୨୫୪୧ | ୧୦ | ୪୨.୭ |
| ୮ | ଦୈତାରୀ ପ୍ରଧାନ | ୨୦୨୨୬୯୦୦୦୦୯୦୪୧ | ୧ | ୧୮.୫ |
| ୯ | ଦେବୁ ସାହୁ | ୨୦୨୨୬୪୦୦୧୮୫୪୫୭ | ୫୨ | ୨୫୯ |
| ୧୦ | ଦୀପକ ଅଗ୍ରୱାଲ | ୨୦୨୨୬୪୦୦୧୮୪୪୧୯ | ୧୧ | ୧୧୮ |
| ୧୧ | ଦୀପକ ଅଗ୍ରୱାଲ | ୨୦୨୨୬୪୦୦୧୮୪୪୨୭ | ୫ | ୧୪୮.୪ |
| ୧୨ | ଦୀପକ ଅଗ୍ରୱାଲ | ୨୦୨୨୬୪୦୦୧୮୫୫୦୭ | ୧୩ | ୩୧.୨ |
| ୧୩ | ଦୀପକ ଅଗ୍ରୱାଲ | ୨୦୨୨୬୯୦୦୦୧୬୩୨୭ | ୧୨ | ୧୨୫.୭ |
| ୧୪ | ଦୀପକ ଅଗ୍ରୱାଲ | ୨୦୨୨୬୯୦୦୦୧୭୯୫୨ | ୧ | ୧୪.୨ |
| ୧୫ | ଧିରେନ୍ଦ୍ର କୁମାର ବେହେରା | ୨୦୨୨୬୯୦୦୦୦୩୯୪୫ | ୨ | ୧୧.୩ |
| ୧୬ | ଫୁକନ ମହମ୍ମଦ | ୨୦୨୨୬୯୦୦୦୧୦୯୩୨ | ୨୫ | ୧୪୯.୬ |
| ୧୭ | ହିଂମାଂଶୁ ଶେଖର ପତି | ୨୦୨୨୬୯୦୦୦୧୧୬୨୫ | ୭ | ୧୦୦.୪ |
| ୧୮ | ଜଗନ୍ନାଥ ପ୍ରତିକ୍ ବିଶ୍ୱାଳ | ୨୦୨୨୬୯୦୦୦୧୬୧୪୫ | ୨ | ୯.୩ |
| ୧୯ | ଜିତେନ୍ଦ୍ର କୁମାର ପ୍ରଧାନ | ୨୦୨୨୬୯୦୦୦୦୪୦୨୬ | ୮ | ୩୮.୨ |
| ୨୦ | ଜ୍ୟୋତି ଅଗ୍ରୱାଲ | ୨୦୨୨୬୪୦୦୧୮୫୩୪୧ | ୧୦ | ୨୩୦.୨ |
| ୨୧ | ଜ୍ୟୋତି ଅଗ୍ରୱାଲ | ୨୦୨୨୬୪୦୦୧୮୫୫୧୫ | ୧ | ୧୭୯.୭ |
| ୨୨ | ଜ୍ୟୋତି ଅଗ୍ରୱାଲ | ୨୦୨୨୬୯୦୦୦୧୮୫୧୩ | ୨ | ୩୫.୨ |
| ୨୩ | କବିତା ବେହେରା | ୨୦୨୨୬୯୦୦୦୧୧୦୨୧ | ୩ | ୧୬.୨ |
| ୨୪ | କମଳାକାନ୍ତ ବେହେରା | ୨୦୨୨୬୯୦୦୦୧୨୬୫୬ | ୧୨ | ୨୨.୨ |
| ୨୫ | କମଳାକାନ୍ତ ବେହେରା | ୨୦୨୨୬୯୦୦୦୧୪୩୬୩ | ୮ | ୭୫.୩ |
| ୨୬ | ଖୁକନ ସାମଲ୍ | ୨୦୨୨୬୯୦୦୦୧୧୯୩୦ | ୪ | ୫.୯ |
| ୨୭ | ଖୁକନ ସାମଲ୍ | ୦୨୨୬୯୦୦୦୨୧୦୨୦ | ୧୬ | ୪୮.୮ |
| ୨୮ | ଖୁକନ ସାମଲ୍ | ୨୦୨୨୬୯୦୦୦୨୧୦୨୦ | ୧୬ | ୪୮.୮ |
| ୨୯ | କୁମାର ସାହୁ | ୨୦୨୨୬୯୦୦୦୦୪୨୨୪ | ୪ | ୨୮.୩ |
| ୩୦ | ମାର ସାହୁ | ୨୦୨୨୬୯୦୦୦୧୮୬୩୮ | ୫ | ୧୭.୫ |
| ୩୧ | ଲକ୍ଷ୍ମୀରାଣୀ ବାରିକ | ୨୦୨୨୬୯୦୦୦୦୯୯୫୯ | ୨୬ | ୧୨୭.୨ |
| ୩୨ | ମମିତା ପ୍ରଧାନ | ୨୦୨୨୬୯୦୦୦୦୩୨୯୧ | ୪ | ୪୯.୭ |
| ୩୩ | ମନୋଜ ବିଶ୍ୱାଳ | ୨୦୨୨୬୯୦୦୦୧୧୭୮୧ | ୩ | ୧୬ |
| ୩୪ | ନୟନୀ ସାହୁ | ୨୦୨୨୬୯୦୦୦୦୧୭୪୧ | ୧ | ୧୪.୯ |
| ୩୫ | ରମାକାନ୍ତ ପ୍ରଧାପ | ୨୦୨୨୬୯୦୦୦୧୧୬୬୬ | ୧୭ | ୩୮୧.୩ |
| ୩୬ | ରମେଶ ଦେହୁରୀ | ୨୦୨୨୬୯୦୦୦୦୯୦୨୫ | ୧ | ୨୩.୧ |
| ୩୭ | ରଞ୍ଜିତ ସାହୁ | ୨୦୨୨୬୯୦୦୦୧୧୪୩୫ | ୨ | ୨୩.୬ |
| ୩୮ | ରଞ୍ଜିତ ସାହୁ | ୨୦୨୨୬୯୦୦୦୧୨୨୪୩ | ୧ | ୧୧.୫ |
| ୩୯ | ରଞ୍ଜିତ ସାହୁ | ୨୦୨୨୬୯୦୦୦୧୭୬୬୩ | ୧୦ | ୮୫.୮ |
| ୪୦ | ରିପନ ପ୍ରଧାନ | ୨୦୨୨୬୯୦୦୦୦୯୬୩୭ | ୧୫ | ୯୪.୭ |
| ୪୧ | ରୋଜାଲିନ୍ ବେହେରା | ୨୦୨୨୬୪୦୦୧୮୪୯୮୯ | ୭ | ୮୧.୮ |
| ୪୨ | ସାଗରିକା କର | ୨୦୨୨୬୯୦୦୦୧୩୯୨୮ | ୫୩ | ୩୫୫ |
| ୪୩ | ସସ୍ମିତା ବେହେରା | ୨୦୨୨୬୪୦୦୧୮୫୩୩୩ | ୨୪ | ୨୧୯.୬ |
| ୪୪ | ଶ୍ରୀକାନ୍ତ ସାହୁ | ୨୦୨୨୬୯୦୦୦୦୯୩୬୩ | ୧ | ୧୦.୭ |
| ୪୫ | ଶ୍ରୀକାନ୍ତ ସାହୁ | ୨୦୨୨୬୯୦୦୦୧୦୯୯୯ | ୨ | ୨୯.୭ |
| ୪୬ | ଶ୍ରୀକାନ୍ତ ସାହୁ | ୨୦୨୨୬୯୦୦୦୧୨୧୨୮ | ୧ | ୨୬.୬ |
| ୪୭ | ସୁବାଚ ଚନ୍ଦ୍ର ସାହୁ | ୨୦୨୨୬୯୦୦୦୦୨୧୫୨ | ୪ | ୨୭.୮ |
| ୪୮ | ସୁବାସ ଚନ୍ଦ୍ର ସାହୁ | ୨୦୨୨୬୯୦୦୦୧୧୮୨୩ | ୨୩ | ୧୨୬ |
| ୪୯ | ସୁବାସ ଗଡନାୟକ | ୨୦୨୨୬୯୦୦୦୧୨୩୩୪ | ୨ | ୩୧.୫ |
| ୫୦ | ସୁବାସ ଗଡନାୟକ | ୨୦୨୨୬୯୦୦୦୧୨୩୪୨ | ୧ | ୨୭.୫ |
| ୫୧ | ସୁବ୍ରତ ବିଶ୍ୱାଳ | ୨୦୨୨୬୯୦୦୦୦୯୧୦୮ | ୫ | ୮.୧ |
| ୫୨ | ସୁଜ୍ଞାନୀ ବିଶ୍ୱାଳ | ୨୦୨୨୬୯୦୦୦୦୨୦୪୬ | ୧ | ୨୭.୫ |
| ୫୩ | ସୁଜାତା ଦେହୁରୀ | ୨୦୨୨୬୯୦୦୦୦୯୭୨୮ | ୬ | ୧୨.୬ |
| ୫୪ | ସୁନିତ କୁମାର ପ୍ରଧାନ | ୨୦୨୨୬୪୦୦୧୮୫୧୯୨ | ୧୭ | ୧୮୮.୩ |
| ୫୫ | ସୁନିତ କୁମାର ପ୍ରଧାନ | ୨୦୨୨୬୪୦୦୧୮୫୨୦୦ | ୪ | ୩୦ |
| ୫୬ | ସୁନୀତା ସାହୁ | ୨୦୨୨୬୯୦୦୦୧୦୫୫୧ | ୧୮ | ୮୫.୨ |
| ୫୭ | ସୁସିଲ କୁମାର ନାଥ | ୨୦୨୨୬୪୦୦୧୮୫୩୮୨ | ୩୪ | ୨୧୩.୫ |
| ୫୮ | ସୁସିଲ କୁମାର ନାଥ | ୨୦୨୨୬୪୦୦୧୮୫୬୫୫ | ୪ | ୧୩.୯ |
| | ଶାଖା: ବାଲେଶ୍ୱର, ଗ୍ରାଉଣ୍ଡ ଫ୍ଲୋର, ସିଟି ପ୍ଲାଜା, ବିବେକାନନ୍ଦ ମାର୍ଗ, ବାଲେଶ୍ୱର–୭୫୬୦୦୧ ଯୋଗାଯୋଗ ନଂ: ୦୬୭୮୨–୨୬୨୬୮୭ | | | |
| ୫୯ | ବିକାଶ କୁମାର ମହାନ୍ତି | ୨୧୫୫୬୪୦୦୧୦୧୬୩ | ୧୬ | ୯୨ |
| ୬୦ | ବିକାଶ କୁମାର ମହାନ୍ତି | ୨୧୫୫୬୪୦୦୧୦୧୭୧୯ | ୫ | ୬୮.୬ |
| ୬୧ | ବିକାଶ କୁମାର ମହାନ୍ତି | ୨୧୫୫୬୪୦୦୧୦୧୭୨୭ | ୫ | ୪୩.୭ |
| ୬୨ | ଚନ୍ଦନ ଦାଶ | ୨୧୫୫୬୪୦୦୧୦୧୯୪୧ | ୨ | ୭.୩ |
| ୬୩ | ଚନନ ଦାଶ | ୨୧୫୫୬୪୦୦୧୦୨୭୪୧ | ୩୯ | ୧୮୪.୮ |
| ୬୪ | କାଜଲ ବର୍ମନ | ୨୧୫୫୬୪୦୦୦୯୯୦୩୮ | ୫ | ୨୮.୫ |
| ୬୫ | ମାଲାୟ କୁମାର ରଏ | ୨୧୫୫୬୪୦୦୧୦୩୦୦୪ | ୮ | ୧୨୦.୨ |
| ୬୬ | ମନୋଜ କୁମାର ସାମଲ | ୨୧୫୫୬୪୦୦୧୦୨୯୦୭ | ୩ | ୫୩ |
| ୬୭ | ଶୁଭଲକ୍ଷ୍ମୀ ବାରିକ | ୨୧୫୫୬୪୦୦୧୦୧୩୫୪ | ୪ | ୭୧.୬ |
| ୬୮ | ଶୁଭଲକ୍ଷ୍ମୀ ବାରିକ | ୨୧୫୫୬୪୦୦୧୦୧୩୬୨ | ୧ | ୭୫.୩ |
| ୬୯ | ଶୁଭଲକ୍ଷ୍ମୀ ବାରିକ | ୨୧୫୫୬୯୦୦୦୦୯୧୯୮ | ୮୭ | ୪୬୬.୯ |
| ୭୦ | ସୁରଞ୍ଜନ ବାରିକ୍ | ୨୧୫୫୬୪୦୦୧୦୩୯୦୫ | ୧ | ୫୩.୧ |
| ୭୧ | ତପନ କୁମାର ପାକଲ | ୨୧୫୫୬୯୦୦୦୦୪୪୧୩ | ୧ | ୪.୬ |
| | ଶାଖା: ବାରିପଦା, ୱାର୍ଡ ନଂ ୮ଏ୧– ଦେଉଳସାହି ପୋ: ବାରିପଦା, ମୟୂରଭଞ୍ଜ –୭୫୭୦୦୧ ଯୋଗାଯୋଗ ନଂ: ୦୬୭୯–୨୨୫୬୫୦୦ | | | |
| ୭୨ | ଜୟନ୍ତ ଲେଙ୍କା | ୨୨୨୦୬୪୦୦୦୧୨୪୮୭ | ୩୧ | ୧୬୬.୧ |
| ୭୩ | ଜୟନ୍ତ ଲେଙ୍କା | ୨୨୨୦୬୪୦୦୦୧୨୭୨୭ | ୨ | ୩୦.୫ |
| | ଶାଖା: ଭଦ୍ରକ, ଗ୍ରାଉଣ୍ଡ ଫ୍ଲୋର, ଆଦିତି କମର୍ସିଆଲ୍ କମ୍ପ୍ଲେକ୍ସ, ବିପରୀତ ବିଶ୍ୱାଳ ବିକ୍ରୟ ନିଗମ, ଗୋପାବନ୍ଧୁ ନଗର, ଚରମ୍ପା, ପୋ–୭୫୬୧୦୧ ଯୋଗାଯୋଗ ନଂ: ୦୬୭୮୪–୨୫୦୧୦୮ | | | |
| ୭୪ | ଅଜୟ କୁମାର ମହାପାତ୍ର | ୨୦୨୩୬୪୦୦୦୯୧୨୧୭ | ୮ | ୫୫.୭ |
| ୭୫ | ଅଜୟ କୁମାର ମହାପାତ୍ର | ୨୦୨୩୬୯୦୦୦୦୪୬୭୮ | ୫ | ୨୭.୯ |
| ୭୬ | ଅଳକା ଜେନା | ୨୦୨୩୬୯୦୦୦୦୬୯୧୩ | ୧ | ୯.୩ |
| ୭୭ | ଅଳକା ଜେନା | ୨୦୨୩୬୯୦୦୦୦୭୨୧୮ | ୫ | ୮.୧ |
| ୭୮ | ଅଳକା ଜେନା | ୨୦୨୩୬୯୦୦୦୧୦୮୩୨ | ୧ | ୫.୪ |
| ୭୯ | ମାଳତୀଲତା ସେଠୀ | ୨୦୨୩୬୯୦୦୦୦୭୦୨୮ | ୧ | ୬.୮ |
| ୮୦ | ସନ୍ତୋଷ ପୁହାଣ | ୨୦୨୩୬୯୦୦୦୦୧୪୬୮ | ୧୮ | ୨୫.୮ |
| ୮୧ | ସନ୍ତୋଷ ପୁହାଣ | ୨୦୨୩୬୯୦୦୦୧୦୭୭୪ | ୫ | ୮ |
| ୮୨ | ସୀତାକାନ୍ତ ନାୟକ | ୨୦୨୩୬୪୦୦୦୯୨୮୧୯ | ୨୪ | ୯୭.୮ |
| ୮୩ | ସୌମ୍ୟ ଗୋପାଳ ନାୟକ | ୨୦୨୩୬୯୦୦୦୦୫୮୩୨ | ୨ | ୩.୬ |
| ୮୪ | ସୁପ୍ରଭା ଦାସ | ୨୦୨୩୬୯୦୦୦୦୭୧୮୪ | ୭ | ୧୧ |
| | ଶାଖା: ଭବାନୀପାଟଣା, ଜଗନ୍ନାଥ ମନ୍ଦିର ରୋଡ୍, ଭବାନୀପାଟଣା କାଳାହାଣ୍ଡି –୭୬୬୦୦୧ ଯୋଗାଯୋଗ ନଂ: ୦୬୬୭୦–୨୩୦୪୦୫ | | | |
| ୮୫ | ଚାରୁ ଚନ୍ଦ୍ର ମେହେର୍ | ୨୧୯୨୬୯୦୦୦୦୪୨୫୧ | ୧ | ୫.୧ |
| ୮୬ | ଧନଞ୍ଜୟ ତିୱାରୀ | ୨୧୯୨୬୯୦୦୦୦୦୯୩୭ | ୧ | ୧୦.୫ |
| ୮୭ | ଧର୍ମାନନ୍ଦ ସାହୁ | ୨୧୯୨୬୧୦୦୦୦୬୨୪୭ | ୨ | ୬.୨୮ |
| ୮୮ | ଧର୍ମାନନ୍ଦ ସାହୁ | ୨୧୯୨୬୯୦୦୦୦୪୯୨୧ | ୪ | ୧୨.୯୮ |
| | ଶାଖା: ଭୁବନେଶ୍ୱର / ଚନ୍ଦ୍ରଶେଖରପୁର, ଶିକ୍ସା ସୀମା ନିର୍ମାଣ ପ୍ରାଇଭେଟ୍ ଲିମିଟେଡ୍, ପ୍ଲଟ୍ ନଂ. ୩୫୩ / ୧୮୩୩/୨୦୮୭, ସିଇବି କଲେଜ ସମ୍ମୁଖରେ, ଇନଫୋସିସ୍ ରୋଡ୍, ଭୁବନେଶ୍ୱର, ଖୋର୍ଦ୍ଧା –୭୫୧୦୨୪ | | | |
| ୮୯ | ଅମିତ କୁମାର ସାମଲ | ୨୩୧୧୬୪୦୦୦୨୮୭୦୭ | ୧୨ | ୩୮.୯ |
| ୯୦ | ଭୂପତି ଭୂଷଣ ଷଡ଼ଙ୍ଗୀ | ୨୩୧୧୬୯୦୦୦୦୧୫୨୭ | ୨ | ୧୩.୩ |
| ୯୧ | ଦେବାଶୀଷ ପଣ୍ଡା | ୨୩୧୧୬୪୦୦୦୩୦୦୦୦ | ୬ | ୯୫.୬ |
| ୯୨ | ଗାୟତ୍ରୀ ମହାନ୍ତି | ୨୩୧୧୬୪୦୦୦୨୯୮୫୩ | ୩୦ | ୨୫୮.୫ |
| ୯୩ | ଗିରିଜା ଶଙ୍କର ଦାସ | ୨୩୧୧୬୯୦୦୦୦୦୮୬୭ | ୧ | ୧୦ |
| ୯୪ | ଜୋସ୍ନାରାଣୀ ନନ୍ଦ | ୨୩୧୧୬୪୦୦୦୩୦୪୩୦ | ୩୧ | ୨୪୨.୩ |
| ୯୫ | କାମାକ୍ଷୀ ପ୍ରସାଦ ଦଳାଇ | ୨୩୧୧୬୪୦୦୦୩୦୩୪୯ | ୩ | ୭.୭ |
| ୯୬ | କାମାକ୍ଷୀ ପ୍ରସାଦ ଦଳାଇ | ୨୩୧୧୬୪୦୦୦୩୦୩୫୬ | ୫ | ୧୦.୫ |
| ୯୭ | କପିଳେଶ୍ୱର ବାରିକ | ୨୩୧୧୬୪୦୦୦୨୮୯୩୯ | ୧୮ | ୪୭.୯ |
| ୯୮ | କୌଶିକ ପାତ୍ର | ୨୩୧୧୬୪୦୦୦୨୩୬୪୧ | ୨୦ | ୩୩୭.୮ |
| ୯୯ | କୃଷ୍ଣବାଲା ମହାପାତ୍ର | ୨୩୧୧୬୪୦୦୦୨୭୦୬୩ | ୨୫ | ୧୦୮.୮ |
| ୧୦୦ | ମାନସ ରଂଜନ ସେଠୀ | ୨୩୧୧୬୯୦୦୦୦୧୩୪୩ | ୨ | ୨୭.୨ |
| ୧୦୧ | ମାନସ ରଂଜନ ସେଠୀ | ୨୩୧୧୬୯୦୦୦୦୦୪୯୫ | ୧ | ୧୪.୩ |
| ୧୦୨ | ମାନସ ରଂଜନ ସେଠୀ | ୨୩୧୧୬୯୦୦୦୦୦୫୯୪ | ୪ | ୧୨.୪ |
| ୧୦୩ | ନିରଂଜନ ବେହେରା | ୨୩୧୧୬୯୦୦୦୦୧୫୪୩ | ୩ | ୫.୦୧ |
| ୧୦୪ | ନିରଂଜନ ବେହେରା | ୨୩୧୧୬୯୦୦୦୦୧୬୧୮ | ୧ | ୭.୭ |
| ୧୦୫ | ନିରଂଜନ ବେହେରା | ୨୩୧୧୬୯୦୦୦୦୧୬୨୬ | ୮ | ୩୪.୩ |
| ୧୦୬ | ନିରଂଜନ ବେହେରା | ୨୩୧୧୬୯୦୦୦୦୧୭୫୮ | ୫ | ୬.୯ |
| ୧୦୭ | ରବି ନାରାୟଣ କର | ୨୩୧୧୬୪୦୦୦୨୯୮୨୦ | ୪୦ | ୧୭୬.୦୪ |
| ୧୦୮ | ରଣଜିତା ମହାପାତ୍ର | ୨୩୧୧୬୪୦୦୦୨୯୪୬୫ | ୨ | ୩୬.୨୨ |
| ୧୦୯ | ସସ୍ମିତା ଦାସ | ୨୩୧୧୬୪୦୦୦୨୯୦୨୮ | ୧ | ୧୬.୭ |
| ୧୧୦ | ସେବାସ୍ତିଆନ ଭରଗେସ୍ | ୨୩୧୧୬୪୦୦୦୨୩୭୭୩ | ୧ | ୧୧.୭ |
| ୧୧୧ | ସେବାସ୍ତିଆନ ଭରଗେସ୍ | ୨୩୧୧୬୪୦୦୦୨୭୨୩୮ | ୧ | ୧୩.୭ |
| ୧୧୨ | ସେବାସ୍ତିଆନ ଭରଗେସ୍ | ୨୩୧୧୬୪୦୦୦୨୭୬୭୫ | ୬ | ୯୪.୬ |
| ୧୧୩ | ସେବାସ୍ତିଆନ ଭରଗେସ୍ | ୨୩୧୧୬୪୦୦୦୨୭୬୮୩ | ୧ | ୪୨.୯ |
| ୧୧୪ | ସେବାସ୍ତିଆନ ଭରଗେସ୍ | ୨୩୧୧୬୪୦୦୦୨୮୨୩୬ | ୧ | ୪.୯ |
| ୧୧୫ | ସୋନାଲି ସୁଚରିତା ତ୍ରିପାଠୀ | ୨୩୧୧୬୪୦୦୦୨୯୦୯୩ | ୫ | ୩୬.୭ |
| ୧୧୬ | ସୋନାଲି ସୁଚରିତା ତ୍ରିପାଠୀ | ୨୩୧୧୬୪୦୦୦୨୯୯୯୪ | ୩ | ୯୯.୮ |
| | ଶାଖା: ଭୁବନେଶ୍ୱର / କଳ୍ପନା ସ୍କୋୟାର, ୬୨, ବୁଦ୍ଧନଗର, କଟକ ରୋଡ, କଳ୍ପନା ସ୍କୋୟାର ଭୁବନେଶ୍ୱର –୭୫୧୦୦୬ ଯୋଗାଯୋଗ ନଂ: ୯୧–୬୭୪–୨୩୧୪୪୪୫,୯୧–୬୭୪–୨୩୫୦୯୮୬ | | | |
| ୧୧୭ | ବାବୁଲି ବାରିକ୍ | ୧୫୧୩୬୪୦୦୦୩୯୩୯୭ | ୫ | ୧୨୨.୫୯ |
| ୧୧୮ | ଦେବୀଦତ୍ତ ମହାନ୍ତି | ୧୫୧୩୬୪୦୦୦୩୮୧୩୪ | ୧୫ | ୩୬.୪ |
| ୧୧୯ | ରଙ୍ଗଲତା ବାରିକ୍ | ୧୫୧୩୬୯୦୦୦୦୨୭୮୮ | ୭ | ୨୩.୬ |
| | ଶାଖା: ଭୁବନେଶ୍ୱର, ୧୪ ବି ଫାଷ୍ଟଫ୍ଲୋର, ଜନପଥ, ବାପୁଜୀ ନାଗର –୭୫୧୦୦୯ ଯୋଗାଯୋଗ ନମ୍ବର: ୯୧–୬୭୪–୨୫୩୨୦୫୭,୯୧–୬୭୪–୨୫୯୭୩୩୪ | | | |
| ୧୨୦ | କାଜଲ ମିଶ୍ର | ୧୨୩୨୬୪୦୦୦୨୮୯୧୧ | ୫ | ୭୯.୫ |
| ୧୨୧ | କାଜଲ୍ ମିଶ୍ର | ୧୨୩୨୬୪୦୦୦୨୯୩୪୯ | ୨୫ | ୧୫୫ |
| ୧୨୨ | ମନସ୍ୱୀନି ପ୍ରଧାନ | ୧୨୩୨୬୪୦୦୦୩୧୨୩୮ | ୫୫ | ୧୪୩.୬ |
| ୧୨୩ | ପିୟୁଷ ପ୍ରଧାନ | ୧୨୩୨୬୪୦୦୦୩୧୪୭୭ | ୧୧ | ୨୨୮.୧ |
| ୧୨୪ | ରଂଜିତା ମହାପାତ୍ର | ୧୨୩୨୬୪୦୦୦୨୯୦୮୩ | ୪ | ୧୮ |
| ୧୨୫ | ରଶ୍ମୀରଞ୍ଜନ ସାହୁ | ୧୨୩୨୬୪୦୦୦୨୮୯୩୭ | ୩ | ୨୩.୩ |
| ୧୨୬ | ରଶ୍ମୀରଞ୍ଜନ ସାହୁ | ୧୨୩୨୬୯୦୦୦୧୧୭୪୮ | ୧ | ୧୭.୨ |
| ୧୨୭ | ରଶ୍ମୀରଞ୍ଜନ ସାହୁ | ୧୨୩୨୬୯୦୦୦୧୧୭୪୮ | ୧ | ୧୭.୨ |
| ୧୨୮ | ସସ୍ମିତା ଦାସ | ୧୨୩୨୬୪୦୦୦୨୯୭୨୯ | ୧ | ୨୦.୨ |
| | ଶାଖା: ବ୍ରହ୍ମପୁର, କାମାସ୍ ଇନ୍ ବିଲଡିଂ, ଟାଟା ବେଞ୍ଜ୍ ସ୍କୋୟାର୍, ଜନାନା ହସ୍ପିଟାଲ୍ ରୋଡ୍ –୭୬୦୦୦୫ | | | |
| ୧୨୯ | ଅମର ପାତ୍ର | ୨୪୦୩୬୪୦୦୦୦୯୨୯୨ | ୪ | ୩୯.୪ |
| ୧୩୦ | ଅମର ପାତ୍ର | ୨୪୦୩୬୪୦୦୦୧୫୯୫ | ୨୦ | ୫୯.୯ |
| ୧୩୧ | ଅମର ପାତ୍ର | ୨୪୦୩୬୪୦୦୦୧୧୬୦୩ | ୧୫ | ୭୩.୪ |
| ୧୩୨ | ଚନ୍ଦ୍ରଶେଖର ପାତ୍ର | ୨୪୦୩୬୪୦୦୦୧୧୧୫୭ | ୨୦ | ୧୫୩.୫ |
| ୧୩୩ | ଚନ୍ଦ୍ରଶେଖର ପାତ୍ର | ୨୪୦୩୬୪୦୦୦୧୧୧୬୫ | ୫ | ୧୦୨.୭ |
| ୧୩୪ | ଦୀଲ୍ଲିପ ଗୌଡ଼ | ୨୪୦୩୬୪୦୦୦୧୧୧୨୪ | ୭ | ୧୬୩.୪ |
| ୧୩୫ | କେ. ବାବି ଦାସ | ୨୪୦୩୬୪୦୦୦୧୦୪୫୬ | ୪ | ୪୩.୧ |
| ୧୩୬ | ସୁଜନ ଶୁକ୍ଳା | ୪୦୩୬୪୦୦୦୧୧୦୩୩ | ୪୦ | ୨୧୩.୮ |
| ୧୩୭ | ସୁକ୍କୁ ପାତ୍ର | ୨୪୦୩୬୪୦୦୦୧୦୯୫୧ | ୭ | ୧୪୧.୩ |
| ୧୩୮ | ସୁରଭୀ ପାତ୍ରୋ | ୨୪୦୩୬୪୦୦୦୦୯୬୧୫ | ୧୫ | ୬୧.୫ |
| ୧୩୯ | ସୁରଭୀ ପାତ୍ରୋ | ୨୪୦୩୬୪୦୦୦୧୧୦୦୯ | ୫ | ୪୧.୯ |
| ୧୪୦ | ସୁରଭୀ ପାତ୍ରୋ | ୨୪୦୩୬୪୦୦୦୧୧୫୮୭ | ୭ | ୬୬.୮୭ |
| ୧୪୧ | ଶ୍ୟାମଘନ ପରିଡ଼ା | ୨୪୦୩୬୪୦୦୦୧୧୬୬୦ | ୬ | ୪୩.୦୮ |
| ୧୪୨ | ଶ୍ୟାମଘନ ପରିଡ଼ା | ୨୪୦୩୬୪୦୦୦୧୧୭୧୦ | ୪ | ୨୨.୨୯ |
| ୧୪୩ | ଶ୍ୟାମଘନ ପରିଡ଼ା | ୨୪୦୩୬୪୦୦୦୧୧୭୨୮ | ୧ | ୧୫.୬ |
| ୧୪୪ | ଶ୍ୟାମଘନ ପରିଡ଼ା | ୨୪୦୩୬୪୦୦୦୧୧୮୭୬ | ୨ | ୧୫.୯୭ |
| ୧୪୫ | ଟିକି ପାତ୍ର | ୨୪୦୩୬୪୦୦୦୧୦୯୯୩ | ୩୩ | ୨୭୧.୩ |
| ୧୪୬ | ଟୁନି ଗୌଡ଼ | ୨୪୦୩୬୪୦୦୦୧୧୨୮୦ | ୨୪ | ୧୬୯.୫ |
| | ଶାଖା: କଟକ, ବକ୍ସିବାଜାର ରୋଡ୍, ପେଟ୍ରୋଲ୍ ପମ୍ପ ନିକଟରେ, କଟକ–୭୫୩୦୦୧, ଯୋଗାଯୋଗ ନଂ: ୯୧–୬୭୧–୨୩୧୨୦୩୮ | | | |
| ୧୪୭ | ପ୍ରଣୟ କୁମାର ସାମନ୍ତରାୟ | ୧୩୭୭୬୪୦୦୦୯୫୫୭୬ | ୨ | ୨୪.୯ |
| ୧୪୮ | ପ୍ରଣୟ କୁମାର ସାମନ୍ତରାୟ | ୧୩୭୭୬୪୦୦୦୯୬୩୪୩ | ୪ | ୭୭.୧ |
| ୧୪୯ | ପ୍ରଣୟ କୁମାର ସାମନ୍ତରାୟ | ୧୩୭୭୬୪୦୦୦୯୬୬୭୩ | ୩୫ | ୧୫୫.୬ |
| ୧୫୦ | ରାମକୃଷ୍ଣ ଦାସ | ୧୩୭୭୬୪୦୦୦୯୬୮୫୫ | ୫୫ | ୨୩୬.୮ |
| ୧୫୧ | ରେବତୀ ଦାଶ | ୧୩୭୭୬୪୦୦୦୯୬୮୪୮ | ୩୮ | ୨୩୬.୬ |
| ୧୫୨ | ରୀନାରାଣୀ ବ୍ରହ୍ମା | ୧୩୭୭୬୪୦୦୦୯୫୧୫୪ | ୫ | ୩୫.୧ |
| ୧୫୩ | ରୂପାଲି ସ୍ୱାଇଁ | ୧୩୭୭୬୪୦୦୦୯୫୧୦୫ | ୨୭ | ୩୨୭.୪ |
| ୧୫୪ | ସଂଯୁକ୍ତା ବେହେରା | ୧୩୭୭୬୪୦୦୦୯୬୮୬୩ | ୩ | ୨୧.୩ |
| ୧୫୫ | ସଂଯୁକ୍ତା ବେହେରା | ୧୩୭୭୬୪୦୦୦୯୬୮୭୧ | ୩ | ୧୪.୮ |
| ୧୫୬ | ସଂଯୁକ୍ତା ବେହେରା | ୧୩୭୭୬୪୦୦୦୯୬୮୮୯ | ୩ | ୩୮.୧ |
| ୧୫୭ | ସୁବାସ ଚନ୍ଦ୍ର ନାଥ | ୧୩୭୭୬୧୦୦୦୪୩୧୨୪ | ୨ | ୫୩ |
| | ଶାଖା: କଟକ / ଚୌଧୁରୀ ବଜାର, ନୟା ସଡ଼କ, କଟକ, ଓଡିଶା –୭୫୩୦୦୨ | | | |
| ୧୫୮ | ଅସଦ ଅହମ୍ମଦ | ୨୬୧୮୬୪୦୦୦୦୧୮୦୩ | ୨ | ୫୩ |
| ୧୫୯ | ପି. ରାଜଶେଖର ରାଓ | ୨୬୧୮୬୪୦୦୦୦୩୧୬୩ | ୭ | ୧୮୬.୧ |
| ୧୬୦ | ପ୍ରୀତିଛନ୍ଦା ବେହେରା | ୨୬୧୮୬୪୦୦୦୦୨୫୩୮ | ୧ | ୧୩.୨ |
| ୧୬୧ | ପ୍ରୀତିଛନ୍ଦା ବେହେରା | ୨୬୧୮୬୪୦୦୦୦୨୯୮୩ | ୧ | ୧୦.୭ |
| ୧୬୨ | ପ୍ରୀତିଛନ୍ଦା ବେହେରା | ୨୬୧୮୬୪୦୦୦୦୩୨୩୯ | ୫ | ୫.୩ |
| ୧୬୩ | ପ୍ରୀତିଛନ୍ଦା ବେହେରା | ୨୬୧୮୬୪୦୦୦୦୩୩୫୩ | ୧ | ୮.୪ |
| ୧୬୪ | ପ୍ରୀତିଛନ୍ଦା ବେହେରା | ୨୬୧୮୬୪୦୦୦୦୩୩୬୧ | ୮ | ୧୧ |
| ୧୬୫ | ପ୍ରୀତିଛନ୍ଦା ବେହେରା | ୨୬୧୮୬୪୦୦୦୦୩୩୭୯ | ୧ | ୨୪.୫ |
| ୧୬୬ | ପ୍ରୀତିଛନ୍ଦା ବେହେରା | ୨୬୧୮୬୪୦୦୦୦୩୪୭୮ | ୧୦ | ୬.୮ |
| ୧୬୭ | ପ୍ରୀତିଛନ୍ଦା ବେହେରା | ୨୬୧୮୬୪୦୦୦୦୩୫୨୮ | ୫ | ୪.୪ |
| ୧୬୮ | ପ୍ରୀତିଛନ୍ଦା ବେହେରା | ୨୬୧୮୬୪୦୦୦୦୩୭୪୨ | ୧ | ୪୧.୬ |
| ୧୬୯ | ପ୍ରୀତିଛନ୍ଦା ବେହେରା | ୨୬୧୮୬୪୦୦୦୦୩୭୪୨ | ୧ | ୪୧.୬ |
| ୧୭୦ | ଶୈଳବାଳା ବେହେରା | ୨୬୧୮୬୪୦୦୦୦୩୨୪୭ | ୧୮ | ୫୧.୪୨ |
| ୧୭୧ | ଶୈଳବାଳା ବେହେରା | ୨୬୧୮୬୪୦୦୦୦୩୨୫୪ | ୫ | ୩୮.୮ |
| ୧୭୨ | ସଂଯୁକ୍ତା ବେହେରା | ୨୬୧୮୬୪୦୦୦୦୩୫୩୬ | ୪ | ୯୫.୨ |
| ୧୭୩ | ସରୋଜ କୁମାର ମହାରଣା | ୨୬୧୮୬୪୦୦୦୦୨୮୨୭ | ୨ | ୬.୬୬ |
| ୧୭୪ | ସରୋଜ କୁମାର ମହାରଣା | ୨୬୧୮୬୪୦୦୦୦୩୦୧୫ | ୨ | ୪୭ |
| ୧୭୫ | ସରୋଜ କୁମାର ମହାରଣା | ୨୬୧୮୬୪୦୦୦୦୩୦୨୩ | ୯ | ୯୯.୬ |
| ୧୭୬ | ସରୋଜ କୁମାର ମହାରଣା | ୨୬୧୮୬୪୦୦୦୦୩୦୪୯ | ୫ | ୩୩.୯ |
| ୧୭୭ | ସରୋଜ କୁମାର ମହାରଣା | ୨୬୧୮୬୪୦୦୦୦୩୧୭୧ | ୬ | ୪୫.୩ |
| ୧୭୮ | ଶ୍ରୀକାନ୍ତ ଦାସ | ୨୬୧୮୬୪୦୦୦୦୧୮୭୮ | ୧୩ | ୨୨୬.୯୯ |
| ୧୭୯ | ଶ୍ରୀକାନ୍ତ ଦାସ | ୨୬୧୮୬୪୦୦୦୦୨୫୮୭ | ୧୯ | ୭୫.୫ |
| ୧୮୦ | ତରୁଣ କୁମାର ନାୟକ | ୨୬୧୮୬୪୦୦୦୦୩୧୪୮ | ୨ | ୨୨.୧୫ |
| ୧୮୧ | ତରୁଣ କୁମାର ନାୟକ | ୨୬୧୮୬୪୦୦୦୦୩୧୫୫ | ୨ | ୧୩.୨ |
| ୧୮୨ | ତରୁଣ କୁମାର ନାୟକ | ୨୬୧୮୬୪୦୦୦୦୩୮୭୪ | ୧ | ୧୦.୬ |
| ୧୮୩ | ତରୁଣ କୁମାର ନାୟକ | ୨୬୧୮୬୪୦୦୦୦୩୮୭୪ | ୧ | ୧୦.୬ |
| | ଶାଖା: ଢେଙ୍କାନାଳ, ଚନ୍ଦନ ବଜାର, ନୂଆ ଶାସନ ସ୍କୋୟାର, ଜିଲ୍ଲା ହେଡକ୍ୱାର୍ଟର ହସ୍ପିଟାଲ –୭୫୯୦୦୧ ନିକଟରେ ଯୋଗାଯୋଗ ନଂ: ୦୬୭୬୨–୨୨୩୨୫୮ | | | |
| ୧୮୪ | ଛବିରାମ ସାହୁ | ୨୧୬୦୬୯୦୦୦୦୦୪୮୯ | ୧୨ | ୩୪ |
| ୧୮୫ | ଦୀପକ କୁମାର ସେନାପତି | ୨୧୬୦୬୪୦୦୦୪୯୯୮୬ | ୨ | ୪୮.୩୯ |
| ୧୮୬ | ଦୀପକ କୁମାର ସେନାପତି | ୨୧୬୦୬୯୦୦୦୦୦୫୨୧ | ୩ | ୩୭.୩୫ |
| ୧୮୭ | ଶିବପ୍ରସାଦ ଜେନା | ୨୧୬୦୬୧୦୦୦୦୫୦୪୯ | ୧ | ୨.୮୭ |
| | ଶାଖା: ଯାଜପୁର ରୋଡ୍, ଗ୍ରାଉଣ୍ଡ ଫ୍ଲୋର, ଟିସି ପ୍ଲାଜା, ଚୋର୍ଦ୍ଧା ବାଇପାସ୍ ସ୍କୋୟାର ଯାଜପୁର ରୋଡ୍, ପୋଷ୍ଟ–୭୫୫୦୧୯ ଯୋଗାଯୋଗ ନଂ: ୦୬୭୨୬–୨୨୨୧୦୦ | | | |
| ୧୮୮ | ବିଚିତ୍ରାନନ୍ଦ ମହାନ୍ତି | ୧୯୨୯୬୧୦୦୧୦୧୯୬୬ | ୫ | ୪୦ |
| ୧୮୯ | ବିଚିତ୍ରାନନ୍ଦ ମହାନ୍ତି | ୧୯୨୯୬୧୦୦୧୦୪୫୮୦ | ୧ | ୨୦.୨ |
| ୧୯୦ | ବିଚିତ୍ରାନନ୍ଦ ମହାନ୍ତି | ୧୯୨୯୬୪୦୦୧୨୩୪୫୪ | ୩୨ | ୧୦୧ |
| ୧୯୧ | ବିଚିତ୍ରାନନ୍ଦ ମହାନ୍ତି | ୧୯୨୯୬୯୦୦୦୦୩୪୨୦ | ୯ | ୨୭.୫ |
| ୧୯୨ | ମଧୁସ୍ମିତା ବୋଇତାଇ | ୧୯୨୯୬୪୦୦୧୧୮୫୫୩ | ୧୩ | ୨୮୬.୫ |
| ୧୯୩ | ମାନସ ନାଥ | ୧୯୨୯୬୯୦୦୦୦୦୯୩୯ | ୩ | ୭.୮ |
| ୧୯୪ | ସସ୍ମିତା ବରାଳ | ୧୯୨୯୬୯୦୦୦୦୨୨୪୦ | ୧୫ | ୪୪ |
| | ଶାଖା: ଜଟଣୀ, ଜଗଦମ୍ବା କମ୍ପ୍ଲେକ୍ସ, ଡମୁଣେଇ ମନ୍ଦିର, ଖୋର୍ଦ୍ଧା ରୋଡ୍, ଜଟଣୀ ଖୋର୍ଦ୍ଧା ଡିଷ୍ଟ –୭୫୨୦୫୦ ଯୋଗାଯୋଗ ନଂ: ୦୬୭୪–୨୪୯୦୭୭୦ | | | |
| ୧୯୫ | ଅନୁରାଧା ପାଟଶାହାଣୀ | ୨୦୦୧୬୪୦୦୧୩୫୦୬୯ | ୭ | ୧୩୪.୨ |
| ୧୯୬ | ବି. ଆଶୀଷ | ୨୦୦୧୬୪୦୦୧୩୭୬୬୯ | ୮ | ୬୬.୬ |
| ୧୯୭ | ଦେବୀଦତ୍ତ ମହାନ୍ତି | ୨୦୦୧୬୪୦୦୧୩୮୬୦୦ | ୩ | ୫.୭ |
| ୧୯୮ | ଦେବୀଦତ୍ତ ମହାନ୍ତି | ୨୦୦୧୬୪୦୦୧୩୮୬୧୮ | ୩ | ୭.୯ |
| ୧୯୯ | ଦେବୀଦତ୍ତ ମହାନ୍ତି | ୨୦୦୧୬୪୦୦୧୩୯୬୦୮ | ୨୭ | ୧୫୭.୫ |
| ୨୦୦ | ଦେବୀଦତ୍ତ ମହାନ୍ତି | ୨୦୦୧୬୪୦୦୧୩୯୬୦୮ | ୨୭ | ୧୫୭.୫ |
| ୨୦୧ | କେ. ମୋନିକା | ୨୦୦୧୬୧୦୦୦୩୪୦୭୫ | ୨ | ୨୨.୪ |
| ୨୦୨ | ଲୋକନାଥ ଜେନା | ୨୦୦୧୬୪୦୦୧୩୧୮୮୬ | ୧୩ | ୪୨.୫ |
| ୨୦୩ | ପିଙ୍କିଲତା ବେହେରା | ୨୦୦୧୬୯୦୦୦୦୨୦୯୦ | ୧ | ୧୧.୪ |
| ୨୦୪ | ପିଙ୍କିଲତା ବେହେରା | ୨୦୦୧୬୯୦୦୦୦୩୮୧୭ | ୯ | ୨୬.୭ |
| ୨୦୫ | ପିଙ୍କିଲତା ବେହେରା | ୨୦୦୧୬୯୦୦୦୦୪୯୮୯ | ୧ | ୧୯.୫ |
| ୨୦୬ | ପିଙ୍କିଲତା ବେହେରା | ୨୦୦୧୬୯୦୦୦୦୪୯୯୭ | ୭ | ୨୧.୧ |
| ୨୦୭ | ରାଜେଶ କୁମାର ଭୋଇ | ୨୦୦୧୬୪୦୦୧୩୮୪୧୦ | ୫ | ୧୭୨.୧ |
| ୨୦୮ | ସାଇରା ବାନୁ | ୨୦୦୧୬୯୦୦୦୦୮୫୪୩ | ୮ | ୫୫.୪ |
| ୨୦୯ | ସସ୍ମିତା ବେହେରା | ୨୦୦୧୬୪୦୦୧୩୮୨୯୫ | ୨୦ | ୩୧ |
| ୨୧୦ | ଶୁଭକାନ୍ତ ପାଟଶାହାଣୀ | ୨୦୦୧୬୪୦୦୧୩୪୨୬୦ | ୪ | ୬୭ |
| ୨୧୧ | ଶୁଭକାନ୍ତ ପାଟଶାହାଣୀ | ୨୦୦୧୬୪୦୦୧୩୪୫୪୨ | ୧ | ୩୭.୩ |
| ୨୧୨ | ଶୁଭକାନ୍ତ ପାଟଶାହାଣୀ | ୨୦୦୧୬୪୦୦୧୩୫୪୨୪ | ୧ | ୩୮.୧ |
| ୨୧୩ | ଶୁଭକାନ୍ତ ପାଟଶାହାଣୀ | ୨୦୦୧୬୪୦୦୧୩୫୪୫୭ | ୨ | ୪୩.୧ |
| ୨୧୪ | ଶୁଭକାନ୍ତ ପାଟଶାହାଣୀ | ୨୦୦୧୬୪୦୦୧୩୫୮୭୯ | ୩ | ୫୫.୮ |
| ୨୧୫ | ଶୁଭକାନ୍ତ ପାଟଶାହାଣୀ | ୨୦୦୧୬୪୦୦୧୩୬୭୦୩ | ୮ | ୧୨୨.୩ |
| | ଶାଖା: ନାଡିଗାଓନ୍, ନାଡିଗାଓନ୍, କୁଦେଇ ପୋଷ୍ଟ, ସୋରୋ, ବାଲେଶ୍ୱର –୭୫୬୦୪୫ | | | |
| ୨୧୬ | ଅନ୍ନପୂର୍ଣ୍ଣା ସାହୁ | ୨୨୬୭୬୧୦୦୦୦୬୨୩୯ | ୨ | ୧୫.୬ |
| ୨୧୭ | ଅନ୍ନପୂର୍ଣ୍ଣା ସାହୁ | ୨୨୬୭୬୪୦୦୦୫୬୯୭୫ | ୫ | ୩୨.୯ |
| ୨୧୮ | ଅନ୍ନପୂର୍ଣ୍ଣା ସାହୁ | ୨୨୬୭୬୯୦୦୦୦୧୭୩୭ | ୬ | ୯ |
| ୨୧୯ | ଅନ୍ନପୂର୍ଣ୍ଣା ସାହୁ | ୨୨୬୭୬୯୦୦୦୦୧୭୩୭ | ୬ | ୯ |
| ୨୨୦ | ଦୀପାଞ୍ଜଳୀ ଦାସ | ୨୨୬୭୬୧୦୦୦୦୬୨୮୮ | ୪ | ୧୪.୧ |
| ୨୨୧ | ଗୟାଧର ରାଉତ | ୨୬୭୬୧୦୦୦୦୬୦୭୨ | ୮ | ୧୦.୮ |
| ୨୨୨ | ମନୋରଞ୍ଜନ ଜେନା | ୨୨୬୭୬୪୦୦୦୫୪୨୭୭ | ୧୬ | ୩୪ |
| ୨୨୩ | ମନୋରଞ୍ଜନ ଜେନା | ୨୨୬୭୬୪୦୦୦୫୭୧୯୭ | ୨ | ୨୯.୬ |
| ୨୨୪ | ରତୀକାନ୍ତ ବାରିକ | ୨୨୬୭୬୧୦୦୦୦୬୪୧୧ | ୧ | ୧୦.୬ |
| ୨୨୫ | ତପସ୍ୱୀନୀ ପଣ୍ଡା | ୨୨୬୭୬୧୦୦୦୦୫୬୩୭ | ୨ | ୩୯.୩ |
| | ଶାଖା: ପାନପୋଷ୍ଟ, ପ୍ଲଟ୍ ନଂ ୧୮୧ (ପି), ସିଭିଲ୍ ଟାଉନସିପ୍, ପାନପୋଷ ରୋଡ୍, କ୍ଷେତ୍ର –୭ ଏବଂ ବି ରାଉରକେଲା, ସୁନ୍ଦରଗଡ ଡିଷ୍ଟ –୭୬୯୦୦୪ ଯୋଗାଯୋଗ ନଂ: ୦୬୬୧–୨୪୦୨୫୦୦ | | | |
| ୨୨୬ | ଅନିତା ନାୟକ | ୨୧୭୭୬୯୦୦୦୦୪୦୮୬ | ୫୯ | ୨୪୪.୪ |
| ୨୨୭ | ବାସୁଦେବ ବେହେରା | ୨୧୭୭୬୯୦୦୦୦୧୩୨୨ | ୨ | ୩.୯ |
| ୨୨୮ | ବାସୁଦେବ ବେହେରା | ୨୧୭୭୬୯୦୦୦୦୩୨୬୦ | ୪ | ୨୩.୩ |
| ୨୨୯ | କୈଳାସ ମାଲୀ | ୨୧୭୭୬୧୦୦୦୦୩୩୪୨ | ୨ | ୪.୮ |
| ୨୩୦ | କୈଳାସ ମାଲୀ | ୨୧୭୭୬୯୦୦୦୦୧୮୭୬ | ୧ | ୫.୬ |
| ୨୩୧ | କିରଣ ନାୟକ | ୨୧୭୭୬୯୦୦୦୦୨୫୮୫ | ୫ | ୭୪ |
| ୨୩୨ | କିରଣ ନାୟକ | ୨୧୭୭୬୯୦୦୦୦୨୫୯୩ | ୬୩ | ୨୯୭.୭ |
| ୨୩୩ | କିରଣ ନାୟକ | ୨୧୭୭୬୯୦୦୦୦୨୬୦୧ | ୩୮ | ୧୪୯.୭ |
| ୨୩୪ | ମୁରଲୀ ମନୋହର ଝା | ୨୧୭୭୬୯୦୦୦୦୩୪୪୩ | ୨୦ | ୭୩.୪ |
| ୨୩୫ | ରାମକୃଷ୍ଣ ନନ୍ଦ | ୨୧୭୭୬୯୦୦୦୦୩୦୨୧ | ୨୮ | ୦୬.୯ |
| ୨୩୬ | ବିଜେୟତା ଶର୍ମା | ୨୧୭୭୬୯୦୦୦୦୨୫୪୪ | ୫ | ୧୩.୭ |
| | ଶାଖା: ପଟ୍ଟାମୁଣ୍ଡାଇ, ଏଜିଏଫସି ୧୬ ଏବଂ ଡିଆରଜିସି–୧୭, ଗଜାନନ ବଜାର, ପଟ୍ଟାମୁଣ୍ଡାଇ, ପୋଷ୍ଟ– କେନ୍ଦ୍ରାପଡା –୭୫୪୨୧୫ ଯୋଗାଯୋଗ ନଂ: ୦୬୭୨୯–୨୨୫୯୫୨ | | | |
| ୨୩୭ | ବସନ୍ତ କୁମାର ନାୟକ | ୨୧୫୯୬୪୦୦୦୭୫୪୮୯ | ୧ | ୧୨.୭ |
| ୨୩୮ | ବସନ୍ତ କୁମାର ନାୟକ | ୧୫୯୬୪୦୦୦୭୭୦୨୨ | ୨ | ୪ |
| ୨୩୯ | ବସନ୍ତ କୁମାର ନାୟକ | ୨୧୫୯୬୪୦୦୦୭୮୩୮୪ | ୩୧ | ୧୩୫.୩ |
| ୨୪୦ | ଦୀଲ୍ଲିପ କୁମାର ପାତ୍ର | ୨୧୫୯୬୪୦୦୦୮୦୪୫୫ | ୨ | ୩୯.୨ |
| ୨୪୧ | ସୁଲୋଚନା ତରାଇ | ୨୧୫୯୬୪୦୦୦୭୩୦୭୦ | ୬ | ୫୫.୧ |
| | ଶାଖା: ରେମୁଣା, ରେମୁଣା ଗୋଲାଇ, ଗଣେଶ୍ୱରପୁର, ଜାନୁଗଞ୍ଜ ପୋ : ବାଲେଶ୍ୱର –୭୫୬୦୧୯ ଯୋଗାଯୋଗ ନଂ: ୦୬୭୮୨–୨୪୦୬୮୮ | | | |
| ୨୪୨ | ଅଭିଲସ୍ପା ମୋସେସ୍ | ୧୮୫୩୬୯୦୦୦୦୭୮୪୩ | ୧ | ୯.୬ |
| ୨୪୩ | ଅଭିଲସ୍ପା ମୋସେସ | ୧୮୫୩୬୯୦୦୦୧୧୯୬୯ | ୩ | ୧୯.୬ |
| ୨୪୪ | ଅଭିଲସ୍ପା ମୋସେସ | ୧୮୫୩୬୯୦୦୦୧୧୯୬୯ | ୩ | ୧୯.୬ |
| ୨୪୫ | ଅନିତା ବେହେରା | ୧୮୫୩୬୧୦୦୦୬୭୮୧୧ | ୩ | ୪.୩ |
| ୨୪୬ | ଅନିତା ବେହେରା | ୧୮୫୩୬୧୦୦୦୬୭୮୨୯ | ୨ | ୧୯.୧ |
| ୨୪୭ | ଆରତୀ ଜେନା | ୧୮୫୩୬୯୦୦୦୦୪୯୩୧ | ୮ | ୧୧.୭ |
| ୨୪୮ | ଆରତୀ ଜେନା | ୧୮୫୩୬୯୦୦୦୦୬୬୧୩ | ୨ | ୨୧.୪ |
| ୨୪୯ | ଆରତୀ ଜେନା | ୧୮୫୩୬୯୦୦୦୦୮୪୮୬ | ୧୦ | ୧୭.୮ |
| ୨୫୦ | ଆରତୀ ଜେନା | ୧୮୫୩୬୯୦୦୦୦୮୭୬୭ | ୧ | ୧୪.୬ |
| ୨୫୧ | ବନିତା ବଳ | ୧୮୫୩୬୪୦୦୧୪୪୧୬୧ | ୧୯ | ୧୬୫.୪ |
| ୨୫୨ | ବିଦ୍ୟାଧର ଦାସ | ୧୮୫୩୬୧୦୦୦୬୭୮୦୩ | ୧ | ୨୨ |
| ୨୫୩ | ଚନ୍ଦନ ଦାଶ | ୧୮୫୩୬୪୦୦୧୪୫୧୦୧ | ୨୦ | ୧୧୦.୪ |
| ୨୫୪ | ହରିଶ୍ଚନ୍ଦ୍ର ଦାସ | ୧୮୫୩୬୯୦୦୦୦୯୯୮୯ | ୧ | ୧୨.୩ |
| ୨୫୫ | ଜଗନ୍ନାଥ ମିଶ୍ର | ୧୮୫୩୬୯୦୦୦୦୮୦୮୦ | ୧ | ୨୫.୬ |
| ୨୫୬ | ଜଗନ୍ନାଥ ମିଶ୍ର | ୧୮୫୩୬୯୦୦୦୧୦୪୦୯ | ୧ | ୭.୯ |
| ୨୫୭ | ଜଗନ୍ନାଥ ମିଶ୍ର | ୧୮୫୩୬୯୦୦୦୧୦୫୮୧ | ୧ | ୫.୯ |
| ୨୫୮ | ଜ୍ୟୋତିରଂଜନ ଦାସ | ୧୮୫୩୬୧୦୦୦୭୧୪୮୨ | ୫ | ୩୦ |
| ୨୫୯ | ଜ୍ୟୋତିରଂଜନ ଦାସ | ୧୮୫୩୬୧୦୦୦୭୧୫୫୭ | ୩ | ୫୭.୪ |
| ୨୬୦ | ଜ୍ୟୋତିରଂଜନ ଦାସ | ୧୮୫୩୬୪୦୦୧୪୧୭୯୫ | ୧୧ | ୫୯.୬ |
| ୨୬୧ | ଜ୍ୟୋତିରଂଜନ ଦାସ | ୧୮୫୩୬୪୦୦୧୪୧୮୨୯ | ୧୦ | ୯୭.୮ |
| ୨୬୨ | ଜ୍ୟୋତିରଂଜନ ଦାସ | ୧୮୫୩୬୯୦୦୦୦୮୧୨୨ | ୧ | ୩୨.୩ |
| ୨୬୩ | ମଧୁସ୍ମିତା ବାହାଦୂର | ୧୬୫୩୬୧୦୦୦୬୭୪୩୧ | ୧ | ୮.୫ |
| ୨୬୪ | ପ୍ରଭାବତୀ ନାୟକ | ୧୮୫୩୬୯୦୦୦୦୩୭୮୪ | ୨ | ୧୪.୮ |
| ୨୬୫ | ସବିତା ରାଉତ | ୧୮୫୩୬୯୦୦୦୦୩୯୨୫ | ୧୫ | ୪୫.୩ |
| ୨୬୬ | ସାଂୟାଶି ମହାରଣା | ୧୮୫୩୬୪୦୦୧୪୪୧୩୮ | ୪୨ | ୨୧୦.୬ |
| ୨୬୭ | ସତ୍ୟପ୍ରକାଶ ମଲ | ୧୮୫୩୬୪୦୦୧୪୪୩୫୧ | ୧୭ | ୮୧.୫ |
| ୨୬୮ | ଏସ୍.କେ. ଅବଦୁଲ୍ ରହିମ | ୧୮୫୩୬୪୦୦୧୪୪୯୬୩ | ୩୦ | ୧୧୧.୬ |
| ୨୬୯ | ସ୍ନେହଲତା ଜେନା | ୧୮୫୩୬୯୦୦୦୦୩୬୪୪ | ୧୩ | ୬୩.୮ |
| ୨୭୦ | ସୂଜିତ କୁମାର ତରାଇ | ୧୮୫୩୬୯୦୦୦୦୨୮୭୭ | ୧ | ୪.୯ |
| ୨୭୧ | ସୁମନ ସ୍ୱାଇଁ | ୧୮୫୩୬୯୦୦୦୦୮୧୩୦ | ୧୦ | ୩୧.୭ |
| ୨୭୨ | ସୁମତୀ ସାହୁ | ୧୮୫୩୬୧୦୦୦୬୭୬୪୭ | ୨ | ୨୭.୧ |
| ୨୭୩ | ସୁମତୀ ସାହୁ | ୧୮୫୩୬୯୦୦୦୦୩୬୫୧ | ୬ | ୪୧.୬ |
| ୨୭୪ | ସୁମତୀ ସାହୁ | ୧୮୫୩୬୯୦୦୦୦୭୪୩୯ | ୧୧ | ୪୭.୮ |
| ୨୭୫ | ସୁରଞ୍ଜନ ବାରିକ | ୧୮୫୩୬୪୦୦୧୪୩୮୫୮ | ୧୬ | ୧୫୬.୩ |
| ୨୭୬ | ସୁସ୍ମିତା ବେହେରା | ୧୮୫୩୬୪୦୦୧୪୪୫୦୦ | ୧୬ | ୫୭.୪ |
| | ଶାଖା: ଶଙ୍ଖପୁର,ଭାୟା/ପି.ଏସ୍: ବନ୍ତଳା, ଶଙ୍ଖପୁର ପୋଷ୍ଟ, ଅନୁଗୋଳ ବ୍ଲକ, ଅନୁଗୋଳ –୭୫୯୧୨୯ ଯୋଗାଯୋଗ ନଂ: ୦୯୭୭୭୩୯୬୭୭୭ | | | |
| ୨୭୭ | ଦୀପକ କୁମାର ସାହୁ | ୨୨୬୯୬୧୦୦୦୦୫୫୩୬ | ୯ | ୨୬.୯ |
| ୨୭୮ | ମନୋଜ ବିଶ୍ୱାଳ | ୨୨୬୯୬୧୦୦୦୧୦୭୪୨ | ୧ | ୧୨.୩ |
| ୨୭୯ | ରାମ ଦେହୁରୀ | ୨୨୬୯୬୯୦୦୦୦୦୨୨୪ | ୨୬ | ୨୨.୫ |
| ୨୮୦ | ରାମ ଦେହୁରୀ | ୨୨୬୯୬୯୦୦୦୦୦୩୫୬ | ୩ | ୪.୨ |
| ୨୮୧ | ସିପୁନ ସାହୁ | ୨୨୬୯୬୧୦୦୦୦୫୦୦୭ | ୪ | ୮.୧ |
| ୨୮୨ | ସିପୁନ ସାହୁ | ୨୨୬୯୬୧୦୦୦୦୮୮୧୧ | ୧ | ୧୮.୮ |
| ୨୮୩ | ସୁଜ୍ଞାନୀ ଦାସ | ୨୨୬୯୬୧୦୦୦୦୫୬୨୭ | ୭ | ୧୪.୭ |
| | ଶାଖା: ସୋର, ଅନାମ ସପିଂ କମ୍ପ୍ଲେକ୍ସ, ନୂଆ ସିନେମା ରୋଡ୍, ସୋର, ବାଲେଶ୍ୱର, ଡିଷ୍ଟ –୭୫୬୦୪୫ ଯୋଗାଯୋଗ ନଂ: ୦୬୭୮୮–୨୨୧୭୨୭ | | | |
| ୨୮୪ | ବିଜୟ କେତନ ଅଗସ୍ତି | ୧୮୫୨୬୯୦୦୦୦୪୧୭୧ | ୧୯ | ୬୨.୬ |
| ୨୮୫ | ଚନ୍ଦନ କୁମାର ସାହୁ | ୧୮୫୨୬୯୦୦୦୦୪୦୨୩ | ୪ | ୧୬.୫ |
| ୨୮୬ | ଧିରେନ୍ଦ୍ର ନାୟକ | ୧୮୫୨୬୯୦୦୦୦୪୨୩୯ | ୬ | ୧୪.୭ |
| ୨୮୭ | ପ୍ରସାନ୍ତ କୁମାର ଚକ୍ରବର୍ତ୍ତୀ | ୧୮୫୨୬୯୦୦୦୦୩୮୯୨ | ୫ | ୩୭.୮ |
| | ଶାଖା: ତାଲଚେର, ସିଦ୍ଧାର୍ଥ ରେଜେନ୍ସି, ତାଲଚେର –୭୫୯୧୦୭ ଯୋଗାଯୋଗ ନଂ: ୦୬୭୬୦–୨୪୨୧୧୧ | | | |
| ୨୮୮ | ଆଦିତ୍ୟ କୁମାର ପ୍ରଧାନ | ୧୯୩୦୬୪୦୦୦୬୩୧୧୧ | ୪ | ୨୨.୭ |
| ୨୮୯ | ଅପସରୁନ୍ ନେସା | ୧୯୩୦୬୪୦୦୦୬୪୩୪୧ | ୨୬ | ୨୪୬.୪ |
| ୨୯୦ | ଅରୁଣ ପାଉଲ | ୧୯୩୦୬୧୦୦୦୩୭୫୫୫ | ୨ | ୨୨ |
| ୨୯୧ | ଅରୁଣ ପାଉଲ | ୧୯୩୦୬୯୦୦୦୦୧୪୯୬ | ୯ | ୪୪.୪ |
| ୨୯୨ | ଅରୁଣ ପାଉଲ | ୧୯୩୦୬୯୦୦୦୦୫୩୮୦ | ୨ | ୨୫.୮ |
| ୨୯୩ | ବାପୁନ୍ କୁମାର ସାହୁ | ୧୯୩୦୬୯୦୦୦୦୩୩୧୦ | ୬ | ୩୦ |
| ୨୯୪ | ବଟକୃଷ୍ଣ ସ୍ୱାଇଁ | ୧୯୩୦୬୯୦୦୦୦୩୧୯୫ | ୩ | ୪୪.୭ |
| ୨୯୫ | ବିଶ୍ୱଜିତ ସାହୁ | ୧୯୩୦୬୯୦୦୦୦୬୧୫ | ୨ | ୨.୫ |
| ୨୯୬ | ଦୀପିକା | ୧୯୩୦୬୪୦୦୦୬୪୩୮୨ | ୨୩ | ୧୮୦.୫ |
| ୨୯୭ | ଦିବ୍ୟଶେଖର ଜେଠୀ | ୧୯୩୦୬୯୦୦୦୦୫୯୯୨ | ୫ | ୪୬.୭ |
| ୨୯୮ | ହର ପ୍ରସାଦ ପାତ୍ର | ୧୯୩୦୬୪୦୦୦୬୪୫୧୫ | ୨୧ | ୧୧୨ |
| ୨୯୯ | ହର ପ୍ରସାଦ ପାତ୍ର | ୧୯୩୦୬୪୦୦୦୬୫୭୪୪ | ୨୨ | ୬୩.୫ |
| ୩୦୦ | ଝରଣାରାଣୀ ବେହେରା | ୧୯୩୦୬୯୦୦୦୦୩୯୮୯ | ୨ | ୧୪ |
| ୩୦୧ | କାଳିଦାସ ବୋଷ | ୧୯୩୦୬୧୦୦୦୩୭୨୩୩ | ୧ | ୩ |
| ୩୦୨ | କେତନ ବର୍ମା | ୧୯୩୦୬୧୦୦୦୩୮୧୬୫ | ୬ | ୧୦.୭ |
| ୩୦୩ | କେତନ ବର୍ମା | ୧୯୩୦୬୧୦୦୦୩୯୪୨୯ | ୧ | ୭ |
| ୩୦୪ | କେତନ ବର୍ମା | ୧୯୩୦୬୯୦୦୦୦୪୮୬୨ | ୪ | ୭.୯ |
| ୩୦୫ | କେତନ ବର୍ମା | ୧୯୩୦୬୯୦୦୦୦୭୭୬୬ | ୬ | ୯.୪ |
| ୩୦୬ | ମାଧୁରୀ ପ୍ରଧାନ | ୧୯୩୦୬୯୦୦୦୦୨୪୫୨ | ୨୩ | ୭୫ |
| ୩୦୭ | ମାମିନା ନାୟକ | ୧୯୩୦୬୯୦୦୦୦୪୮୭୦ | ୨୪ | ୧୬୫.୧ |
| ୩୦୮ | ଏମ୍‌ଡି. ମୁସ୍ତାକ ଅନ୍‌ସାରୀ | ୧୯୩୦୬୧୦୦୦୩୯୭୪୨ | ୧ | ୧୧ |
| ୩୦୯ | ଏମ୍‌ଡି. ମୁସ୍ତାକ ଅନ୍‌ସାରୀ | ୧୯୩୦୬୯୦୦୦୦୨୯୧୬ | ୬ | ୪୦ |
| ୩୧୦ | ନିତ୍ୟାନନ୍ଦ ବେହେରା | ୧୯୩୦୬୪୦୦୦୬୪୨୮୩ | ୧ | ୩୦.୯ |
| ୩୧୧ | ନୁର୍ ମହମ୍ମଦ | ୧୯୩୦୬୪୦୦୦୬୪୩୫୮ | ୧୩ | ୧୮୨.୪ |
| ୩୧୨ | ନୁର୍ ମହମ୍ମଦ | ୧୯୩୦୬୯୦୦୦୦୫୪୭୧ | ୪ | ୯୫.୨ |
| ୩୧୩ | ପ୍ରଦୀପ କୁମାର ଗୁପ୍ତା | ୧୯୩୦୬୪୦୦୦୬୪୯୨୯ | ୧୮ | ୩୦୧.୯ |
| ୩୧୪ | ପ୍ରଦୀପ କୁମାର ଗୁପ୍ତା | ୧୯୩୦୬୪୦୦୦୬୫୬୨୯ | ୯ | ୪୭.୩ |
| ୩୧୫ | ରମାକାନ୍ତ ମହାରଣା | ୧୯୩୦୬୯୦୦୦୦୬୧୧୫ | ୬ | ୧୯.୪ |
| ୩୧୬ | ରୁନେନ୍ଦ୍ର କୁମାର ସିଆ | ୧୯୩୦୬୧୦୦୦୩୬୪୭୪ | ୧ | ୧୬.୯ |
| ୩୧୭ | ସବିତା ବେହେରା | ୧୯୩୦୬୪୦୦୦୬୫୦୨୫ | ୧୨ | ୭୦ |
| ୩୧୮ | ସବିତା ବୋଷ | ୧୯୩୦୬୧୦୦୦୩୭୪୮୦ | ୧ | ୧୧.୨ |
| ୩୧୯ | ସବିତା ବୋଷ | ୧୯୩୦୬୯୦୦୦୦୩୭୦୮ | ୯ | ୩୮.୬ |
| ୩୨୦ | ସଂଗୀତା ସାହୁ | ୧୯୩୦୬୯୦୦୦୦୩୯୩୦ | ୧ | ୧୩.୫ |
| ୩୨୧ | ସଂଜୀବ ଲୋଚନ ସାହୁ | ୧୯୩୦୬୪୦୦୦୬୧୯୮୨ | ୫ | ୩୦.୬ |
| ୩୨୨ | ସୀତାରାମ ଦାସ | ୧୯୩୦୬୯୦୦୦୦୬୬୩୬ | ୧୩ | ୨୧୮.୧ |
| ୩୨୩ | ସୁବାଷ ଚନ୍ଦ୍ର ସାମନ୍ତ | ୧୯୩୦୬୯୦୦୦୦୪୪୧୭ | ୯ | ୭୩.୨ |
| ୩୨୪ | ସୂର୍ଯ୍ୟକାନ୍ତୀ ସାହୁ | ୧୯୩୦୬୯୦୦୦୦୩୬୮୨ | ୧ | ୧୫.୯ |
| ୩୨୫ | ସ୍ୱେପ୍ନେସ୍ ରାଜ ସାମନ୍ତ | ୧୯୩୦୬୪୦୦୦୬୫୧୭୩ | ୧୨ | ୩୩.୫ |
| | ଶାଖା: ତୁଲସୀପାଲ୍, ଆଟ/ପୋଷ୍ଟ–ତୁଲସୀପାଲ– ପି.ଏସ୍. ବନରପାଲ, ଅନୁଗୋଳ –୭୫୯୧୨୮ ଯୋଗାଯୋଗ ନଂ: ୬୭୬୪–୨୮୪୨୦୦ | | | |
| ୩୨୬ | ଅଜିତ କୁମାର ସାହୁ | ୨୨୭୦୬୯୦୦୦୦୩୯୯୩ | ୪ | ୧୯.୧ |
| ୩୨୭ | ଦୈତାରୀ ପ୍ରଧାନ | ୨୨୭୦୬୯୦୦୦୦୧୮୭୨ | ୧ | ୧୭.୫ |
| ୩୨୮ | ହୀତେଶ ଗଡ଼ନାୟକ | ୨୨୭୦୬୯୦୦୦୦୨୩୦୦ | ୭ | ୭.୬ |
| ୩୨୯ | କବିତା ବେହେରା | ୨୨୭୦୬୧୦୦୦୧୮୪୯୪ | ୪ | ୬.୨ |
| ୩୩୦ | କୁନ୍ତଳା ମହାରାଣା | ୨୨୭୦୬୯୦୦୦୦୦୬୩୫ | ୧ | ୧୦.୭ |
| ୩୩୧ | କୁନ୍ତଳା ମହାରାଣା | ୨୨୭୦୬୯୦୦୦୦୮୯୪୩ | ୧ | ୨୩.୮ |
| ୩୩୨ | କୁନ୍ତଳା ମହାରାଣା | ୨୨୭୦୬୯୦୦୦୦୮୯୪୩ | ୧ | ୨୩.୮ |
| ୩୩୩ | ଲିପିକା ବିଶ୍ୱାଳ | ୨୨୭୦୬୯୦୦୦୦୧୭୪୦ | ୨୬ | ୧୦.୯ |
| ୩୩୪ | ମୌସୁମୀ ବେହେରା | ୨୨୭୦୬୪୦୦୦୭୦୨୦୩ | ୪ | ୬୩.୬ |
| ୩୩୫ | ମୌସୁମୀ ବେହେରା | ୨୨୭୦୬୪୦୦୦୭୦୨୧୧ | ୫ | ୩୧.୬ |
| ୩୩୬ | ମୌସୁମୀ ବେହେରା | ୨୨୭୦୬୯୦୦୦୦୪୧୦୮ | ୧ | ୧୬.୬ |
| ୩୩୭ | ମୌସୁମୀ ବେହେରା | ୨୨୭୦୬୯୦୦୦୦୭୪୫୭ | ୧ | ୨୪.୮ |
| ୩୩୮ | ରଂଜୀତ ବାରିକ | ୨୨୭୦୬୯୦୦୦୦୧୫୯୧ | ୩୧ | ୩୩.୭ |
| ୩୩୯ | ସନ୍ତୋଷ ଗୋଛାୟତ | ୨୨୭୦୬୯୦୦୦୦୪୩୪୮ | ୪ | ୬.୯ |
| ୩୪୦ | ସେବତୀ ନାୟକ | ୨୨୭୦୬୧୦୦୦୧୩୦୦୮ | ୩ | ୧୫.୬ |
| ୩୪୧ | ସେବତୀ ନାୟକ | ୨୨୭୦୬୧୦୦୦୧୬୩୬୫ | ୧ | ୩୫.୬ |
| ୩୪୨ | ସୁଜାତା ସାହୁ | ୨୨୭୦୬୧୦୦୦୧୩୪୩୮ | ୨୩ | ୧୭.୪ |
| ୩୪୩ | ଟିକିନା ମାଝୀ | ୨୨୭୦୬୪୦୦୦୬୯୦୦୭ | ୫ | ୩୭.୯ |

୧. ନିଲାମ ସମ୍ବନ୍ଧୀୟ ବିବରଣୀ
କ. ନିଲାମ ତାରିଖ: ୨୧–୦୯–୨୦୨୬ ସମୟ: ପୂର୍ବାହ୍ନ ୧୧:୦୦ ଘଟିକା
ଖ. ନିଲାମ ସ୍ଥାନ: ଫେଡେରାଲ୍ ବ୍ୟାଙ୍କ ଲିମିଟେଡ୍ ଶାଖା ପରିସର
ଗ. ସଂରକ୍ଷିତ ମୂଲ୍ୟ (Reserve Price): ଜଣେ ଅନୁମୋଦିତ ମୂଲ୍ୟ ନିର୍ଦ୍ଧାରଣକାରୀଙ୍କ ଦ୍ୱାରା ନିର୍ଦ୍ଧାରିତ ମୂଲ୍ୟ, ଯାହା ନିଲାମ ସମୟରେ ଉପଲବ୍ଧ ହେବଛ
୨. ନିଲାମରେ ଅଂଶଗ୍ରହଣ କରୁଥିବା ବ୍ୟକ୍ତିମାନେ (ବିଡର୍) ନିଲାମ ସ୍ଥାନକୁ ସେମାନଙ୍କର ବୈଧ ପରିଚୟ ପତ୍ର (ID Card) / ପ୍ୟାନ କାର୍ଡ ସାଙ୍ଗରେ ଆଣିବେ ।
୩. ଏହି ସାର୍ବଜନୀନ ନିଲାମ ସମ୍ବନ୍ଧୀୟ ସର୍ତ୍ତାବଳୀ (TCs) ବିଷୟରେ ବିଡର୍ମାନେ https://www.federal.bank.in/goldloan-tnc-forauction ମାଧ୍ୟମରେ ଜାଣିପାରିବେଛ ବିଡର୍ମାନଙ୍କ ଦ୍ୱାରା ବିଡ୍ (bid) ଦାଖଲ କରିବାକୁ ଉକ୍ତ ସର୍ତ୍ତାବଳୀର ସ୍ୱୀକୃତି ବୋଲି ଧରାଯିବ ।
୪. ନିଲାମରୁ ପ୍ରାପ୍ତ ଅର୍ଥ ସମାୟୋଜନ ପରେ ମଧ୍ୟ ଯଦି ବ୍ୟାଙ୍କର କୌଣସି ଦେୟ ବାକି ରହେ, ତେବେ ବାକି ଥିବା ଅର୍ଥ ଆଦାୟ କରିବା ପାଇଁ ଋଣଗ୍ରହୀତାଙ୍କ ବିରୁଦ୍ଧରେ ଆବଶ୍ୟକୀୟ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।
୫. ଯଦି ଋଣଗ୍ରହୀତାଙ୍କର ମୃତ୍ୟୁ ହୋଇସାରିଥାଏ, ତେବେ ଏହି ନିଲାମ ବିଜ୍ଞପ୍ତି ଋଣଗ୍ରହୀତାଙ୍କ ଆଇନଗତ ଉତ୍ତରାଧିକାରୀଙ୍କ କ୍ଷେତ୍ରରେ ଲାଗୁ ହେବ ।
୬. ସଫଳ ବିଡର୍ଙ୍କୁ ନିଲାମ ଦିନ ହିଁ ସମ୍ପୂର୍ଣ୍ଣ ଅର୍ଥ (ଅର୍ଥାତ୍ ବିଜୟୀ ବିଡ୍ ମୂଲ୍ୟର ୧୦୦% ସହିତ ପ୍ରଯୁଜ୍ୟ ଜିଏସଟି ଏବଂ ଅନ୍ୟାନ୍ୟ ଟିକସ/ଶୁଳ୍କ) ପୈଠ କରିବାକୁ ପଡିବଛ ତଥାପି, ସ୍ୱତନ୍ତ୍ର କ୍ଷେତ୍ରରେ ଫେଡେରାଲ୍ ବ୍ୟାଙ୍କ ନିଜର ବିବେକାନୁସାରେ ପରବର୍ତ୍ତୀ କାର୍ଯ୍ୟ ଦିବସ ପର୍ଯ୍ୟନ୍ତ ଦେୟ ସ୍ଥଗିତ ରଖିବାକୁ ଅନୁମତି ଦେଇପାରେ ।
୭. ସଫଳ ବିଡର୍ ନିଲାମ ତାରିଖରୁ ୨ ଦିନ ମଧ୍ୟରେ ସୁନା ଅଳଙ୍କାର/ମୁଦ୍ରା ଗ୍ରହଣ କରିବେ ।
୮. ବିଡ୍ ଗ୍ରହଣ ସମ୍ବନ୍ଧରେ ବ୍ୟାଙ୍କର ନିଷ୍ପତ୍ତି ଚୂଡ଼ାନ୍ତ ଏବଂ ବାଧ୍ୟ ଅଧିକ ସୂଚନା ପାଇଁ, ଦୟାକରି ଉପରୋକ୍ତ ସମ୍ପୃକ୍ତ ଫେଡେରାଲ୍ ବ୍ୟାଙ୍କ ଶାଖାଗୁଡ଼ିକ ସହିତ ଯୋଗାଯୋଗ କରନ୍ତୁ ।

ତାରିଖ: ୧୦.୦୯.୨୦୨୬, ସ୍ଥାନ: ହାଇଦ୍ରାବାଦ — ଅତିରିକ୍ତ **SVP** ଓ ଜୋନାଲ୍ ମୁଖ୍ୟ

### ଗାଁ ଦୁଆର ମୁହଁରେ ନ୍ୟାୟ

## ଘରେ ଘରେ ଆଇନସେବା କାର୍ଯ୍ୟକ୍ରମ




ବାରିପଦା, (ସବ୍ୟୁ) : ଆଇନ ସମ୍ପର୍କରେ ସଚେତନତା ହେଉଛି ନ୍ୟାୟ ପାଇବାର ପ୍ରଥମ ପାହାଚ। ସମାଜର ପ୍ରତ୍ୟେକ ବର୍ଗର ଲୋକଙ୍କ ନିକଟରେ ଆଇନର ଜ୍ଞାନ ଓ ଆଇନଗତ ସହାୟତା ପହଞ୍ଚାଇବା ଉଦ୍ଦେଶ୍ୟରେ ମୟୁରଭଞ୍ଜ କଲେଜ ଅଫ୍ ଆକାଉଣ୍ଟାନ୍ସି ଆଣ୍ଡ ମ୍ୟାନେଜମେଣ୍ଟର ଆଇନ ସହାୟତା କକ୍ଷ ପକ୍ଷରୁ ମହାରାଜପୁର ଗ୍ରାମରେ 'ଗାଁ ଦୁଆରେ ନ୍ୟାୟ : ଘରେ ଘରେ ଆଇନ ସେବା' ଶୀର୍ଷକ ଏକ ଆଇନ ସହାୟତା ଓ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଗ୍ରାମାଞ୍ଚଳରେ ଅନେକ ଲୋକ ନିଜର ଆଇନଗତ ଅଧିକାର ଓ ଉପଲବ୍ଧ ଆଇନ ସହାୟତା ବ୍ୟବସ୍ଥା ସମ୍ପର୍କରେ ଅବଗତ ନଥିବାରୁ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି। ଏଭଳି ପରିସ୍ଥିତିରେ ଲୋକଙ୍କ ଦୁଆରକୁ ଆଇନର ବାର୍ତ୍ତା ପହଞ୍ଚାଇବା ଏହି କାର୍ଯ୍ୟକ୍ରମର ଏକ ପ୍ରଶଂସନୀୟ ପ୍ରୟାସ ବୋଲି ମତ ପ୍ରକାଶ ପାଇଥିଲା। ଆଇନ ସହାୟତା କକ୍ଷର ଅଧିକାରୀ ଅଧ୍ୟାପକ ସମ୍ବିତ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମଟି ସୁଚାରୁରୂପେ ଅନୁଷ୍ଠିତ ହୋଇଥିଲା। ଏଥିରେ ଆଇନ ପରାମର୍ଶଦାତା ଭାବେ ବାରିପଦା ଓକିଲ ସଂଘର ସହସାଧାରଣ ସମ୍ପାଦକ ତଥା ସମାଜ କଲ୍ୟାଣ ଅଧିକାରୀ, ବରିଷ୍ଠ ଆଡଭୋକେଟ ସ୍ୱରୂପ କୁମାର ମିଶ୍ର ଯୋଗଦେଇ ଗ୍ରାମବାସୀଙ୍କୁ ବିଭିନ୍ନ ଆଇନଗତ ବିଷୟ ସରଳ ଓ ସହଜ ବୋଧଗମ୍ୟ ଭାଷାରେ ବୁଝାଇଥିଲେ । ମହାବିଦ୍ୟାଳୟର ଆଇନ ବିଭାଗର ମୁଖ୍ୟ ଜ୍ଞାନରଞ୍ଜନ ପଣ୍ଡା ଦୈନନ୍ଦିନ ଜୀବନ ସହ ଜଡ଼ିତ ବିଭିନ୍ନ ଆଇନ ଓ ଆଇନଗତ ଅଧିକାର ସମ୍ପର୍କରେ ଆଲୋକପାତ କରିଥିଲେ। ନିଜ ଅଧିକାର ସମ୍ପର୍କରେ ସଚେତନ ରହିବା ସହ ଅନ୍ୟମାନଙ୍କ ଅଧିକାରକୁ ସମ୍ମାନ କରିବା ଏକ ସୁସ୍ଥ ଓ ନ୍ୟାୟଭିତ୍ତିକ ସମାଜ ଗଠନର ମୂଳ ଆଧାର ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ଗ୍ରାମବାସୀମାନେ ନିଜର ବିଭିନ୍ନ ଆଇନଗତ ପ୍ରଶ୍ନ ଓ ସମସ୍ୟା ଉପସ୍ଥାପନ କରିଥିଲେ। ସେଗୁଡ଼ିକର ଆଇନଗତ ଦିଗ ସମ୍ପର୍କରେ ଆବଶ୍ୟକ ପରାମର୍ଶ ମଧ୍ୟ ପ୍ରଦାନ କରାଯାଇଥିଲା। ଗ୍ରାମାଞ୍ଚଳରେ ଏଭଳି ଆଇନ ସଚେତନତା କାର୍ଯ୍ୟକ୍ରମ ନିୟମିତ ଆୟୋଜନ କରାଗଲେ ସାଧାରଣ ଲୋକଙ୍କ ମଧ୍ୟରେ ଆଇନ ସଚେତନତା ବୃଦ୍ଧି ପାଇବା ସହ ନ୍ୟାୟ ପାଇବାର ପଥ ଅଧିକ ସୁଗମ ହେବ ବୋଲି ମତ ପ୍ରକାଶ ପାଇଥିଲା। ଶେଷରେ ଅଧ୍ୟାପକ ଡ. ଜିତେନ୍ଦ୍ର କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

### ମହିଳା ସରପଞ୍ଚଙ୍କୁ ଦୁର୍ବ୍ୟବହାର ଓ ଜାତିଆଣ ଅପମାନ

## ସରପଞ୍ଚ ମହାସଂଘର କାର୍ଯ୍ୟାନୁଷ୍ଠାନ ଦାବି : ଏସପିଙ୍କୁ ଦାବିପତ୍ର

ଛତ୍ରପୁର, (ସବ୍ୟୁ) : ଗଞ୍ଜାମ ଜିଲ୍ଲା ଆସିକା ବ୍ଲକ ଅନ୍ତର୍ଗତ ହରିପଦପୁର ଗ୍ରାମପଞ୍ଚାୟତର ସମସ୍ୟା ନେଇ ବ୍ଲକ ରେ ଅନୁଷ୍ଠିତ ସମିତି ବୈଠକରେ ବିଧାୟକଙ୍କ ସମ୍ମୁଖରେ ଉପସ୍ଥାପନ କରୁଥିବା ସମୟରେ ମହିଳା ସରପଞ୍ଚ ଜୟନ୍ତୀ ବେହେରାଙ୍କୁ ଦୁର୍ବ୍ୟବହାର, ଅପମାନଜନକ ଆଚରଣ ଓ ଜାତିଆଣ ମନ୍ତବ୍ୟ କରାଯାଇଥିବା ନେଇ ଅଭିଯୋଗ ହୋଇଛି। ଘଟଣାକୁ ଗଞ୍ଜାମ ଜିଲ୍ଲା ସରପଞ୍ଚ ମହାସଂଘ ଗୁରୁତର ଭାବେ ନେଇ ଦୋଷୀଙ୍କ ବିରୋଧରେ ତୁରନ୍ତ ଆଇନଗତ ପଦକ୍ଷେପ ଦାବି କରିଛି। ଏନେଇ ଶୁକ୍ରବାର ମହାସଂଘ ପକ୍ଷରୁ ପୋଲିସ ଡିଜିଙ୍କ ଉଦ୍ଦେଶ୍ୟରେ ଗଞ୍ଜାମ ଏସପିଙ୍କୁ ଭେଟି ଏକ ଲିଖିତ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ଗଞ୍ଜାମ ଜିଲ୍ଲା ସରପଞ୍ଚ ସଂଘ ସଭାପତି ମନୋରଞ୍ଜନ ଗୌଡ଼, ଦକ୍ଷିଣ ଓଡିଶା ସରପଞ୍ଚ ମହା ସଂଘର ଜୋନ ସଭାପତି ଭାବନୀ ଶଙ୍କର ମଲ୍ଲିକ, କେନ୍ଦ୍ରପଡ଼ା ଜିଲ୍ଲା ସରପଞ୍ଚ ମହାସଂଘର ସଭାନେତ୍ରୀ ଚାମେଲୀ ଓଝାଙ୍କ ସମେତ ଜିଲ୍ଲାର ବହୁ ସରପଞ୍ଚ ଉପସ୍ଥିତ ଥିଲେ। ମହିଳା ଜନପ୍ରତିନିଧିଙ୍କ ସୁରକ୍ଷା ଓ ସମ୍ମାନ ନେଇ ନିରପେକ୍ଷ ତଦନ୍ତ କରିବା, ଅଭିଯୋଗରେ ସମ୍ପୃକ୍ତ ଦୋଷୀଙ୍କ ବିରୋଧରେ ଆଇନ ଅନୁଯାୟୀ ପଦକ୍ଷେପ ନେବା, ମହିଳା ସରପଞ୍ଚଙ୍କୁ ଆବଶ୍ୟକ ସୁରକ୍ଷା ଯୋଗାଇବା ଏବଂ ଭବିଷ୍ୟତରେ ଏଭଳି ଘଟଣା ଯେପରି ନଘଟେ ସେଥିପାଇଁ ଉପଯୁକ୍ତ ବ୍ୟବସ୍ଥା କରିବାକୁ ମହାସଂଘ ଦାବି କରିଛି ।



## ବ୍ୟାଙ୍କ କର୍ମଚାରୀଙ୍କ ଧର୍ମଘଟ, ଗ୍ରାହକ ହନ୍ତସନ୍ତ

ଛତ୍ରପୁର, (ସବ୍ୟୁ): ପାଞ୍ଚ ଦିନିଆ କାର୍ଯ୍ୟସପ୍ତାହ ଲାଗୁ କରିବାରେ ବିଳମ୍ବ, ପ୍ରଦର୍ଶନ ଆଧାରିତ ପ୍ରୋତ୍ସାହନ (ପିଏଲ୍ଆଇ) ସ୍କିମକୁ ନେଇ ମତଭେଦ ସମେତ ବିଭିନ୍ନ ଦାବି ପୂରଣ ହୋଇନଥିବା ପ୍ରତିବାଦରେ ୟୁନାଇଟେଡ୍ ଫୋରମ୍ ଅଫ୍ ବ୍ୟାଙ୍କ ୟୁନିୟନ୍ସ ପକ୍ଷରୁ ଶୁକ୍ରବାର ଦେଶବ୍ୟାପୀ ଦିନିକିଆ ଧର୍ମଘଟ ଡାକରା ଦିଆଯାଇଛି। ଏହାର ପ୍ରଭାବ ଛତ୍ରପୁରରେ ମଧ୍ୟ ପରିଲକ୍ଷିତ ହୋଇଛି। ଛତ୍ରପୁର ଷ୍ଟେଟ୍ ବ୍ୟାଙ୍କ ମୁଖ୍ୟ ଶାଖା ସମ୍ମୁଖରେ ବ୍ୟାଙ୍କ କର୍ମଚାରୀମାନେ ଧର୍ମଘଟରେ ସାମିଲ ହୋଇ ବିଭିନ୍ନ ଦାବି ନେଇ ପ୍ରତିବାଦ କରିଥିଲେ। ଧର୍ମଘଟ ଯୋଗୁଁ ବ୍ୟାଙ୍କର ସାଧାରଣ କାର୍ଯ୍ୟ ପ୍ରଭାବିତ ହୋଇଥିଲା। ଧର୍ମଘଟରେ ଷ୍ଟେଟ୍ ବ୍ୟାଙ୍କ କର୍ମଚାରୀ ସଂଘ, ବ୍ରହ୍ମପୁର ଜୋନାଲର ସମ୍ପାଦକ ଜିତେନ୍ଦ୍ର କୁମାର ପଲାଇ, ଅଲ୍ ଓଡ଼ିଶା ସେଣ୍ଟ୍ରାଲ କୋ-ଅପରେଟିଭ୍ ବ୍ୟାଙ୍କ କର୍ମଚାରୀ ସଂଘର ଉପସାଧାରଣ ସମ୍ପାଦକ ପବିତ୍ର ମୋହନ ପଲାଇ, ସର୍ବଭାରତୀୟ ଷ୍ଟେଟ୍ ବ୍ୟାଙ୍କ କର୍ମଚାରୀ ସଂଘର ପୂର୍ବତନ ସାଧାରଣ ସମ୍ପାଦକ ପ୍ରଫୁଲ୍ଲ କୁମାର ପଟ୍ଟନାୟକ, ସରୋଜ ପରିଡ଼ାଙ୍କ ସମେତ ବହୁ କର୍ମଚାରୀ ସାମିଲ ଥିଲେ । ସୂଚନାଯୋଗ୍ୟ, ବ୍ୟାଙ୍କରେ ପାଞ୍ଚ ଦିନିଆ କାର୍ଯ୍ୟସପ୍ତାହ ଲାଗୁ କରିବା ନେଇ ପୂର୍ବରୁ ନିଷ୍ପତ୍ତି ହୋଇଥିଲେ ମଧ୍ୟ ଏହା ଏପର୍ଯ୍ୟନ୍ତ ଲାଗୁ ହୋଇନଥିବାରୁ କର୍ମଚାରୀମାନେ ଆନ୍ଦୋଳନ ପନ୍ଥା ଆପଣାଇଛନ୍ତି। ନିଷ୍ପତ୍ତି ଅନୁଯାୟୀ ପ୍ରତ୍ୟେକ ଶନିବାର ଛୁଟି ରହିବା ଦାବି ରହିଛି। ଅନ୍ୟପକ୍ଷରେ, ଶୁକ୍ରବାର ଧର୍ମଘଟ ପରେ ମାସର ଦ୍ୱିତୀୟ ଶନିବାର, ରବିବାର, ଗଣେଶ ପୂଜା ଅବସରରେ ସୋମବାର ଏବଂ ନୂଆଖାଇ ପାଇଁ ମଙ୍ଗଳବାର ବ୍ୟାଙ୍କ ଛୁଟି ରହିବାରୁ ଲଗାତାର ପାଞ୍ଚ ଦିନ ଧରି ବ୍ୟାଙ୍କିଂ ସେବା ପ୍ରଭାବିତ ହେବା ଆଶଙ୍କା ରହିଛି ।

## ବିଦ୍ୟୁତ ସୁରକ୍ଷା ନେଇ ସତର୍କତାମୂଳକ ନିର୍ଦ୍ଦେଶାବଳୀ ଜାରି

ବ୍ରହ୍ମପୁର, (ସବ୍ୟୁ) : ଆଗକୁ ପାର୍ବଣ ଋତୁ ଆସୁଥିବା ବେଳେ ଟିପିଏସ୍ଓଡିଏଲ୍ ଦକ୍ଷିଣ ଓଡ଼ିଶାର ସମସ୍ତ ପୂଜା କମିଟି, ଆୟୋଜକ, ବ୍ୟବସାୟୀ, ଅଭିଭାବକ ଏବଂ ସାଧାରଣ ନାଗରିକଙ୍କୁ ପୂଜା ଓ ପାର୍ବଣ ସମୟରେ ବିଦ୍ୟୁତ ଶକ୍ତିର ସୁରକ୍ଷିତ ବ୍ୟବହାର ସହିତ ଆବଶ୍ୟକ ବିଦ୍ୟୁତ ସୁରକ୍ଷା ନିୟମ ପାଳନ କରିବାକୁ ଅନୁରୋଧ କରିଛି। ପୂଜା ସମୟରେ ଅସ୍ଥାୟୀ ପୂଜା ମଣ୍ଡପ, ସାଜସଜ୍ଜା, ଷ୍ଟଲ ଏବଂ ବହୁ ସଂଖ୍ୟକ ଲୋକଙ୍କ ସମାଗମ ବଢ଼ିଥାଏ। ତେଣୁ ବିଦ୍ୟୁତ ଦୁର୍ଘଟଣାକୁ ଏଡ଼ାଇବା ଏବଂ ନିର୍ବିଘ୍ନରେ ଉତ୍ସବ ପାଳନ ପାଇଁ ଶିଶୁଙ୍କ ସମେତ ସମସ୍ତଙ୍କୁ ସତର୍କ ରହିବା ଓ ନିର୍ଦ୍ଧାରିତ ସୁରକ୍ଷା ନିୟମକୁ କଡ଼ାକଡ଼ି ଭାବେ ପାଳନ କରିବାକୁ କମ୍ପାନୀ ପରାମର୍ଶ ଦେଇଛି । ଟିପିଏସ୍ଓଡିଏଲ୍ ପୂଜା କମିଟି ଏବଂ ଆୟୋଜକମାନଙ୍କୁ ନିକଟସ୍ଥ ଟିପିଏସ୍ଓଡିଏଲ୍ କାର୍ଯ୍ୟାଳୟରୁ ଅନୁମୋଦିତ ଅସ୍ଥାୟୀ ବିଦ୍ୟୁତ ସଂଯୋଗ ନେବାକୁ ଏବଂ ବେଆଇନ ଭାବେ ହୁକିଂ କରି କିମ୍ବା ଅନୁମତି ବିନା ବିଦ୍ୟୁତ ସଂଯୋଗ ନନେବାକୁ ସତର୍କ କରାଇଛି । ଏଭଳି କାର୍ଯ୍ୟ ଦ୍ୱାରା ସର୍ଟ ସର୍କିଟ୍, ବିଦ୍ୟୁତ ଜନିତ ଅଗ୍ନିକାଣ୍ଡ, ଟ୍ରାନ୍ସଫର୍ମର ଉପରେ ଅତ୍ୟଧିକ ଚାପ ପଡ଼ିବା ସହିତ ଜୀବନ ଓ ସମ୍ପତ୍ତି ପ୍ରତି ଗୁରୁତର ବିପଦ ସୃଷ୍ଟି ହୋଇପାରେ। ପୂଜା ମଣ୍ଡପରେ ବିଦ୍ୟୁତ ସଂଯୋଗ ଓ ଅନ୍ୟାନ୍ୟ ବିଦ୍ୟୁତ କାର୍ଯ୍ୟ ପାଇଁ ଯୋଗ୍ୟ ତଥା ଲାଇସେନ୍ସପ୍ରାପ୍ତ ଇଲେକ୍ଟ୍ରିସିଆନ୍ଙ୍କ ସେବା ନେବାକୁ ଏବଂ ୱାୟାରିଂ, ସଂଯୋଗ ଓ ବୈଦ୍ୟୁତିକ ଉପକରଣଗୁଡ଼ିକୁ ଠିକ୍ ଭାବରେ ସ୍ଥାପନ ଓ ରକ୍ଷଣାବେକ୍ଷଣ କରିବାକୁ ଆୟୋଜକମାନଙ୍କୁ ପରାମର୍ଶ ଦିଆଯାଇଛି। ଏ ସମ୍ପର୍କରେ ଅମିତ କୁମାର ଗର୍ଗ, ସିଇଓ, ଟିପିଏସ୍ଓଡିଏଲ୍, କହିଛନ୍ତି, ପାର୍ବଣ ହେଉଛି ଆନନ୍ଦ, ଏକତା ଓ ଭକ୍ତିର ସମୟ ଏବଂ ଏହି ଉତ୍ସବରେ ସୁରକ୍ଷାକୁ ସର୍ବାଧିକ ପ୍ରାଥମିକତା ଦେବା ଆବଶ୍ୟକ। ବିଦ୍ୟୁତ ବ୍ୟବହାର ସମୟରେ ସାମାନ୍ୟ ଅବହେଳା ମଧ୍ୟ ଗୁରୁତର ପରିଣାମ ଆଣିପାରେ। ତେଣୁ ଆମେ ସମସ୍ତ ପୂଜା କମିଟି, ଆୟୋଜକ ଓ ନାଗରିକଙ୍କୁ ଦାୟିତ୍ୱବାନ ଭାବେ ବିଦ୍ୟୁତ ବ୍ୟବହାର କରିବା, ଅନୁମୋଦିତ ଅସ୍ଥାୟୀ ବିଦ୍ୟୁତ ସଂଯୋଗ ନେବା ଏବଂ ବିଦ୍ୟୁତ ସୁରକ୍ଷା ନିୟମକୁ ସୁରକ୍ଷିତ ଭାବେ ପାଳନ କରିବାକୁ ସେ ଅନୁରୋଧ କରିଛନ୍ତି ।

## କୋଠଘର ନିର୍ମାଣକୁ ନେଇ ଆକ୍ରମଣ, ଦୁଇ ଗିରଫ

ବ୍ରହ୍ମପୁର, (ସବ୍ୟୁ): ନିମଖଣ୍ଡି ଥାନା ଅନ୍ତର୍ଗତ ବୋରିଗାଁର ଏକ କୋଠଘର ନିର୍ମାଣକୁ ନେଇ ବିବାଦକୁ କେନ୍ଦ୍ର କରି ହୋଇଥିବା ଆକ୍ରମଣ ଅଭିଯୋଗରେ ପୋଲିସ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଉଛନ୍ତି ବୋରିଗାଁର ବାଲାଜୀ ସାହୁ (୪୦) ଏବଂ ବଳରାମ ସାହୁ (୨୯)। ଘଟଣାରେ ବ୍ୟବହୃତ ଭଙ୍ଗା ଇଟକୁ ଜବତ କରାଯାଇଛି। କେସ୍ ନଂ-୨୮୭/୨୬ ତାଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଛି। ପ୍ରକାଶ ଯେ, ବୋରିଗାଁର କୋଠଘର ଘେରାକୁ ନେଇ ବିବାଦ ସମୟରେ ଅଭିଯୁକ୍ତ ବାଲାଜୀ ସାହୁ (୪୦) ଓ ବଳରାମ ସାହୁ (୨୯) ଉଭୟେ କାର୍ତ୍ତିକଙ୍କୁ ଗାଳିଗୁଲଜ ଓ ଧମକ ଦେଇଥିଲେ। ପରେ ବାଲାଜୀ ଏକ ଭଙ୍ଗା ଇଟାରେ କାର୍ତ୍ତିକଙ୍କ ମୁଣ୍ଡକୁ ଆକ୍ରମଣ କରିବାରୁ ସେ ଗୁରୁତର ହୋଇଥିଲେ। ପରେ କାର୍ତ୍ତିକ ସାହୁ (୪୧) ଏନେଇ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ କରି ଉକ୍ତ ଦୁଇ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

## ଦମ୍ପତିଙ୍କୁ ଆକ୍ରମଣ ବାପା-ପୁଅ ଗିରଫ

ବ୍ରହ୍ମପୁର, (ସବ୍ୟୁ): ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଜଣେ ମହିଳାଙ୍କୁ ଧମକ ସହ ତାଙ୍କ ସ୍ୱାମୀଙ୍କୁ ଆକ୍ରମଣ ଅଭିଯୋଗରେ ସଦର ଥାନା ପୋଲିସ ଅଭିଯୁକ୍ତ ବାପା ପୁଅକୁ ୨ ଗିରଫ କରିଛି। ସେମାନେ ହେଲେ ସତପଣ୍ଡିଆ ଗ୍ରାମର ପ୍ରକାଶ ନାୟକ (୪୫)ଓ ତାଙ୍କୁ ପୁଅ ଶିବ ନାୟକ (୧୯)। ଆକ୍ରମଣ ବେଳେ ବ୍ୟବହୃତ ଲୁହା ବଳା ପୋଲିସ ଜବତ କରିଛି। କେସ୍ ନଂ ୫୭୩/୨୬ ରେ ଉଭୟ ଅଭିଯୁକ୍ତଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଛି। ଗତ ୯ ତାରିଖ ସନ୍ଧ୍ୟାରେ ଜଣେ ମହିଳାଙ୍କ ଗାଁ ଦାଣ୍ଡରେ ଶିବ ନାୟକ ଅଟକାଇ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଧମକଚମକ ଦେଇଥିଲା। ପରେ ଶିବ ଓ ତାଙ୍କ ବାପା ପ୍ରକାଶ ଉକ୍ତ ମହିଳାଙ୍କ ସ୍ୱାମୀ ସୂର୍ଯ୍ୟ ନାୟକଙ୍କ ସହ ଝଗଡ଼ା କରିଥିଲେ। ଏହି ସମୟରେ ଉଭୟ ଅଭିଯୁକ୍ତ ସୂର୍ଯ୍ୟଙ୍କ ମୁଣ୍ଡ, ମୁହଁ ଓ ପିଠିକୁ ମୁଥ ଏବଂ ଲୁହାର ବଳାରେ ଆକ୍ରମଣ କରିଥିଲେ। ଆକ୍ରମଣରେ ସୂର୍ଯ୍ୟ ଗୁରୁତର ହୋଇଥିଲେ। ପରେ ଅଭିଯୁକ୍ତମାନେ ତାଙ୍କୁ ହତ୍ୟା ଧମକ ଦେଇ ଘଟଣାସ୍ଥଳରୁ ଚାଲିଯାଇଥିଲେ। ଏନେଇ ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ କରି ଉଭୟଙ୍କୁ ଗିରଫ କରିଥିଲା।

## ବିଭିନ୍ନ ସ୍କୁଲରେ ସଚେତନତା କାର୍ଯ୍ୟକ୍ରମ

ଅନୁଗୋଳ, (ସବ୍ୟୁ) : ଅନୁଗୋଳ ଜିଲ୍ଲା ବଅଁରପାଳ ବ୍ଲକ ଅରା ହାଟ, ବଉଳିଗୋଡ଼ କଙ୍କିନାଳି, ପୁରୀକିଆ ଠାରେ ସ୍କୁଲ ସଚେତନତା କରାଯାଇଛି। ବିଶ୍ୱଯୁବ କେନ୍ଦ୍ର ବଣୀନାଳୀ ଅନୁଗୋଳ ଦ୍ୱାରା ପରିଚାଳିତ ଜଷ୍ଟ ରାଇଟ ଫର୍ ଚିଲଡ୍ରେନ ପ୍ରୋଗ୍ରାମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଶିକ୍ଷକ ଶିକ୍ଷୟିତ୍ରୀ, ଅଙ୍ଗନୱାଡି କର୍ମୀ, , କିଶୋର,କିଶୋରୀ ଉପସ୍ଥିତଥିଲେ । ଶିଶୁଙ୍କୁ ନିଜର ଅଧିକାରରୁ ବଞ୍ଚିତ କରି ବାଲ୍ୟ ବିବାହ , ଶିଶୁ ଚାଲାଣ, ଶିଶୁ ଯୌନ ନିର୍ଯାତନା, ଶିଶୁ ଶ୍ରମିକ ତଥା ଜୀବନ ପ୍ରତି ବିପଦ ସଙ୍କୁଳନ କାର୍ଯ୍ୟ ରେ ନିୟୋଜିତ ତଥା ଏହାର ଭୟାବହତା ଉପରେ ଆଲୋଚନା କରାଯାଇ ଥିଲା । ବାଲ୍ୟ ବିବାହ ତଥା ଶିଶୁଙ୍କୁ ଶ୍ରମରେ ନିୟୋଜିତ କରୁଥିବା ଲୋକଙ୍କ ପାଇଁ ଭାରତୀୟ ଆଇନ ଅନୁଯାୟୀ ବାଲ୍ୟ ବିବାହର ଦଣ୍ଡ ବିଧାନ ଓ ନିୟମାବଳୀ ଏବଂ ପ୍ରତେକ ଶିଶୁର ଚାରୋଟି ପ୍ରାଥମିକ ଅଧିକାର ବିଷୟରେ ଆଲୋଚନା କରାଯାଇଥିଲା। ବିଶ୍ୱ ଯୁବ କେନ୍ଦ୍ର ର ନିର୍ଦ୍ଦେଶକ ମନୋଜ କୁମାର ମହାପାତ୍ର ଓ ପୂଜା ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ପ୍ରକଳ୍ପ ସହଯୋଗୀ ଲକ୍ଷ୍ମୀ ବେହେରା ସଭା ପରିଚାଳନା କରିଥିଲେ।

## ଗଜାନନଙ୍କ ପୂଜା ପାଇଁ ଲାଗୁ ହେଲା ନୋ ଏଣ୍ଟ୍ରି

ତାଳଚେର, (ସବ୍ୟୁ) : ଆଗକୁ ତାଳଚେରର ପ୍ରସିଦ୍ଧ ଗଣେଶପୂଜା ୧୪ତାରିଖରୁ ୨୬ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ନେଇ ୧୪୯ ନଂ ଜାତୀୟ ରାଜପଥରେ ନୋଏଂଟ୍ରି ଲାଗୁ କରିଛନ୍ତିଅନୁଗୋଳ ଜିଲ୍ଲାପାଳ ଅବଦୂଲ ଏମଅଖତର । ଏହି ଜାତୀୟ ରାଜପଥ ଦେଇ ଦୈନିକ ହଜାର ହଜାର ଭାରୀଯାନ ଚଳାଚଳ କରିଥିବା ଯୋଗୁଁ ରାସ୍ତାଟି ସମ୍ପୂର୍ଣ୍ଣ ସଂକୀର୍ଣ୍ଣ ହୋଇପଡେ। ପୂଜା ମାହୋଲ ସମୟରେ ଶ୍ରଦ୍ଧାଳୁ ଓ ଭକ୍ତଙ୍କ ଗମନାଗମନ ଓ ପୂଜା କୁ ବୁଲି ଦେଖିବାକୁ ଏହି ନୋଏଂଟ୍ରି ସହାୟକ ହୋଇ ପାରିବ । ବିଭିନ୍ନ ଅଂଚଳରୁ ଆସିଥିବା ବ୍ୟବସାୟୀ, ମୀନାବଜାର, ଦୋଳି ଇତ୍ୟାତିକୁ ନେଇ ସନ୍ଧ୍ୟା ସମୟରେ ଭିଡ ଲାଗି ରହେ । ତେଣୁ ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଅପରାହ୍ଣ ୩ଘଟିକା ଠାରୁ ରାତ୍ରୀ ୧୧.୩୦ମିନିଟ ପର୍ଯ୍ୟନ୍ତ ନୋଏଂଟ୍ରି ଲାଗୁ କରାଯିବା ସହ ୨୬ତାରିଖ ଭସାଣି ଉତ୍ସବ ରହୁଥିବାରୁ ସକାଳ ୭ଘଟିକା ଠାରୁ ରାତ୍ରୀ ୧୧ଘଟିକା ପର୍ଯ୍ୟନ୍ତ ଭାରୀଯାନ ଚଳାଚଳ ବନ୍ଦ ରହିବ ବୋଲି ନିର୍ଦ୍ଦେଶନାମା ଜାରି ରହିଛି । ଏହାର କପି ତାଳଚେର ଉପଜିଲ୍ଲାପାଳ, ଉପଖଣ୍ଡ ଆରକ୍ଷୀ ଅଧିକ (ଏସ ଟାଉନ ଥାନା ଅଧିକାରୀ, କୋଲିୟରୀ ଥାନା ଅଧିକାରୀଙ୍କୁ ଦେବା ସହ ତାଳଚେର ପରିବହନ ବିଭାଗ ଏବଂ ଅନୁଗୋଳ ଏସପିଙ୍କୁ ପ୍ରଦାନ କରାଯାଇଛି ।

## ଟ୍ରେନରେ ଗଲାବେଳେ ଅଧା ରାସ୍ତାରୁ ମହିଳା ନିଖୋଜ

ଭଞ୍ଜନଗର, (ସବ୍ୟୁ) : ଶାଶୁଙ୍କ ସହ ଟ୍ରେନ୍‌ରେ ବ୍ରହ୍ମପୁର ଷ୍ଟେସନରୁ ନାଗାଲାଣ୍ଡର ଡିମାପୁରକୁ ଯାଉଥିଲେ ବୋହୂ । ବାଲେଶ୍ୱର ନିକଟରେ ଶାଶୁ ଜାଣିବାକୁ ପାଇଲେ, ସାଥିରେ ଥିବା ବୋହୂ ଟ୍ରେନ୍‌ରେ ନାହାନ୍ତି । ଦୁଇଦିନ ଧରି ଖୋଜାଖୋଜି କରିବା ପରେ ମଧ ନିଖୋଜ ମହିଳାଙ୍କ କୌଣସି ସନ୍ଧାନ ମିଳିନାହିଁ । ଭଂଜନଗର ନିକଟସ୍ଥ ବାଉଁଶଲୁଣ୍ଡିର ଦୁଷ୍ମନ୍ତ ପ୍ରଧାନଙ୍କ ସ୍ତ୍ରୀ ସାଗରିକା ପ୍ରଧାନ । ଗୁରୁବାର ଦିନ ଭୋର ସମୟରେ ବ୍ରହ୍ମପୁର ରେଳ ଷ୍ଟେସନରୁ ଡିମାପୁର ଯିବାପାଇଁ ମା' ଓ ସ୍ତ୍ରୀଙ୍କୁ ଟ୍ରେନରେ ବସାଇ, ଭଂଜନଗର ଫେରି ଆସିଥିଲେ ଦୁଷ୍ମନ୍ତ । ଯାଉଥିବା ସମୟରୁ ମା' ଏବଂ ସ୍ତ୍ରୀ ଙ୍କ ସହ ଫୋନ୍‌ରେ ଯୋଗା ଯୋଗରେ ଥିଲେ। ବାଲେଶ୍ୱର ନିକଟରେ ଟ୍ରେନ ପହଞ୍ଚିବା ପରେ, ମା' ଙ୍କ ଠାରୁ ଜାଣିବାକୁ ପାଇଲେ, ଦେହ ଅସୁସ୍ଥ ହେବାରୁ ସ୍ତ୍ରୀ ଟ୍ରେନରୁ ଓହ୍ଲାଇଥିଲେ। ତା'ପର ଠାରୁ ତାଙ୍କ ସହ ଆଉ ଯୋଗାଯୋଗ ହୋଇ ପାରିନାହିଁ। ଖବର ପାଇବା ସଙ୍ଗେ ସଙ୍ଗେ ଶୁକ୍ରବାର ଦିନ ଦୁଷ୍ମନ୍ତ ବାଲେଶ୍ୱର, ଯାଜପୁର ପର୍ଯ୍ୟନ୍ତ ଯାଇ ଖୋଜାଖୋଜି କରିଥିଲେ ମଧ୍ୟ ସ୍ତ୍ରୀଙ୍କର ସନ୍ଧାନ ମିଳିନଥିଲା । ଏ ସଂକ୍ରାନ୍ତରେ ଶନିବାର ଦିନ, ବ୍ରହ୍ମପୁର ଷ୍ଟେସନରେ ନିଖୋଜ ମାମଲା ନେଇ ଲିଖିତ ଅଭିଯୋଗ କରିବେ । ହସ୍ତଗତ ହୋଇଥିବା ସୂଚନା ପ୍ରକାରେ, ମା' ଏକା ଟ୍ରେନରେ ବସି ଡିମାପୁର ଠାରେ ଓହ୍ଲାଇ ସାରିଛନ୍ତି। ପୋଲିସର ତଦନ୍ତ ପରେ ଘଟଣା ସଂକ୍ରାନ୍ତରେ ସ୍ପଷ୍ଟ ହେବ ବୋଲି କୁହାଯାଇଛି। ଅନ୍ୟପକ୍ଷରେ ନିଖୋଜ ଥିବା ମହିଳା ସାଗରିକା ପ୍ରଧାନଙ୍କ ସଂକ୍ରାନ୍ତରେ ସନ୍ଧାନ ମିଳିଲେ ୯୧୧୪୬୨୦୬୭୦ ଫୋନ୍ ଯୋଗେ ଜଣାଇବାକୁ ନିବେଦନ କରିଛନ୍ତି ଦୁଷ୍ମନ୍ତ ପ୍ରଧାନ । ଦୁଷ୍ମନ୍ତ ଭଂଜନଗର ଅଞ୍ଚଳର ଜଣେ ସାମ୍ବାଦିକ ଏବଂ ଖବରକାଗଜ ବିତରକ ଭାବେ କାମ କରୁଛନ୍ତି । ଏ ସଂକ୍ରାନ୍ତରେ ସମସ୍ତ ସାମ୍ବାଦିକ ବନ୍ଧୁଙ୍କ ସହଯୋଗ ମଧ୍ୟ ଲୋଡ଼ିଛନ୍ତି ।

## ପୋଖରୀରେ ବୁଡ଼ି ମୃତ

ପରଜଙ୍ଗ,(ସବ୍ୟୁ) :ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଥାନା ଅଧୀନ ସାଆନ୍ଦା ଫାଣ୍ଡି ଅନ୍ତର୍ଗତ ରୋଡ ପଞ୍ଚାୟତ ଗଇଲୋ ଗ୍ରାମରେ ପୋଖରୀରେ ବୁଡି ଜଣକର ମୃତ୍ୟୁ ଘଟିଛି। ଗଇଲୋ ଗ୍ରାମର ବୈଷ୍ଣବ ସାହୁଙ୍କ ପୁତ୍ର ଭୀମସେନ ସାହୁ (୫୫) ଆଜି ଦିନ ୧୧ ଘଟିକା ସମୟରେ ଗାଁର ପ୍ରଧାନ ବନ୍ଧକୁ ଗାଧୋଇବା ପାଇଁ ଯାଇଥିବା ବେଳେ ଗୋଡ ଖସି ଯିବାରୁ ଗଭୀର ଜଳରେ ବୁଡି ଯାଇଥିଲେ।ଫେରିବା ବିଳମ୍ବ ହେବାରୁ ପରିବାର ଲୋକେ ପୋଖରୀରେ ଭାସୁଥିବା ଅବସ୍ଥାରେ ଉଦ୍ଧାର କରି ପରଜଙ୍ଗ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ।ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।ଖବର ପାଇ ସାଆନ୍ଦା ଫାଣ୍ଡି ଅଧିକାରୀ ଅନନ୍ତ ମାଝି ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଥିବା ବେଳେ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି କହିଥିଲେ।

## ସାମ୍ବାଦିକଙ୍କ ମାତୃ ବିୟୋଗ



ହିନ୍ଦୋଳ, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡର ବରିଷ୍ଠ ସାମ୍ବାଦିକ ଦୁଷ୍ମନ୍ତ ମିଶ୍ରଙ୍କ ମାତୃ ବିୟୋଗରେ ସାମ୍ବାଦିକ ମହଲରେ ଶୋକର ଛାୟା ଖେଳିଯାଇଛି । ହିନ୍ଦୋଳ ସାମ୍ବାଦିକ ସଙ୍ଘର ବରିଷ୍ଠ ସଦସ୍ୟ ତଥା ଦୈନିକ ଖବରକାଗଜ ସମୟର ସାମ୍ବାଦିକ ଦୁଷ୍ମନ୍ତ ମିଶ୍ରଙ୍କ ମାତା ସ୍ୱର୍ଗତା ବିନୋଦିନୀ ମିଶ୍ର(୭୬) ଗତ କିଛିଦିନ ଧରି ଅସୁସ୍ଥତା ହେତୁ ଚିକିତ୍ସିତ ହେଉଥିଲେ। ମାତ୍ର ଗତକାଲି ଅସୁସ୍ଥତା ବଢ଼ିବାରୁ ତାଙ୍କୁ ହିନ୍ଦୋଳ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା ମାତ୍ର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରିଥିଲେ। ଉଲ୍ଲେଖ ଯୋଗ୍ୟ ୧୫ ଦିନ ପୂର୍ବରୁ ତାଙ୍କ ଝିଅଙ୍କର ଅକାଳ ବିୟୋଗ ଘଟିଥିବାବେଳେ ତାଙ୍କ ବିୟୋଗରେ ପରିବାରରେ ଶୋକର ବାତାବରଣ ସୃଷ୍ଟି ହୋଇଛି। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ବଡ଼ପୁଅ ବରିଷ୍ଠ ଆଇନଜୀବୀ(ପୂର୍ବତନ ସରକାରୀ ଓକିଲ) ସୁଶାନ୍ତ ମିଶ୍ର, ସାମ୍ବାଦିକ ଦୁଷ୍ମନ୍ତ ମିଶ୍ର, ଦୁଇ ବୋହୂ, ନାତି, ଜ୍ୱାଇଁ ଙ୍କ ସମେତ ପରିଜନ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ଅନ୍ତ୍ୟେଷ୍ଟିକ୍ରିୟା ସମାପନ ହୋଇଥିବା ବେଳେ ସ୍ୱର୍ଗତ ମିଶ୍ରଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସ୍ୱର୍ଗତା ମିଶ୍ର ଜଣେ ପରୋପକାରୀ, ମିଷ୍ଟଭାଷୀ ଧର୍ମପରାୟଣା ମହିଳା ଥିବାବେଳେ ତାଙ୍କ ବିୟୋଗରେ ପୂର୍ବତନ ସାଂସଦ ମହେଶ ସାହୁ, ସମସ୍ତ ସାମ୍ବାଦିକଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି।

## ଉପସ୍ୱାସ୍ଥ୍ୟକେନ୍ଦ୍ରରେ ରହୁନାହାନ୍ତି କର୍ମଚାରୀ, ରୋଗୀ ହଇରାଣ

ଠାକୁରଗଡ଼ ,(ସବ୍ୟୁ) :ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବା ପହଞ୍ଚିବା ପାଇଁ ସରକାର ଅନେକ ପଞ୍ଚାୟତରେ ଉପ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲିଛନ୍ତି। ହେଲେ ଏହି କେନ୍ଦ୍ର ଗୁଡିକରେ ସଠିକ ଭାବରେ କର୍ମଚାରୀମାନେ ରହୁ ନଥିବା ଯୋଗୁଁ ରୋଗୀ ମାନଙ୍କୁ ପ୍ରାଥମିକ ଚିକିତ୍ସା ମିଳୁନାହିଁ ।ଫଳରେ ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟ ସେବା ଠପ ହୋଇ ପଡିଛି। ଯାହା ଅନୁଗୋଳ ଜିଲ୍ଲା କିଶୋରନଗର ଓ ଆଠମଲ୍ଲିକ ବ୍ଲକ ରେ ଦେଖିବାକୁ ମିଳିଛି । ଏହି ବ୍ଲକର ପେଡିପଥର, ଗାଁ ବଇଣ୍ଡା, ନୁଁନୁକାପଶି, ବିଲେଇ ନାଳୀ, ଉରୁ କୁଳା, ହଣ୍ଡପା, କଣ୍ଟେଇକୋଳିଆ, କନ୍ତପଡା, ମଇମୁରା, ଆମ୍ବସର ମୁଣ୍ଡା ଆଦି ପଞ୍ଚାୟତ ଗୁଡିକର ଥିବା ଉପ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକ ରେ କର୍ମଚାରୀ ମାନେ ସଠିକ ଭାବରେ ରହୁ ନାହାନ୍ତି ।ଏ ନେଇ ପେଡି ପଥର ଗ୍ରାମବାସୀ ଶୁକ୍ରବାର ଦିନ ଅନୁଗୋଳ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି ।ଅଞ୍ଚଳବାସି ତାଙ୍କ ଅଭିଯୋଗ ପତ୍ର ରେ ଉଲେଖ କରିଛନ୍ତି ଯେ ପଞ୍ଚାୟତ ଗୁଡିକରେ କିପରି ପ୍ରାଥମିକ ସ୍ୱାସ୍ଥ୍ୟ ସେବା ମିଳିବ ସେ ନେଇ ସରକାର ଉପ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲିଛନ୍ତି । ଏହି କେନ୍ଦ୍ର ଗୁଡିକରେ ଜଣେ ଲେଖାଏଁ କମ୍ୟୁନିଟି ହେଲଥ ଅଫିସରଙ୍କୁ ନିଯୁକ୍ତି କରାଯାଇଛି । ସକାଳ ସମୟରେ ୪ ଘଣ୍ଟା ଓ ଅପରାହ୍ନ ପରେ ୨ ଘଣ୍ଟା କେନ୍ଦକୁ ଖୋଲିବା ପାଇଁ ନିୟମ ରହିଛି । ଏପରିକି ଗ୍ରାମାଞ୍ଚଳରୁ ଆସୁଥିବା ସମସ୍ତ ଶିଶୁ ତଥା ବୟସ୍କ ବ୍ୟକ୍ତି ମାନଙ୍କୁ ପ୍ରାଥମିକ ଚିକିତ୍ସା କରିବା ସହ ମାଗଣା ଔଷଧ ବଣ୍ଟନ କରିବା ପାଇଁ ବ୍ୟବସ୍ଥା ମଧ୍ୟ ରହିଛି । ହେଲେ ଏହି କେନ୍ଦ୍ର ଗୁଡିକରେ ନିଯୁକ୍ତି ହୋଇଥିବା ଅଫିସରମାନେ ଦିନ କୁ ସକାଳ ସମୟରେ ମାତ୍ର ଦୁଇ ଘଣ୍ଟା ଖୋଲି ସମ୍ପୂର୍ଣ୍ଣ ବନ୍ଦ କରି ଦେଉଥିବା ଅଭିଯୋଗ ହୋଇଛି । ଯାହା କି ଅପରାହ୍ନ ସମୟରେ ଆସୁଥିବା ରୋଗୀମାନେ ସେବା ନ ପାଇଁ ନିରାଶ ହୋଇ ଅଯଥା ଖର୍ଚ୍ଚାନ୍ତ ହୋଇ ଘରୋଇ ମେଡିକାଲରେ ଚିକିତ୍ସା ହେଉଛନ୍ତି । ଯାହାକୁ ନେଇ ସାଧାରଣ ରେ ଅସନ୍ତୋଷ ଦେଖା ଦେଇଛି । ଏ ନେଇ ବାରମ୍ବାର ସ୍ୱାସ୍ଥ୍ୟ ବିଭାଗର ଉଚ୍ଚ ଅଧିକାରୀଙ୍କୁ ଅବଗତ କରାଇ ଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନଥିବା ଅଭିଯୋଗ ହୋଇଛି । ତୁରନ୍ତ ଏଥି ପ୍ରତି ପଦକ୍ଷେପ ନେବାକୁ ପେଡି ପଥର ଗ୍ରାମବାସୀ ଦାବି କରିଛନ୍ତି । ଏ ନେଇ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ମଦନ ମୋହନ ପ୍ରଧାନ କୁହନ୍ତି ଉପ ସ୍ୱାସ୍ଥ୍ୟ କେନ୍ଦ୍ରରେ କର୍ମଚାରୀ ରହୁ ନଥିବା ସମ୍ପର୍କରେ ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ ।

### ଖାଦ୍ୟ ସୁରକ୍ଷା ବିଭାଗର ଚଢାଉ

## ୩୪ ଲିଟର ବ୍ୟବହୃତ ତେଲ ନଷ୍ଟ, ୧.୭୭ଲକ୍ଷ ଟଙ୍କା ଜରିମାନା

ଢେଙ୍କାନାଳ,(ସବ୍ୟୁ) :ଢେଙ୍କାନାଳ ସହରରେ ଖାଦ୍ୟ ସୁରକ୍ଷାକୁ ନେଇ ଚଢାଉ ଜୋରଦାର କରାଯାଇଛି। ଖାଦ୍ୟ ସୁରକ୍ଷା ବିଭାଗର ଜୋରଦାର ଚଢ଼ାଉ କରାଯାଇ ୨୪୦ କିଲୋଗ୍ରାମ ବାସି ଓ ମିଆଦ ପୂରିଯାଇଥିବା ଖାଦ୍ୟ ସହିତ ୩୪ ଲିଟର ବ୍ୟବହୃତ ତେଲ ନଷ୍ଟ କରାଯାଇଥିବା ବେଳେ ୧ଲକ୍ଷ ୭୭ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବାର ଜଣାପଡିଛି।

ଜିଲ୍ଲାରେ ପାର୍ବଣ ଋତୁ ଆଗମନ ସହିତ ବିଘ୍ନ ଗଣେଶ ପୂଜାକୁ ଦୃଷ୍ଟିରେ ରଖି ଖାଦ୍ୟର ମାନ ଓ ସୁରକ୍ଷା ସୁନିଶ୍ଚିତ କରିବା ତଥା ଜନସାଧାରଣଙ୍କୁ ନିରାପଦ ଖାଦ୍ୟ ଯୋଗାଇଦେବା ଲକ୍ଷ୍ୟରେ ଢେଙ୍କାନାଳ ସହରର ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନରେ ଖାଦ୍ୟ ସୁରକ୍ଷା ଯାଞ୍ଚ କରାଯାଇଛି।ଏହି ସ୍ୱତନ୍ତ୍ର ଅଭିଯାନରେ ସହରର ବିଭିନ୍ନ ମିଠା ଦୋକାନ, ହୋଟେଲ, ଫାଷ୍ଟଫୁଡ୍ କେନ୍ଦ୍ର ଏବଂ ଫଳ ଗୋଦାମ ସମେତ ମୋଟ ୧୩ଟି ବ୍ୟବସାୟିକ ପ୍ରତିଷ୍ଠାନ ଉପରେ ଚଢ଼ାଉ କରାଯାଇ ଯାଞ୍ଚ କରାଯାଇଥିଲା।ଏହି ଚଢାଉ ସମୟରେ ବିଭିନ୍ନ ବ୍ୟବସାୟୀକ ସଂସ୍ଥାର ଯାଞ୍ଚ ସମୟରେ ପ୍ରାୟ ୨୪୦ କିଲୋଗ୍ରାମ ବାସି ତଥା ମିଆଦ ପୂରିଯାଇଥିବା ଖାଦ୍ୟ ସାମଗ୍ରୀ ଏବଂ ବାରମ୍ବାର ରନ୍ଧା କାଯ୍ୟରେ ବ୍ୟବହୃତ ୩୪ ଲିଟର ପୋଡ଼ା ତେଲକୁ ଘଟଣାସ୍ଥଳରେ ହିଁ ସମ୍ପୂର୍ଣ୍ଣ ନଷ୍ଟ କରାଯାଇଛି। ଚଢାଉ ସମୟରେ ପ୍ରତିଷ୍ଠାନଗୁଡ଼ିକରେ ଅସ୍ୱାସ୍ଥ୍ୟକର ପରିବେଶ, ପାନୀୟ ଜଳ ଓ ଖାଦ୍ୟ ସାମଗ୍ରୀର ଅସୁରକ୍ଷିତ ସଂରକ୍ଷଣ ତଥା ଫଳ ଗୋଦାମରେ କ୍ଷତିକାରକ କାର୍ବାଇଡ୍‌ବ୍ୟବହାର କରିବା ଅଭିଯୋଗରେ ଖିଲାପକାରୀଙ୍କ ଠାରୁ ୧ଲକ୍ଷ ୭୭ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି।ଖାଦ୍ୟର ମାନକୁ ଅଧିକ ପରୀକ୍ଷା କରିବା ପାଇଁ ବିଭିନ୍ନ ସନ୍ଦିଗ୍ଧ ଖାଦ୍ୟ ସାମଗ୍ରୀର ୧୧ଟି ନମୁନା ସଂଗ୍ରହ କରାଯାଇ ଲାବୋରେଟୋରୀ ବିଶ୍ଳେଷଣ ପାଇଁ ପଠାଯାଇଛି।ପାର୍ବଣ ଋତୁରେ ଲୋକଙ୍କ ସ୍ୱାସ୍ଥ୍ୟ ସହ ଖେଳୁଥିବା କରୁଥିବା ଅସାଧୁ ବ୍ୟବସାୟୀଙ୍କ ବିରୋଧରେ ଆଗାମୀ ଦିନରେ ଏହିପରି କଠୋର ଯାଞ୍ଚ ଅଭିଯାନ ନିରଂର ଜାରି ରହିବ ବୋଲି ପ୍ରଶାସନ ତରଫରୁ ଚେତାବନୀ ଦିଆଯାଇଛି। ସମସ୍ତ ବ୍ୟବସାୟୀ ସ୍ୱଚ୍ଛତା ରକ୍ଷା କରିବା ସହ ଖାଦ୍ୟ ସୁରକ୍ଷା ନିୟମାବଳୀର କଡ଼ାକଡ଼ି ଅନୁପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।ଏହି ମିଳିତ ଚଢ଼ାଉରେ ଉପଜିଲ୍ଲାପାଳ ପଦ୍ମଚରଣ ସାହୁ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ନୀଳମଣି ଚାନ୍ଦ ବେହେରା, ଖାଦ୍ୟ ସୁରକ୍ଷା ଅଧିକାରୀ ଏମ. ସ୍ୱାଗତିକା, ପୁଲିସ ଟିମ୍, ଢେଙ୍କାନାଳ ପୌରପାଳିକାର ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ଏବଂ ଖାଦ୍ୟ ସୁରକ୍ଷା ବିଭାଗର ଟିମ୍ ସାମିଲ ହୋଇଥିଲେ।



## ଜିଏମ୍ଆର୍‌ରେ ରକ୍ତଦାନ ଶିବିର : ୩୨୧ ୟୁନିଟ୍ ସଂଗ୍ରହ

ଢେଙ୍କାନାଳ, (ସବ୍ୟୁ) : ଢେଙ୍କାନାଳ ଜିଏମ୍ଆର୍ କମଳାଙ୍ଗ ଏନର୍ଜି ଲିମିଟେଡ୍ ପକ୍ଷରୁ ଢେଙ୍କାନାଳ ଜିଲ୍ଲା ରକ୍ତ କେନ୍ଦ୍ରର ସହଯୋଗରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା । କର୍ମଚାରୀ ଓ ସହଯୋଗୀମାନଙ୍କ ସ୍ୱେଚ୍ଛାକୃତ ଅଂଶଗ୍ରହଣରେ ଶିବିରରୁ ୩୨୧ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା । ଜିକେଇଏଲ୍ ର ପ୍ରକଳ୍ପ ନିର୍ଦ୍ଦେଶକ ମନୋଜ କୁମାର ମିଶ୍ର ଓ ପ୍ଲାଣ୍ଟ ମୁଖ୍ୟରଘୁନାଥ ପି. ମିଳିତ ଭାବେ ରକ୍ତଦାନ ଶିବିରର ଉଦ୍ଘାଟନ କରିଥିଲେ । ଏହି ଅବସରରେ ମନୋଜ କୁମାର ମିଶ୍ର ସ୍ୱଇଚ୍ଛାରେ ରକ୍ତଦାନ କରିବା ସହ କର୍ମଚାରୀ ମାନଙ୍କୁମଧ ରକ୍ତଦାନ ପାଇଁ ଉତ୍ସାହିତ କରିଥିଲେ । ତାଙ୍କର ଏହି ପଦକ୍ଷେପ ଅନ୍ୟମାନଙ୍କୁ ରକ୍ତଦାନ ପାଇଁ ପ୍ରେରଣା ଯୋଗାଇଥିଲା । ଜିକେଇଏଲ୍ କର୍ମଚାରୀଙ୍କ ସମେତ ସହଯୋଗୀ ସଂସ୍ଥା, ଜିଏମ୍ଆର ବରଲକ୍ଷ୍ମୀ ଡିଏଭି ପବ୍ଲିକ ସ୍କୁଲ, ଜିଏମ୍ଆର ବରଲକ୍ଷ୍ମୀ ଫାଉଣ୍ଡେସନ୍, ସୁରକ୍ଷା ଓ ଅଗ୍ନି ନିରାପତ୍ତା କର୍ମଚାରୀମାନେ ମଧ ଶିବିରରେ ସ୍ୱେଚ୍ଛାରେ ରକ୍ତଦାନ କରିଥିଲେ । ଏହି ଅବସରରେ ଜିଏମ୍ଆର ଏନର୍ଜିର ମୁଖ୍ୟ ପରିଚାଳନା ଅଧିକାରୀ ଧନଞ୍ଜୟ ଦେଶପାଣ୍ଡେ ରକ୍ତଦାତାମାନଙ୍କୁ ଅଭିନନ୍ଦ ଜଣାଇ କହିଥିଲେ ଯେ, ରକ୍ତଦାନ ଏକ ମହତ୍ ମାନବୀୟ କାର୍ଯ୍ୟ ଏବଂ ଏହା ଅମୂଲ୍ୟ ଜୀବନ ବଞ୍ଚାଇବାରେ ସହାୟକ ହୋଇଥାଏ । ଏହିଭଳି ପଦକ୍ଷେପ ସମାଜ ପ୍ରତି ଜିକେଇଏଲ୍‌ର ଦାୟିତ୍ୱବୋଧ ଓ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି । ଶିବିରର ମୁଖ୍ୟ ଉଦ୍ଦେଶ୍ୟ ଥିଲା ରକ୍ତର ଆବଶ୍ୟ କତା ସମ୍ପର୍କରେ ସଚେତନତା ବଢାଇବା ଏବଂ ଅଧିକ ଲୋକଙ୍କୁ ନିୟମିତ ସ୍ୱେଚ୍ଛା ରକ୍ତଦାନ ପାଇଁ ପ୍ରେରିତ କରିବା । ୩୨୧ ୟୁନିଟ୍ ର୍କତ ସଂଗ୍ରହ ଶିବିରର ସଫଳତା ସହିତ କର୍ମଚାରୀ ଓ ସହଯୋଗୀମାନଙ୍କ ସାମାଜିତ ଦାୟିତ୍ୱବୋଧର ଏକ ଉଜ୍ଜ୍ୱଳ ଉଦାହରଣ ହୋଇଛି । ଜିଏମ୍ଆର୍ ଗୋଷ୍ଠୀର ସାମାଜିକ ଦାୟିତ୍ୱମୂଳକ ପଦକ୍ଷେପ ଅଧୀନରେ ଏଭଳି ରକ୍ତଦାନ ଶିବିର ଆୟୋଜନ କରାଯାଇ ଆସୁଛି । ରକ୍ତଦାତାଙ୍କ ସକ୍ରିୟ ଅଂଶଗ୍ରହଣ ଏହି ଅଭିଯାନକୁ ସଫଳ କରିବା ସହିତ ଅନ୍ୟ ମାନଙ୍କୁ ମଧ୍ୟ ରକ୍ତଦାନ ପାଇଁ ପ୍ରେରଣା ଯୋଗାଇଛି ।



# ଦୁଇ ଚୋରଙ୍କୁ କୋର୍ଟଚାଲାଣ



ବେତନଟୀ,(ସବ୍ୟୁ): ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ ବୈଶିଙ୍ଗା ଥାନା ଅଧୀନ ଡାହିବାଡି ଗ୍ରାମରେ ପୂର୍ବରୁ ହୋଇଥିବା ଚୋରି ମାମଲାରେ ୨ ଜଣ ଯୁବକଙ୍କୁ କୋର୍ଟ ଚାଲାଣ କରାଯାଇଛି । ଗତ ୨୬ ତାରିଖରେ ସନ୍ଧ୍ୟାରେ ଗୋବିନ୍ଦରାୟପୁର ଉପକଣ୍ଠ ଡାହିବାଡ଼ି ଗ୍ରାମର ପପୁ ଖାଁ ନିଜର ପରିବର୍ଗଙ୍କୁ ଧରି ଜ୍ଜୁଲୁସ ଦେଖିବା ପାଇଁ ଯାଇଥିଲେ । ଏହାର ସୁଯୋଗ ନେଇ କିଛି ଦୁର୍ବୃତ୍ତ ତାଙ୍କ ଘରର ତାଲା ଭାଙ୍ଗି ସୁନା ଏବଂ ରୂପ ଗହଣା ସମେତ ନଗଦ ଟଙ୍କା ମଧ ଲୁଟି ନେଇଥିଲେ । ଏହି ଅଭିଯୋଗକୁ ୪୧୯/୨୬ର ଏକ ମାମଲା ରୁଜୁ କରି ପୁଲିସ ତଦନ୍ତ ଜାରି ରଖିଥିଲା । ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ବୈଶିଙ୍ଗା ଥାନାଧିକାରୀ ବାବାଶଙ୍କର ସରଫ ଙ୍କ ନିର୍ଦ୍ଦେଶକ୍ରମେ ଏଏସଆଇ ସପନ କୁମାର ବିଶ୍ୱାଳ ସଦଳବଳ ଗୁରୁବାର ସନ୍ଧ୍ୟା ସମୟରେ ଡାହିବାଡି ଗ୍ରାମରେ ଚଢାଉ କରି ୩ ଯୁବକଙ୍କୁ ଗିରଫ କରିଥିଲେ । ତଦନ୍ତ ପରେ ଏହି ଘଟଣାରେ ଜଡ଼ିତ ଥିବା ଡାହିବାଡ଼ି ଗ୍ରାମର ସେଖ ହକିମ ର ପୁଅ ସେଖ ସାହିଲ (୨୦) ଏବଂ ସେଖ ଆୟୁବ ର ପୁଅ ସେଖ ଜୁମାରୁଦ୍ଦିନ (୨୦) କୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ଅନ୍ୟ ଜଣକୁ ନୋଟିସ ଜରିଆରେ ଚଢା ଯାଇଥିବା ଜଣାଯାଇଛି ।

# ୟୁନାଇଟେଡ଼ ବ୍ରେୱରିଜ ପକ୍ଷରୁ ହାଇନେକେନ ସିଲଭରର ସମ୍ପ୍ରସାରଣ

ଯୋଡା(ସବ୍ୟୁ): ହାଇନେକେନ କମ୍ପାନୀର ଏକ ଅଂଶ, ୟୁନାଇଟେଡ଼ ବ୍ରେୱରିଜଲିଃ. (ୟୁବିଏଲ) ପକ୍ଷରୁ ଓଡ଼ିଶାରେ ହାଇକେନ ସିଲଭରର ସମ୍ପ୍ରସାରଣ ଘୋଷଣା କରାଯାଇଛି । ଏହି ସମ୍ପ୍ରସାରଣ ଉକ୍ତ ଅଂଚଳରେ ବ୍ରାଣ୍ଡକୁ ମିଳିଥିବା ସଫଳତାକୁ ଆଧାରକରି କରାଯାଇଛି । ପ୍ରିମିୟମ ତଥା ଅନ୍ତର୍ଜାତୀୟ ବିୟର ଅନୁଭୂତି ପାଇଁ ଗ୍ରାହକଙ୍କ ଚାହିଦା କ୍ରମାଗତ ଭାବେ ବୃଦ୍ଧି ପାଉଛି, ଯେଉଁଥିରେ ବିୟର ପ୍ରେମୀମାନେ ଗୁଣବତ୍ତା, ତାଜାପଣ ଏବଂ ସ୍ୱତନ୍ତ୍ର ସ୍ୱାଦର ସମ୍ମିଶ୍ରଣ ଥିବା ଉତ୍ପାଦକୁ ଅଧିକ ପସନ୍ଦ କରୁଛନ୍ତି । ଓଡ଼ିଶାରେ ହାଇନେକେନ ସିଲଭର୍ ୬୫୦ ମିଲିକୁ ମାତ୍ର ୨୩୦ ଟଙ୍କା, ୫୦୦ ମିଲିକୁ ମାତ୍ର ୧୮୦ ଟଙ୍କା ଏବଂ ୩୩୦ ମିଲିକୁ ମାତ୍ର ୧୪୦ ଟଙ୍କା ମୂଲ୍ୟରେ ଉପଲବ୍ଧ ହେଉଛି । ୟୁନାଇଟେଡ଼ ବ୍ରେୱରିଜଲିଃ ମୁଖ୍ୟ ମାର୍କେଟିଂ ଅଧିକାରୀ, ବିକ୍ରମ ବାହଲ କହିଛନ୍ତି ଯେ, ଡ଼ହାଇନେକେନ ସିଲଭର୍ ପ୍ରତି ମିଳିଥିବା ଭଲ ପ୍ରତିକ୍ରିୟା ସ୍ପଷ୍ଟ କରୁଛି ଯେ ଏକ ଭିନ୍ନ ଧରଣର ପ୍ରିମିୟମ ବିୟର ପାଇଁ ଗ୍ରାହକଙ୍କ ଆଗ୍ରହ ବୁଛି ଛ ଓଡ଼ିଶାରେ ଆମର ଉପସ୍ଥିତି ବାଇବା ସହିତ, ଆମେ ଆମର ପ୍ରିମିୟମ ପୋର୍ଟଫୋଲିଓକୁ ଆହୁରି ମଜଭୁତ କରିବା ଏବଂ ପ୍ରମୁଖ ବଜାର ଗୁଡ଼ିକରେ ଅଧିକରୁ ଅଧିକ ଗ୍ରାହକଙ୍କ ପାଖରେ ଏହି ବ୍ରାଣ୍ଡକୁ ପହଂଚାଇବା ଉପରେ ଗୁରୁତ୍ୱ ଦେଉଛୁ ।

# ପୋଲିସ ଗାଡ଼ି - କାର୍ ଧକ୍କା : ଅଳ୍ପକେ ବର୍ତ୍ତିଲେ ୩

ଭଦ୍ରକ,(ସବ୍ୟୁ): ଭଦ୍ରକ ସହର ଉପକଣ୍ଠରେ ୧୬ନମ୍ବର ଜାତୀୟ ରାଜପଥର ନେହେରୁ ଷ୍ଟାଡିୟମ୍ ନିକଟରେ ପୋଲିସ ଗାଡ଼ି ଓ ଏକ କାର ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଦୁର୍ଘଟଣାରେ ଦୁଇ ଗାଡ଼ି ଧକ୍କା ଖାଇ ପ୍ରାୟ ୫୦ମିଟର ଦୂରକୁ ଛିଟିକି ପଡ଼ିଥିବା ଜଣାପଡ଼ିଛି। ତେବେ ସୌଭାଗ୍ୟବଶତଃ କାରରେ ଥିବା ଦୁଇ ଯାତ୍ରୀ ଓ ପୋଲିସ ଗାଡ଼ିର ଚାଳକ ଅଳ୍ପକେ ବର୍ତ୍ତି ଯାଇଛନ୍ତି।କଲିକତା ଅଂଚଳର ଏକ କାର ଭୁବନେଶ୍ୱରର ଏକ ଘରୋଇ ମେଡିକାଲରୁ ଚିକିତ୍ସା ସାରି ପୂର୍ବ ମେଦିନୀପୁର ଅଭିମୁଖେ ଫେରୁଥିଲା। ଏହି ସମୟରେ ଭଦ୍ରକ ଗ୍ରାମାଂଚଳ ଥାନାଧିକାରୀଙ୍କ ଗାଡ଼ି ମଧ ସେହି ରାଜପଥ ଦେଇ ଯାଉଥିବାବେଳେ ନେହେରୁ ଷ୍ଟାଡିୟମ୍ ନିକଟରେ ଉଭୟ ଗାଡ଼ି ମଧ୍ୟରେ ଧକ୍କା ହୋଇଥିଲା। ଧକ୍କା ଏତେ ତୀବ୍ର ଥିଲା ଯେ,ଉଭୟ ଗାଡ଼ି ରାସ୍ତାରୁ ପ୍ରାୟ ୫୦ମିଟର ଦୂରକୁ ଛିଟିକି ପଡ଼ିଥିଲା। ଦୁର୍ଘଟଣା ପରେ କିଛି ସମୟ ପାଇଁ ଜାତୀୟ ରାଜପଥରେ ଯାନବାହନ ଚଳାଚଳ ବ୍ୟାହତ ହୋଇଥିଲା। କାର ଚାଳକ ଅବଦୁଲ କରିମ ଖାନଙ୍କ କହିବା ଅନୁଯାୟୀ,ଦୁର୍ଘଟଣା ସମୟରେ ଉଭୟ ଗାଡ଼ିର ବେଗ ଘଣ୍ଟାପ୍ରତି ପ୍ରାୟ ୮୦ରୁ ୯୦କିଲୋମିଟର ଥିଲା।

# ଶିକାରୀ ଗିରଫ, ବନ୍ଧୁକ ସହ ଶିକାର ସରଞ୍ଜାମ ଜବତ

ନୀଳଗିରି,(ସବ୍ୟୁ): କୁଲଡିହା ବନ୍ୟପ୍ରାଣୀ ଅଭୟାରଣ୍ୟ ଭିତରେ ଲଗାଯାଇଥିବା ଟ୍ରାପ୍ କ୍ୟାମେରାର ନିୟମିତ ଯାଂଚ ସମୟରେ ଅଭିଯୁକ୍ତଙ୍କ ଫଟୋ କ୍ୟାମେରାରେ ରେକର୍ଡ ହୋଇଥିବା ବେଳେ ଅଭିଯୁକ୍ତମାନଙ୍କ ଫଟୋ କ୍ୟାମେରାରେ କଏଦ ହୋଇଥିଲା। ସେହି ଫଟୋ ଆଧାରେ କୁଲଡିହା ବନ୍ୟପ୍ରାଣୀ ରେଞ୍ଜର ର ବନ କର୍ମଚାରୀ କପ୍ତିପଦା ରେଞ୍ଜ କର୍ମଚାରୀଙ୍କ ସହାୟତାରେ ତାଙ୍କ ଘର ଖାନତଲାସ କରି ମୟୂରଭଞ୍ଜ ଜିଲ୍ଲାର କପ୍ତିପଦା ଥାନା ଅଧିନସ୍ଥ ରଘୁନାଥପୁର (ବସୁଧାରା) ଗ୍ରାମର ମାସାଙ୍ଗ ମୁର୍ମୁ (୩୯)କୁ ବନ ବିଭାଗ ଗିରଫ କରିବା ସହ ତଠାରୁ ଗୋଟିଏ ବନ୍ଧୁକ, କିଆଇ ଫାଶ ୫ ବିଡା, ଫାଶ ୫ ବିଡା, ଗୋଟିଏ ଧନୁ, ଦୁଇଟି ତୀର, ଦୁଇଟି ଭଙ୍ଗା ଟ୍ରାପ୍ କ୍ୟାମେରା ଜବତ କରିଛନ୍ତି। ଉପରୋକ୍ତ ସାମଗ୍ରୀ ଗୁଡିକ ଚଢାଉ ଦଳର ଉପସ୍ଥିତିରେ ଅଭିଯୁକ୍ତ ବ୍ୟକ୍ତିଙ୍କ ନିକଟରୁ ଜବତ କରାଯାଇଥିଲା । ଏହା ପରେ ଅଭିଯୁକ୍ତ ବ୍ୟକ୍ତିଙ୍କୁ ଜବତ ସାମଗ୍ରୀ ସହିତ ଆବଶ୍ୟକ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ କୁଲଡିହା ବନ୍ୟପ୍ରାଣୀ ରେଞ୍ଜ କାର୍ଯ୍ୟାଳୟ, ନୀଳଗିରିକୁ ଅଣାଯାଇଥିଲା । ମାମଲାର ତଥ୍ୟ ଓ ପରିସ୍ଥିତି ଏବଂ ଜବତ ହୋଇଥିବା ସାମଗ୍ରୀ ଆଧାରରେ ଅଭିଯୁକ୍ତ ବ୍ୟକ୍ତିଙ୍କ ବିରୋଧରେ ବନ୍ୟପ୍ରାଣୀ (ସୁରକ୍ଷା) ଅଧିନିୟମ, ୧୯୭୨ ଅନୁଯାୟୀ ଓ.ଆର. କେସ୍ ନଂ ୦୯/୨୦୨୬-୨୭କୁଲଡିହା ବନ୍ୟପ୍ରାଣୀ ରେଞ୍ଜରେ ରୁଜୁ କରାଯାଇଛି ।

# ବଜ୍ରାଘାତରେ ଯୁବକ ମୃତ

ସୋର,(ସବ୍ୟୁ): ଅନନ୍ତପୁର ଥାନା କୁରୁଡ଼ା ଗ୍ରାମରେ ବିଲରେ କାମ କରୁଥିବା ବେଳେ ବଜ୍ରାଘାତର ଶିକାର ହୋଇ ଜଣେ ଯୁବକଙ୍କର ମୃତ୍ୟୁ ହୋଇ ଯାଇଥିବା ଜଣାପଡିଛି। କୁରୁଡ଼ା ଗ୍ରାମର ଅଭୟ କୁମାର ପଣ୍ଡା (୩୨) କିଛି ଶ୍ରମିକଙ୍କୁ ନେଇ ନିଜ ବିଲରେ କାମ କରୁଥିବା ବେଳେ ଗୁରୁବାର ଅପରାହ୍ନରେ ବଜ୍ରାଘାତର ଶିକାର ହୋଇ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ସୋର ଡ଼ାକ୍ତରଖାନାକୁ ଆଣିଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଅନନ୍ତପୁର ପୁଲିସ ଡ଼ାକ୍ତରଖାନାରେ ପହଁଚି ଶବ ଜବତ କରି ବ୍ୟବଛେଦ ପାଇଁ ରଖିବା ସହିତ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।

# ଖୋଲା ଆକାଶ ତଳେ ଖାଉଛନ୍ତି ପିଲା

ଆଗରପଡ଼ା,(ସବ୍ୟୁ): ଭଦ୍ରକ ଜିଲ୍ଲା ବନ୍ତବ୍ଲକ ମହାନ୍ତିପଡ଼ା ଆଶାମଣୀ ଉଚ୍ଚ ବିଦ୍ୟାପୀଠରେ ଛାତ୍ରଛାତ୍ରୀମାନେ ଖୋଲା ଆକାଶ ତଳେ ମଧ୍ୟାହ୍ନ ଭୋଜନ ଖାଉଥିବାର ଦେଖାଯାଇଛି । ୧୯୯୨ ମସିହାରେ ବ୍ଲକ ଗ୍ରାଣ୍ଟ ବିଦ୍ୟାଳୟ ଭାବେ ଏହା ପ୍ରତିଷ୍ଠା ହୋଇଥିଲା। ୨୦୦୪ମସିହାରେ ଏହା ସରକାରଙ୍କ ଠାରୁ ପୂର୍ଣ୍ଣ ଆନୁଷ୍ଠାନିକ ଅନୁଦାନ (ଗ୍ରାଣ୍ଟ-ଇନ୍-ଏଡ୍) ପାଇଥିଲା। ଏହି ବିଦ୍ୟାଳୟରେ ମୋଟ ୨୨୬ଜଣ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି। ପୁରାତନ ଏବଂ ଅଧିକ ସଂଖ୍ୟକ ପିଲା ପଢୁଥିଲେ ମଧ ଏଠାରେ ସ୍ୱତନ୍ତ୍ର ଭୋଜନ ଗୃହ (ଡ଼ାଇନିଂଙ୍ଗ ହଲ) ନାହିଁ। ଫଳରେ ଦୀର୍ଘ ଦିନ ହେବ ପିଲାମାନେ ପ୍ରତିଦିନ ସ୍କୁଲ୍ ପଡ଼ିଆ କିମ୍ବା ବାରଣ୍ଡାରେ ଖୋଲା ଆକାଶ ତଳେ ବସି ଖାଇବାକୁ ବାଧ ହେଉଛନ୍ତି। ପ୍ରଚଣ୍ଡ ଖରା ହେଉ କିମ୍ବା ବର୍ଷା,ସବୁ ପରିସ୍ଥିତିରେ ପିଲାମାନେ ଏଭଳି ଅସ୍ୱାସ୍ଥ୍ୟକର ପରିବେଶରେ ଖାଦ୍ୟ ଖାଉଛନ୍ତି,ଯାହା ସେମାନଙ୍କ ସ୍ୱାସ୍ଥ୍ୟ ପ୍ରତି ବଡ଼ ବିପଦ ସୃଷ୍ଟି କରିବାର ଆଶଙ୍କା ପ୍ରକାଶ ପାଇଛି। ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ଏହି ସ୍କୁଲ ଛାତ୍ର ଅଭିଜିତ ସାହୁ (୫୫୮ ନମ୍ବର)ବ୍ଲକ ଟପ୍ପର ତାଲିକାରେ ସ୍ଥାନ ପାଇ ସ୍କୁଲର ସୁନାମ ବଢ଼ାଇଛନ୍ତି। ଏହି ସମସ୍ୟାକୁ ନେଇ ବିଶିଷ୍ଟ ସୂଚନା ଅଧିକାର କର୍ମୀ ବିକାଶ ଧଳ ଜିଲ୍ଲାପାଳ ଓ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଏହି ଘଟଣା ବିଷୟରେ ଲିଖିତ ଭାବେ ଅବଗତ କରିବା ପରେ ଜିଲ୍ଲା ଶିକ୍ଷାଧିକାରୀ ତଦନ୍ତ କରି ରିପୋର୍ଟ ପ୍ରଦାନ ପାଇଁ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଜଗବନ୍ଧୁ ସାହୁଙ୍କୁ ନିର୍ଦ୍ଦେଶ ଦେଇଥିବାର ଜଣାପଡ଼ିଛି।

# ଏସ୍ଆଇଆର କାର୍ଯ୍ୟରେ ବ୍ୟାପକ ଚଞ୍ଚକତା : ଇଣ୍ଡି ମେଣ୍ଟ

ଜଳେଶ୍ୱର,(ସବ୍ୟୁ): ଜଳେଶ୍ୱର ନିର୍ବାଚନ ମଣ୍ଡଳୀରେ ଏସ ଆଇ ଆର ପ୍ରକ୍ରିୟାରେ ବ୍ୟାପକ ଅନିମତିୟତା ଓ ଚଞ୍ଚକତା ବିରୁଦ୍ଧରେ ଇଣ୍ଡିଆ ମେଣ୍ଟ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏସଆଇଆର ପ୍ରକ୍ରିୟା ଦାୟିତ୍ୱରେ ଥିବା ବ୍ଲକ କାର୍ଯ୍ୟାଳୟର ଜନୈକ ଅଧିକାରୀ ଫର୍ମ ୭ କୁ ଅପବ୍ୟବହାର କରି ହଜାର ହଜାର ଲୋକଙ୍କୁ ଭୋଟର ଲିଷ୍ଟରୁ ବାଦ୍ କରିବା ପାଇଁ ଚକ୍ରାନ୍ତ ଚଳାଇଥିବା କୁହାଯାଇଛି । ରାଜପୁର ପଞ୍ଚାୟତର୍ମରେ ଜାଲ ଦସ୍ତଖତ କରି ସେମାନଙ୍କ ନାମ କାଟିବା ସହିତ ସମଗ୍ର ନିର୍ବାଚନ ମଣ୍ଡଳୀରେ ଥିବା ଥିବା ୩୧୬ ବୁଥ ରେ ବହୁ ଲୋକଙ୍କ ନାମରେ ୭ ନମ୍ବର ଫର୍ମରେ ଅଭିଯୋଗ ଆସିଛି ବା ସେମାନଙ୍କ ନାମ କାଟିବା ପାଇଁ ଆବେଦନ କରାଯାଇଛି, ତାର ତାଲିକା ଦେବା ପାଇଁ ଏ ଇ ଆର ଓ, ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ପାଖରେ ଦାବି କରାଯାଇଛି । ଯଦି ଚଞ୍ଚକତା କରି କାହାରି ନାମ କଟାଯାଏ ତେବେ ଘୋର ପ୍ରତିବାଦ ହେବ ବୋଲି ଇଣ୍ଡିଆ ମେଣ୍ଟ ତରଫରୁ ଚେତାବନୀ ଦିଆଯାଇଛି । ଏହି ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ ନେତା ସୁଦର୍ଶନ ଦାସ, ସିପିଏମ ନେତା ଶିଶିର ହୁଇଙ୍କ ସମେତ ବ୍ଲକ କଂଗ୍ରେସ ସଭାପତି ହେମନ୍ତ ଗିରି, ଟାଉନ କଂଗ୍ରେସ ସଭାପତି ଜଗଦୀଶ ନନ୍ଦୀ, ନିର୍ବାଚନ ମଣ୍ଡଳୀର ସଂଯୋଜକ ମଧୁସୁଦନ ଦାସ, କିଶାନ କଂଗ୍ରେସ ସଭାପତି ସୁଦାମ ପାତ୍ର, ସିପିଏମ ନେତା ସୀତାଂଶୁ ସେନାପତି, ରବୀନ୍ଦ୍ର ବାରିକ, ପଦ୍ମଲୋଚନ ବେହେରା, ଦୀପ୍ତିମାନ ଆଚାର୍ଯ୍ୟ, ଦିଲ୍ଲୀପ ପରିଡ଼ା, ରାମ ବେହେରା, ସଞ୍ଜିତ ପ୍ରଧାନ, ପ୍ରଶାନ୍ତ ରାୟ ପ୍ରମୁଖ ଏହି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ ।

# ଟ୍ରକ୍ ଧକ୍କାରେ ବାଇକ୍ ଚାଳକର ମୃତ୍ୟୁ

ଦୋବଲ/ଭଣ୍ଡାରୀ ପୋଖରି ,(ସବ୍ୟୁ):ଧାମନଗର ଥାନା ଅନ୍ତର୍ଗତ ୧୬ନଂ ଜାତୀୟ ରାଜପଥ ବିଷ୍ଣୁପୁର ନିକଟରେ ଟ୍ରକ ଧକ୍କାରେ ଜଣେ ବାଇକ ଚାଳକଙ୍କ ମୃତ୍ୟୁ ହୋଇଛି । ଏହି ଦୁର୍ଘଟଣାକୁ ନେଇ ସ୍ଥାନୀୟ ଲୋକେ ରାସ୍ତା ଉପରେ ଶବ ରଖି ରାସ୍ତା ରୋକ କରିଥିଲେ। ଜିଲ୍ଲା ପ୍ରଶାସନ ଓ ଧାମନଗର ପୋଲିସର ହସ୍ତକ୍ଷେପ ପରେ ରାସ୍ତା ରୋକ ହଟିଥିଲା। ଏନେଇ ମୃତକଙ୍କ ଦାଦା ବିଜୟ କୁମାର ସେଠୀଙ୍କ ଏତଲା ମୁତାବକ ଧାମନଗର ପୋଲିସ କେସ ନଂ.୩୯୫ ମାମଲା ରୁଜୁ କରିବା ସହ ଘଟଣା ତଦନ୍ତ ଜାରି ରଖିଛି । ଭଦ୍ରକ ଗ୍ରାମାଂଚଳ ଥାନା ଅଧୀନ ଗୋବିନ୍ଦପୁର-ଗଣ୍ଡଗରା ଅଂଚଳର ବିଷ୍ଣୁ ସେଠୀଙ୍କ ପୁଅ ଅଶୋକ କୁମାର ସେଠୀ (୪୦) ବ୍ୟକ୍ତିଗତ କାମ ପାଇଁ ନିଜ ମୋଟର ସାଇକେଲରେ ଭଦ୍ରକ ଯାଉଥିଲେ। ଶୁକ୍ରବାର ଠିକ୍ ପୂର୍ବାହ୍ନରେ ୧୬ନଂ ଜାତୀୟ ରାଜପଥ ବିଷ୍ଣୁପୁର ଛକ ଓଭରବ୍ରିଜ ବାଇପାସ୍ ନିକଟରେ ବାଇକ୍ ଚାଳକ ଯାଉଥିବା ସମୟରେ ପଛ ପଟରୁ ଦ୍ରୁତ ଗତିରେ ଆସୁଥିବା ଏକ ମାଲ ବାହି ବଡ଼ ଟ୍ରକ(ଗାଡ଼ି ନଂ- ଓଡି-୩୪-ଭି-୬୦୭୦) ତାଙ୍କୁ ଧକ୍କା ଦେଇଥିଲା। ଦୁର୍ଘଟଣା ବେଳେ ଟ୍ରକଟି ବାଇକ୍ ଚାଳକଙ୍କୁ ତଳେ ଚାପି ଦେଇ ଘୋଷାରି ଘୋଷାରି ପ୍ରାୟ ୨୦ରୁ ୨୫ଫୁଟ ଦୂରତାକୁ ନେଇ ଯାଇଥିଲା। ସ୍ଥାନୀୟ ଲୋକେ ଟ୍ରକ୍କୁ ଅଟକାଇବା ସହ ଚାପି ହୋଇଯାଇଥିବା ବାଇକ୍ ଚାଳକ ଆଶୋକଙ୍କୁ ଟାଣି ବାହାର କରିଥିଲେ। ଘଟଣା ସ୍ଥଳରେ ଅଶୋକଙ୍କ ମୃତ୍ୟୁ ହୋଇଯାଇଥିଲା। ମୃତକଙ୍କ ଶବକୁ ବ୍ୟବଛେଦ ପାଇଁ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ଦୁର୍ଘଟଣା ଘଟାଇ ଥିବା ଟ୍ରକ୍ ଡ୍ରାଇଭର ଥାନାରେ ଅଟକ ରଖିବା ସହ ଶନିବାର କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ କହିଛି। କ୍ଷତିପୂରଣ ବାବଦକୁ ଜିଲ୍ଲା ରେଡକ୍ରସ ପାଣ୍ଠିରୁ ୩୦ ହଜାର ଏବଂ ଦୁର୍ଘଟଣା ଜନିତ ମୃତ୍ୟୁକାଳୀନ ସହାୟତା ରାଶି ୩ଲକ୍ଷ ୫୦ହଜାର ଦେବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଛି ବୋଲି ସୂଚନା ମିଳିଛି।

# ଶାଳପଡାରେ ମାପ ଓଜନ ବିଭାଗ କାର୍ଯ୍ୟାଳୟ ଉଦ୍‌ଘାଟିତ



ଆନନ୍ଦପୁର ,(ସବ୍ୟୁ):କେନ୍ଦୁଝର ଜିଲ୍ଲା ଆନନ୍ଦପୁର ମୁନିସିପାଲିଟି ଅନ୍ତର୍ଗତ ଶାଳପଡା ଠାରେ ମାପ ଓଜନ ବିଭାଗ କାର୍ଯ୍ୟାଳୟକୁ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଉଦଘାଟନ କରିଛନ୍ତି। ଏହି ଅବସରରେ ଚଳିତ ବର୍ଷ ଖରିଫ ଧାନ ସଂଗ୍ରହ ପଞ୍ଜୀକରଣ କେନ୍ଦୁଝର ଜିଲ୍ଲା ରେ ୯୪ ହଜାରରୁ ଊର୍ଦ୍ଧ୍ୱ ଚାଷୀ ନାମ ପଞ୍ଜୀକରଣ କରି ରେକର୍ଡ ସୃଷ୍ଟି କରିଛି ଏହା ଗତ ବର୍ଷ ଠାରୁ ୧୫ ହଜାର ଅଧିକ ବୋଲି ମନ୍ତ୍ରୀ ଶ୍ରୀ ପାତ୍ର କହିଥିଲେ। ଆସନ୍ତା ଖରିଫ ଧାନ ସଂଗ୍ରହ ସ୍ୱଚ୍ଛତା ର ସହିତ ସମସ୍ତ ଚାଷ ସୁରୁଖୁରରେ ଧାନ ବିକ୍ରି କରି ପାରିବେ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଶାଳପଡ଼ା ଜଳ ସେଚନ ଡାକବଙ୍ଗଳା ରେ ଆୟୋଜିତ ବୈଠକ ରେ ସଂପୃକ୍ତ ସରକାରୀ ଅଫିସର ମାନଙ୍କୁ ପରାମର୍ଶ ଦେଇଥିଲେ। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ରଙ୍କ ଏହି କାର୍ଯ୍ୟକ୍ରମରେ ବିଜେପି କୃଷକ ମୋର୍ଚ୍ଚାର ପୂର୍ବତନ ରାଜ୍ୟ ସଭାପତି ତଥା ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମହେଶର ସାହୁ, ଆନନ୍ଦପୁର ବିଧାୟକ ପ୍ରାର୍ଥୀ ଆଲୋକ କୁମାର ସେଠୀ ଓ ଘସିପୁରା ବିଧାୟକ ପ୍ରାର୍ଥୀ ଶମ୍ଭୁନାଥ ରାଉତ,ବରିଷ୍ଠ ବିଜେପି ନେତା ଶ୍ରୀଧର ସାହୁ, ହେମନ୍ତ କୁମାର ମଲ୍ଲିକ, ଆନନ୍ଦପୁର ମୁନିସିପାଲିଟିର ପୂର୍ବତନ ନଗରପାଳ ଶାନ୍ତନୁ କୁମାର ସେଠୀ,ପ୍ରଣବ ପୁହାଣ, ସୁରୋଶ କୁମାର ସାହୁ, ଯଜ୍ଞ ପ୍ରସାଦ ସାହୁ, ଧବଳେଶ୍ୱର ସାହୁ,ଅନନ୍ତ ବାରିକ, ପ୍ରଣୟିନୀ ବ୍ରହ୍ମା, ଦୀପ୍ତି ସାହୁ, ସତ୍ୟଭାମା ଖୁଣ୍ଟିଆ, ପ୍ରାଣବନ୍ଧୁ ସାହୁ, ଅନନ୍ତ ବାରିକ, ନାରାୟଣ ବାରିକ, କପିଳ ମଲ୍ଲିକ, ରାଜେନ୍ଦ୍ର କୁମାର ସାହୁ ଙ୍କ ସମେତ ବହୁ ବରିଷ୍ଠ ନେତୃବୃନ୍ଦଙ୍କ ସମେତ ଶତାଧିକ କାର୍ଯ୍ୟକତା ଯୋଗଦାନ କରିଥିଲେ।

# ବାଇକ୍ ଧକ୍କାରେ ଟ୍ରକ୍ ହେଲପରଙ୍କ ମୃତ୍ୟୁ

ସୋର, (ସବ୍ୟୁ): ସୋର ଥାନା ଦିଗିଭଅଁରା ଛକ ନିକଟରେ ବାଇକ ଧକାରେ ଜଣେ ଟ୍ରକ ହେଲପରଙ୍କ ମୃତ୍ୟୁ ହୋଇ ଯାଇଛି। ମୃତକ ଜଣଙ୍କ ହେଲେ ଔପଦା ଥାନା ତଳକିଆ ପଞ୍ଚାୟତ ପାଟପୁର ଗ୍ରାମର ଅକ୍ଷୟ ନାୟକ(୪୨)।ଅକ୍ଷୟ ଟ୍ରକରେ ହେଲପର ଭାବେ କାମ କରନ୍ତି।ସେ ବୁଧବାର ମଧ୍ୟାହ୍ନରେ ଚିପସ ବୋଝେଇ କରି ବାଗୁଡିରୁ ଔପଦା ଅଭିମୁଖେ ଯାଉଥିବା ବେଳେ ଦିଗିଭଅଁରା ଛକ ନିକଟରେ ଚାଳକ ଟ୍ରକଟିକୁ ରାସ୍ତା କଡରେ ରଖିବା ପରେ ଅକ୍ଷୟ ଟ୍ରକରୁ ଓହ୍ଲାଉଥିବା ବେଳେ ବିପରିତ ଦିଗରୁ ଦୃତ ଗତିରେ ଆସୁଥିବା ଏକ ବାଇକ ତାଙ୍କୁ ଧକା ଦେଇଥିଲା। ଫଳରେ ସେ ଗୁରୁତର ଆହତ ହୋଇଥିଲେ। ସ୍ଥନୀୟ ଲୋକେ ତାଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାକୁ ଆଣିଥିବା ବେଳେ ସେଠାରେ ତାଙ୍କର ଅବସ୍ଥା ଶୋଚନୀୟ ହେବାରୁ ତାଙ୍କୁ ବାଲେଶ୍ୱର ଓ ପରେ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଉଥିଲା। ଏହି ସମୟରେ ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ କଲେଜ ଛକ ନିକଟରେ ତାଙ୍କର ଅବସ୍ଥା ଅତ୍ୟନ୍ତ ଗୁରୁତର ହେବାରୁ ତାଙ୍କୁ ପୁନଶ୍ଚ ସୋର ଡାକ୍ତରଖାନାକୁ ଅଣାଯାଇଥିଲା। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଶେ କରିଥିଲେ। ଖବର ପାଇ ସୋର ପୁଲିସ ଡାକ୍ତରଖାନାରେ ପହଞ୍ଚି ଶବକୁ ଜବତ କରି ବ୍ୟବଛେଦ ପାଇଁ ରଖିବା ସହିତ ଘଟଣାସ୍ଥଳରୁ ବାଇକ ଟିକୁ ଜବତ କରିଥିଲେ। ଆଜି ଏ ବାବଦରେ ପରିବାର ଲୋକଙ୍କ ତରଫରୁ ଥାନାରେ ଅଭିଯୋଗ ହେବାପରେ ପୁଲିସ ୬୭୧/୨୬ ରେ ଏକ ମାମଲା ରୁଜୁ କରି ଶବ ବ୍ୟବଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହିତ ଘଟଣାର ଅଧିକ ତଦନ୍ତ ଆରମ୍ଭ କରିଛି।ତେବେ ଦୁର୍ଘଟଣା ପରେ ବାଇକ ଚାଳକ ଘଟଣାସ୍ଥଳରୁ ଫେରାର ଥିବା ଜଣାପଡିଛି।

# ଟ୍ରାନ୍ସଫର୍ମର କଏଲ ଚୋରି ଘଟଣା : ପୁଣି ୨ ଗିରଫ

କରଞ୍ଜିଆ ,(ସବ୍ୟୁ): ଅଗଷ୍ଟ ୨୮ ତାରିଖରେ ସେକ୍ସନ ମ୍ୟାନେଜର ଟିପ୍ପୋଡିଲ ଅଜିତ କୁମାର ସାମଲଙ୍କ ଟ୍ରାନ୍ସଫରମର କଏଲ ଚୋରି ଏତଲା ବଳରେ ୬ ତାରିଖରେ ଟ୍ରାନ୍ସଫରମର କଏଲ ଚୋରି ଅଭିଯୋଗରେ ମୟୂରଭଞ୍ଜ ଜିଲ୍ଲାର ବେତନଟୀ,ଚମ୍ପୁଆ ଘାଗରବେଡା,ବହଳଦା ,ଠାକୁରମୁଣ୍ଡା ତଥା ଅନ୍ୟାନ୍ୟ ସ୍ଥାନରୁ ବିଭିନ୍ନ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ସ୍ୱତନ୍ତ୍ର ଦଳ ଦ୍ୱାରା ୮ ଜଣ ଚୋରଙ୍କୁ ଗିରଫ କରାଯାଇଥିଲା ଏବଂ ସେମାନଙ୍କ ନିକଟରୁ ଲକ୍ଷାଧିକ ଟଙ୍କାର ବିଭିନ୍ନ ଆପତ୍ତିଜନକ ସାମଗ୍ରୀ ଜବତ କରାଯାଇଥିଲା। ଗୁରୁବାର ଦିନ କରଞ୍ଜିଆ ଥାନା ଭାରପ୍ରାପ୍ତ ଅଧିକାରୀ ମୃତ୍ୟୁଞ୍ଜୟ ପ୍ରଧାନ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ କରଞ୍ଜିଆ, ଯଶିପୁର ଓ ବହଳଦା ଥାନା କର୍ମଚାରୀମାନଙ୍କ ସହଯୋଗରେ ମୟୂରଭଞ୍ଜ ଜିଲ୍ଲାର କୁଳିଅଣା,ବଡହୁଣ୍ଡ ଓ ପଡ଼ୋଶୀ ଝାଡ଼ଖଣ୍ଡ ରାଜ୍ୟର କଓ୍ୱାଲି ଥାନା କୁହୁରକୋଚା ଗାଁରେ ଚଢ଼ାଉ କରି ୨ ଜଣ ଆନ୍ତଃରାଜ୍ୟ ଆସାମୀଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ବହୁ ପରିମାଣର ଟ୍ରାନ୍ସଫରମର ତମ୍ବା କଏଲ, ଆଲୁମିନିୟମ ତାର, ଟ୍ରାନ୍ସଫରମର କଟା ଅଂଶ ବିଶେଷ ଓ ଗୋଟିଏ ମୋବାଇଲ ଜବ୍ଦ କରିଛି। ଏହି ସମସ୍ତ ସାମଗ୍ରୀର ଆନୁମାନିକ ମୂଲ୍ୟ ୧୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଜଣାପଡିଛି।ଉଭୟ ଆସାମୀଙ୍କ ନାମରେ ରାଇରଙ୍ଗପୁର ପୋଲିସ ଜିଲ୍ଲାର ବହୁ ଥାନାରେ ଏଂ ଝାଡ଼ଖଣ୍ଡ ରାଜ୍ୟର ବହୁ ଥାନାରେ କେଶ ରହିଥିବା ଜଣାପଡିଛି। ଉଭୟଙ୍କୁ ଆଜି କୋର୍ଟ ଚାଲାଣ ହେଉଛି। ଏହି ଚଢାଉ ସମୟରେ କୁଳିଅଣା ଝାରପୋଖରୀଆ ଓ କଓ୍ୱାଲି ଥାନାର ଅଧିକାରୀ ଓ କର୍ମଚାରୀଗଣ ସହଯୋଗ କରିଥିଲେ ବୋଲି ସାମ୍ବାଦିକ ସମ୍ମିଳନୀ ଜରିଆରେ ସୂଚନା ଦେଇଛନ୍ତି ରାଇରଙ୍ଗପୁର ପୋଲିସ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସୁରେଶ ଚନ୍ଦ୍ର ସାହୁ। ଏହି ସାମ୍ବାଦିକ ସମ୍ମିଳନୀ ସମୟରେ ପାଞ୍ଚପୀଢ ଉପଖଣ୍ଡ ପୋଲିସ ଅଧିକାରୀ ନବକୃଷ୍ଣ ନାଏକ,କରଞ୍ଜିଆ ଥାନା ଭାରପ୍ରାପ୍ତ ଅଧିକାରୀ ମୃତ୍ୟୁ ଞ୍ଜୟ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

# ସ୍ୱାଧୀନତା ସଂଗ୍ରାମୀଙ୍କ ପତ୍ନୀ ବିୟୋଗ



ବାସୁଦେବପୁର ,(ସବ୍ୟୁ): ବାସୁଦେବପୁର ପୌରପାଳିକାର ବରିଷ୍ଠ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତଃ ଅନିରୁଦ୍ଧ ମହାନ୍ତିଙ୍କ ଧର୍ମପତ୍ନୀ ଉଷାରାଣୀ ମହାନ୍ତି (୯୭)ଙ୍କର ନିଜ ବାସଭବନରେ ପରଲୋକ ହୋଇ ଯାଇଛି । ସେ ଜଣେ ଧର୍ମ ପରାୟଣ ଓ ମିଷ୍ଟଭାଷୀ ମହିଳା ଥିଲେ । ଜୀବନର ଅପରାହ୍ନରେ ସେ ଦୀର୍ଘ ଦିନ ଧରି ବାର୍ଦ୍ଧକ୍ୟ ଜନିତ ରୋଗରେ ଶର୍ଯ୍ୟାଶାୟୀ ଥିଲେ ।ବରିଷ୍ଠ ସ୍ୱାଧୀନତା ସଂଗ୍ରାମୀଙ୍କ ଧର୍ମପତ୍ନୀ ଉଷାରାଣୀ ମହାନ୍ତିଙ୍କର ମୃତ୍ୟୁଖବର ପାଇ ସାମ୍ବାଦିକ, ନେତା ଓ ଶିକ୍ଷକ ଆଦି ବହୁ ବିଶିଷ୍ଟ ବ୍ୟକ୍ତି ପୌରପାଳିକା ସ୍ଥିତ ବାସଭବନରେ ଶେଷ ଦର୍ଶନ କରି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ ।

# ପଥର ବୋଝେଇ ଡମ୍ପର ଜବତ

ସୋର,(ସବ୍ୟୁ): ସୋର ପୌର ପାଳିକା ଅନ୍ତର୍ଗତ ବରଫକଳ ଛକ ନିକଟରେ ଖଣି ବିଭାଗ ତରଫରୁ ଚଢ଼ାଉ କରାଯାଇ ଏକ ବେଆଇନ ପଥର ବୋଝେଇ ଡମ୍ପରକୁ ଜବତ କରାଯାଇଥିବା ଜଣାପଡିଛି। ଶୁକ୍ରବାର ମଧ୍ୟାହ୍ନରେ ବାଗୁଡ଼ି ଖାଦାନ ଅଞ୍ଚଳରୁ ବେଆଇନ ପଥର ଚାଲାଣ ହେଇଥିବ ଖବର ପାଇ ବାଲେଶ୍ୱର କନିଷ୍ଠ ଖଣି ଅଧିକାରୀ ଜଗନ୍ନାଥ ଦାସ ଏବଂ ସମ୍ବିତ କୁମାର ମଣି ବରଫକଳ ଛକରେ ଅଚାନକ ଚଢ଼ାଉ କରିଥିଲେ। ଏହି ସମୟରେ ଓଡି ୦୧ ଏନ ୭୨୫୧ ନମ୍ବର ବିଶିଷ୍ଟ ଡମ୍ପରଟି ବେଆଇନ ଭାବେ ପଥର ବୋଝେଇ କରି ଆସୁଥିବା ବେଳେ ଗାଡିକୁ ଅଟକାଇ ଯାଞ୍ଚ କରିଥିଲେ ।

# ଏଫଏମ୍‌ୟୁ ଏଆଇଡିଏମ୍‌ଆଇ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷର




ବାଲେଶ୍ୱର ,(ସବ୍ୟୁ): ଫକୀର ମୋହନ (ଏଫଏମ)ବିଶ୍ୱବିଦ୍ୟାଳୟରେ ଉପକୂଳୀୟ ସାଧାରଣ ସମ୍ପଦ (କୋଷ୍ଟାଲ କମନ୍ସ) ବିଷୟକ ଏକଦିବସୀୟ ଆନ୍ତଃବିଭାଗୀୟ କର୍ମଶାଳା ଅନୁଷ୍ଠିତ ହେବା ସହିତ ଅଲ୍ ଇଣ୍ଡିଆ ଡିଜାଷ୍ଟର ମିଟିଗେସନ୍ ଇନଷ୍ଟିଚ୍ୟୁଟ୍ (ଏଆଇଡିଏମ୍ଆଇ) ସହ ବୁଝାମଣାପତ୍ର (ଏମ୍ଓୟୁ) ସ୍ୱାକ୍ଷରିତ ହୋଇଯାଇଛି। ଏହି ପଦକ୍ଷେପ ଆନ୍ତଃବିଭାଗୀୟ ଗବେଷଣା ଓ ଦୁର୍ବିପାକ ପ୍ରତିରୋଧ କ୍ଷମତା ବୃଦ୍ଧି ଦିଗରେ ବିଶ୍ୱବିଦ୍ୟାଳୟର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରୟାସ ବୋଲି ବିବେଚିତ ହେଉଛି। କାର୍ଯ୍ୟକ୍ରମରେ ଶିକ୍ଷାବିତ୍, ଗବେଷକ ଓ ବିଭିନ୍ନ କ୍ଷେତ୍ରର ବିଶେଷଜ୍ଞମାନେ ଯୋଗଦେଇ ମିଳିତ ଗବେଷଣା, ଦକ୍ଷତା ବିକାଶ ଏବଂ ସମୁଦାୟ-କେନ୍ଦ୍ରିକ ଦୁର୍ବିପାକ ବିପଦ ହ୍ରାସ ପ୍ରୟାସକୁ ଗୁରୁତ୍ୱ ଦେଇଥିଲେ। ଭୂଗୋଳ ବିଭାଗର ପ୍ରଫେସର ନିହାର ରଞ୍ଜନ ରାଉତ କର୍ମଶାଳାର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରି ଭୂଗୋଳ ବିଜ୍ଞାନ, ସମାଜ କାର୍ଯ୍ୟ, ପରିବେଶ ଅଧ୍ୟୟନ ଓ ଜନନୀତି ମଧ୍ୟରେ ସମନ୍ୱୟ ମାଧ୍ୟମରେ ସକ୍ଷମ ସମୁଦାୟ ଗଠନର ଆବଶ୍ୟକତା ଉପରେ ଆଲୋକପାତ ଦେଇଥିଲେ। ନିଜ ଅଧକ୍ଷୀୟ ଅଭିଭାଷଣରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ କହିଥିଲେ ଯେ, ଦୁର୍ବିପାକ ପ୍ରତିରୋଧ କ୍ଷମତା ହେଉଛି ସ୍ଥାୟୀ ବିକାଶର ଏକ ପ୍ରମୁଖ ଆଧାର। ବିଶ୍ୱବିଦ୍ୟାଳୟଗୁଡ଼ିକ କେବଳ ଜ୍ଞାନର କେନ୍ଦ୍ର ନୁହେଁ, ବରଂ ଗବେଷଣାକୁ ସମାଜ କଲ୍ୟାଣରେ ପରିଣତ କରିବାର କେନ୍ଦ୍ର ହେବା ଉଚିତ। ଏଆଇଡିଏମ୍ଆଇ ସହ ଏହି ସହଯୋଗ ଗବେଷଣା, ନବସୃଜନ, ଛାତ୍ରଛାତ୍ରୀଙ୍କ ସକ୍ରିୟ ଅଂଶଗ୍ରହଣ ଓ ନୀତିଭିତ୍ତିକ ପଦକ୍ଷେପ ପାଇଁ ନୂଆ ସୁଯୋଗ ସୃଷ୍ଟି କରିବ ବୋଲି ସେ କହିଥିଲେ। କୁଳସଚିବ କୁକୁମୀନା ଦାସ, ଶୈକ୍ଷିକ ଉତ୍କର୍ଷ ବିସ୍ତାରରେ ଅନୁଷ୍ଠାନିକ ଭାଗୀଦାରିର ଗୁରୁତ୍ୱ ଉପରେ ମତ ପ୍ରକାଶ କରିଥିବାବେଳେ, ସ୍ନାତକୋତ୍ତର ପରିଷଦର ଅଧକ୍ଷ ପ୍ରଫେସର ସନ୍ତୋଷ କୁମାର ଅଗ୍ରଓ୍ୱାଲା ବର୍ତ୍ତମାନ ସମୟର ଜଟିଳ ଆହ୍ୱାନର ମୁକାବିଲା ପାଇଁ ଆନ୍ତଃବିଭାଗୀୟ ଶିକ୍ଷା ଅତ୍ୟାବଶ୍ୟକ ବୋଲି କହିଥିଲେ। କାର୍ଯ୍ୟକ୍ରମର ଅନ୍ୟତମ ଆକର୍ଷଣ ଥିଲା ଫକୀର ମୋହନ ବିଶ୍ୱବିଦ୍ୟାଳୟ ଓ ଏଆଇଡିଏମ୍ଆଇ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷର। ଏହା ମାଧ୍ୟମରେ ମିଳିତ ଗବେଷଣା, ପ୍ରଶିକ୍ଷଣ କାର୍ଯ୍ୟକ୍ରମ, କ୍ଷେତ୍ରଭିତ୍ତିକ ଅଧ୍ୟୟନ, ଜ୍ଞାନ ବିନିମୟ ଓ ଦୁର୍ବିପାକ ବିପଦ ହ୍ରାସ ଏବଂ ଜଳବାୟୁ ସହନଶୀଳତା କ୍ଷେତ୍ରରେ ଦକ୍ଷତା ବିକାଶ ପାଇଁ ସହଯୋଗର ପଥ ପ୍ରଶସ୍ତ ହୋଇପାରିବ। ମୁଖ୍ୟବକ୍ତା ଭାବେ ଫକୀର ମୋହନ ବିଶ୍ୱବିଦ୍ୟାଳୟର ପ୍ରଫେସର ଅଫ୍ ପ୍ରାକ୍ଟିସ୍ ଡ଼କ୍ଟର ଅମ୍ବିକା ପ୍ରସାଦ ନନ୍ଦ ଯୋଗଦେଇ ଅଭିଜ୍ଞତାଭିତ୍ତିକ ଶିକ୍ଷା ଓ ବ୍ୟବହାରିକ ପ୍ରଶିକ୍ଷଣର ଭୂମିକା ଉପରେ ଆଲୋକପାତ କରିଥିଲେ ତଥା ଏକ ତଥ୍ୟସଂପର୍ଣ୍ଣ ଉପସ୍ଥାପନା ପ୍ରଦାନ କରିଥିଲେ। ଟାଟା ଷ୍ଟିଲ୍ ଫାଉଣ୍ଡେସନ୍, ବାଲେଶ୍ୱରର ମୁଖ୍ୟ ପ୍ରମୋଦ କୁମାର ପାତ୍ର ଓ ଅନ୍ୟାନ୍ୟବିଶେଷଜ୍ଞମାନଙ୍କ ଉପସ୍ଥିତିରେ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ସମାଜକାର୍ଯ୍ୟ ବିଭାଗର ସହକାରୀ ପ୍ରାଧ୍ୟାପିକା ରଶ୍ମିରେଖା ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ, ସମାଜକାର୍ଯ୍ୟ ବିଭାଗର ସଂଯୋଜକ ଡ଼କ୍ଟର ଜି. ବି. ମୁଣ୍ଡୁ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅର୍ଥନୀତି ବିଭାଗର ସହକାରୀ ପ୍ରାଧ୍ୟାପିକା ଡ଼କ୍ଟର ଯଶସ୍ୟା ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।


## Government of Odisha
### Higher Education Department

11001/316/2627

**Timeline for Phase-II e-Admission into P.G. Courses under SAMS in the Higher Education Institutions for the Academic Session 2026-27**

The timeline for Phase-II admission into P.G. Courses for the session 2026-27 in the State Public Universities and Colleges participating under 'Student Academic Management System (SAMS)' is given below. Any changes in the dateline will be published in the newspapers as well as in the website www.samsodisha.gov.in. Please refer the Common Prospectus (CP)/ Guidelines available in the SAMS portal to know about the activities.

| Sl# | Activities | Timeline |
|---|---|---|
| 1) | Availability of online Common Application Form (CAF) in the student login for providing fresh options (Choice Locking) on the SAMS PG Portal: www.samsodisha.gov.in | **12-Sep-2026 (04:00 PM)** |
| 2) | Last date for choice locking of fresh options through www.samsodisha.gov.in | **21-Sep-2026 (up to 11:45 PM)** |
| | **N.B.: Once submitted, editing of Choice of Preferences can be done till the last date of Choice Locking submission.** | |
| 3) | For First(1st) Round Admission: Publication of Provisional allotment of seats for 1st Round Selection along with the list of waitlisted applicants (for the remaining upper choice HEIs-Waiting Rank Wise) in HEI's e-Space as per the actual vacancy as on 21.09.2026 | **24-Sep-2026 (04:00 PM)** |
| 4) | Reporting of selected applicants (with the downloaded intimation letter from their Login) and payment of admission fees (where applicable) at the allotted institutions, directly in online mode (Net Banking/ Bank Challan/ NEFT/UPI etc.) for taking admission | **25-Sep-2026** (10.00 AM) **to 28-Sep-2026** (05.00 PM) (Except Holiday) |
| 5) | Data updation of the admitted students in the e-space by the respective Institutions (for First Round Admission) | **25-Sep-2026** (10.00 AM) to **28-Sep-2026** (11.45 PM) |
| 6) | Physical Reporting of the interested waitlisted applicants for submission of CAF along with relevant documents in their respective HEIs for participating in the waiting list admission Round. The interested applicants must appear in perspm; however, a represtntative with valid ID proof may also be permitted to report on their hehalf. | **29-Sep-2026** (10.00 AM) to **30-Sep-2026** (02.00 PM) |
| 7) | Publication of merit list amont the reported waitlisted applicants at their Notice Board/HEI Website & communicate to the selected applicants via phone call/ SMS. | **01-Oct-2026 (02:00 PM)** |
| 8) | Reporting of the selected applicants for Validation of documents, Final Admission, Collection of Admission Fees (where applicable) directly by the HEIs in online mode (Net Banking/ Bank Challan/NEFT/UPI etc.) | **03-Oct-2026** (10.00 AM) to **05-Oct-2026** (05:00PM) (Except Holiday) |
| 9) | Reporting of the waitlisted applicants (In case vacancies still remain), for Validation of documents, Admission, Collection of Admission Fees (where applicable) directly by the HEIs in online mode (Net Banking/ Bank Challan/ NEFT/UPI etc.) | **06-Oct-2026** (10.00 AM) to **07-Oct-2026** (05:00PM) |
| 10) | Admission updation for both Selected & Waitlisted applicants in the e-space of the HEIs. | **03-Oct-2026** (10.00 AM) to **07-Oct-2026** (09:00PM) |

**For more details please contact: e-Admission Helpline (Toll Free) Number 155335/1800-345-6770**

Joint Secretary to Government
PTC Section, Higher Education Department

OIPR : 11001/11001/1/26-27/0053



## Government of Odisha
### Higher Education Department

11001/310/2627

**Timeline for Phase-II admission into U.G. Courses under SAMS for the Academic Session 2026-27**

The timeline for **Phase-II admission into U.G. Courses for the Academic Session 2026-27** under the **Student Academic Management System (SAMS)** is given below. Any changes to the prescribed timeline will be published on the **SAMS U.G Portal** and through newspaper advertisements. Applicants are advised to carefully read the **Phase-II Admission Guidelines** along with the **Common Prospectus (CP)** available on the SAMS UG Portal before participating in the admission process.

| Sl# | Activities | Timeline |
|---|---|---|
| 1) | **Availability of online Common Application Form (CAF) in the SAMS UG portal:** https://www.samsodisha.gov.in/ | **10-Sep-2026 (04:00 PM)** |
| 2) | **Last date of applying online CAF through** https://www.samsodisha.gov.in/ | **20-Sep-2026 (11:45 PM)** |
| | **N.B.: Once submitted, editing of Common Application Form (CAF) can be done till the last date of CAF submission.** | |
| | **Round-I Selection & Admission Allotment** | |
| 3) | Publication of Provisional allotment of seats for **1st Round Selection along with the list of waitlisted applicants in HEI's e-Space as per the actual vacancy as on 20.09.2026 in the ratio of 1:30 (for the remaining upper choice HEIs- Waiting Rank Wise)** | **23-Sep-2026 (04:00 PM)** |
| 4) | Reporting of the selected applicants at the allotted institutions for taking admission by downloading the **intimation letter through SAMS (Student's Login)** portal & payment of admission fees directly at the level of HEIS | **24-Sep-2026 (10:00 AM)** to **26-Sep-2026 (05:00 PM)** |
| 5) | Verification of document & Data updation of selected students in the e-space by the respective institutions | **24-Sep-2026 (10:00AM) to 26-Sep-2026 (09:00AM)** |
| | **Spot Selection Round** | |
| 6) | **Physical Reporting of the interested waitlisted applicants (from the waiting list published on 23.09.2026)** for submission of CAF along with relevant documents in their respected desired HELs for participating in the waiting list admission Roud. The intersested applicants must appear in person; however, a representative with valid ID proof may also be permitted to report on their behalf. | **28-Sep-2026 (10:00 AM)** to **29-Sep-2026 (02:00 PM)** |
| 7) | Publication of merit list among the reported waitlisted applicants at the Notice Board / Website of the HEIS & communicate to the selected applicants via phone call/ SMS | **01-Oct-2026 (02:00 PM)** |
| 8) | Reporting of the **selected** applicants for Validation of documents, Final Admission, Collection of Admission Fees (where applicable) directly by the HEIS in online mode (Net Banking/ Bank Challan/NEFT/UPI etc.) | **03-Oct-2026 (10:00AM) to 05-Oct-2026 (05:00 PM) (Except Holiday)** |
| 9) | Reporting of the **waitlisted** applicants (In case vacancies still remain), for Validation of documents, Admission, Collection of Admission Fees (where applicable) directly by the HEIs in online mode (Net Banking/ Bank Challan/NEFT/UPI etc.) | **06-Oct-2026 (10:00 AM) to 07-Oct-2026 (05:00 PM)** |
| 10) | Admission updation for both Selected & Waitlisted applicants in the e-space of the HEIs. | **03-Oct-2026 (10:00 AM) to 07-Oct-2026 (09:00 PM)** |

**For more details please contact: e-Admission Helpline (Toll Free) Number 155335/1800-345-6770**

Joint Secretary to Government
PTC Section, Higher Education Department

OIPR : 11001/11001/1/26-27/0048

# ସମ୍ପାଦକୀୟ




## ଭାରତରେ ଅଷ୍ଟାଦଶ ବ୍ରିକ୍ସ ଶିଖର ସମ୍ମିଳନୀ

ନୂଆଦିଲ୍ଲୀରେ ଭାରତ ମଣ୍ଡପଠାରେ ଚଳିତ ମାସର ୧୨ ଓ ୧୩ ତାରିଖରେ (ସେପ୍ଟେମ୍ବର ୨୦୨୬) ଅଷ୍ଟାଦଶ ବ୍ରିକ୍ସ ଶିଖର ସମ୍ମିଳନୀ ହେଉଛି । ଏଥିପାଇଁ ଭାରତର ରାଜଧାନୀ ନୂଆଦିଲ୍ଲୀ ଚଳଚଞ୍ଚଳ ହୋଇ ଉଠିଛି । ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିମନ୍ତ୍ରଣ ରକ୍ଷା କରି ଆଗେ ରୁଷର ରାଷ୍ଟ୍ରପତି ଭି. ପୁଟିନ ଓ ପରେ ଚୀନର ରାଷ୍ଟ୍ରପତି ଜିନ୍‌ପିଙ୍ଗ ଭାରତ ଆସିଛନ୍ତି । ଚୀନ ରାଷ୍ଟ୍ରପତି ଦୀର୍ଘ ସାତ ବର୍ଷ ପରେ ଭାରତ ଆସୁଛନ୍ତି । ଭି.ପୁଟିନ ଭାରତରେ ପହଞ୍ଚି ଯାଇଥିବାବେଳେ ଚୀନ୍ ରାଷ୍ଟ୍ରପତି ଜିନ୍‌ପିଙ୍ଗ ଆସନ୍ତା ସେପ୍ଟେମ୍ବର ୧୨ (୨୦୨୬)ରେ ଅପରାହ୍ନ ଦୁଇଟା ବେଳେ ଭାରତ ମଣ୍ଡପରେ ପହଞ୍ଚୁଥିବା ଜଣାଯାଇଛି । ବ୍ରିକ୍‌ସର ବହୁପାକ୍ଷୀୟ ବିଶେଷକରି ବିଶ୍ୱଯୁଦ୍ଧ ସଂକ୍ରାନ୍ତରେ ଏହି ଶିଖର ସମ୍ମିଳନୀରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହେବ । ଇରାନର ରାଷ୍ଟ୍ରପତି ମାଉସୁଦ ପେଜେସକିଆନ ମଧ୍ୟ ଏହି ଶିଖର ସମ୍ମିଳନୀକୁ ଆସୁଛନ୍ତି । ଏହା ପୂର୍ବରୁ ଇରାନର ରାଷ୍ଟ୍ରପତି ହାସାନ ରାହୁଆନୀ ଆଠ ବର୍ଷ ତଳେ ୨୦୧୮ରେ ଭାରତ ଗସ୍ତରେ ଆସିଥିଲେ । ସାଉଦି ଆରବ ଓ ୟୁନାଇଟେଡ଼ ଆରବ ପ୍ରଭୃତି ପଶ୍ଚିମ ଏସିଆ ସମେତ ତେହେରାନର ବୈଦେଶିକ ମନ୍ତ୍ରିମାନେ ଏହି ସମ୍ମିଳନୀରେ ଯୋଗ ଦେବେ । ବାଙ୍ଗଲାଦେଶର ପ୍ରଧାନମନ୍ତ୍ରୀଙ୍କୁ ଏହି ସମ୍ମିଳନୀରେ ନିମନ୍ତ୍ରଣ କରାଯାଇ ନଥିବାରୁ ସେମାନଙ୍କ ସରକାରୀ ପ୍ରତିନିଧିମାନଙ୍କୁ ଏହି ସମ୍ମିଳନୀରେ ଯୋଗ ଦେବାର ସୁଯୋଗ ନାହିଁ ବୋଲି ତାଙ୍କର ପ୍ରଧାନମନ୍ତ୍ରୀ ତାରିକ ରହମାନ କହିଛନ୍ତି । ଅବଶ୍ୟ ବାଙ୍ଗଲାଦେଶ ବ୍ରିକ୍‌ସର ସଦସ୍ୟ ରାଷ୍ଟ୍ର ନୁହେଁ ।

**ସାରା ବିଶ୍ୱରେ ଯୁଦ୍ଧଜନିତ ପରିସ୍ଥିତି ଯୋଗୁଁ ବିଭିନ୍ନ ଅତ୍ୟାବଶ୍ୟକୀୟ ପଦାର୍ଥର ଅଭାବ ଓ ଦରବୃଦ୍ଧି ତଥା ବିକାଶଶୀଳ ରାଷ୍ଟ୍ରମାନେ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଥିବାରୁ ଏହି ସମ୍ମିଳନୀରେ ଗୃହୀତ ହେବାକୁ ଥିବା ବିଭିନ୍ନ ପ୍ରସ୍ତାବ ଓ ଘୋଷଣାନାମା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହେବ ବୋଲି ମନେ ହୋଇଥାଏ । ଏହା ବ୍ୟତୀତ ଭାରତ, ରୁଷ ଓ ଚୀନ ସହିତ ବିଭିନ୍ନ ଦ୍ୱିପାକ୍ଷିକ ଆଲୋଚନା ମଧ୍ୟ ହେବ ବୋଲି ସୂଚନା ମିଳିଛି । ତେବେ ଦେଖାଯାଉ, ଏହି ଦ୍ୱିଦିବସୀୟ ଶିଖର ସମ୍ମିଳନୀରେ ଭାରତର ଭୂମିକା କିପରି ପ୍ରଭାବ ପକାଇ ପାରୁଛି ।**

ପଚିଶ ବର୍ଷ ପୂର୍ବେ ୨୦୦୧ରେ ଅର୍ଥନୀତିବିତ୍ ଗୋଲଡମେନ ସାଚସ ଜମ ଓ' ନିଲ ବଜାରର ଦୃତ ଅଭିବୃଦ୍ଧି ଲାଗି ଏହି 'ବ୍ରିକ' ଶବ୍ଦର ଆବିର୍ଭାବ କରିଥିଲେ । ଏହା ପରେ ଏହା ଭୌଗୋଳିକ ପରିସରରେ ପରିବ୍ୟାପ୍ତ ହୋଇ ଭୂ ରାଜନୀତିକ କ୍ଷେତ୍ର ପାଇଁ ୨୦୦୯ରେ ରାଷ୍ଟ୍ରମାନେ ସଂଘବଦ୍ଧ ହୋଇଥିଲେ ଓ ସାଉଥ (ଦକ୍ଷିଣ) ଆଫ୍ରିକାକୁ ଏଥିରେ ଅନ୍ତର୍ଭୁକ୍ତ କରାଯାଇଥିଲା । ବ୍ରାଜିଲ, ରୁଷିଆ, ଇଣ୍ଡିଆ (ଭାରତ), ଚାଇନା, ସାଉଥ ଆଫ୍ରିକା ଓ ଆହୁରି ଅନେକ ଏହାର ସଦସ୍ୟ ରହିଥିଲେ । ଏଗାରଗୋଟି ଗଢ଼ି ଉଠୁଥିବା ବଜାର ଓ ବିଶ୍ୱର ବିକାଶଶୀଳ ରାଷ୍ଟ୍ରଙ୍କ ମଧ୍ୟରେ ବ୍ରାଜିଲ, ଚାଇନା, ଇଜିପ୍ଟ, ୟୁଥୋପିଆ, ଭାରତ, ଇଣ୍ଡୋନେସିଆ, ଇରାନ, ରୁଷ ଓ ସାଉଦି ଆରବ, ସାଉଥ ଆଫ୍ରିକା ଓ ୟୁନାଇଟେଡ ଆରବ ଏମିରେଟ୍‌ସ ପ୍ରଭୃତି ମିଳିତ ଭାବେ ନିଜ ନିଜ ମଧ୍ୟରେ ପରାମର୍ଶ କରି ସହଯୋଗ ସ୍ଥାପନ କରିବା ଏହି ବ୍ରିକ୍ସ ରାଷ୍ଟ୍ରମାନଙ୍କର ଲକ୍ଷ୍ୟ ଓ ଉଦ୍ଦେଶ୍ୟ । ବିଶ୍ୱରେ ତଥା ଆଞ୍ଚଳିକ କ୍ଷେତ୍ରରେ ବିଭିନ୍ନ ରାଜନୀତିକ ଓ ଆର୍ଥିକ ସମସ୍ୟାର ସମାଧାନ ପାଇଁ ଏହି ବ୍ରିକ୍ସ ରାଷ୍ଟ୍ରମାନେ ଏକତ୍ର ହୋଇଛନ୍ତି । ଭାରତ ଏହି ୨୦୨୬ ପାଇଁ ବ୍ରିକ୍ସର ଅଷ୍ଟାଦଶ ଶିଖର ସମ୍ମିଳନୀର ଅଧ୍ୟକ୍ଷ ରହିଛି ଯାହା ଆମମାନଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ ।

ସାରା ବିଶ୍ୱରେ ଯୁଦ୍ଧଜନିତ ପରିସ୍ଥିତି ଯୋଗୁଁ ବିଭିନ୍ନ ଅତ୍ୟାବଶ୍ୟକୀୟ ପଦାର୍ଥର ଅଭାବ ଓ ଦରବୃଦ୍ଧି ତଥା ବିକାଶଶୀଳ ରାଷ୍ଟ୍ରମାନେ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଥିବାରୁ ଏହି ସମ୍ମିଳନୀରେ ଗୃହୀତ ହେବାକୁ ଥିବା ବିଭିନ୍ନ ପ୍ରସ୍ତାବ ଓ ଘୋଷଣାନାମା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହେବ ବୋଲି ମନେ ହୋଇଥାଏ । ଏହା ବ୍ୟତୀତ ଭାରତ, ରୁଷ ଓ ଚୀନ ସହିତ ବିଭିନ୍ନ ଦ୍ୱିପାକ୍ଷିକ ଆଲୋଚନା ମଧ୍ୟ ହେବ ବୋଲି ସୂଚନା ମିଳିଛି ।

ତେବେ ଦେଖାଯାଉ, ଏହି ଦ୍ୱିଦିବସୀୟ ଶିଖର ସମ୍ମିଳନୀରେ ଭାରତର ଭୂମିକା କିପରି ପ୍ରଭାବ ପକାଇ ପାରୁଛି ।

**ଯାହା ପ୍ରେମଦ୍ୱାରା ଅର୍ଜିତ ତାହା ଚିରସ୍ଥାୟୀ । ଯାହା ଘୃଣାଦ୍ୱାରା ପ୍ରାପ୍ତ ତାହା ଜୀବନ ପ୍ରତି ଭୋର ସଦୃଶ, କାରଣ ତାହା ଘୃଣାକୁ ବୃଦ୍ଧି କରାଏ । ଘୃଣାର ହ୍ରାସ ଓ ପ୍ରେମର ବୃଦ୍ଧି ଘଟାଇବା ହିଁ ମାନବର କର୍ତ୍ତବ୍ୟ**

*(ମହାତ୍ମା ଗାନ୍ଧି)*

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ସ୍ୱାଧୀନତାରୁ ବିକଶିତ ଭାରତ: ଦକ୍ଷତା ହିଁ ମାଧ୍ୟମ



**ରଶ୍ମି ରଞ୍ଜନ ମହାପାତ୍ର**

୧୯୪୭ରେ ଭାରତ ସ୍ୱାଧୀନତା ହାସଲ କରିବା ସମୟରେ ତାଙ୍କ ସମ୍ମୁଖରେ ଥିଲା ଶୂନ୍ୟରୁ ଏକ ରାଷ୍ଟ୍ର ଗଢ଼ିବାର ଆହ୍ୱାନ। ଅନୁଷ୍ଠାନ ଗଢ଼ିବା, ସୀମା ନିର୍ଦ୍ଧାରଣ କରିବା ଏବଂ ନାଗରିକତ୍ୱର ଏକ ଧାରଣା ସୃଷ୍ଟି କରିବା । ଏବେ ଦେଶ ୨୦୪୭ ଆଡ଼କୁ, ଅର୍ଥାତ୍ ସ୍ୱାଧୀନତାର ଶତବାର୍ଷିକ ଆଡ଼କୁ ଦୃଷ୍ଟି ଦେଉଥିବା ବେଳେ, ଆମ ସମ୍ମୁଖରେ ଥିବା କାର୍ଯ୍ୟ ଯେପରିକି, ଦେଶର ଲୋକମାନଙ୍କର କ୍ଷମତା ଗଢ଼ିବା, କୌଣସି ଦୃଷ୍ଟିରୁ କମ୍ ବାଧାପୂର୍ଣ୍ଣ ନୁହେଁ । ଯଦି ଗଣତନ୍ତ୍ରର ପ୍ରଥମ ଶତାବ୍ଦୀ ରାଷ୍ଟ୍ର ଗଠନର ଥିଲା, ତେବେ ଆଗାମୀ ଦଶକଗୁଡ଼ିକ ଏବଂ ତା ପରବର୍ତ୍ତୀ ସମୟ ଦକ୍ଷତା ଗଠନର ସମୟ ହେବା ଉଚିତ୍ । ଭାରତ ନିଜ ପାଇଁ ଯେଉଁ ସବୁ ସ୍ୱପ୍ନ ଦେଖୁଛି ଏକ ବିଶ୍ୱସ୍ତରୀୟ ଉତ୍ପାଦନ କେନ୍ଦ୍ର ହେବା, ପ୍ରଯୁକ୍ତି କ୍ଷେତ୍ରରେ ନେତୃତ୍ୱ ନେବା, ଏକ ଆତ୍ମନିର୍ଭର ଅର୍ଥନୀତି ଗଢ଼ିବା ସେସବୁର ମୂଳରେ ରହିଛି ଗୋଟିଏ ଶବ୍ଦ: କୌଶଳ ବା ଦକ୍ଷତା ।

'ମେକ ଇନ ଇଣ୍ଡିଆ'ର ସଫଳତାର ଆଧାର ହେଉଛି ଦକ୍ଷ ମାନବସମ୍ବଳ । 'ମେକ ଇନ ଇଣ୍ଡିଆ'ର ପ୍ରତିଶ୍ରୁତିକୁ ଦେଖନ୍ତୁ । କାରଖାନା ନିର୍ମାଣ କରାଯାଇ ପାରେ, ଯନ୍ତ୍ରପାତି ଆମଦାନୀ କରାଯାଇ ପାରେ, ପୁଞ୍ଜି ସଂଗ୍ରହ କରାଯାଇ ପାରେ । କିନ୍ତୁ ଏସବୁକୁ ଜୀବନ୍ତ କରୁଥିବା ଦକ୍ଷ ମାନବ ଶକ୍ତିକୁ ଆମଦାନୀ କରାଯାଇ ପାରିବ ନାହିଁ ।

ସେ ସେମିକଣ୍ଡକ୍ଟର କାରଖାନା ହେଉ କିମ୍ବା ପ୍ରତିରକ୍ଷା ଉତ୍ପାଦନ କେନ୍ଦ୍ର ହେଉ, ତାହାର ସଫଳତା ସେଠାରେ କାମ କରୁଥିବା ଟେକ୍ନିସିଆନ ଓ ଇଞ୍ଜିନିୟରମାନଙ୍କ ଦକ୍ଷତା ଉପରେ ନିର୍ଭରଶୀଳ । ଆଜିର ଆବଶ୍ୟକତା ଅନୁଯାୟୀ ସେହି ମାନର ଦକ୍ଷ ମାନବ ସମ୍ବଳ ଭାରତ ଏ ପର୍ଯ୍ୟନ୍ତ ପର୍ଯ୍ୟାପ୍ତ ଭାବେ ସୃଷ୍ଟି କରିପାରି ନାହିଁ । ଏହା ଅଧିକ ଶିଳ୍ପ ପାର୍କ ନିର୍ମାଣ ପାଇଁ ଅହ୍ୱାନ ନୁହେଁ । ଏହା ହେଉଛି 'ନିର୍ମାତାଙ୍କୁ ନିର୍ମାଣ କରିବା'ର ଆହ୍ୱାନ । ଆମର ଆଇଟିଆଇ ଓ ପଲିଟେକ୍‌ନିକ୍‌ଗୁଡ଼ିକୁ ଆଧୁନିକ କରିବାକୁ ହେବ । ପାଠ୍ୟକ୍ରମକୁ ଶିଳ୍ପର ପ୍ରକୃତ ଆବଶ୍ୟକତା ସହ ଯୋଡ଼ିବାକୁ ହେବ କ'ଣ ପଢ଼ାଇବା ସହଜ, ତାହା ନୁହେଁ ଶିଳ୍ପର ଆବଶ୍ୟକତା କ'ଣ, ତାହା ଆଧାରରେ ପାଠ୍ୟକ୍ରମ ତିଆରି ହେବା ଦରକାର। ଏପ୍ରିଟାଇନସିପ୍ ପ୍ରଶିକ୍ଷଣକୁ ଏକ ପ୍ରମୁଖ କ୍ୟାରିୟର ପଥ ଭାବେ ସ୍ୱୀକୃତି ଦେବାକୁ ହେବ, କୌଣସି 'ଉତ୍ତରଚିନ୍ତନ' ବିଷୟ ଭାବେ ନୁହେଁ ବରଂ ନିର୍ମାତାଙ୍କ ହାତର ଶକ୍ତି ମେକ୍ ଇନ୍ ଇଣ୍ଡିଆକୁ ଆହୁରି ସଶକ୍ତ କରିବ। ପ୍ରଯୁକ୍ତିର ଗତିଠାରୁ ଶିକ୍ଷାର ଗତି ପଛରେ ଏଠାରେ ଆଉ ଏକ ଅସୁବିଧାଜନକ ସତ୍ୟ ରହିଛି । ପ୍ରଯୁକ୍ତି ପରିବର୍ତ୍ତନର ଗତି ଔପଚାରିକ ଶିକ୍ଷାର ଗତିକୁ ପଛରେ ପକାଇ ଦେଇଛି । ଆଜି ହାସଲ କରାଯାଇଥିବା ଏକ ଡିଗ୍ରୀ ମାତ୍ର କିଛି ବର୍ଷ ମଧ୍ୟରେ ପୁରୁଣା ହୋଇଯାଇପାରେ।

କୃତ୍ରିମ ବୁଦ୍ଧିମତ୍ତା (ଏଆଇ), ରୋବୋଟିକ୍ସ, ଅଟୋମେସନ ଏବଂ ଇଣ୍ଟରନେଟ ଅଫ ଥିଙ୍ଗସ୍ ଆଉ ଦୂର ଭବିଷ୍ୟତର ପରିବର୍ତ୍ତନ ନୁହେଁ । ଏଗୁଡ଼ିକ ଆଜି ହିଁ କାରଖାନାର ଉତ୍ପାଦନ ପ୍ରକ୍ରିୟାଠାରୁ ଆରମ୍ଭ କରି କାର୍ଯ୍ୟାଳୟର କାର୍ଯ୍ୟପ୍ରଣାଳୀ ପର୍ଯ୍ୟନ୍ତ ସବୁକିଛିକୁ ବଦଳାଉଛି । ଏପରି ପରିସ୍ଥିତିରେ ପୁରୁଣା 'ଚାକିରି ସୁରକ୍ଷା'ର ଧାରଣା ଗୋଟିଏ ଦକ୍ଷତା, ଗୋଟିଏ ପେସା, ଗୋଟିଏ ନିଯୁକ୍ତିଦାତା ଧୀରେ ଧୀରେ ଏକ ନୂଆ ଏବଂ ଅଧିକ ବାସ୍ତବ ଧାରଣାରେ ପରିଣତ ହେଉଛି : ଦକ୍ଷତାର ସୁରକ୍ଷା – ଅର୍ଥାତ୍, ଚାକିରି କ୍ଷେତ୍ରରେ ପରିସ୍ଥିତି ବଦଳିବା ସହ ନିରନ୍ତର ଶିଖିବା, ପୁରୁଣାକୁ ଭୁଲିବା ଏବଂ ପୁଣି ନୂଆକରି ଶିଖିବାର କ୍ଷମତା ।

**ବିଶ୍ୱର ପ୍ରମୁଖ ଅର୍ଥନୀତିଗୁଡ଼ିକ ମଧ୍ୟରେ ସବୁଠାରୁ ଯୁବ ଜନସଂଖ୍ୟା ଥିବା ଦେଶ ଭାବେ ଭାରତ ଏହି ଶତାବ୍ଦୀର ଦୁଇଟି ନିର୍ଣ୍ଣାୟକ କ୍ଷେତ୍ର କୃତ୍ରିମ ବୁଦ୍ଧିମତ୍ତା ଓ ସବୁଜ ଅର୍ଥନୀତି ପାଇଁ ବିଶ୍ୱକୁ ପ୍ରତିଭା ଯୋଗାଣ କରିବାର ସ୍ଥିତିରେ ଅଛି ।**

**ପ୍ରଯୁକ୍ତିର ପରିବର୍ତ୍ତନ: ବିପଦ ନୁହେଁ, ସୁଯୋଗ :**

ତେବେ ଏହାକୁ କେବଳ ଏକ ବିପଦ ଭାବେ ଦେଖିବା ଭୁଲ ହେବ । ଯେଉଁ ଶକ୍ତିଗୁଡ଼ିକ ବିଭ୍ରାଟ ସୃଷ୍ଟି କରୁଛନ୍ତି, ସେହି ଶକ୍ତିଗୁଡ଼ିକ ନୂଆ ଦକ୍ଷତାର ଚାହିଦା ମଧ୍ୟ ସୃଷ୍ଟି କରୁଛନ୍ତି । ବିଶ୍ୱର ପ୍ରମୁଖ ଅର୍ଥନୀତିଗୁଡ଼ିକ ମଧ୍ୟରେ ସବୁଠାରୁ ଯୁବ ଜନସଂଖ୍ୟା ଥିବା ଦେଶ ଭାବେ ଭାରତ ଏହି ଶତାବ୍ଦୀର ଦୁଇଟି ନିର୍ଣ୍ଣାୟକ କ୍ଷେତ୍ର କୃତ୍ରିମ ବୁଦ୍ଧିମତ୍ତା ଓ ସବୁଜ ଅର୍ଥନୀତି ପାଇଁ ବିଶ୍ୱକୁ ପ୍ରତିଭା ଯୋଗାଣ କରିବାର ସ୍ଥିତିରେ ଅଛି । ଏଆଇ ଟେକ୍ନିସିଆନ, ଡାଟା ଆନାଲିଷ୍ଟ, ଇଭି ମେଣ୍ଟେନାନ୍ସ ଇଞ୍ଜିନିୟର, ସୌର ଶକ୍ତି ସ୍ଥାପନ ବିଶେଷଜ୍ଞ, ଡ୍ରୋନ ଅପରେଟରଏଗୁଡ଼ିକ ଆଉ ଭବିଷ୍ୟତର ଚାକିରି ନୁହେଁ । ଏଗୁଡ଼ିକ ଆଜିର ନିଯୁକ୍ତି ବଜାରର ଅପୂରଣୀୟ ଆବଶ୍ୟକତା।

ପ୍ରଶ୍ନ ହେଉଛି ଭାରତ ଏହି ଦକ୍ଷତାଗୁଡ଼ିକୁ ପୂରଣ କରିବା ପାଇଁ ଯଥେଷ୍ଟ ଦ୍ରୁତ ଗତିରେ ପ୍ରଶିକ୍ଷଣ ଦେଇପାରିବ କି? ନା ଏହି ସୁଯୋଗ ଅନ୍ୟ ଦେଶ ହାତେଇ ନେବ? ଦକ୍ଷତା ସହ ଚରିତ୍ର ଓ ମାନବୀୟ ଗୁଣ ମଧ୍ୟ ଆବଶ୍ୟକ । କେବଳ ପ୍ରଯୁକ୍ତି ଭିତ୍ତିକ ଦକ୍ଷତା ଦ୍ୱାରା ଏକ ବିକଶିତ ରାଷ୍ଟ୍ର ଗଢ଼ାଯାଇ ପାରିବ ନାହିଁ । ଏପରି ଭାବିବା ମଧ୍ୟ ଏକ ନିର୍ବୋଧତା ହେବ । ଯେତେବେଳେ ଯନ୍ତ୍ରଗୁଡ଼ିକ ଅଧିକରୁ ଅଧିକ ନିତ୍ୟକର୍ମ ଓ ପୁନରାବୃତ୍ତିମୂଳକ କାମ ନେଇଯିବେ, ସେତେବେଳେ ମାନବର ଯେଉଁ ଗୁଣଗୁଡ଼ିକ ସ୍ୱତନ୍ତ୍ର ସମାଲୋଚନାତ୍ମକ ଚିନ୍ତନ, ସୃଜନଶୀଳତା, ଭାବନାତ୍ମକ ବୁଦ୍ଧିମତ୍ତା, ଦଳରେ କାମ କରିବାର କ୍ଷମତା ଏବଂ ଚାପରେ ମଧ୍ୟ ନୈତିକ ନିଷ୍ପତ୍ତି ନେବାର ସାମର୍ଥ୍ୟ ସେଗୁଡ଼ିକର ମୂଲ୍ୟ କମିବ ନାହିଁ ବରଂ ଆହୁରି ବଢ଼ିବ। ଏକ ଦେଶର ବିକାଶ କେବଳ ବଡ଼ ବଡ଼ ପ୍ରକଳ୍ପରେ ଦେଖାଯାଏ ନାହିଁ। ଏହା ଛୋଟ ଛୋଟ ଏବଂ ନିରବ ଅଭ୍ୟାସରେ ମଧ୍ୟ ପ୍ରକାଶ ପାଏ ଯେପରିକି ଲୋକମାନେ ସାର୍ବଜନୀନ ସମ୍ପତ୍ତିକୁ ସମ୍ମାନ କରୁଛନ୍ତି କି ନାହିଁ, ସମୟକୁ ସମ୍ମାନ କରି ସମୟରେ ପହଞ୍ଚୁଛନ୍ତି କି ନାହିଁ, ମହିଳାଙ୍କୁ ସମାନ ଭାବେ ସମ୍ମାନ କରୁଛନ୍ତି କି ନାହିଁ, ନିଜ ଅଞ୍ଚଳ ଓ ସମାଜ ପ୍ରତି ଦାୟିତ୍ୱ ନେଉଛନ୍ତି କି ନାହିଁ । ଏକ ବିକଶିତ ଭାରତକୁ ଏପରି ନେତୃତ୍ୱ ଦରକାର, ଯେଉଁମାନେ ନିଜ ବୃତ୍ତିରେ ଯେତିକି ଦକ୍ଷ, ଚରିତ୍ରରେ ମଧ୍ୟ ସେତିକି ଦୃଢ଼ ।

**ଆତ୍ମନିର୍ଭର ଭାରତର ପ୍ରକୃତ ଅର୍ଥ :**

ଏଠାରେ 'ଆତ୍ମନିର୍ଭର ଭାରତ'ର ଧାରଣାକୁ ମଧ୍ୟ ଅନେକ ସମୟରେ ଭୁଲ ଭାବେ ବୁଝାଯାଏ । ଆତ୍ମନିର୍ଭରତାର ଅର୍ଥ ବିଶ୍ୱଠାରୁ ନିଜକୁ ଅଲଗା କରିବା ନୁହେଁ । ଏହାର ଅର୍ଥ ହେଉଛି ଆମ ଯୁବପିଢ଼ିକୁ ଏତେ ଆତ୍ମବିଶ୍ୱାସୀ ଓ ଦକ୍ଷ କରିବା, ଯେପରି ସେମାନେ ନିଜ ପାଦରେ ନିଜେ ଠିଆ ହୋଇପାରିବେ। ଜଣେ ଦକ୍ଷ ଯୁବକ କିମ୍ବା ଯୁବତୀ ସମ୍ମାନର ସହ ରୋଜଗାର କରିପାରନ୍ତି, ଅନ୍ୟମାନଙ୍କ ପାଇଁ ଚାକିରି ସୃଷ୍ଟି କରୁଥିବା ବ୍ୟବସାୟ ଗଢ଼ିପାରନ୍ତି, ନିଜ ସମୁଦାୟର ସ୍ୱତନ୍ତ୍ର ସମସ୍ୟାର ସମାଧାନ କରିପାରନ୍ତି ଏବଂ ପାରମ୍ପରିକ କୌଶଳକୁ ଆଧୁନିକ ବଜାର ସହ ଯୋଡ଼ି ଆଗକୁ ନେଇପାରନ୍ତି। ଦକ୍ଷତା ହିଁ ଏକ ଯୁବ ଜନସଂଖ୍ୟାର ପ୍ରାରମ୍ଭିକ ଶକ୍ତିକୁ ପ୍ରକୃତ ଜନସାଂଖ୍ୟିକ ଲାଭରେ ପରିଣତ କରେ ନଚେତ୍ ସେହି ଶକ୍ତି ଏକ ହାତଛଡ଼ା ସୁଯୋଗରେ ପରିଣତ ହୋଇପାରେ । ମହିଳାଙ୍କୁ ବାଦ ଦେଇ ବିକାଶ ସମ୍ଭବ ନୁହେଁ । ଶେଷରେ, ଏହି ସମଗ୍ର ପ୍ରୟାସ ସଫଳ ହେବ ନାହିଁ, ଯଦି ଏଥିରୁ ଜନସଂଖ୍ୟାର ଅର୍ଦ୍ଧାଙ୍ଗ ମହିଳାମାନେ ବାଦ ପଡ଼ନ୍ତି । କୌଣସି ଦେଶ ତାହାର ମହିଳାମାନଙ୍କର ଦକ୍ଷତା ଓ ପ୍ରତିଭାକୁ ପଛକୁ ଠେଲି ନିଜର ସମ୍ପୂର୍ଣ୍ଣ କ୍ଷମତା ହାସଲ କରିପାରିନାହିଁ । ଭାରତ ମଧ୍ୟ ଏଥିରୁ ବ୍ୟତିକ୍ରମ ହୋଇପାରିବ ନାହିଁ। ଜଣେ ମହିଳାଙ୍କର ବୃତ୍ତିଗତ ପ୍ରଶିକ୍ଷଣ, ଏସଟିଇଏମ ( ଷ୍ଟିମ) ଶିକ୍ଷା କିମ୍ବା ଉଦ୍ୟୋଗୀ ହେବାର ଆକାଂକ୍ଷାରେ ନିବେଶ କରାଯାଇଥିବା ପ୍ରତ୍ୟେକ ଟଙ୍କାର ପ୍ରଭାବ ଅନେକ ସମୟରେ ଅନ୍ୟାନ୍ୟ ସାର୍ବଜନୀନ ନିବେଶ ତୁଳନାରେ ଅଧିକ ଦୂର ପର୍ଯ୍ୟନ୍ତ ପହଞ୍ଚେ ସୁସ୍ଥ ପରିବାର, ଅଧିକ ଶିକ୍ଷିତ ଶିଶୁ ଏବଂ ଅଧିକ ସୁଦୃଢ଼ ସମୁଦାୟ ଗଢ଼ିବାରେ। ସୁରକ୍ଷିତ କାର୍ଯ୍ୟସ୍ଥଳ, ନମନୀୟ ଶିକ୍ଷାର ସୁଯୋଗ ଏବଂ ମହିଳାଙ୍କ ପାଇଁ ପ୍ରକୃତ ନେତୃତ୍ୱର ସୁଯୋଗ ଏଗୁଡ଼ିକ ବିକାଶର କାହାଣୀର ଅତିରିକ୍ତ ସାମାଜିକ ବିଷୟ ନୁହେଁ । ଏଗୁଡ଼ିକ ହିଁ ବିକାଶର ମୂଳ କାହାଣୀ ।

**୨୦୪୭ରେ ଭାରତର ମୂଲ୍ୟାୟନ କିପରି ହେବ :**

୨୦୪୭ରେ ଭାରତକୁ କେବଳ ତାହାର ଜିଡ଼ିପି କେତେ ହେଲା କିମ୍ବା କେତେ ଉଚ୍ଚ ଅଟ୍ଟାଳିକା ନିର୍ମାଣ ହେଲା, ତାହା ଆଧାରରେ ମୂଲ୍ୟାୟନ କରାଯିବ ନାହିଁ । ମୂଲ୍ୟାୟନ ହେବ ଭାରତ ତାହାର କେତେ ଲୋକଙ୍କୁ ଦକ୍ଷ ସୃଷ୍ଟିକର୍ତ୍ତା ଓ ସମସ୍ୟା ସମାଧାନକାରୀରେ ପରିଣତ କରିପାରିଲା, ଏବଂ ଆଜିଠାରୁ ସେହି ସମୟ ପର୍ଯ୍ୟନ୍ତ ମିଳିଥିବା ସମୟ ଗୁଡ଼ିକୁ କେତେ ସଫଳତାର ସହ ବ୍ୟବହାର କରିପାରିଲା। ୧୯୪୭ର ସ୍ୱାଧୀନତା ଭାରତକୁ ନିଜ ଭବିଷ୍ୟତ ନିଜେ ନିର୍ଦ୍ଧାରଣ କରିବାର ସୁଯୋଗ ଦେଇଥିଲା । କିନ୍ତୁ ଏହି ଶତାବ୍ଦୀରେ ଭାରତ ସେହି ଭବିଷ୍ୟତକୁ କେତେ ଦୂର ପର୍ଯ୍ୟନ୍ତ ନେଇପାରିବ, ତାହା ନିର୍ଦ୍ଧାରଣ କରିବ ଦକ୍ଷତା । ସ୍ୱାଧୀନତା ଆମକୁ ଭବିଷ୍ୟତ ବାଛିବାର ଅଧିକାର ଦେଇଥିଲା ଦକ୍ଷତା ଆମକୁ ସେହି ଭବିଷ୍ୟତ ଗଢ଼ିବାର କ୍ଷମତା ଦେବ ।

**ସ୍ୱାଧୀନତାରୁ ବିକଶିତ ଭାରତ ଯାତ୍ରାରେ ଦକ୍ଷତା ହିଁ ପଥ ।**

**ସିଇଓ, ଦକ୍ଷତା ବିକାଶ କେନ୍ଦ୍ର, ଭୁବନେଶ୍ୱର , ମୋ–୮୭୫୪୪୬୬୩୧୦**

# ବନ୍ୟଜନ୍ତୁଙ୍କ ରକ୍ଷାକାରୀ ଆଲିଆ ମୀର



**କିଶୋର ରଥ**

ଛୋଟବେଳୁ ପଶୁ ପକ୍ଷୀଙ୍କ ପ୍ରତି ଥିବା ଭଲପାଇବା ଏବଂ କିଛି ପାରିପାର୍ଶ୍ୱିକ ଘଟଣା ପାଇଁ ଆଲିଆ ମୀର ବନ୍ୟଜନ୍ତୁଙ୍କୁ ଉଦ୍ଧାର କରିବା ଦିଗରେ କାର୍ଯ୍ୟ କରିବା ପାଇଁ ମନସ୍ଥ କରିଥିଲେ । ପରବର୍ତ୍ତୀ ସମୟରେ ଲିଙ୍ଗଭିତ୍ତିକ ପକ୍ଷପାତ ଓ ସାମାଜିକ ପ୍ରତିବନ୍ଧକତାକୁ ଅତିକ୍ରମ କରି ସେ ଶହ ଶହ ବନ୍ୟଜନ୍ତୁଙ୍କୁ ଉଦ୍ଧାର କରିଛନ୍ତି, ମଣିଷ ଓ ବନ୍ୟଜନ୍ତୁଙ୍କ ମଧ୍ୟରେ ଶାନ୍ତିପୂର୍ଣ୍ଣ ସହାବସ୍ଥାନର ବାର୍ତ୍ତା ପ୍ରଚାର କରି ସ୍ଥାନୀୟ ଲୋକଙ୍କୁ ସଚେତନ କରିଛନ୍ତି, ଯାହା ତାଙ୍କୁ ନିଜ ଲକ୍ଷ୍ୟ ଦିଗରେ ସଫଳତା ପାଇବା ସହିତ ଜାମ୍ମୁ ଓ କାଶ୍ମୀରର ପ୍ରଥମ ମହିଳା ବନ୍ୟଜନ୍ତୁ ଉଦ୍ଧାରକାରୀ ଭାବରେ ପରିଚୟ ଦେଇପାରିଛି ।

ଆଲିଆ ମୀର କୁହନ୍ତି, ଆମ ସମାଜ ଏବେ ବି ପୁରୁଷପ୍ରଧାନ, ଯାହା ମହିଳାମାନଙ୍କୁ ଆଗକୁ ବଢ଼ିବାରେ ପ୍ରତିବନ୍ଧକ ସୃଷ୍ଟି କରିଥାଏ, ବିଶେଷକରି ଏପରି ଏକ ପେଶାରେ, ଯାହାକୁ ଅଧିକାଂଶ ଲୋକ ମହିଳାଙ୍କ ପାଇଁ ଉପଯୁକ୍ତ ବୋଲି ଭାବନ୍ତି ନାହିଁ । ଜଣେ ଉଦ୍ଧାରକାରୀ ଭାବେ କାମ କରୁଥିବା ସମୟରେ ମୋତେ ପ୍ରାୟ ଅଣଦେଖା ଏବଂ ଅପମାନିତ କରାଯାଇଛି ଓ ମୋର ଏହି ପ୍ରୟାସ ପାଇଁ ଲୋକମାନେ ମତେ ଗୁରୁତ୍ୱ ଦେଉନଥିଲେ ଏବଂ ମୋ ପଛରେ ଅନେକ କଟାକ୍ଷ କରି କହୁଥିଲେ । ୨୦୦୬ ମସିହା ନଭେମ୍ବର ୧୭ ତାରିଖରେ ଏକ କଳା ଏସିଆଟିକ୍ ଭାଲୁ ଜଙ୍ଗଲରୁ ବାହାରି କାଶ୍ମୀରର ପୁଲୱାମା ଜିଲ୍ଲାର ମାଣ୍ଡୋରା ଗାଁ ଭିତରକୁ ପଶି ଆସିଥିଲା । ଗ୍ରାମବାସୀମାନେ ଭାଲୁଟିକୁ ମାରିବା ପାଇଁ ଗୋଡ଼ାଇବାରୁ ନିଜ ଜୀବନ ବଞ୍ଚାଇବାକୁ ଭାଲୁଟି ଭୟଭୀତ ହୋଇ ଏକ ଗଛ ଉପରକୁ ଚଢ଼ିଗଲା । ତଥାପି କ୍ରୋଧିତ ଜନତା ତା'ଉପରକୁ ପଥର, କୁରାଢ଼ି ଓ ବାଡ଼ିରେ ଆକ୍ରମଣ କରିଥିଲେ । ଆହତ ଭାଲୁଟି ଜୀବନ ବଞ୍ଚାଇବା ପାଇଁ ଗଛ ଉପରେ ହିଁ ରହିଥିଲା । ଶେଷରେ ଉତ୍ତ୍ୟକ୍ତ ଲୋକମାନେ ବାଡ଼ି ଓ କାଠ ଦ୍ୱାରା ଅସହାୟ ଭାଲୁଟିକୁ ଜୀବନ୍ତ ଜାଳି ଦେଇଥିଲେ ।

ସାମାଜିକ ଗଣମାଧ୍ୟମରେ ଏହି ଘଟଣା ଭାଇରାଲ ହେବା ପରେ ବ୍ୟାପକ ଜନଅସନ୍ତୋଷ ସୃଷ୍ଟି ହୋଇଥିଲା ଏବଂ ଅନେକ ସଂଗଠନ ଏହି ନିର୍ମମ ହତ୍ୟାକୁ ତୀବ୍ର ନିନ୍ଦା କରିଥିଲେ । ସେତେବେଳେ ଦିଲ୍ଲୀରେ ରହୁଥିବା କାଶ୍ମୀର ମହିଳା ଆଲିଆ ମୀର ଏହି ଭିଡ଼ିଓ ଦେଖି ଗଭୀର ଭାବରେ ମର୍ମାହତ ହୋଇଥିଲେ କାରଣ ସେ ଛୋଟବେଳୁ ପଶୁପକ୍ଷୀଙ୍କ ପ୍ରତି ଅତ୍ୟନ୍ତ ସମ୍ବେଦନଶୀଳ ଥିଲେ ଏବଂ ଘଟଣାଟି ତାଙ୍କ ନିଜ ରାଜ୍ୟରେ ଘଟିବା ହିଁ ତାଙ୍କୁ ଅଧିକ କଷ୍ଟ ଦେଇଥିଲା । ତାଙ୍କ ବାପା ଆହତ ପଶୁ ପକ୍ଷୀମାନଙ୍କୁ ଖାଇବାକୁ ଦେବା ସହିତ ସେମାନଙ୍କ ଯତ୍ନ ନେଉଥିଲେ । ଆଲିଆ ଓ ତାଙ୍କ ଭାଇଭଉଣୀମାନେ ଏଥିରେ ସହଯୋଗ କରୁଥିଲେ, ଯେଉଁଥିପାଇଁ ପଶୁପକ୍ଷୀଙ୍କ ପ୍ରତି ତାଙ୍କର ଗଭୀର ସହାନୁଭୂତି ଓ ମମତା ଜାଗ୍ରତ ହୋଇଥିଲା । ଆଲିଆ ମୀର ନିଜ ଜନ୍ମ ସ୍ଥାନ କାଶ୍ମୀରରେ ପ୍ରାରମ୍ଭିକ ଶିକ୍ଷା ସମାପ୍ତ କରି ଉଚ୍ଚ ଶିକ୍ଷା ପାଇଁ ଦିଲ୍ଲୀ ଯାଇଥିଲେ ଏବଂ ସେଠାରେ ଗଣିତରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲେ । ଏହାପରେ ସେ ଏକ ସ୍କୁଲରେ ଗଣିତ ଶିକ୍ଷୟିତ୍ରୀ ଭାବେ କାମ ଆରମ୍ଭ କରିଥିଲେ ଏବଂ ନିଜ ପେଶାଗତ ଜୀବନରେ ସମ୍ପୂର୍ଣ୍ଣ ଭାବେ ବ୍ୟସ୍ତ ହୋଇ ଯାଇଥିଲେ । ୨୦୦୨ ରେ ତାଙ୍କ ବିବାହ ବନ୍ୟପ୍ରାଣୀ ପଶୁ ଚିକିତ୍ସକ ଡ. ଶବ୍ଦିର ଅହମ୍ମଦଙ୍କ ସହ ହୋଇଥିଲା । ବିବାହ ପରେ ପଶୁ ପକ୍ଷୀଙ୍କ ପ୍ରତି ତାଙ୍କ ଛୋଟବେଳର ଭଲପାଇବା ଧୀରେ ଧୀରେ ଗଭୀର ଆଗ୍ରହରେ ପରିଣତ ହୋଇଥିଲା ଏବଂ ସେ ଶିକ୍ଷୟିତ୍ରୀ ଭାବରେ କାମ କରିବା ସହିତ ଭେଟେରିନାରୀ ମେଡିକାଲ କ୍ୟାମ୍ପ୍‌ରେ ସେଚ୍ଛାସେବୀ ଭାବେ କାମ ଆରମ୍ଭ କରି ତୃଣମୂଳ ସ୍ତରରେ ଅନେକ ବ୍ୟବହାରିକ ଅଭିଜ୍ଞତା ହାସଲ କରିଥିଲେ । ୨୦୦୬ରେ ଭାଲୁଟିର ନିର୍ମମ ହତ୍ୟା ଘଟଣା ତାଙ୍କ ଜୀବନର ମୋଡ଼ ବଦଳାଇ ଦେଇଥିଲା । ଏହି ଘଟଣାରେ ବିଚଳିତ ହୋଇ ସେ ନିଜ ରାଜ୍ୟ କାଶ୍ମୀରକୁ ଫେରି ବନ୍ୟଜନ୍ତୁଙ୍କ ସୁରକ୍ଷା ଓ ଉଦ୍ଧାର ପାଇଁ କାମ କରିଥିଲେ । ତାଙ୍କ ସ୍ୱାମୀ ଏହି କାର୍ଯ୍ୟକୁ ସମ୍ପୂର୍ଣ୍ଣ ସମର୍ଥନ କରିଥିଲେ । ବନ୍ୟ ଜନ୍ତୁ ଉଦ୍ଧାରକୁ ନିଜ ଜୀବନର ଲକ୍ଷ୍ୟ କରିବା ପରେ ସେ ନିଜର ବୈଷୟିକ ଜ୍ଞାନକୁ ଆହୁରି ସୁଦୃଢ଼ କରିବା ପାଇଁ ଡିଜାଷ୍ଟର ମ୍ୟାନେଜମେଣ୍ଟରେ ଡିପ୍ଲୋମା କରିଥିଲେ । ଯେଉଁଥିରେ ପଶୁମାନଙ୍କ ସ୍ୱାସ୍ଥ୍ୟ ଏବଂ ବନ୍ୟଜନ୍ତୁମାନଙ୍କର ଯତ୍ନ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା ।

୨୦୦୭ ମସିହାରେ ଆଲିଆ ଦିଲ୍ଲୀରୁ କାଶ୍ମୀର ଫେରିଥିଲେ ଏବଂ ଜାମ୍ମୁ କାଶ୍ମୀରର ପ୍ରକଳ୍ପ ଦାୟିତ୍ୱ ଗ୍ରହଣ କରିଥିଲେ । ଯେତେବେଳେ ଆଲିଆ ମୀର କୌଣସି ବନ୍ୟଜନ୍ତୁକୁ ଉଦ୍ଧାର କରିବା ପାଇଁ ଘଟଣାସ୍ଥଳକୁ ଯାଆନ୍ତି, ମହିଳା ହୋଇଥିବାରୁ ତାଙ୍କୁ ପ୍ରାୟତଃ ସନ୍ଦେହ ଓ ନିରୁତ୍ସାହଜନକ ମନ୍ତବ୍ୟର ସମ୍ମୁଖୀନ ହେବାକୁ ପଡ଼େ, ଜଣେ ମହିଳା କିପରି ବନ୍ୟଜନ୍ତୁଙ୍କ ଉଦ୍ଧାର କରିପାରିବ ବୋଲି ଲୋକମାନେ ବ୍ୟଙ୍ଗାତ୍ମକ ମନ୍ତବ୍ୟ ଦିଅନ୍ତି । କିନ୍ତୁ ଯେତେବେଳେ ସେ



ସହଜରେ ଉଦ୍ଧାର କାର୍ଯ୍ୟ ସମାପ୍ତ କରିଦିଅନ୍ତି ସେତେବେଳେ ସେମାନେ ଆଶ୍ଚର୍ଯ୍ୟ ହୋଇ ଯାଆନ୍ତି । ବର୍ଷ ବର୍ଷ ଧରି ଆଲିଆ ମୀର କାଶ୍ମୀର ଉପତ୍ୟକାର ବିଭିନ୍ନ ସ୍ଥାନରେ ଶହ ଶହ ସାପ, ଚିତାବାଘ, ଭାଲୁ ଓ ପକ୍ଷୀଙ୍କୁ ଉଦ୍ଧାର କରିଛନ୍ତି । ତାଙ୍କର ସବୁଠାରୁ ଚର୍ଚ୍ଚିତ ସଫଳତା ମଧ୍ୟରୁ ଗୋଟିଏ ଥିଲା ଏକ ଅତ୍ୟନ୍ତ ବିଷାକ୍ତ ଲେବାକ୍ଷଗ୍ବାଇନ୍ ଭାଇପର ସାପକୁ ସୁରକ୍ଷିତ ଭାବେ ଧରିବା । ପ୍ରାୟ ଦୁଇ କିଲୋଗ୍ରାମ ଓଜନର ଏହି ସାପଟି ସେତେବେଳର ଜାମ୍ମୁ ଓ କାଶ୍ମୀରର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲାଙ୍କ ସରକାରୀ ବାସଭବନରୁ ଉଦ୍ଧାର କରାଯାଇଥିଲା । ଏହା ଆଲିଆ ମୀରଙ୍କୁ ସାରା ଦେଶରେ ପରିଚିତ କରିଥିଲା ଏବଂ ଜାତୀୟସ୍ତରରେ ଖବରର ଶିରୋନାମା ପାଲଟିଥିଲେ ।

ବର୍ତ୍ତମାନ ଆଲିଆ ମୀର ଜାମ୍ମୁ ଓ କାଶ୍ମୀର ପ୍ରକଳ୍ପର ମୁଖ୍ୟ ଏବଂ ଶିକ୍ଷା ଅଧିକାରୀ ଭାବେ କାର୍ଯ୍ୟରତ ଅଛନ୍ତି । ସେ ନିୟମିତ ଭାବେ ଗାଁଗୁଡ଼ିକୁ ଯାଇ ବନ୍ୟଜନ୍ତୁ ନିକଟସ୍ଥ ଅଞ୍ଚଳରେ ଦେଖାଗଲେ କିପରି ପ୍ରତିକ୍ରିୟା କରିବାକୁ ହେବ, ସେ ବିଷୟରେ ସ୍ଥାନୀୟ ଲୋକଙ୍କୁ ସଚେତନ କରନ୍ତି । **ବନ୍ୟଜନ୍ତୁଙ୍କୁ ପଥର ମାରିବା କିମ୍ବା ଆକ୍ରମଣ କରିବା ପରିବର୍ତ୍ତେ ଶାନ୍ତ ରହି ତୁରନ୍ତ ଉଦ୍ଧାର ଦଳକୁ ଖବର ଦେବାକୁ ସେ ଲୋକମାନଙ୍କୁ ପରାମର୍ଶ ଦିଅନ୍ତି । ସେ ଏକଥା ମଧ୍ୟ କୁହନ୍ତି ଯେ ସନ୍ଧ୍ୟା କିମ୍ବା ଭୋର ସମୟରେ ଯେତେବେଳେ ବନ୍ୟଜନ୍ତୁମାନେ ଅଧିକ ସକ୍ରିୟ ଥାଆନ୍ତି, ସେତେବେଳେ କ୍ଷେତକୁ ଯିବା ସମୟରେ କେଉଁ ସତର୍କତା ଅବଲମ୍ବନ କରିବା ଉଚିତ ।**

ଆଲିଆ ମୀରଙ୍କ ପ୍ରୟାସ କେବଳ ଅସଂଖ୍ୟ ବନ୍ୟଜନ୍ତୁଙ୍କ ଜୀବନ ବଞ୍ଚାଇ ନାହିଁ, ବରଂ କାଶ୍ମୀରର ଅନେକ ଲୋକଙ୍କ ମନରେ ବନ୍ୟଜନ୍ତୁ ଓ ମଣିଷଙ୍କ ମଧ୍ୟରେ ସଂଘର୍ଷ ପ୍ରତି ଥିବା ଧାରଣାକୁ ମଧ୍ୟ ବଦଳାଇଛି । ସ୍ଥାନୀୟ ସମୁଦାୟଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଓ ସହାବସ୍ଥାନକୁ ପ୍ରୋତ୍ସାହନ ଦେଇ ସେ ପ୍ରମାଣ କରିଛନ୍ତି ଯେ ସଂରକ୍ଷଣ କେବଳ ବନ୍ୟଜନ୍ତୁଙ୍କୁ ସୁରକ୍ଷା ଦେବା ନୁହେଁ ମଣିଷର ମନୋଭାବ ବଦଳାଇବା ମଧ୍ୟ ଏହାର ମୁଖ୍ୟ ଅଂଶ ।

୨୦୨୩ ମସିହା ମାର୍ଚ୍ଚ ମାସରେ ବନ୍ୟଜନ୍ତୁ ସଂରକ୍ଷଣ କ୍ଷେତ୍ରରେ ତାଙ୍କର ଅସାଧାରଣ ଅବଦାନ ପାଇଁ ଜାମ୍ମୁ ଓ କାଶ୍ମୀର ସରକାର ତାଙ୍କୁ ସମ୍ମାନଜନକ ୱାଇଲ୍ଡଲାଇଫ୍ କନଜରଭେସନ୍ ଆୱାର୍ଡରେ ସମ୍ମାନିତ କରିଥିଲେ । ନିଜର ଦୃଢ଼ ସଂକଳ୍ପ ଓ ଅଦମ୍ୟ ଇଚ୍ଛାଶକ୍ତି ଦ୍ୱାରା ଆଲିଆ ମୀର ପ୍ରମାଣ କରିଛନ୍ତି ଯେ ପାରମ୍ପରିକ ଭାବେ ପୁରୁଷଙ୍କ ପାଇଁ ଉପଯୁକ୍ତ ବୋଲି କୁହାଯାଉଥିବା ବିପଦପୂର୍ଣ୍ଣ ପେଶାଗୁଡ଼ିକୁ ମହିଳାମାନେ ମଧ୍ୟ ସମାନ ଦକ୍ଷତା ଓ ନିଷ୍ଠାର ସହିତ କରିପାରିବେ ।

**ବରିଷ୍ଠ ସାମ୍ବାଦିକ, ଭିଏସ୍‌ଏସ୍ ନଗର, ଭୁବନେଶ୍ୱର, ମୋ– ୯୧୭୮୯୦୮୦୮୮**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)
samayaeditorial2021@gmail.com

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଜି-୭...

ଏବଂ ଯେଉଁମାନେ ଅନ୍ୟ କାହାର ସ୍ୱାର୍ଥ ଅନୁସରଣ ନକରି ନିଜର ସ୍ୱାର୍ଥ ଦେଖିବାକୁ ଚାହୁଁଛନ୍ତି, ସେମାନଙ୍କ ବିରୋଧରେ କଥିତ 'ସେକେଣ୍ଡାରୀ ସାଙ୍କସନ୍' ଲାଗୁ କରିବାର ଧମକ ମଧ୍ୟ ଦିଆଯାଉଛି । ସେ ଚାହିଁ କହିଥିଲେ ଯେ ରୁଷିଆ ଉପରେ ୩୦,୦୦୦ରୁ ଅଧିକ ପ୍ରତିବନ୍ଧ ଲାଗୁ କରାଯାଇଛି, ଯାହା ବିଶ୍ୱର ଅନ୍ୟ ସମସ୍ତ ଦେଶ ଉପରେ ଲାଗୁ ହୋଇଥିବା ସମସ୍ତ ପ୍ରତିବନ୍ଧର ମିଳିତ ସଂଖ୍ୟାର ପ୍ରାୟ ଦୁଇଗୁଣ ।

ପୁଟିନ କହିଥିଲେ, ଏହି କଠିନ ପରିସ୍ଥିତି ମଧ୍ୟରେ ରୁଷିଆ ନିଜର ବ୍ୟବସାୟ, ବିଜ୍ଞାନ, ଶିକ୍ଷା, ଇଞ୍ଜିନିୟରିଂ କ୍ଷେତ୍ର, ମାନବ ସମ୍ବଳ ଏବଂ ରୁଷିଆର ନାଗରିକମାନଙ୍କ ଉପରେ ଭରସା କରି ସକ୍ରିୟ ଭାବରେ କାର୍ଯ୍ୟ କରୁଛି । ଆମେ ବଡ଼ ସଫଳତା ହାସଲ କରିଛୁ । ଆମେ ଆମର ଜାତୀୟ ସାର୍ବଭୌମତ୍ୱକୁ ସୁଦୃଢ଼ କରିଛୁ ଏବଂ ବିଶ୍ୱବ୍ୟାପୀ ଉତ୍ତରଦାୟୀ ସହଯୋଗୀମାନଙ୍କ ସହ ସମ୍ପର୍କ ବିକଶିତ କରୁଛୁ ।

ଜି-୭ ହେଉଛି ବିଶ୍ୱର ସାତଟି ଉନ୍ନତ ଅର୍ଥନୀତି କାନାଡା, ଫ୍ରାନ୍ସ, ଜର୍ମାନୀ, ଇଟାଲୀ, ଜାପାନ, ବ୍ରିଟେନ୍ ଏବଂ ଆମେରିକାର ଏକ ଅନୌପଚାରିକ ଗୋଷ୍ଠୀ । ଏଥିରେ ୟୁରୋପୀୟ ସଂଘ ମଧ୍ୟ ଅଂଶଗ୍ରହଣ କରେ । ବ୍ରିକ୍ସ ହେଉଛି ଉଦୀୟମାନ ଅର୍ଥନୀତି ଓ ବିକାଶଶୀଳ ଦେଶଗୁଡ଼ିକର ଏକ ମିଳିତ ମଞ୍ଚ । ଏହାର ମୂଳ ନାମ ବ୍ରାଜିଲ, ରୁଷିଆ, ଭାରତ, ଚୀନ୍ ଓ ଦକ୍ଷିଣ ଆଫ୍ରିକାର ନାମର ପ୍ରଥମ ଅକ୍ଷରରୁ ଆସିଛି । ଇଜିପ୍ଟ, ଇଥିଓପିଆ, ଇରାନ, ସାଉଦି ଆରବ, ୟୁଏଇ ଏବଂ ଇଣ୍ଡୋନେସିଆ ସାମିଲ ହୋଇ ସଦସ୍ୟ ସଂଖ୍ୟା ୧୧ ହୋଇଛି ।

ଏହା ବ୍ୟତୀତ ବେଲାରୁସ୍, ବୋଲିଭିଆ, କ୍ୟୁବା, କାଜାଖସ୍ତାନ, ମାଲେସିଆ, ନାଇଜେରିଆ, ଥାଇଲାଣ୍ଡ, ଉଗାଣ୍ଡା, ଉଜବେକିସ୍ତାନ ଏବଂ ଭିଏତନାମ ସମେତ ୧୦ଟି ଦେଶ ବ୍ରିକ୍ସର ପାର୍ଟନର ଦେଶ ଭାବରେ ରହିଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଥିଲେ ଯେ ଆଜି ବ୍ରିକ୍ସ ଦେଶଗୁଡ଼ିକ ବିଶ୍ୱର ପ୍ରାୟ ୫୦ ପ୍ରତିଶତ ଜନସଂଖ୍ୟା, ୪୦ ପ୍ରତିଶତ ଜିଡିପି ଏବଂ ବିଶ୍ୱ ବାଣିଜ୍ୟର ୨୫ ପ୍ରତିଶତରୁ ଅଧିକ ଅଂଶକୁ ପ୍ରତିନିଧିତ୍ୱ କରୁଛନ୍ତି । ଗତ କିଛି ବର୍ଷ ମଧ୍ୟରେ ବିଶ୍ୱ ଜିଡିପି ପ୍ରାୟ ଅଢ଼େଇ ଗୁଣ ବୃଦ୍ଧି ପାଇଛି । ଏହି ସମୟ ମଧ୍ୟରେ ବ୍ରିକ୍ସ ଦେଶଗୁଡ଼ିକର ମିଳିତ ଜିଡିପି ପ୍ରାୟ ସାଢ଼େ ଚାରି ଗୁଣ ବୃଦ୍ଧି ପାଇଛି । ଅର୍ଥାତ୍, ବ୍ରିକ୍ସର ଅର୍ଥନୈତିକ ଶକ୍ତି ବିଶ୍ୱର ଅନ୍ୟ ଅଂଶ ତୁଳନାରେ ପ୍ରାୟ ଦୁଇଗୁଣ ବେଗରେ ବୃଦ୍ଧି ପାଇଛି । ବ୍ରିକ୍ସ ଦେଶଗୁଡ଼ିକ ବିଶ୍ୱସ୍ତରୀୟ ନବସୃଜନ ଏବଂ ସମାଧାନର ପ୍ରମୁଖ କେନ୍ଦ୍ର ଭାବେ ମଧ୍ୟ ଉଭା ହେଉଛନ୍ତି । ଆମ ଦେଶଗୁଡ଼ିକରେ ମୌଳିକସ୍ତରର ପଦକ୍ଷେପଠାରୁ ଆରମ୍ଭ କରି ଅତ୍ୟାଧୁନିକ ପ୍ରଯୁକ୍ତି ପର୍ଯ୍ୟନ୍ତ ନବସୃଜନର ନୂଆ ସମ୍ଭାବନା ସୃଷ୍ଟି ହେଉଛି ।

ବ୍ରିକ୍ସର ବୃଦ୍ଧିର ପରିମାଣ, ଗତି ଏବଂ ଆଶାବାଦ ଆମ ସମସ୍ତଙ୍କ ମଧ୍ୟରେ ସ୍ପଷ୍ଟ ଭାବେ ପ୍ରତିଫଳିତ ହେଉଛି । ଭାରତରେ ଆୟୋଜିତ ଏହି ଫୋରମ୍ ଏପର୍ଯ୍ୟନ୍ତ ସବୁଠାରୁ ବଡ଼ ବ୍ରିକ୍ସ ବିଜନେସ୍ ଫୋରମ୍ । ଯୁଦ୍ଧ ପ୍ରସଙ୍ଗରେ ଭାରତର ଆଭିମୁଖ୍ୟ ମଧ୍ୟ ସ୍ପଷ୍ଟ । ଭାରତ ଶାନ୍ତି ପାଇଁ ହେଉଥିବା ସମସ୍ତ ପ୍ରୟାସକୁ ସମର୍ଥନ କରେ ଏବଂ ଶାନ୍ତି ପାଇଁ ନିଆଯାଉଥିବା ପ୍ରତ୍ୟେକ ପଦକ୍ଷେପ ମାନବତାକୁ ନୂଆ ଆଶା ଓ ଉତ୍ସାହ ଦିଏ । ଆମେ ଯୁଦ୍ଧର ଅନ୍ତ ଦିଗରେ ଆଗକୁ ବଢ଼ିବାକୁ ହେବ । ମାନବତାର କଲ୍ୟାଣ ପାଇଁ ଏହା ଅତ୍ୟନ୍ତ ଆବଶ୍ୟକ । ଆମେ ୟୁକ୍ରେନ୍ ପ୍ରସଙ୍ଗ ଉପରେ ନିରନ୍ତର ଆଲୋଚନା କରିଆସିଛୁ । ଭାରତ ଶାନ୍ତି ପାଇଁ ହେଉଥିବା ସମସ୍ତ ପ୍ରୟାସକୁ ସମର୍ଥନ କରେ ଏବଂ ଆଗକୁ ମଧ୍ୟ ଏହା ଜାରି ରଖିବ ।

ଉଦ୍‌ଘାଟନୀ ସମାରୋହରେ ବାଣିଜ୍ୟମନ୍ତ୍ରୀ ପୀୟୂଷ ଗୋୟଲ କହିଥିଲେ, "ଭାରତର ବ୍ରିକ୍ସ ଅଧ୍ୟକ୍ଷତା ସମୟରେ ଆମେ ସଦସ୍ୟ ଦେଶଗୁଡ଼ିକ ମଧ୍ୟରେ ଅଧିକ ସନ୍ତୁଳିତ ବାଣିଜ୍ୟ ସୁନିଶ୍ଚିତ କରିବା ଏବଂ ବ୍ରିକ୍ସ ପରିବାର ମଧ୍ୟରେ ସେବା କ୍ଷେତ୍ରର ବାଣିଜ୍ୟ ବିସ୍ତାର କରିବା ଉପରେ ଗୁରୁତ୍ୱ ଦେଇଛୁ । ଏହି ସହଯୋଗରୁ ଚାଷୀମାନେ ଲାଭ ପାଇବା, ମହିଳାମାନେ ସଶକ୍ତ ହେବା ଏବଂ ଯୁବ ଉଦ୍ୟୋଗୀ ଓ ଏମ୍‌ଏସ୍‌ଏମ୍‌ଇଗୁଡ଼ିକ ପାଇଁ ଅଧିକ ସୁଯୋଗ ସୃଷ୍ଟି ହେବା ନିଶ୍ଚିତ କରିବାକୁ ଭାରତ ପ୍ରତିବଦ୍ଧ ।

## ଦୁବାଇରୁ...

ଖଣି ଏବଂ ଖଣିଜ କ୍ଷେତ୍ର ବ୍ୟତୀତ ପ୍ରୋସେସ୍ଡ଼ ଫୁଡ୍ ସବୁଠାରୁ ବଡ଼ ସୁଯୋଗ ହେବ । ଏଲ୍‌ଏନ୍‌ଜି ସଂରକ୍ଷଣ ପାଇଁ 'କାଜବା ପ୍ରୋଜେକ୍ଟ ଭେଞ୍ଚର୍ସ ଏଫ୍‌ଜେଡସିଓ' ଏକ ବୁଝାମଣାପତ୍ର ସ୍ୱାକ୍ଷର କରିଛି । 'ରାଣା ହୋଲ୍ଡିଂସ ଲିମିଟେଡ୍' ଗ୍ରୀନ୍ ଏନର୍ଜି, ଏଆଇ ଡାଟା ସେଣ୍ଟର ଏବଂ ରେୟାର ଆର୍ଥସ ନେଇ ଏକ ବୁଝାମଣାପତ୍ର ସ୍ୱାକ୍ଷର କରିଛି । 'ଶରାଫ ଗ୍ରୁପ୍' ଆବାସିକ ଗୃହ କ୍ଷେତ୍ରରେ ଏବଂ 'ପିଟିସିଏଲ୍ ଇନଫ୍ରାଷ୍ଟ୍ରକଚର୍' ଷ୍ଟିଲ ଏବଂ ଷ୍ଟିଲ ଡାଉନ୍‌ଷ୍ଟ୍ରିମ୍ ଶିଳ୍ପ ଗୁଡ଼ିକ ପାଇଁ ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ତି ।

ଜାହାଜ ମରାମତି ପାଇଁ 'ଡାଲଫିନ୍ ମେରାଇନ୍' ଏବଂ 'ଟର୍ବୋ ପାୱାର୍ ଇଞ୍ଜିନିୟରିଂ', ପ୍ରୋପେଲାଣ୍ଟ ଉତ୍ପାଦନ କାରଖାନା ପାଇଁ 'ଆଇଅନ୍ ଟେକ୍ନୋଲୋଜିଜ୍ ପ୍ରାଇଭେଟ୍ ଲିମିଟେଡ୍', ଏବଂ ସାର ତଥା ରସାୟନ ପାଇଁ 'ଆଗ୍ରିଫିଲ୍ଡସ ଏଫ୍‌ଜେଡସିଓ' ଠାରୁ ନିବେଶ ପ୍ରସ୍ତାବ ଗ୍ରହଣ କରାଯାଇଛି । ରୋଡ୍ ଶୋ' ସହିତ ମୁଖ୍ୟମନ୍ତ୍ରୀ ୟୁଏଇର ଅଗ୍ରଣୀ ବିଜନେସ୍ ଲିଡର ଏବଂ ନିବେଶକମାନଙ୍କ ସହିତ ୱାନ୍-ଟୁ-ୱାନ୍ ବୈଠକ କରିଥିଲେ, ଯାହାକି ପ୍ରକଳ୍ପ ସୁଯୋଗ, ଉତ୍ପାଦନ ଭିତ୍ତିଭୂମି, ମୂଲ୍ୟବୃଦ୍ଧି, ଟେକ୍ନୋଲୋଜି ସହଭାଗିତା ଏବଂ ଓଡ଼ିଶାରେ ଦୀର୍ଘକାଳୀନ ନିବେଶ ଉପରେ କେନ୍ଦ୍ରିତ ଥିଲା ।

ଦ୍ୱିତୀୟ ଦିନରେ ଆଇ.ଟି. ଏବଂ ଇ.ଏସ୍.ଡି.ଏମ୍., କୃଷି ଏବଂ ଖାଦ୍ୟ ପ୍ରକ୍ରିୟାକରଣ, ଷ୍ଟିଲ ଏବଂ ଡାଉନଷ୍ଟ୍ରିମ୍ ମାନୁଫାକ୍ଚରିଂ, ଲଜିଷ୍ଟିକ୍ସ, ଦକ୍ଷତା ବିକାଶ, ରେୟାର ଆର୍ଥସ୍, ସର୍କୁଲାର୍ ଇକୋନୋମି, କେମିକାଲ୍ସ ଏବଂ ଆଲୁମିନିୟମ କ୍ଷେତ୍ରକୁ ବ୍ୟାପକ କରାଯାଇଥିଲା । ବିଭିନ୍ନ କମ୍ପାନୀଗୁଡ଼ିକର ବୁଝାମଣାପତ୍ର ଏବଂ ନିବେଶ ପ୍ରସ୍ତାବଗୁଡ଼ିକ ସମ୍ଭାବ୍ୟ ପ୍ରକଳ୍ପ ଓ ଭାଗିଦାରୀର ପରିସରକୁ ଆହୁରି ବଢ଼ାଇଥିଲା ।

ମୁଖ୍ୟମନ୍ତ୍ରୀ ମଧ୍ୟ ୟୁଏଇର ନେତୃତ୍ୱ ଏବଂ ଶିଳ୍ପ ପ୍ରତିନିଧୀଙ୍କ ସହିତ ଉଚ୍ଚସ୍ତରୀୟ ଆଲୋଚନା କରିଥିଲେ ଏବଂ 'ଏମିରେଟ୍ସ ଗ୍ଲୋବାଲ୍ ଆଲୁମିନିୟମ୍' ପରିଦର୍ଶନ କରିଥିଲେ, ଯାହା ଓଡ଼ିଶାର ଡାଉନଷ୍ଟ୍ରିମ ଶିଳ୍ପ ଇକୋସିଷ୍ଟମ ସହିତ ଜଡ଼ିତ ଉନ୍ନତ ଆଲୁମିନିୟମ ଉତ୍ପାଦନ, ପ୍ରଯୁକ୍ତିବିଦ୍ୟା ଏବଂ ମୂଲ୍ୟବୃଦ୍ଧି ପଦ୍ଧତିଗୁଡ଼ିକୁ ଅନୁଧ୍ୟାନ କରିବାର ଏକ ସୁଯୋଗ ପ୍ରଦାନ କରିଥିଲା ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ, ଓଡ଼ିଶା ମୂଲ୍ୟବୃଦ୍ଧି, ପ୍ରଯୁକ୍ତିବିଦ୍ୟା, ବିଶ୍ୱସ୍ତରୀୟ ସହଭାଗିତା ଏବଂ ଦକ୍ଷ ପ୍ରକଳ୍ପ କାର୍ଯ୍ୟାନ୍ୱୟନକୁ ଆଧାର କରି ଶିଳ୍ପ ଅଭିବୃଦ୍ଧିର ଏକ ନୂତନ ପର୍ଯ୍ୟାୟକୁ ପ୍ରବେଶ କରିବା ପାଇଁ ପ୍ରସ୍ତୁତ ଅଛି । ସେ ନିବେଶକମାନଙ୍କ ପାଇଁ ରାଜ୍ୟର ପ୍ରାକୃତିକ ସମ୍ପଦ, ପ୍ରତିଯୋଗୀ ଶକ୍ତି ଉପଲବ୍ଧତା, ରଣନୈତିକ ବନ୍ଦର, ଶିଳ୍ପ ଭିତ୍ତିଭୂମି, ଦକ୍ଷ କାର୍ଯ୍ୟଶକ୍ତି ଏବଂ ଶିଳ୍ପ ଇକୋସିଷ୍ଟମକୁ ମୁଖ୍ୟ ସୁବିଧା ଭାବରେ ଉପସ୍ଥାପନ କରିଥିଲେ ।

ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ ଯେ, ଓଡ଼ିଶାର ୟୁଏଇ ସହଭାଗିତା ବ୍ୟକ୍ତିଗତ ନିବେଶଠାରୁ ଆଗକୁ ଯାଇ ଉତ୍ପାଦନ, ବାଣିଜ୍ୟ, ପ୍ରଯୁକ୍ତିବିଦ୍ୟା, ରପ୍ତାନି, ଇନୋଭେସନ, ଦକ୍ଷତା ଏବଂ ଉଦ୍ୟମିତାରେ ଦୀର୍ଘସ୍ଥାୟୀ ଭାଗିଦାରୀ ନିର୍ମାଣ କରିବାକୁ ଲକ୍ଷ୍ୟ ରଖିଛି । ସେ ୟୁଏଇର ବ୍ୟବସାୟୀମାନଙ୍କୁ ଭାରତରେ ସେମାନଙ୍କର ପରବର୍ତ୍ତୀ ଅଭିବୃଦ୍ଧି ପାଇଁ ଓଡ଼ିଶାକୁ ଏକ ପ୍ରମୁଖ ପସନ୍ଦର ଗନ୍ତବ୍ୟସ୍ଥଳ ଭାବରେ ପରିଣତ କରିବାକୁ ନିମନ୍ତ୍ରଣ କରିଥିଲେ । ଶିଳ୍ପ ମନ୍ତ୍ରୀ ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ 'ଦ୍ରୁତ ଗତି, ନିଶ୍ଚିତତା ଏବଂ କାର୍ଯ୍ୟାନ୍ୱୟନ' ପ୍ରତି ସରକାରଙ୍କ ପ୍ରତିବଦ୍ଧତାକୁ ଦୋହରାଇ, ପ୍ରକଳ୍ପ ସାଇକଲର ସମସ୍ତ ସ୍ତରରେ ଯଥା ନିବେଶ ପ୍ରସ୍ତାବ ଏବଂ ଅନୁମୋଦନଠାରୁ ଆରମ୍ଭ କରି କାର୍ଯ୍ୟକାରିତା ଏବଂ ସମ୍ପ୍ରସାରଣ ପର୍ଯ୍ୟନ୍ତ ନିବେଶକମାନଙ୍କୁ ସକ୍ରିୟ ସହଯୋଗ ଏବଂ ପ୍ରତିଷ୍ଠାନଗତ ସହଯୋଗ ପ୍ରଦାନ କରିବାକୁ ଆଶ୍ୱାସନା ଦେଇଥିଲେ । ତିନିଦିନିଆ ଏହି ଅଭିଯାନରେ ବରିଷ୍ଠ ସରକାରୀ ଅଧିକାରୀ, ଭାରତୀୟ କୂଟନୈତିକ ପ୍ରତିନିଧି ଏବଂ ପ୍ରମୁଖ ବ୍ୟବସାୟୀମାନେ ଏକାଠି ହୋଇଥିଲେ, ଯାହା ଓଡ଼ିଶା ଏବଂ ୟୁଏଇର ବିଜନେସ କମ୍ୟୁନିଟି ମଧ୍ୟରେ ସିଧାସଳଖ ଓ ନିରନ୍ତର ସମ୍ପୃକ୍ତି ପାଇଁ ଏକ ମଞ୍ଚ ସୃଷ୍ଟି କରିଥିଲା ।

ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଶିଳ୍ପ, ଗୃହ ତଥା ସୂଚନା ଓ ଲୋକସଂପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ୟୁଏଇରେ ଭାରତୀୟ ରାଷ୍ଟ୍ରଦୂତ ଡ. ଦୀପକ ମିତ୍ତଲ, ଦୁବାଇରେ ଭାରତର କନସୁଲ୍ ଜେନେରାଲ୍ ଡ. ଇ. ବିଷ୍ଣୁ ବର୍ଦ୍ଧନ ରେଡ୍ଡୀ, ଓଡ଼ିଶା ସରକାରଙ୍କ ବରିଷ୍ଠ ଅଧିକାରୀ ଏବଂ ଇପିକଲର ପ୍ରତିନିଧିମାନେ ଏହି କାର୍ଯ୍ୟକ୍ରମଗୁଡ଼ିକରେ ସାମିଲ ହୋଇଥିଲେ । ଓଡ଼ିଶାର 'ଗୋଟିଏ ଜିଲ୍ଲା, ଗୋଟିଏ ଉତ୍ପାଦ' ସାମଗ୍ରୀଗୁଡ଼ିକୁ ମଧ୍ୟ ପ୍ରଦର୍ଶିତ କରାଯାଇଥିଲା, ଯାହା ପ୍ରବାସୀ ସମ୍ପୃକ୍ତିରେ ଏକ ସ୍ୱତନ୍ତ୍ର ସାଂସ୍କୃତିକ ଏବଂ ଉଦ୍ୟୋଗିକ ଦିଗ ଯୋଡ଼ିଥିଲା । ଅଂଶଗ୍ରହଣକାରୀମାନେ ରାଜ୍ୟର ବିଭିନ୍ନ ସ୍ଥାନୀୟ ଉତ୍ପାଦ ଏବଂ ଏହାର ଜିଲ୍ଲାଗୁଡ଼ିକରେ ଦେଖା ଦେଇଥିବା ଉଦ୍ୟମିତା ସମ୍ଭାବନାକୁ ଅନୁଭବ କରିଥିଲେ ।

କ୍ରିଟିକାଲ୍ ମିନେରାଲ୍ସ ଏବଂ ରେୟାର ଆର୍ଥସ, ମେଟାଲ ଓ ମାଇନିଂ, ଆଲୁମିନିୟମ ଏବଂ ଷ୍ଟିଲ ଡାଉନଷ୍ଟ୍ରିମ ଶିଳ୍ପ; କେମିକାଲ୍ସ ଏବଂ ପେଟ୍ରୋ- କେମିକାଲ୍ସ; ଗ୍ରୀନ ଏନର୍ଜି; ଏଲ୍‌ଏନ୍‌ଜି; ଆଇ.ଟି. ଏବଂ ଇ.ଏସ୍.ଡି.ଏମ୍.; ଏଆଇ ଏବଂ ଡାଟା ସେଣ୍ଟର; ଖାଦ୍ୟ ପ୍ରକ୍ରିୟାକରଣ; ଲଜିଷ୍ଟିକ୍ସ; ଭିତ୍ତିଭୂମି; ସ୍ୱାସ୍ଥ୍ୟସେବା; ପର୍ଯ୍ୟଟନ; ରିଅଲ୍ ଇଷ୍ଟେଟ୍; ସର୍କୁଲାର୍ ଇକୋନୋମି; ଜାହାଜ ମରାମତି; ସାର; ପ୍ରୋପେଲାଣ୍ଟ ଉତ୍ପାଦନ ଏବଂ ଅନ୍ୟାନ୍ୟ ଏମର୍ଜିଂ କ୍ଷେତ୍ର ୟୁଏଇ ଅଭିଯାନର ଏହି ସଫଳ ଉଦ୍‌ଯାପନ ଓଡ଼ିଶାର ବିଶ୍ୱସ୍ତରୀୟ ନିବେଶ ରଣନୀତିକୁ ଅଧିକ ଗତିଶୀଳ କରିବା ସହିତ ୟୁଏଇ ସହିତ ଏହାର ଅର୍ଥନୈତିକ ଭାଗିଦାରୀକୁ ସୁଦୃଢ଼ କରିଛି । ପାରମ୍ପରିକ ଶକ୍ତି ଏବଂ ନୂତନ ଯୁଗର କ୍ଷେତ୍ରଗୁଡ଼ିକରେ ନିବେଶ ସୁଯୋଗର ଏକ ବ୍ୟାପକ ସମ୍ଭାବନା ସହିତ, ରାଜ୍ୟ ନିଜକୁ ବିଶ୍ୱସ୍ତରୀୟ ପୁଞ୍ଜି, ପ୍ରଯୁକ୍ତିବିଦ୍ୟା, ଉତ୍ପାଦନ ଏବଂ ଯୋଗାଣ ଶୃଙ୍ଖଳା ସମନ୍ୱୟ ପାଇଁ ଏକ ପ୍ରତିଯୋଗୀ ଗନ୍ତବ୍ୟସ୍ଥଳ ଭାବରେ ପ୍ରତିଷ୍ଠା କରୁଛି । ଓଡ଼ିଶା ସରକାର ବର୍ତ୍ତମାନ ନିବେଶ ଆଗ୍ରହ ଏବଂ ପ୍ରସ୍ତାବିତ ଭାଗିଦାରୀକୁ ତୃଣମୂଳସ୍ତରରେ ପ୍ରକଳ୍ପରେ ପରିଣତ କରିବା ଦିଗରେ ଧ୍ୟାନ ଦେବେ, ଯେଉଁଥିପାଇଁ କାର୍ଯ୍ୟାନ୍ୱୟନର ଗତି, ମୂଲ୍ୟ ସୃଷ୍ଟି, ନିଯୁକ୍ତି ସୃଷ୍ଟି ଏବଂ ସୁଦୃଢ଼ ଘରୋଇ ତଥା ବିଶ୍ୱସ୍ତରୀୟ ସଂଯୋଗ ଉପରେ ଗୁରୁତ୍ୱ ଦିଆଯିବ ଯାହା ଏକ ସମୃଦ୍ଧ, ଶିଳ୍ପଗତ ଭାବେ ଶକ୍ତିଶାଳୀ ଏବଂ ବିଶ୍ୱ ସହିତ ସଂଯୁକ୍ତ ଓଡ଼ିଶାର ଦୃଷ୍ଟିକୋଣକୁ ଆଗକୁ ବଢ଼ାଇବ ।

## ଆଗୁଆ...

ପ୍ରଭୃତି କ୍ରମାଗତ ଭାବେ ପର୍ବପର୍ବାଣୀ ରହୁଥିବାରୁ ନଭେମ୍ବର ମଧ୍ୟଭାଗ ପର୍ଯ୍ୟନ୍ତ କମିଶନରେଟ୍ ପୋଲିସ ସମେତ ଓଡ଼ିଶା ପୋଲିସକୁ ହାଇଆଲର୍ଟ ରହିବାକୁ ପଡ଼ିବ ।

ବୈଠକରେ କମିଶନରେଟ୍ ପୋଲିସ ଅଞ୍ଚଳରେ ବିଗତ ଦିନର ଆଇନଶୃଙ୍ଖଳା ପରିସ୍ଥିତି, ବିଧାନସଭା ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗ, ଅପରାଧ ନିୟନ୍ତ୍ରଣ, ମହିଳା ଓ ଶିଶୁଙ୍କ ବିରୋଧରେ ଅପରାଧ, ଏନ୍‌ଡିପିଏସ୍ ଆଇନର କାର୍ଯ୍ୟକାରିତା, ନିଶାମୁକ୍ତ ଓଡ଼ିଶା ଅଭିଯାନ, ଟ୍ରାଫିକ୍ ପରିଚାଳନା, ନୂଆ ଅପରାଧିକ ଆଇନର କାର୍ଯ୍ୟକାରିତା, ପୋଲିସ ଭିତ୍ତିଭୂମି ତଥା ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ସମ୍ପର୍କରେ ଡିଜିପି ପୁଙ୍ଖାନୁପୁଙ୍ଖ ସମୀକ୍ଷା କରିଥିଲେ । ଆଗାମୀ ଦିନରେ ବିଧାନସଭା ଅଧିବେଶନ ଅନୁଷ୍ଠିତ ହେବାକୁ ଥିବାରୁ ବିଭିନ୍ନ ସଙ୍ଗଠନ ପକ୍ଷରୁ ସମ୍ଭାବ୍ୟ ଆନ୍ଦୋଳନ, ଧାରଣା ଓ ଘେରାଉ ଭଳି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଉପରେ ସ୍ୱତନ୍ତ୍ର ନଜର ରଖିବା ପାଇଁ ଆଗୁଆ ପ୍ରସ୍ତୁତି ଉପରେ ଡିଜିପି ଗୁରୁତ୍ୱାରୋପ କରିଥିଲେ । ଆଗାମୀ ୩ ମାସ ସମୟ ପାର୍ବଣ ଋତୁ ହୋଇଥିବାରୁ ଅପରାଧ ଓ ଅପରାଧୀଙ୍କ ପ୍ରତି ସଜାଗ ରହିବାକୁ ଡିଜିପି ଶ୍ରୀ ମିଶ୍ର ପରାମର୍ଶ ଦେଇଥିଲେ । ପର୍ବପର୍ବାଣୀକୁ ଶାନ୍ତିଶୃଙ୍ଖଳା ଓ ସୁରକ୍ଷିତ ପରିବେଶରେ ସମ୍ପନ୍ନ କରିବା ପାଇଁ ଏବେଠାରୁ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ସମ୍ବେଦନଶୀଳ ସ୍ଥାନରେ ପର୍ଯ୍ୟାପ୍ତ ପୋଲିସ ମୁତୟନ, ଭିଡ ନିୟନ୍ତ୍ରଣ, ଟ୍ରାଫିକ୍ ପରିଚାଳନା, ଶାନ୍ତି କମିଟି ବୈଠକ, ସ୍ଥାନୀୟ ଜନ ପ୍ରତିନିଧି, ବିଭିନ୍ନ ସଙ୍ଗଠନ ଓ ସମ୍ପ୍ରଦାୟର ପ୍ରମୁଖ ବ୍ୟକ୍ତିବିଶେଷଙ୍କ ସହ ନିରନ୍ତର ସମନ୍ୱୟ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି ଡିଜିପି । ବିଶେଷ କରି କଟକର ସମ୍ବେଦନଶୀଳ ଅଞ୍ଚଳ ଗୁଡିକରେ ପାର୍ବଣ ସମୟରେ ନିରନ୍ତର ନଜର ରଖି ଆଗୁଆ ପ୍ରତିଷେଧମୂଳକ ପଦକ୍ଷେପ ନେବା ସହ ଆବଶ୍ୟକତା ଅନୁଯାୟୀ ଫୋର୍ସ ମୁତୟନ ପାଇଁ ପ୍ରସ୍ତୁତ ରହିବାକୁ କୁହାଯାଇଛି ।

ପୋଲିସ ଓ ଜନସାଧାରଣଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ରଖିବା, ଥାନା ସ୍ତରରେ ନିୟମିତ ପରିଦର୍ଶନ କରି ଜନସାଧାରଣଙ୍କ ଅଭିଯୋଗ ଶୁଣିବା ଏବଂ ଅପରାଧର ତଦନ୍ତ ଓ ପୋଲିସ ସେବା ପ୍ରଦାନର ଗୁଣବତ୍ତା ବୃଦ୍ଧି କରିବାକୁ ବରିଷ୍ଠ ଅଧିକାରୀମାନଙ୍କୁ ଶ୍ରୀ ମିଶ୍ର ନିର୍ଦ୍ଦେଶ ଦେଇଛନ୍ତି । ଏହି ପ୍ରସ୍ତୁତି ବୈଠକରେ ଆଡ଼ିସନାଲ ଡିଜି ସଞ୍ଜୟ କୁମାର, ପୋଲିସ କମିଶନର ଏସ୍.ଦେବଦତ୍ତ ସିଂ, ଆଇଜିପି ହିମାଂଶୁ କୁମାର ଲାଲ, ଆଇଜିପି ସତ୍ୟବ୍ରତ ଭୋଇ, ଆଇଜିପି ଅବିନାଶ କୁମାର, ଆଇଜିପି ସାର୍ଥକ ଷଡଙ୍ଗୀ, ଡିସିପି (କଟକ), ଖିଲାରୀ ଋଷିକେଶ ଦ୍ୟାନ ଦେଓ, ଡିସିପି (ଭୁବନେଶ୍ୱର) ଜଗମୋହନ ମିନାଙ୍କ ସମେତ ଅନ୍ୟ ବହୁ ବରିଷ୍ଠ ଅଧିକାରୀ ବୈଠକରେ ଯୋଗ ଦେଇଥିଲେ ।

## ସୁରକ୍ଷା...

ସଙ୍କେତ ଦେଉଛି । ଏହା ପରବର୍ତ୍ତୀ ସମୟରେ ହିଂସାତ୍ମକ ଘଟଣାର ରୂପ ନେଇଥିବା ମଧ୍ୟ ସେ ଅଭିଯୋଗ କରିଛନ୍ତି ।ଘଟଣାକୁ ନେଇ ବିଧାୟକ ଫକୀର ମୋହନ ନାଏକ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ହସ୍ତକ୍ଷେପ ଲୋଡ଼ିଛନ୍ତି । ନିଜର ସୁରକ୍ଷା ବ୍ୟବସ୍ଥାକୁ ତୁରନ୍ତ ବଢ଼ାଇବା ସହ ଧମକ ଓ ଆକ୍ରମଣ ସମ୍ପର୍କିତ ସମସ୍ତ ଘଟଣାର ନିରପେକ୍ଷ ତଦନ୍ତ ପାଇଁ ସେ ଅନୁରୋଧ କରିଛନ୍ତି । ସୋସିଆଲ ମିଡିଆରେ ଧମକପୂର୍ଣ୍ଣ ପୋଷ୍ଟ ପ୍ରଚାର କରୁଥିବା ବ୍ୟକ୍ତି ବା ଗୋଷ୍ଠୀଙ୍କୁ ଚିହ୍ନଟ କରିବା ସହ ଏହା ପଛରେ କୌଣସି ଯୋଜନା ରହିଛି କି ନାହିଁ, ତାହାର ତଦନ୍ତ ଆବଶ୍ୟକ ବୋଲି ଦାବି ହୋଇଛି । ଏହି ଅଭିଯୋଗ ପରେ ଘଟଣାକୁ ନେଇ ରାଜନୈତିକ ଓ ପ୍ରଶାସନିକ ମହଲରେ ଚର୍ଚ୍ଚା ଆରମ୍ଭ ହୋଇଛି ।

## ଅଡିଟରଙ୍କ...

ସନ୍ତୋଷଜନକ ହିସାବ ଦେଇପାରିନଥିବାରୁ ପରେ ସେମାନେ ରହୁଥିବା ହୋଟେଲ କୋଠରୀରେ ମଧ୍ୟ ତଲାସି କରାଯାଇଥିଲା । ସେଠାରୁ ଆଉ ୮ ଲକ୍ଷ ୮୬ ହଜାର ୮୩୦ ଟଙ୍କା ଜବତ ହୋଇଥିଲା । ଫଳରେ ମୋଟ ୧୪ ଲକ୍ଷ ୩୮ ହଜାର ୩୪୦ ଟଙ୍କା ଜବତ କରାଯାଇଛି । ଟଙ୍କାର ଉତ୍ସ ଜାଣିବା ପାଇଁ ଦୁଇ ଅଡିଟରଙ୍କୁ ପଚରାଉଚରା ଜାରି ରହିଛି । ସୂଚନା ଅନୁଯାୟୀ, ଦୁଇ ଅଡିଟର୍ ୩୦ ଅଗଷ୍ଟରୁ ବାରିପଦାରେ ରହି ଡିଡବ୍ଲ୍ୟୁଓ କାର୍ଯ୍ୟାଳୟର ଅଡିଟ୍ କରୁଥିଲେ । ପରବର୍ତ୍ତୀ ସମୟରେ ସେମାନେ ଏସଟି/ଏସ୍ସି ବିଭାଗ ଅଧୀନରେ ଥିବା ଆଶ୍ରମ, ସେବାଶ୍ରମ, ହାଇସ୍କୁଲ, ହାୟର ସେକେଣ୍ଡାରୀ ସ୍କୁଲ୍ ଏବଂ ଏସ୍‌ଏସଡି ହଷ୍ଟେଲଗୁଡ଼ିକର ଅଡିଟ୍ କରୁଥିଲେ । ଏଥିପାଇଁ ସମ୍ପୃକ୍ତ ସ୍କୁଲ୍ ଓ ହଷ୍ଟେଲର ପ୍ରଧାନଶିକ୍ଷକ ଏବଂ ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ଫାଇଲ୍ ଓ ରେଜିଷ୍ଟର ସହ ବାରିପଦାରେ ଉପସ୍ଥିତ ହେବାକୁ କୁହାଯାଇଥିଲା । ଏହି ସମୟରେ ଅଡିଟ୍ ସୁରୁଖୁରୁରେ କରାଇଦେବା ପାଇଁ ପ୍ରତି ଛାତ୍ର ପିଛା ୧୦ ଟଙ୍କା ହିସାବରେ ସ୍କୁଲ୍ ଓ ହଷ୍ଟେଲ କର୍ତ୍ତୃପକ୍ଷଙ୍କଠାରୁ ଟଙ୍କା ଦାବି କରାଯାଉଥିବା ନେଇ ଭିଜିଲାନ୍ସ ନିକଟରେ ଅଭିଯୋଗ ଆସିଥିବା କୁହାଯାଇଛି । ଅଭିଯୋଗର ପ୍ରାଥମିକ ଯାଞ୍ଚ ପରେ ଭିଜିଲାନ୍ସ ପକ୍ଷରୁ ଏହି ଅଟକ ଓ ତଲାସି ଅଭିଯାନ କରାଯାଇଥିବା ସୂଚନା ମିଳିଛି । ଅଡିଟ୍ ହୋଇଥିବା ସ୍କୁଲ୍, ହଷ୍ଟେଲ ଏବଂ ଅନ୍ୟ ଅନୁଷ୍ଠାନଗୁଡ଼ିକର ଶିକ୍ଷକ-ଶିକ୍ଷୟିତ୍ରୀ, ପ୍ରଧାନଶିକ୍ଷକ ଓ ଦାୟିତ୍ୱରେ ଥିବା କର୍ମଚାରୀଙ୍କ ନାମ ମଧ୍ୟ ଭିଜିଲାନ୍ସ ଯାଞ୍ଚ କରିପାରେ । ଘଟଣାକୁ ନେଇ ଭିଜିଲାନ୍ସ ପକ୍ଷରୁ ସମ୍ପୃକ୍ତ ସ୍ଥାନଗୁଡ଼ିକରେ ତଲାସି ଓ ତଦନ୍ତ ଜାରି ରହିଥିବା ବେଳେ, ପରବର୍ତ୍ତୀ ତଦନ୍ତ ପରେ ଅଧିକ ତଥ୍ୟ ସାମ୍ନାକୁ ଆସିବାର ସମ୍ଭାବନା ରହିଛି ।

## ପୁଟିନଙ୍କ...

ଥର ପାଇଁ ଆୟୋଜିତ ରୁଷର ଆନ୍ତର୍ଜାତିକ ଶିଳ୍ପ ପ୍ରଦର୍ଶନୀ 'ଇନୋପ୍ରୋମ୍ ଇଣ୍ଡିଆ'କୁ ଦୁଇ ନେତା ସ୍ୱାଗତ କରିଥିଲେ । ବାଣିଜ୍ୟ ଓ ଶିଳ୍ପ ସମ୍ପର୍କକୁ ଆହୁରି ସୁଦୃଢ଼ ଓ ବ୍ୟାପକ କରିବାରେ ଏହି ପ୍ରଦର୍ଶନୀର ଗୁରୁତ୍ୱ ରହିଛି ବୋଲି ସେମାନେ ଗୁରୁତ୍ୱାରୋପ କରିଥିଲେ । ଉଭୟ ନେତା 'ଇନୋପ୍ରୋମ୍ ଇଣ୍ଡିଆ' ପ୍ରଦର୍ଶନୀ ପରିଦର୍ଶନ କରିବା ସହ ଅଂଶଗ୍ରହଣକାରୀମାନଙ୍କ ସହ ଆଲୋଚନା କରିଥିଲେ । ଏକ ବହୁପକ୍ଷୀୟ ବିଶ୍ୱରେ ଭାରତ-ରୁଷ ସମ୍ପର୍କ, ବିଶେଷକରି ୨୦୨୬ରେ ଭାରତର ଅଧ୍ୟକ୍ଷତାରେ ବ୍ରିକ୍ସର କାର୍ଯ୍ୟକଳାପ ସମ୍ପର୍କରେ ଦୁଇ ନେତା ଆଲୋଚନା କରିଥିଲେ । ଏହା ସହିତ ପାରସ୍ପରିକ ସ୍ୱାର୍ଥ ସହ ଜଡ଼ିତ ପ୍ରମୁଖ ଆଞ୍ଚଳିକ ଓ ବିଶ୍ୱସ୍ତରୀୟ ପ୍ରସଙ୍ଗ ଉପରେ ମଧ୍ୟ ସେମାନେ ନିଜ ନିଜ ମତ ରଖିଥିଲେ ।

ପଶ୍ଚିମ ଏସିଆ ଏବଂ କୃଷ୍ଣ ସାଗର ଅଞ୍ଚଳରେ ଚାଲିଥିବା ସଂଘର୍ଷ ଯୋଗୁଁ ସାମୁଦ୍ରିକ ବାଣିଜ୍ୟ ଏବଂ ଭାରତୀୟ ନାବିକମାନଙ୍କ ସୁରକ୍ଷା ଓ ନିରାପତ୍ତା ପ୍ରଭାବିତ ହୋଇଥିବା ନେଇ ମଧ୍ୟ ଆଲୋଚନା ହୋଇଥିଲା । ସଂଘର୍ଷର ସମାଧାନ ପାଇଁ ଆଲୋଚନା ଓ କୂଟନୀତି ହିଁ ଆଗକୁ ବଢ଼ିବାର ଉପାୟ ବୋଲି ପ୍ରଧାନମନ୍ତ୍ରୀ ପୁନର୍ବାର ଉଲ୍ଲେଖ କରିଥିଲେ । ଶାନ୍ତି ପ୍ରୟାସରେ ସହଯୋଗ କରିବାକୁ ଭାରତ ପ୍ରସ୍ତୁତ ଥିବା ସେ କହିଥିଲେ । ଦୁଇ ଦେଶ ମଧ୍ୟରେ ରହିଥିବା 'ସ୍ୱତନ୍ତ୍ର ଓ ବିଶେଷାଧିକାରପ୍ରାପ୍ତ ରଣନୈତିକ ସହଯୋଗିତା'କୁ ଆହୁରି ସୁଦୃଢ଼ କରିବା ପାଇଁ ଉଭୟ ନେତା ନିରନ୍ତର ଭାବେ ଯୋଗାଯୋଗରେ ରହିବାକୁ ସହମତ ହୋଇଥିଲେ । ଏହି ଦ୍ୱିପାକ୍ଷିକ ସହଯୋଗିତା ବର୍ତ୍ତମାନର ଭୂ-ରାଜନୈତିକ ଅନିଶ୍ଚିତତା ପରିପ୍ରେକ୍ଷୀରେ ମଧ୍ୟ ନିରନ୍ତର ଭାବେ ଅଗ୍ରଗତି କରୁଛି ଏବଂ ଏହାର ସ୍ଥିରତା ବଜାୟ ରହିଛି ।

୨୪ତମ ଭାରତ-ରୁଷ ବାର୍ଷିକ ସମ୍ମିଳନୀରେ ଯୋଗଦେବା ପାଇଁ ରାଷ୍ଟ୍ରପତି ପୁଟିନ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ରୁଷ ଗସ୍ତର ନିମନ୍ତ୍ରଣ ଦେଇଛନ୍ତି ଓ ପ୍ରଧାନମନ୍ତ୍ରୀ ଏହି ନିମନ୍ତ୍ରଣ ଗ୍ରହଣ କରିଛନ୍ତି । ପରବର୍ତ୍ତୀ ସମୟରେ ଉଭୟ ପକ୍ଷର ସୁବିଧା ଅନୁଯାୟୀ କୂଟନୈତିକ ମାଧ୍ୟମରେ ଏହି ସମ୍ମିଳନୀର ତାରିଖ ନିର୍ଦ୍ଧାରଣ କରାଯିବ ।

## ଏସ୍‌ଟିଏଫ୍...

ନାହିଁ ବିଚାରବିମର୍ଶ କରାଯିବ ସେମାନେ ସୁସ୍ଥ ହେବା ପରେ । ନନ୍ଦନକାନନରେ ସେମାନେ ଏକପ୍ରକାର ସୁସ୍ଥ ଅଛନ୍ତି ବୋଲି ଖବର ମିଳିଛି । କ୍ରାଇମ୍‌ବ୍ରାଞ୍ଚ ଏସ୍‌ଟିଏଫ୍‌ର ବନ୍ୟଜନ୍ତୁ ଶାଖା ମାମଲା ତଦନ୍ତ କରୁଥିବାରୁ ଖୁବ୍‌ଶୀଘ୍ର ଆନ୍ତର୍ଜାତୀୟ ମାଫିଆ ଲିଙ୍କ୍‌ର ପର୍ଦ୍ଦାଫାସ ହେବ ବୋଲି କୁହାଯାଉଛି । ଦୀଘାର ସେହି ହୋଟେଲ ମାଲିକ ବାପ-ପୁଅଙ୍କର ଆନ୍ତର୍ଜାତୀୟ ବନ୍ୟଜନ୍ତୁ ମାଫିଆଙ୍କ ସହ ହାତ ଥିବା ସନ୍ଦେହ କରୁଛି ତଦନ୍ତକାରୀ ଟିମ୍ ।

## ଦେଶବ୍ୟାପୀ...

ସଂଘଗୁଡ଼ିକ ଅର୍ଥ ମନ୍ତ୍ରଣାଳୟର ଆର୍ଥିକ ସେବା ପକ୍ଷରୁ ଜାରି ହୋଇଥିବା ଟିଏଲ୍‌ଆଇ ଗାଇଡ୍‌ଲାଇନ୍‌କୁ ମଧ୍ୟ ବିରୋଧ କରାଯାଇଛି । ଏହି ଯୋଜନା ଭେଦଭାବପୂର୍ଣ୍ଣ ବୋଲି ସଂଘ ଅଭିଯୋଗ କରିଛି । ନୂଆ ନିୟମ ଅନୁଯାୟୀ ସ୍କେଲ୍ ଆଇଭି ଏବଂ ତା'ପରଠୁ ଉପର ପାହ୍ୟାର ଅଧିକାରୀମାନେ ବ୍ୟକ୍ତିଗତ ପ୍ରଦର୍ଶନ ଆଧାରରେ ସର୍ବାଧିକ ୩୬୫ ଦିନର ବେସିକ୍ ପେ ସହ ସମାନ ପିଏଲ୍‌ଆଇ ପାଇପାରିବେ । ଅନ୍ୟପଟେ ୱାର୍କମ୍ୟାନ୍ ଏବଂ ସ୍କେଲ୍ ୧ ରୁ ୩ ପର୍ଯ୍ୟନ୍ତ କର୍ମଚାରୀଙ୍କ ସର୍ବାଧିକ ୧୫ ଦିନର ବେସିକ୍ ପେ ସହ ମହଙ୍ଗା ଭତ୍ତା ଆଧାରରେ ଇନିସେଟିଭ୍ ମିଳିବ । ତେବେ ଏହି ନୂଆ ନିୟମ ଆବିଏ ଓ ବ୍ୟାଙ୍କ ୟୁନିୟନ୍ ମଧ୍ୟରେ ଚୁକ୍ତିର ଉଲ୍ଲଂଘନ ବୋଲି ଅଭିଯୋଗ କରାଯାଇଛି । ପେନ୍‌ସନ୍ ଅପ୍‌ଡେସନ୍ ଓ ଓପିଏସ୍ ପାଇଁ ମଧ୍ୟ ଦାବି କରାଯାଇଛି ।

**AFFIDAVIT**

I, Dilip Raghunath Barick, S/o- Raghunath Barick, Permanent/R/o-Nirman Nagar, DG Tukum, Near ST Work Shop, Chandrapur, Maharashtra-442401, declare by this affidavit no-PM-108, Dt.10.09.2026 that, As per my Aadhar card, my correct name is Dilip Raghunath Barick, but in my passport, my name has been reflected Dilip Kumar Barick instead of Dilip Raghunath Barick and in some ROR of land documents, where in my name has been mentioned as Dilip Barick. Both **Dilip Kumar Barick**, **Dilip Barick** and **Dilip Raghunath Barick** is one and same person i.e myself. Henceforth, I shall be known as **Dilip Raghunath Barick** for all future purposes.

**ପୂର୍ବ ତଟ ରେଳପଥ**

ସଂ. PCCM/91/Cash Lifting at Stations/1280, ତା.10.09.2026ରିଖ

**କାର୍ଯ୍ୟର ନାମ :** ପୂର୍ବ ତଟ ରେଳପଥ ଅଧୀନସ୍ଥ 256ଟି ଷ୍ଟେସନରୁ 05 ବର୍ଷ ପାଇଁ କ୍ୟାସ୍ ପିକ୍-ଅପ ସେବା ।

ଟେଣ୍ଡର ଖୋଲିବା ତାରିଖ : 14.09.2026

ଟେଣ୍ଡର ବନ୍ଦ ହେବା ତାରିଖ : 06.10.2026

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ https://www.ireps.gov.in ରେ ଉପଲବ୍ଧ ଅଟେ ।

PR-440/R/26-27

ଉପ ମୁଖ୍ୟ ବାଣିଜ୍ୟ ପ୍ରବନ୍ଧକ/ ଯାତ୍ରୀ ସେବା/ ଭୁବନେଶ୍ୱର

**ZILLA SWASTHYA SAMITI, NABARNGPUR**
**OFFICE OF CDM & PHO-cum-District Mission Director**
**NABARANGPUR**
10001/5402627

No: 8568 Date: 10.09.2026

**Tender Notice for procurement of one hearse van for DHH, Nabarangpur**

Sealed tenders are invited under a Two-Bid System (Technical Bid and Financial Bid) from eligible manufacturers or their authorized dealers/distributors for the supply, registration, insurance, delivery and commissioning of one fully built Hearse Van for District Headquarters Hospital (DHH), Nabarangpur. Intending bidders may obtain Tender paper containing Terms & Conditions in the district website (www.nabarangpur.odisha.gov.in). The filled in Bids in single sealed envelope superscribing at the top of the envelope **"TENDER FOR PROCUREMENT OF ONE HEARSE VAN FOR DHH, NABARANGPUR"** to the CDM&PHO, Mirganguda, Nabarangpur-764059 on or before **25.09.2026 by 5.00 P.M by Regd Post/Speed post/Courier** and the same will be opened on **28.09.2026.at 11.30 A.M.** The Authority reserves the right to accept or cancelled any or all tenders without assigning any reason thereof.

Sd/- CDM & PHO-cum-District Mission Director Nabarangpur

OIPR : 10001/10081/1/26-27/0013

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, MALKANGIRI (R&B) DIVISION, MALKANGIRI**
34001/784/2627
**E-Procurement Notice**
**Bid Identification No. S.E (R&B)-MLK-13/2026-27**

No. 4870 Date. 02.09.2026

| | | |
|---|---|---|
| 1. | Name of the work: | E.I work |
| 2. | Total No. of Works: | 01 Nos. |
| 3. | Estimated cost: | 34.12 lakhs |
| 4. | Period of completion: | 03(Three) months |
| 5. | Date & time of availability of bid document in the portal: | From 18:00 hrs. of 18.09.2026 To 17.00 hrs. Of 28.09.2026 |
| 6. | Last date / Time for receipt of bids in the Portal; | 17.00 hours of 28.09.2026 |
| 7. | Date of opening of Tender; | 10.00 hours of 29.09.2026 |
| 8. | Name and address of the Officer Inviting Bid: | Superintending Engineer Malkangiri(R&B) Division |

Further details can be seen from the e-procurement portal https://tendersorissa.gov.in

Sd/- Superintending Engineer Malkangiri(R&B) Division

OIPR : 34001/34063/1/26-27/0011

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍ : (୦୬୭୪) ୨୩୯୩୫୨୪
ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ www.oshb.org.

ପତ୍ର ସଂଖ୍ୟା: ୧୮ **ବିଜ୍ଞାପନ** ତା : ୧୪.୦୮.୨୦୨୬

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ସ୍ଥାବର ସମ୍ପତ୍ତି ଆବଣ୍ଟନ ଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ଦରଜ କରିବା ପାଇଁ ଆବେଦନ କରିଅଛନ୍ତି । ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ । ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ନୁହେଁ ।

| କ୍ର. ନଂ | ଆବଣ୍ଟନ ଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|---|
| | ସ୍ୱର୍ଗତ ପ୍ରମିଳା ମହାନ୍ତି, ସ୍ୱା- ସ୍ୱର୍ଗତ କିଶୋର ଚନ୍ଦ୍ର ମହାନ୍ତି, ଗ୍ରା- କୁକୁଣି, ପୋ- ବଢ଼ବଣା, ଥା- ବଢ଼ବଣା, ଜି- ଯାଜପୁର | ଡ.ଏଲ୍-୨୨୫ (ଡିଏଲ୍- ୨୨୫) କଳୋନିବ୍ ହାଉସିଂ ସ୍କିମ୍ ବାସନ୍ତୀ, ଫେଜ୍-୩, ରାଉରକେଲା | ୧- ସ୍ମିତା ମହାନ୍ତି (ବି.କନ୍ୟା) ୨- ଅମିତା ମହାନ୍ତି (ବୋହୂ) ୩- ପୁରବୀ ମହାନ୍ତି (ନାତୁଣୀ) |

ସ୍ୱା/- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

**GOVT. OF ODISHA**
**OFFICE OF THE SUPERINTENDING ENGINEER, RURAL WORKS DIVISION-II, NAYAGADA**
25001/1134/2627
E-mail-Nayagada rw2@yahoo.in

**e-Procurement Notice**

1. Name of the work : Building works.
2. Total No. of Projects : 12 (Twelve) Nos of projects
3. Class of contractor
   a) Estimated cost above Rs. 20.00 Lakhs & up to Rs.3.00 Crore — B Class (of Odisha PWD) or relevant class of other licensing authorities.
   b) Estimated cost up to Rs. 40.00 Lakhs — C Class( of Odisha PWD) or relevant class of other licensing authorities
   c) Estimated cost up to Rs. 20.00 Lakhs — D Class of Odisha PWD) or relevant class of other licensing authorities.
4. Estimated cost put to tender : Rs.3.39 Lakhs & Rs.8.47 lakhs
5. Time for completion : 02 (Two) calendar month.
6. Other details

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender | Date & Time of Opening |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division-II, Nayagada | Tender - Online -Divn.-II NAYAGADA -07/2026-27 | 10.09.2026 at 11.00 A.M. | 24.09.2026 upto 5.00 P.M. | Dt. 24.09.2026 upto 5.30 P.M | 25.09.2026 at 11.00A.M. |

OIPR : 25001/25144/1/26-27/0009

Sd/- Superintending Engineer RW. Division-II, Nayagada

**OFFICE OF THE EXECUTIVE ENGINEER**
**MAYURBHANJ LIFT IRRIGATION DIVISION BARIPADA**
**CORRIGENDUM No. 3142 Dated. 11.09.2026**
**CORRIGENDUM NOTICE**
32001/869/2627
E-mail- olicbpd@ymail.com

In partial modification to this office Tender Call Notice No. 3102 dt. 03.09.2026 the date of publishing of the Tender 29.09.2026, Date of closing of the Tender 09.10.2026 and Date of Opening 12.10.2026 due to some unavoidable circumstances. All other Terms & Conditions are remained unaltered.

| Procurement Officer | Bid Identification No /Date | Availability of Tender on online for bidding | | Date & Time of Opening of Tender(Technical Bid) |
|---|---|---|---|---|
| | | Date & time of Publishing | Date & time of Closing | |
| Executive Engineer M.L.I. Division, Barioada | 3102/03.09.2026 | 29.09.2026 11.00 AM | 09.10.2026 5.00 PM | 12.10.2026 At 11.00 AM. |

OIPR : 32001/32215/1/26-27/0002

Sd/- Executive Engineer, Rural Works Division: Jeypore.

**ବ୍ରହ୍ମପୁର ମହାନଗର ନିଗମ**
ସଂଖ୍ୟା- ୧୪୯୫୨ ତାରିଖ: ୧୦.୦୯.୨୦୨୬
13001/1839/2627
**ନିଲାମ ବିଜ୍ଞାପନ**

ଏତଦ୍‌ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ବ୍ରହ୍ମପୁର ସହରାଞ୍ଚଳ ମଧ୍ୟରେ ଆସ୍କାରୋଡ଼ ସ୍ଥିତ ଛେକିକଟା ଗୃହର ଫିକ୍ ଆଦାୟ ନିଲାମ ସକାଶେ ଇଚ୍ଛୁକ ବ୍ୟକ୍ତି / ସଂସ୍ଥାମାନଙ୍କ ଠାରୁ ୨୦୨୬-୨୭ ବର୍ଷ ପାଇଁ ମୂଲ୍ୟାଙ୍କ (Quotation) ଆହ୍ୱାନ କରାଯାଉଛି । ଏହାର ସର୍ବନିମ୍ନ ନିର୍ଦ୍ଧାରିତ ଦର (Offset Value) ଟ. ୮,୦୯,୨୩୧/-ଙ୍କା ଅଟେ । ଇଚ୍ଛୁକ ବ୍ୟକ୍ତି / ସଂସ୍ଥାମାନେ ନିଜର ଆବେଦନ ପତ୍ର ଆସନ୍ତା ତା୨୪.୦୯.୨୦୨୬ରିଖ ସମୟ ଅପରାହ୍ଣ ଘ.୫.୦୦ଟିକା ମଧ୍ୟରେ ନିମ୍ନ ସାକ୍ଷରକାରିଣୀଙ୍କ କାର୍ଯ୍ୟାଳୟକୁ ରେଜେଷ୍ଟ୍ରୀ ପୋଷ୍ଟ କିମ୍ବା ସ୍ପିଡ ପୋଷ୍ଟ ମାଧ୍ୟମରେ ପ୍ରେରଣ କରିପାରିବେ । ଆଗ୍ରହୀ ବ୍ୟକ୍ତି / ସଂସ୍ଥାମାନେ ଉକ୍ତ ନିଲାମ ପାଇଁ ଆବେଦନ ପତ୍ର ସହିତ ୧. ଟ୍ରେଡ ଲାଇସେନ୍ସ ୨. ଫୁଡ ଲାଇସେନ୍ସ ୩. ବିଡ଼ ମୂଲ୍ୟ ଟ. ୪୭୨୦/-ଙ୍କା (ଫେରସ୍ତଯୋଗ୍ୟ ନୁହେଁ) ଏବଂ ୪. ପ୍ରତିଶ୍ରୁତି ଅମାନତ ( ସିକ୍ୟୁରିଟି ଡିପୋଜିଟ) ଟ. ୮,୦୯୨/-ଙ୍କା (Offset Value ସର୍ବନିମ୍ନ ନିର୍ଦ୍ଧାରିତ ଦରର ୧%) ଡ଼ିମାଣ୍ଡ ଡ୍ରାଫ୍ଟ (ବିନା ସୁଧ ଅମାନତ) ଆୟୁକ୍ତ, ବ୍ରହ୍ମପୁର ମହାନଗର ନିଗମଙ୍କ ନାମରେ ସଂଲଗ୍ନ କରିବେ । ଯେଉଁ ବ୍ୟକ୍ତି ବା ସଂସ୍ଥାମାନେ ଡିମାଣ୍ଡ ଡ୍ରାଫ୍ଟ ଏବଂ ଉପରଲିଖିତ ଦସ୍ତାବିଜ ଦାଖଲ କରିନଥିବେ, ସେହି ବ୍ୟକ୍ତି ବା ସଂସ୍ଥାମାନଙ୍କର ମୂଲ୍ୟାଙ୍କ (Quotation) ଅଗ୍ରାହ୍ୟ ହେବ । ଆବେଦନ ପତ୍ର ଇଫାଫା ଉପରେ ଛେକିକଟା ଗୃହ ଫିକ ଆଦାୟ ସକାଶେ ନିଲାମ ବୋଲି ଲିପିବଦ୍ଧ କରିବେ । ଆବେଦନ ସଂପର୍କିତ ଇଫାଫା ଗୁଡ଼ିକୁ ଉକ୍ତ ନିଲାମ ତା୨୪.୦୯.୨୦୨୬ ରିଖ ସମୟ ଅପରାହ୍ଣ ଘ. ୫.୩୦ଟିକା ସମୟରେ ଖୋଲାଯିବ । ସେହି ସମୟରେ ଆବେଦନକାରୀ ଅଥବା ତାଙ୍କର କ୍ଷମତା ପ୍ରାପ୍ତ ପ୍ରତିନିଧ ମହାନଗର ନିଗମ କାର୍ଯ୍ୟାଳୟରେ ଉପସ୍ଥିତ ରହିପାରିବେ । ଅସଂପୂର୍ଣ୍ଣ ଥିବା ମୂଲ୍ୟାଙ୍କ (Quotation) ରଦ୍ଦ କରାଯିବ । ଯାହା ନାମରେ ନିଲାମ କାଏମ ହେବ ସେହି ବ୍ୟକ୍ତି ଏକ ସପ୍ତାହ ମଧ୍ୟରେ ନିଲାମ ଦରର ୫୦% ପ୍ରତିଶତ ଟଙ୍କା ଜମା କରିବେ, ନଚେତ ସେହି ବ୍ୟକ୍ତି କିମ୍ବା ସଂସ୍ଥାଙ୍କର ମୂଲ୍ୟାଙ୍କ (Quotation) ରଦ୍ଦ କରାଯିବ । ମୂଲ୍ୟାଙ୍କ (Quotation)ର ୫୦% ପ୍ରତିଶତ ଭାଗ ଜମା କରି ମହାନଗର ନିଗମ ଧାର୍ଯ୍ୟ କରିଥିବା ସମସ୍ତ ସର୍ତ୍ତାବଳୀକୁ ଏକ ଚୁକ୍ତିନାମା ଷ୍ଟାମ୍ପ ପେପରରେ ଜମା କରିଲା ପରେ ହିଁ ଏହି କାର୍ଯ୍ୟାଳୟରୁ ଛେକିକଟା ଗୃହ ଫି ଆଦାୟ ବାବଦ ଆଦେଶନାମା ଜାରି କରାଯିବ । ଅବଶିଷ୍ଟ ଶତକଡ଼ା ୫୦ ଭାଗ ମଧ୍ୟରୁ ପ୍ରତି ମାସରେ ଶତକଡ଼ା ୧୦ ଭାଗ ହିସାବରେ ୫ମାସ ମଧ୍ୟରେ ସମସ୍ତ ଦେୟ ଜମା ଦେବାକୁ ପଡ଼ିବ । ଏହାର ଖିଲାପ କଲେ ଛେକିକଟା ଗୃହର ଫି ଆଦାୟ ଅଧିକାର ଓ ଦାୟିତ୍ୱରୁ ସଂପୃକ୍ତ ବ୍ୟକ୍ତି / ସଂସ୍ଥାଙ୍କୁ ସ୍ଥାୟୀ ଭାବେ ମୁକ୍ତ କରାଯିବ । ସର୍ତ୍ତାବଳୀ ଖିଲାପ କଲେ ଜମା ଦେଇଥିବା ପ୍ରତିଶ୍ରୁତି ଅମାନତ ବ୍ୟାଜ୍ୟାପ୍ତି କରି ପୁନଃ ନିଲାମ ମଧ୍ୟ କରାଯିବ । ପ୍ରକାଶ ଥାଉ କି କୌଣସି କାରଣ ନଦର୍ଶାଇ ନିଲାମ ଆହ୍ୱାନ/ ସ୍ଥଗିତ/ ଖାରଜ କରିବାର ସଂପୂର୍ଣ୍ଣ ଅଧିକାର ବ୍ରହ୍ମପୁର ମହାନଗର ନିଗମ କର୍ତ୍ତୃପକ୍ଷଙ୍କର ରହିଛି ।

| ନିଲାମର ନାମ | ବାର୍ଷିକ ନିର୍ଦ୍ଧାରିତ ଦର | ଲାଇସେନ୍ସ ମିଆଦି |
|---|---|---|
| ଛେକିକଟା ଗୃହ | ଟ.୮,୦୯, ୨୩୧/-ଙ୍କା | ଏକବର୍ଷ |

ବିଶେଷ ଦ୍ରଷ୍ଟବ୍ୟ: ପୂର୍ବରୁ ଛେକିକଟା ଗୃହର ଫି ଆଦାୟ ଦାୟିତ୍ୱ ପାଇଁ ମହାନଗର ନିଗମର ରାଜସ୍ୱ ସଂପୂର୍ଣ୍ଣ କିମ୍ବା ଆଂଶିକ ପଇଠ କରିନଥିବା ବ୍ୟକ୍ତିବିଶେଷ ଏହି ବିଜ୍ଞାପନରେ ଭାଗ ନେଇପାରିବେ ନାହିଁ ।

ସ୍ୱା/- ଆୟୁକ୍ତ
ବ୍ରହ୍ମପୁର ମହାନଗର ନିଗମ

OIPR : 13001/13035/1/26-27/0025

Forest, Environment and Climate Change Department, Odisha
OFFICE OF THE DIVISIONAL FOREST OFFICER, MANGROVE FOREST DIVISION (WL), RAJNAGAR
AT/P.O: Rajnagar, Dist; Kendrapara-754225,
Phone-06729-242460,
Control Room-06729-242463,
E-mail ID-dfo.rajnagarwl@odisha.gov.in
8001/308/2627

BID IDENTIFICATION NO- DFO MFD-G.I. Chain Link Mesh /06/1F(Accts.)/Tender/346/2026 Dated.07/09/2026
Dated, Rajnagar the 07th September, 2026

**TENDER CALL NOTICE**

Sealed Tenders in prescribed format in 02 bid systems i.e. Technical bid & Financial bid are invited from Registered Firms/Suppliers/ Manufacturers having past experience in the field for supply of quality G.I. Chain Link Mesh as per IS-2721-2003 standards to this Division at various locations. Details of Terms & Conditions with tender papers are available in this office from 11.09.2026 (10:00 AM to 05:30 PM) on working days till 25.09.2026 (5:30 PM) and also available in the website: wildlife.odisha.gov.in and www.odishaforest.in. Tender Papers is to reach by dated.25.09.2026 & will be opened on 28.09.2026 (11 AM) in this office. The undersigned reserves to right to accept or reject any or all tenders without assigning any reason thereof.

Sd/- Divisional Forest Officer Mangrove Forest Division (Wildlife) Rajnagar

OIPR : 8001/8053/1/26-27/0008

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ- ୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ- ୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍- ୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା- ୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି- ୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ- ୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ- ୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ- ୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ- ୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ- ୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି- ୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା- ୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ- ୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର- ୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସରାଓ- ୯୪୩୯୫୬୬୭୨୨, କେନ୍ଦୁଝର- ରବିନାରାୟଣରାଜ୍- ୯୪୩୭୩୩୭୧୦୦, ମାଲକାନଗିରି-କେଶବ ନାଏକ- ୯୪୩୭୭୭୯୪୪୭, ମୟୂରଭଞ୍ଜ- ସୌମ୍ୟରଞ୍ଜନ ପଟ୍ଟନାୟକ- ୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା- ୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ- ୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ- ୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର- ୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ- ୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ- ୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି- ୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

### ବିଆଇଏସ ବିକୁଛି ଏମ୍ସ ଚାକିରି

## ଏମ୍ସରେ ସାଂଘାତିକ ନିଯୁକ୍ତି ଦୁର୍ନୀତି : ଯୁବ କଂଗ୍ରେସ

ଭୁବନେଶ୍ୱର,(ସବ୍ୟୁ): ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ସଭାପତି ରଞ୍ଜିତ ପାତ୍ର ଏକ ସାମ୍ବାଦିକ ସମ୍ମିଳନୀରେ ଏମ୍ସରେ ଚାକିରି ବିକ୍ରୀ ଦୁର୍ନୀତି ପ୍ରସଙ୍ଗ ଉପରେ ଅଭିଯୋଗ ଉପସ୍ଥାପନ କରିଥିଲେ । ଏମସ କର୍ତ୍ତୃପକ୍ଷ ଏବଂ ଉଚ୍ଚପଦସ୍ଥ ଅଧିକାରୀଙ୍କ ଜ୍ଞାତ ସାରରେ ଏମସରେ ଖୋଲାଖୋଲି ଚାକିରି ବିକ୍ରୀ ହୋଇଥିବା ବେଳେ ଏହି ସାଂଘାତିକ ଦୁର୍ନୀତିକୁ ଏମସର ଉଚ୍ଚପଦସ୍ଥ ଅଧିକାରୀ ରାଜ୍ୟ ଓ କେନ୍ଦ୍ର ସରକରର ନୀରବ ରହିବା ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି ।

ପିସିସି ସାଧାରଣ ସମ୍ପାଦକୟାସିର ନୱାଜ ଏହି ସାମ୍ବାଦିକ ସମ୍ମଳନୀରେ ଚାକିରି ବିକ୍ରୀ ଘଟଣାର ତଥ୍ୟ ଉପସ୍ଥାପନ କରି ଏହି ଦୁର୍ନୀତିରେ ସଂପୃକ୍ତ ବ୍ୟକ୍ତି ବିଶେଷଙ୍କୁ କଠୋର ଦଣ୍ଡ ଦିଆଯିବାକୁ ଦାବି କରିଥିଲେ । ବମ୍ବେ ଇଣ୍ଟିଗ୍ରେଟେଡ ସିକ୍ୟୁରିଟି ଲିମିଟେଡ (ବିଆଇଏସ୍) ନାମକ ଏକ ସଂସ୍ଥା ଏମ୍ସ ଠାରୁ ଟେଣ୍ଡର ହାସଲ କରି ହାଉସ୍‌କିପିଂ ଷ୍ଟାଫ ଓ ହସ୍ପିଟାଲ ଆଟେଣ୍ଡା ଷ୍ଟାଫ୍ ନିଯୁକ୍ତି କରିଛନ୍ତି । ଏହି ପ୍ରକ୍ରିୟାରେ ବିଆଇଏସ୍ ବହୁ ଗରିବ ଓ ନିରୀହ ଲୋକଙ୍କ ଠାରୁ ଲକ୍ଷ ଲକ୍ଷ ଟଙ୍କା ବେଆଇନ ଭାବରେ ଲାଞ୍ଚ ନେଇଛନ୍ତି । ଏହି ନିଯୁକ୍ତି ପାଇଁ କୌଣସି ପ୍ରକାର ସାକ୍ଷାତକାର ହୋଇନାହିଁ କି ସେମାନଙ୍କର ଆବଶ୍ୟକୀୟ ଡକ୍ୟୁମେଣ୍ଟ ଯାଞ୍ଚ କରାଯାଇନାହିଁ । ହସ୍ପିଟାଲ ଆଟେଣ୍ଡାଣ୍ଟ ଙ୍କ ଠାରୁ ଜଣକୁ ଅଢ଼େଇ ଲକ୍ଷ ଟଙ୍କା ଲାଞ୍ଚ ନିଆଯାଇଥିବାବେଳେ ହାଉସ୍‌କିପିଂ ଷ୍ଟାଫଙ୍କ ଠାରୁ ୨ଲକ୍ଷ ଟଙ୍କା ନିଆଯାଇଥିବାର ଅଭିଯୋଗ ହୋଇଛି । ହସ୍ପିଟାଲ ଆଟେଣ୍ଡାଣ୍ଟ ଷ୍ଟାଫ୍ ଭାବେ ଏବେ ନିକଟରେ ୭୦ଜଣଙ୍କୁ ନିଯୁକ୍ତି ଦିଆଯାଇଛି । ସେହି ସମସ୍ତ ୭୦ଜଣଙ୍କ ଠାରୁ ଲାଞ୍ଚ ନିଆଯାଇଛି । ଏହା ପୂର୍ବରୁ ଏହି କମ୍ପାନୀ ମଧ୍ୟ ୨୦୦ ହାଉସ୍‌କିପିଂ ଷ୍ଟାଫ ଓ ହସ୍ପିଟାଲ ଆଟେଣ୍ଡାଣ୍ଟ ଷ୍ଟାଫ୍ ନିଯୁକ୍ତି ଦେଇଛନ୍ତି । ଏଥିରେ ବ୍ୟାପକ ଲାଞ୍ଚ କାରବାର ହୋଇଥିବା ସହ ସହ ବିଆଇଏସ୍‌ର ତିନିଜଣ ଉଚ୍ଚପଦସ୍ଥ କର୍ମଚାରୀ ସମ୍ପୃକ୍ତ ଥିବା ଅଭିଯୋଗ କରାଯାଇଛି ।




୨୦୨୫ ମସିହା ଅଗଷ୍ଟ ମାସରେ ଗ୍ରୁପ ବି ଏବଂ ଗ୍ରୁପ-ସି ନିଯୁକ୍ତିରେ ଜାଲ ପ୍ରମାଣ ପତ୍ର ବ୍ୟବହାର ହେବା ଘଟଣାକୁ ନେଇ ଜଣେ ଏମସ, ଭୁବନେଶ୍ୱର ଅଫିସର ଏବଂ ଅନ୍ୟ ୫ଜଣଙ୍କୁ ସିବିଆଇ ଗିରଫ କରିଥିଲା । ୨୦୨୩ ମସିହା ଜୁଲାଇ ମାସରେ କିଛି ପଦବୀର ନିଯୁକ୍ତି ପାଇଁ ଯେଉଁ ପ୍ରକ୍ରିୟା ଚାଲିଥିଲା ସେଥିରେ ଶିକ୍ଷାଗତ ଏବଂ କାର୍ଯ୍ୟ ଅଭିଜ୍ଞତାର ଜାଲ ସାର୍ଟିଫିକେଟ ଦିଆଯାଇଥିଲା । ସୁତରାଂ ଏମସ୍ ଭୁବନେଶ୍ୱରର ଚାକିରୀ ବିକ୍ରୀ ଦାୟିତ୍ୱ ବିଆଇଏସ୍ ନେଇଛି । ଯଦି ୭ ଦିନ ମଧ୍ୟରେ ଏହାର ଉପଯୁକ୍ତ ତଦନ୍ତ ହୋଇ ଦୋଷୀମାନଙ୍କୁ ଗିରଫ କରି ଦଣ୍ଡ ଦିଆନଯାଏ ତେବେ ଯୁବ କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇବ । ଦୁର୍ନୀତିକୁ ପ୍ରୋତ୍ସାହନ ଦେଉଥିବା ଭୁବନେଶ୍ୱର ସାଂସଦଙ୍କୁ ଘେରାଉ କରାଯିବାକୁ ଶ୍ରୀ ନୱାଜ ଚେତାବନୀ ଦେଇଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ସୁଦିପ ସାମଲ ଓ ଜାଭେଦ୍ ଅକ୍ତାର ପ୍ରମୁଖ ଉପସ୍ଥିତ ଥିଲେ ।

## ହିଣ୍ଡାଲ୍‌କୋର ମୀନାକ୍ଷୀ କୋଇଲା ଖଣି ପାଇଁ ଜନଶୁଣାଣିରେ ମିଳିଲା ପ୍ରବଳ ଜନ ସମର୍ଥନ

ଭୁବନେଶ୍ୱର (ସବ୍ୟୁ): ମେସର୍ସ ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡର ପ୍ରସ୍ତାବିତ ମୀନାକ୍ଷୀ କୋଇଲା ଖଣି ନିମନ୍ତେ ଅନୁଷ୍ଠିତ ଜନ ଶୁଣାଣି ହେମଗିର ବ୍ଲକ୍‌ର କିରିପସିରା ଗ୍ରାମରେ ଶୁକ୍ରବାର (ସେପ୍ଟେମ୍ବର ୧୧)ରେ ଅନୁଷ୍ଠିତ ହୋଇଥିବାବେଳେ ଏହାକୁ ସ୍ଥାନୀୟ ଗ୍ରାମବାସୀ, ପଞ୍ଚାୟତିରାଜ ପ୍ରତିଷ୍ଠାନ (ପିଆର୍‌ଆଇ) ପ୍ରତିନିଧି ଏବଂ ଗୋଷ୍ଠୀର ଅନ୍ୟ ସଦସ୍ୟମାନଙ୍କ ନିକଟରୁ ପ୍ରବଳ ସମର୍ଥନ ମିଳିଥିଲା । ଉକ୍ତ ଜନଶୁଣାଣିରେ ଅଂଶଗ୍ରହଣକାରୀମାନେ ଆଶା ପ୍ରକାଶ କରିଥିଲେ ଯେ, ଏହି ପ୍ରକଳ୍ପ ଉକ୍ତ ଅଞ୍ଚଳରେ ଉଲ୍ଲେଖନୀୟ ସାମାଜିକ- ଅର୍ଥନୈତିକ ରୂପାନ୍ତରଣ ଆଣିବ । ଅଭିମନ୍ୟୁ ମାଝୀ, ଏଡିଏମ୍, ସୁନ୍ଦରଗଡ, ତେଜସ୍ୱିନି ବେହେରା, ଉପଜିଲ୍ଲାପାଳ, ଇଂ. ହିରଣ୍ୟ କୁମାର ନାୟକ, ରିଜିଓନାଲ ଅଫିସର, ଓଏସ୍‌ପିସିବି, ଝାରସୁଗୁଡା ଏବଂ ଅନ୍ୟ ସରକାରୀ ଅଧିକାରୀବୃନ୍ଦ, ପିଆର୍‌ଆଇ ସଦସ୍ୟମାନଙ୍କ ଉପସ୍ଥିତିରେ ଜନଶୁଣାଣି ଅନୁଷ୍ଠିତ ହୋଇଥିଲା । ଶୁଣାଣି ପ୍ରକ୍ରିୟା ଶାନ୍ତିପୂର୍ଣ୍ଣ ଏବଂ ଶୃଙ୍ଖଳିତ ରହିଥିଲା, ଏଥିରେ ପାରିପାର୍ଶ୍ୱିକ ଅଞ୍ଚଳରୁ ଜନସାଧାରଣ ସକ୍ରିୟ ଅଂଶଗ୍ରହଣ କରିଥିଲେ । ସ୍ଥାନୀୟ ଅଞ୍ଚଳର ଅନ୍ୟମାନଙ୍କ ମଧ୍ୟରେ କିରିପସିରା, ଗର୍ଜନବାହାଲ ଏବଂ ବାଙ୍ଗୁରାକେଲା ଆଦି ଗ୍ରାମର ଅଧିବାସୀମାନେ ପ୍ରସ୍ତାବିତ କୋଇଲା ଖଣି ନିମନ୍ତେ ଦୃଢ ସମର୍ଥନ ପ୍ରକାଶ କରିଥିଲେ ।

## ଡିଏଭି ୟୁନିଟ୍-୮ ରେ ମେଧାବୀ ସମ୍ବର୍ଦ୍ଧନା ସମାରୋହ

ଭୁବନେଶ୍ୱର, (ସବ୍ୟୁ): ସ୍ଥାନୀୟ ଡିଏଭି ପବ୍ଲିକ୍ ସ୍କୁଲ ୟୁନିଟ-୮ରେ ଚଳିତ ବର୍ଷ ମେଧାବୀ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବରେ ଜାତୀୟ ଗବେଷଣା ଓ ବିକାଶ ନିଗମର ସହକାରୀ ସମ୍ପାଦକ ଡ. ବିଜୟ କୁମାର ସାହୁ ଯୋଗଦାନ କରି ଜ୍ଞାନର ମହତ୍ତ୍ୱକୁ ଦର୍ଶାଇବା ସହିତ ଗୁରୁଙ୍କର ଆଶୀବର୍ବାଦକୁ ମୁଖ୍ୟ ଆୟୁଧ ଭାବରେ ଗ୍ରହଣ କରି ବିଦ୍ୟାର୍ଥୀମାନଙ୍କୁ ନିଜର ଜ୍ଞାନଭଣ୍ଡାର ବୃଦ୍ଧି କରିବାକୁ ପରାମର୍ଶ ଦେଇଥିଲେ। ଡିଏଭି ଆଞ୍ଚଳିକ ନିର୍ଦ୍ଦେଶକ ଡଃ କେ. ସି. ଶତପଥୀ




ଦୃଢ଼ ସଂକଳ୍ପ ଓ କଠିନ ପରିଶ୍ରମ ମାଧ୍ୟମରେ ଛାତ୍ରଛାତ୍ରୀମାନେ ନିଜର ଆବଶ୍ୟକ ଦକ୍ଷତାଗୁଡ଼ିକର ବିକାଶ କରିବାକୁ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ୨୦୨୫-୨୬ ଶିକ୍ଷାବର୍ଷରେ ଦଶମ ଶ୍ରେଣୀରେ ୯୫ ପ୍ରତିଶତରୁ ଅଧିକ ନମ୍ବର ରଖିଥିବା ୮୭ଜଣ ଓ ଦ୍ୱାଦଶ ଶ୍ରେଣୀ (ବିଜ୍ଞାନ, ବାଣିଜ୍ୟ ଓ କଳା ବିଭାଗ)ରେ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖିଥିବା ୭୬ଜଣ ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ବିଦ୍ୟାଳୟ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟର ଅଧକ୍ଷା ଶ୍ରୀମତୀ ଇପ୍‌ସିତା ଦାସ ଛାତ୍ରଛାତ୍ରୀମାନଙ୍କର ସଫଳତାକୁ ପ୍ରଦର୍ଶିତ କରିବା ସହିତ ବିଦ୍ୟାଳୟକୁ ଶିକ୍ଷା, ଶୃଙ୍ଖଳା ଓ ସଫଳତାର ଏକ ପ୍ରତିଷ୍ଠାନ ରୂପେ ଗଢ଼ି ତୋଳିବାକୁ ଆହ୍ୱାନ କରିଥିଲେ। ଶିକ୍ଷକଶିକ୍ଷୟିତ୍ରୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ଡିଏଭିର ଅଧକ୍ଷଅଧକ୍ଷା, ମାନ୍ୟଗଣ୍ୟବ୍ୟକ୍ତି, ଅଭିଭାବକ ପ୍ରମୁଖ ଉପସ୍ଥିତ ରହି କୃତୀ ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବିଦ୍ୟାଳୟର ପର୍ଯ୍ୟବେକ୍ଷିକା ଡଃ ସୁନିତା ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ।

### ଜନସ୍ୱାର୍ଥ ମାମଲାର ଅପବ୍ୟବହାର

## ଆବେଦନକାରୀ ଗଣିବେ ୫୦ହଜାର ଟଙ୍କାର ଡଣ୍ଡ

କଟକ,(ସବ୍ୟୁ): ଜନସ୍ୱାର୍ଥ ନାଁରେ ରୁଜୁ ମାମଲାର ଅପବ୍ୟବହାରକୁ ନେଇ ହାଇକୋର୍ଟ ପୁନର୍ବାର ଜଣେ ଆବେଦନକାରୀଙ୍କ ଉପରେ ଆର୍ଥିକ ଦଣ୍ଡ ଲଗାଇଛନ୍ତି। ଆବେଦନକାରୀଙ୍କ ଏହି ପିଟିସନ୍‌କୁ ଖାରଜ କରିବା ସହ ତାଙ୍କ ଉପରେ ୫୦ହଜାର ଟଙ୍କାର ଜରିମାନା କରାଯାଇଛି। ଏହି ଜରିମାନା ଅର୍ଥକୁ ଆବେଦନକାରୀ ଆସନ୍ତା ଦୁଇ ସପ୍ତାହ ମଧ୍ୟରେ ରାଜ୍ୟ ଆଇନସେବା ପ୍ରାଧିକରଣରେ ଜମା କରିବେ। ବିଶ୍ୱନାଥ ବେହେରାଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ହରିଶ୍ ଟଣ୍ଡନ ଏବଂ ଜଷ୍ଟିସ୍ ଚିତ୍ତ ରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ଆଦେଶ ଦେଇଛନ୍ତି। ଏକ ଘରୋଇ ମାଲିକାନାରେ ଥିବା ଜମିରେ ନିର୍ମାଣ ହେଉଥିବା କଲ୍ୟାଣମଣ୍ଡପକୁ ବିରୋଧ କରି ଆବେଦନକାରୀ ହାଇକୋର୍ଟକୁ ଆସିଥିଲେ। ହାଇକୋର୍ଟ ଏଭଳି ଏକ ମାମଲାକୁ ଜନସ୍ୱାର୍ଥ ମାମଲା ଭାବେ ଗ୍ରହଣ କରାଯାଇ ପାରିବ ନାହିଁ ବୋଲି ହାଇକୋର୍ଟ କହିଛନ୍ତି। ଯେଉଁ ବ୍ୟକ୍ତିର ଜମିରେ କଲ୍ୟାଣମଣ୍ଡନ ନିର୍ମାଣ କରାଯାଇଛି ତାଙ୍କର ଏହାକୁ ନେଇ କୌଣସି ପ୍ରକାର ବିରୋଧ ନାହିଁ । ଅପରପକ୍ଷରେ ତୃତୀୟ ପକ୍ଷ ଭାବେ ଆବେଦନକାରୀ ଏହାକୁ ବିରୋଧ କରି ମାମଲା ରୁଜୁ କରିଛନ୍ତି । ଅନ୍ୟ ସମ୍ପତ୍ତି ଉପରେ କ'ଣ କରାଯିବ ବା ନଯିବ ତାହାକୁ ନେଇ ଆବେଦନକାରୀଙ୍କ ବିରୋଧ କରିବାର କୌଣସି ପ୍ରକାର ଅଧିକାର ନାହିଁ । ତେଣୁ ଆବେଦନକାରୀଙ୍କ ପକ୍ଷରୁ ରୁଜୁ ଏହି ମାମଲାକୁ ହାଇକୋର୍ଟ ଖାରଜ କରିବା ସହ ତାଙ୍କ ଉପରେ ୫୦ ହଜାର ଟଙ୍କାର ଜରିମାନା ଲାଗୁ କରିଛନ୍ତି।

## ଦାଦାବଟି ଆଦାୟ ଅଭିଯୋଗରେ ୨ ଗିରଫ

ପୁରୀ, (ସବ୍ୟୁ): ଦାଦାବଟି ଆଦାୟ ଓ ଭୟଭୀତ କରିବା ଅଭିଯୋଗରେ ବାସେଳି ସାହି ଥାନା ପୁଲିସ ଦୁଇ ଜଣଙ୍କୁ ଗିରଫ କରିଛି। ପୁଲିସ ସୂଚନା ଅନୁଯାୟୀ, ଶୁକ୍ରବାର ସକାଳ ପ୍ରାୟ ୧୦ଟା ୪୦ ମିନିଟ ପାଟ୍ରୋଲିଂ ସମୟରେ ଏନ୍‌ଏଚ୍-୩୧୬ ନିକଟସ୍ଥ ଜଗତଗୁରୁ କୃପାଳୁ ଆଶ୍ରମ ଅଞ୍ଚଳରେ ଦୁଇଜଣ ବ୍ୟକ୍ତି ଗାଡ଼ି ଚାଳକ, ବ୍ୟବସାୟୀ ଓ ସ୍ଥାନୀୟ ଲୋକଙ୍କଠାରୁ ଦାଦାବଟି ଆଦାୟ କରୁଥିବା ନେଇ ସୂଚନା ମିଳିଥିଲା। ସୂଚନା ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚିବାରୁ ଅଭିଯୁକ୍ତମାନେ ଦୌଡ଼ି ପଳାଇବାକୁ ଉଦ୍ୟମ କରିଥିଲେ। ପିଛା କରି ପୁଲିସ ସେମାନଙ୍କୁ କାବୁ କରିଥିଲା। ଗିରଫ ଦୁଇଜଣ ହେଲେ ପରବିତ୍ରପୁରର ସତ୍ୟନାରାୟଣ ଖଟେଇ ଓରଫ ସତ୍ୟ (୩୨) ଏବଂ ଜଗନ୍ନାଥ ବସ୍ତିର ମୁକ୍ତମଣି ରଣସିଂହ (୨୬)। ପୁଲିସ ସେମାନଙ୍କ ନିକଟରୁ ଗୋଟିଏ ଲୁହା ଖଣ୍ଡା, ଗୋଟିଏ ଲୁହା ରଡ୍ ଓ ୩୫୦ ଟଙ୍କା ଜବତ କରିଛି। ଏନେଇ ବାସେଳି ସାହି ଥାନାରେ କେସ୍ ନଂ. ୩୩୪/୨୦୨୬ କ୍ରମେ ବିଭିନ୍ନ ଧାରାରେ ମାମଲା ରୁଜୁ କରାଯାଇ ଉଭୟଙ୍କୁ କୋର୍ଟଚାଲାଣ କରାଯାଇଛି।

## ଜଷ୍ଟିସ୍ ମାନସ ରଞ୍ଜନ ପାଠକଙ୍କୁ ବିଦାୟ ସମ୍ବର୍ଦ୍ଧନା

କଟକ,(ସବ୍ୟୁ): ଜଷ୍ଟିସ୍ ମାନସ ରଞ୍ଜନ ପାଠକଙ୍କର ଗୁଜରାଟ ହାଇକୋର୍ଟକୁ ବଦଳି ନେଇ ସୁପ୍ରିମକୋର୍ଟ କଲେଜିୟମ୍ କରିଥିବା ସୁପାରିସ୍ ଉପରେ କେନ୍ଦ୍ର ସରକାର ମୋହର ମାରିବା ପରେ ଆଜି ତାଙ୍କୁ ଓଡ଼ିଶା ହାଇକୋର୍ଟ ପକ୍ଷରୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଆଜି ହାଇକୋର୍ଟ ପରିସରରେ ଅନୁଷ୍ଠିତ ଫୁଲ୍ କୋର୍ଟ ରେଫରେନ୍ସରେ ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ ସମେତ ଅନ୍ୟାନ୍ୟ ସମସ୍ତ ବିଚାରପତି, ଆଡଭୋକେଟ୍ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ, ହାଇକୋର୍ଟ ବାର୍ ଆସୋସିଏସନ୍‌ର ସଭାପତି ଲଲାଟେନ୍ଦୁ ସାମନ୍ତରାୟ ଏବଂ ବହୁ ବରିଷ୍ଠ ଆଇନଜୀବୀ ଉପସ୍ଥିତ ରହିଥିଲେ। ଜଷ୍ଟିସ୍ ପାଠକ ୨୦୧୩ ମସିହା ମେ' ୨୨ ତାରିଖରେ ଗୋହାଟୀ ହାଇକୋର୍ଟର ବିଚାରପତି ଭାବେ ନିଯୁକ୍ତି ପାଇଥିଲେ। ୨୦୧୮ ନଭେମ୍ବର ୧୨ ତାରିଖରେ ସେ ସ୍ଥାୟୀ ବିଚାରପତି ହେଲେ ।୨୦୨୫ ଜୁଲାଇ ୨୧ ତାରିଖରେ ତାଙ୍କର ଓଡ଼ିଶା ହାଇକୋର୍ଟକୁ ବଦଳି ହୋଇଥିଲେ। ଏବେ ତାଙ୍କର ଗୁଜୁରାଟ ହାଇକୋର୍ଟକୁ ବଦଳି ହୋଇଛି।

## ଦୁଇଟି ସ୍ୱର୍ଣ୍ଣ ପଦକ ହାସଲ କରି କିଷ୍ଟ ଗୌରବ ବଢ଼ାଇଲେ ବି. ହେମାଭଲ୍ଲିକା

ଭୁବନେଶ୍ୱର, (ସବ୍ୟୁ): ଜଟଣୀସ୍ଥିତ କୋଣାର୍କ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି (କେଆଇଏସ୍‌ଟି)ର କମ୍ପ୍ୟୁଟର ସାଇନ୍ସ ଆଣ୍ଡ ଇଞ୍ଜିନିୟରିଂ ବିଭାଗର ଛାତ୍ରୀ ବି. ହେମାଭଲ୍ଲିକା ୨୦୨୫–୨୬ ଶିକ୍ଷାବର୍ଷରେ ବିପିୟୁଟିରେ ଶିକ୍ଷାଗତ ସଫଳତା ପାଇଁ ଦୁଇଟି ସ୍ୱର୍ଣ୍ଣ ପଦକ ହାସଲ କରି କିଷ୍ଟ ପାଇଁ ଗୌରବ ଆଣିଛନ୍ତି। ହେମାଭଲ୍ଲିକା ୯.୩ ଉଏଚଇ ହାସଲ କରି ନିଜର ନିଷ୍ଠା, ନିରନ୍ତର ପରିଶ୍ରମ ଓ ଶିକ୍ଷାଗତ ଉତ୍କର୍ଷର ପରିଚୟ ଦେଇଛନ୍ତି। ଏହା ସହିତ ସେ ସମ୍ମାନଜନକ ଅର୍ଜୁନ ଭୂୟାଁ ପୁରସ୍କାରରେ ମଧ୍ୟ ସମ୍ମାନିତ ହୋଇଛନ୍ତି।ଏହି ଉଲ୍ଲେଖନୀୟ ସଫଳତା ପାଇଁ କିଷ୍ଟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ଼. ତିରୁପତି ପାଣିଗ୍ରାହୀ, ମ୍ୟାନେଜିଂ ଟ୍ରଷ୍ଟି ଶ୍ରୀ ସୁରେଶ ପାଣିଗ୍ରାହୀ, ଡିନ୍ ଡ଼. ସୂର୍ଯ୍ୟ ନାରାୟଣ ପଟ୍ଟନାୟକ ଏବଂ ପ୍ରିନ୍ସିପାଲ୍ ଡ଼. ପାର୍ଥ ସାରଥି ଖୁଣ୍ଟିଆ ହେମାଭଲ୍ଲିକାଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସହ ତାଙ୍କର ଉଜ୍ଜ୍ୱଳ ଓ ସଫଳ ଭବିଷ୍ୟତ ପାଇଁ ଶୁଭେଚ୍ଛା ଜଣାଇଛନ୍ତି। ତାଙ୍କର ଏହି ସଫଳତା ସମଗ୍ର କିଷ୍ଟ ପରିବାର ପାଇଁ ଗର୍ବ ଓ ସମ୍ମାନର ବିଷୟ ବୋଲି ସେମାନେ ମତ ପ୍ରକାଶ କରିଛନ୍ତି ।ହେମାଭଲ୍ଲିକାଙ୍କ ଶିକ୍ଷାଗତ ଓ ସାମଗ୍ରିକ ବିକାଶ ପାଇଁ ନିରନ୍ତର ଭାବେ ଉତ୍ସାହ, ମାର୍ଗଦର୍ଶନ ଓ ସହଯୋଗ ଯୋଗାଇଥିବା କମ୍ପ୍ୟୁଟର ସାଇନ୍ସ ଆଣ୍ଡ ଇଞ୍ଜିନିୟରିଂ (ସିଏସ୍‌ଇ) ବିଭାଗକୁ ବିଶେଷ ଧନ୍ୟବାଦ ଓ କୃତଜ୍ଞତା ଜଣାଯାଇଛି ।



### ବିଏମ୍‌ସି ଟିମ୍ ଦ୍ୱାରା ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀଙ୍କୁ ଜାତୀୟ ସ୍ୱଚ୍ଛ ବାୟୁ ପୁରସ୍କାର ପ୍ରଦର୍ଶିତ

ଭୁବନେଶ୍ୱର, (ସବ୍ୟୁ): ଜାତୀୟ ୱାର୍ଡସ୍ତରୀୟ ସ୍ୱଚ୍ଛ-ବାୟୁ ମୂଲ୍ୟାଙ୍କନରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଭୁବନେଶ୍ୱର ମହାନଗର ନିଗମର ଏକ ପ୍ରତିନିଧି ଦଳ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ଡ. କୃଷ୍ଣ ଚନ୍ଦ୍ର ମହାପାତ୍ରଙ୍କୁ ସାକ୍ଷାତ କରି ମିଳିଥିବା ଟ୍ରଫି ଓ ପ୍ରମାଣପତ୍ର ଓ ଚେକ ପ୍ରଦର୍ଶିତ କରି ଅବଗତ କରାଇଥିଲେ । ବିଏମ୍ ସି ମେୟର ସୁଲୋଚନା ଦାସଙ୍କ ନେତୃତ୍ୱରେ ବିଏମସିର ପ୍ରତିନିଧି ଦଳ ମନ୍ତ୍ରୀଙ୍କ ସରକାରୀ ବାସଭବନରେ ଭେଟିଥିଲେ । ଏହି ଦଳରେ ଡେପୁଟି ମେୟର ଶ୍ରୀମତୀ ମଞ୍ଜୁଲତା କହଁର, ବିଏମସି କମିଶନର ଚଞ୍ଚଳ ରାଣା, ଡେପୁଟି କମିଶନର (ପରିମଳ) ଏନ୍. ଗଣେଶ ବାବୁ, ପରିମଳ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷଙ୍କ ସହ ୱାର୍ଡ ନମ୍ବର ୩୦, ୩୬ ଓ ୨୨ ର ପ୍ରତିନିଧିମାନେ ସାମିଲ ଥିହୋଇଥିଲେ । ଜାତୀୟ ୱାର୍ଡସ୍ତରୀୟ ସ୍ୱଚ୍ଛ-ବାୟୁ ମୂଲ୍ୟାଙ୍କନରେ ବିଏମସିର ୱାର୍ଡ ନମ୍ବର ୩୬ ଓ ୩୦ ଶୀର୍ଷ ସ୍ଥାନ ହାସଲ କରିଛନ୍ତି । ଏହା ସହ ରାଉରକେଲା ମ୍ୟୁନିସିପାଲ କର୍ପୋରେସନର ୱାର୍ଡ ନମ୍ବର ୧୩ ମଧ୍ୟ ଶୀର୍ଷ ସ୍ଥାନ ଅଧିକାର କରିଛି । ଏହି ସଫଳତା ସହରୀ ବାୟୁର ଗୁଣବତ୍ତାରେ ଉନ୍ନତି ଆଣିବା ଦିଗରେ ଓଡ଼ିଶାର ପ୍ରୟାସକୁ ଆହୁରି ସ୍ୱୀକୃତି ଦେଇଛି । ବିଏମସି ଟିମକୁ ଅଭିନନ୍ଦନ ଜଣାଇବା ସହ ଜାତୀୟସ୍ତରରେ ଏହି ସ୍ୱୀକୃତି ପାଇଁ ଖୁସି ବ୍ୟକ୍ତ କରିଛନ୍ତି । ନିର୍ବାଚିତ ପ୍ରତିନିଧି, ଅଧିକାରୀ ଓ ନାଗରିକଙ୍କ ସାମୂହିକ ପ୍ରୟାସକୁ ପ୍ରଶଂସା କରିଛନ୍ତି ମନ୍ତ୍ରୀ ଡ. ମହାପାତ୍ର । ଭୁବନେଶ୍ୱର ଓ ଓଡ଼ିଶା ପାଇଁ ଏହି ସଫଳତା ଗର୍ବର ବିଷୟ ବୋଲି ସେ କହିବା ସହ ଆଗାମୀ ଦିନରେ ଆହୁରି ଭଲ ଫଳାଫଳ ପାଇଁ ନୂତନ ପ୍ରତିବଦ୍ଧତା ସହ କାର୍ଯ୍ୟ କରିବାକୁ ବିଏମସି ଟିମକୁ ଆହ୍ୱାନ ଦେଇଛନ୍ତି ।

### ଆଗକୁ ପୂଜା, ମାତିଲେଣି ଲୁଟେରା

## ମାଷ୍ଟରକ୍ୟାଣ୍ଟିନରେ ଦୁଇଜଣଙ୍କ ଠାରୁ ୫୦ ହଜାର ଲୁଟ୍

ଭୁବନେଶ୍ୱର, (ସବ୍ୟୁ) : ଆଗକୁ ପୂଜା ଆସୁଥିବାରୁ ଲୁଟେରାମାନେ ରାଜଧାନୀରେ ଏକପ୍ରକାର ମାତିଲେଣି । ଶୁକ୍ରବାର ପୂର୍ବାହ୍ନରେ ମାଷ୍ଟରକ୍ୟାଣ୍ଟିନ ନିକଟରେ ଦୁଇଜଣଙ୍କ ଠାରୁ ପ୍ରାୟ ୫୦ ହଜାର ଟଙ୍କା ଲୁଟ୍ ହୋଇଥିବା ଖାରବେଳନଗର ଥାନାରେ ଅଭିଯୋଗ ହୋଇଛି । ପର୍ଶୁରାମ ଚରଣ ତାଙ୍କ ଝିଅକୁ ଛାଡିବାକୁ ରେଳ ଷ୍ଟେସନକୁ ଆସିଥିଲେ । ଝିଅକୁ ଛାଡି ଫେରୁଥିବା ବେଳେ ୪/୫ଜଣ ମାରଣାସ୍ତ୍ର ଧରି ଅତର୍କିତ ଭାବେ ତାଙ୍କୁ କାବୁ କରିନେଇଥିଲେ । ତାଙ୍କ ପକେଟରେ ଥିବା ୩୦ ହଜାର ଟଙ୍କା ଲୁଟି ନେଇଥିବା ସେ ଖାରବେଳନଗର ଥାନାରେ ଅଭିଯୋଗ କରିଛନ୍ତି । ସେହିପରି ଗଣେଶ୍ୱର ମହନ୍ତ ମାଷ୍ଟରକ୍ୟାଣ୍ଟିନ ନିକଟ ଏଟିଏମ୍‌ରୁ ୨୦ ହଜାର ଟଙ୍କା ଉଠାଇ ବାହାରକୁ ଆସିବା କ୍ଷଣି ତାଙ୍କୁ ଜଗି ରହିଥିବା ଲୁଟେରାମାନେ ଘେରିଯାଇଥିଲେ । ସେ କାଳେ ଚିତ୍କାର କରିବେ ଭାବି ତାଙ୍କ ବେକରେ ମାରଣାସ୍ତ୍ର ଲଗାଇ ୨୦ ହଜାର ଟଙ୍କା ଲୁଟି ନେଇଥିବା ସେ ଅଭିଯୋଗ କରିଛନ୍ତି । ଜନଗହଳିପୂର୍ଣ୍ଣ ମାଷ୍ଟରକ୍ୟାଣ୍ଟିନ ଅଞ୍ଚଳରେ ଏଭଳି ଘଟଣା ସମସ୍ତଙ୍କୁ ଚକିତ କରିଛି । ଅନ୍ୟମାନେ ଏହା ଦେଖୁଥିଲେ ମଧ୍ୟ ଭୟରେ କେହି କିଚି କହିନଥିଲେ ବୋଲି ଗଣେଶ୍ୱର ଗଣମାଧ୍ୟମକୁ କହିଛନ୍ତି । ପୋଲିସ କହିବାନୁଯାୟୀ ସେମାନଙ୍କ ଅଭିଯୋଗ ଅନୁଯାୟୀ ମାମଲା ରୁଜୁ କରାଯାଉଛି । ସିସିଟିଭି ଯାଞ୍ଚ କରାଯାଉଛି, ଖୁବଶୀଘ୍ର ଲୁଟେରାମାନେ ଗିରଫ ହେବେ ।

## ସମାଜ ଆମର ଯୋଗାଯୋଗ ଶୈଳୀକୁ ନିର୍ଦ୍ଧାରିତ କରେ : ଅଖିଳ କୁମାର ମିଶ୍ର

ଭୁବନେଶ୍ୱର, (ସବ୍ୟୁ): ଉତ୍କଳ ବିଶ୍ୱବିଦ୍ୟାଳୟର ସମାଜଶାସ୍ତ୍ର ବିଭାଗ ପକ୍ଷରୁ ଭୁବନେଶ୍ୱରସ୍ଥିତ ବାଣୀ ବିହାରର ସମାଜଶାସ୍ତ୍ର ବିଭାଗ ସଭାଗୃହରେ 'ଯୋଗାଯୋଗ ଓ ଶାସନ ବ୍ୟବସ୍ଥାର ସମାଜଶାସ୍ତ୍ର' ବିଷୟବସ୍ତୁ ଉପରେ ଆଧାରିତ 'ଇଣ୍ଡକ୍ସନ୍ ପ୍ରୋଗ୍ରାମ୍' (ନୂତନ ଛାତ୍ରଛାତ୍ରୀଙ୍କ ସ୍ୱାଗତ ଉତ୍ସବ) ୨୦୨୬ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ପ୍ରେସ୍ ଇନଫର୍ମେସନ୍ ବ୍ୟୁରୋ (ପିଆଇବି), ଭୁବନେଶ୍ୱରର ଅତିରିକ୍ତ ମହାନିର୍ଦ୍ଦେଶକ ଅଖିଳ କୁମାର ମିଶ୍ର ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇଥିଲେ । ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ସମ୍ବୋଧିତ କରି ଶ୍ରୀ ମିଶ୍ର ସମାଜଶାସ୍ତ୍ର ଏବଂ ଯୋଗାଯୋଗ ମଧ୍ୟରେ ଥିବା ଘନିଷ୍ଠ ସମ୍ପର୍କ ଉପରେ ଆଲୋକପାତ କରିଥିଲେ ।

ସାମାଜିକ ଗଠନ, ପରିଚୟ, ସମ୍ପର୍କ ଏବଂ ସାଂସ୍କୃତିକ ପରିବେଶ କିପରି ଲୋକଙ୍କ ଯୋଗାଯୋଗ ଶୈଳୀ ଓ ବାର୍ତ୍ତା ଗ୍ରହଣ ପ୍ରକ୍ରିୟାକୁ ପ୍ରଭାବିତ କରେ, ସେ ସମ୍ପର୍କରେ ସେ ବ୍ୟାଖ୍ୟା କରିଥିଲେ । ଯୋଗାଯୋଗକୁ ଅଧିକ ଅର୍ଥପୂର୍ଣ୍ଣ ଓ ଫଳପ୍ରଦ କରିବା ପାଇଁ ସମାଜକୁ ବୁଝିବା ଯେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, ସେ କଥା ସେ ଦର୍ଶାଇଥିଲେ । ଶ୍ରୀ ମିଶ୍ର ଛାତ୍ରଛାତ୍ରୀଙ୍କ ସହ ମଧ୍ୟ ଆଲୋଚନା କରିଥିଲେ ଏବଂ ସମାଜଶାସ୍ତ୍ର ଓ ଯୋଗାଯୋଗର ବିଭିନ୍ନ ଦିଗ ଉପରେ ନିଜର ମତାମତ ରଖିଥିଲେ । ସେ ଛାତ୍ରଛାତ୍ରୀମାନଙ୍କୁ ଯୋଗାଯୋଗକୁ ଏକ ବ୍ୟାପକ ସାମାଜିକ ଦୃଷ୍ଟିକୋଣରୁ ବିଚାର କରିବାକୁ ଉତ୍ସାହିତ କରିଥିଲେ ।

ଉତ୍କଳ ବିଶ୍ୱବିଦ୍ୟାଳୟର ସମାଜଶାସ୍ତ୍ର ବିଭାଗର ମୁଖ୍ୟ ତଥା ପ୍ରଫେସର ରବୀନ୍ଦ୍ର ଗରଡ଼ା ସମାଜ ଓ ଶାସନ ବ୍ୟବସ୍ଥାକୁ ବୁଝିବାରେ



ଯୋଗାଯୋଗର ଭୂମିକା ଉପରେ ଆଲୋକପାତ କରି କାର୍ଯ୍ୟକ୍ରମର ଭିତ୍ତିଭୂମି ପ୍ରସ୍ତୁତ କରିଥିଲେ । ସେ ସାମାଜିକ ଦୃଷ୍ଟିକୋଣରୁ ସାମ୍ପ୍ରତିକ ସାମାଜିକ ପ୍ରସଙ୍ଗଗୁଡ଼ିକ ଉପରେ ଧ୍ୟାନ ଦେବାର ଆବଶ୍ୟକତା ଉପରେ ଗୁରୁତ୍ୱ ଆରୋପ କରିଥିଲେ ।

ପୂର୍ବତନ ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀ ଡକ୍ଟର ଚିତ୍ରସେନ ପ୍ରସାୟତ, ଶାସନ କ୍ଷେତ୍ରରେ ତାଙ୍କ ଅଭିଜ୍ଞତାରୁ ଅନ୍ତର୍ଦୃଷ୍ଟି ବାଣ୍ଟିଥିଲେ । ସେ ପ୍ରଶାସନିକ ଯୋଗାଯୋଗର ପରିବର୍ତ୍ତିତ ପ୍ରକୃତି ବିଷୟରେ କହିଥିଲେ । ତାଙ୍କ ସରକାରୀ ସେବାର ପ୍ରାରମ୍ଭିକ ବର୍ଷଗୁଡ଼ିକରେ ଯୋଗାଯୋଗ କିପରି ମୁଖ୍ୟତଃ ପାରମ୍ପରିକ ଏବଂ ଏକପାଖିଆ ଥିଲା ତାହା ମନେ ପକାଇଥିଲେ, ଯେତେବେଳେ ଡିଜିଟାଲ୍ ପ୍ଲାଟଫର୍ମଗୁଡ଼ିକ ଏବେ ଏହାକୁ ଦ୍ରୁତ, ପାରସ୍ପରିକ ଏବଂ ଅଧିକ ଅଂଶଗ୍ରହଣକାରୀ କରିଛି । ଏହି କାର୍ଯ୍ୟକ୍ରମ ଛାତ୍ରଛାତ୍ରୀମାନଙ୍କୁ ବିଶେଷଜ୍ଞଙ୍କ ସହିତ ପାରସ୍ପରିକ କ୍ରିୟା କରିବା ଏବଂ ଯୋଗାଯୋଗ, ସମାଜ ଏବଂ ଶାସନର ବିକଶିତ ଦିଗ ବିଷୟରେ ଅନ୍ତର୍ଦୃଷ୍ଟି ହାସଲ କରିବାର ସୁଯୋଗ ପ୍ରଦାନ କରିଥିଲା ।

### ପୂର୍ବ ସରକାର ମାଇନିଙ୍ଗ ସେକ୍ଟରର ଉନ୍ନତି ପାଇଁ କିଛି କରିନଥିଲେ

## ସଂଶୋଧିତ ଏମ୍‌ଏମ୍‌ଡିଆର୍ ଆଇନ-୨୦୨୬କୁ ନେଇ ମିଥ୍ୟା ପ୍ରଚାର କରୁଛନ୍ତି ବିରୋଧୀ ଦଳ : ଅମର

ଭୁବନେଶ୍ୱର, (ସବ୍ୟୁ): ପ୍ରେସ କନଫରେନ୍ସ କରି ଗଣମାଧ୍ୟମରେ ବିବୃତି ଦେବା ଏବଂ ପ୍ରକୃତ ଆଭିମୁଖ୍ୟ ଭିତରେ ଅନେକ ତଫାତ୍ ରହିଛି । ସଂଶୋଧିତ ଏମ୍‌ଏମ୍‌ଡିଆର୍ ଆଇନ-୨୦୨୬କୁ ନେଇ ଗତ କିଛି ଦିନ ହେଲା ବିଜେଡି ଓ କଂଗ୍ରେସ ସମେତ ବିରୋଧୀ ଦଳଗୁଡିକ ନକରାତ୍ମକ ପ୍ରଚାର କରୁଛନ୍ତି। ବିଶେଷ ଭାବେ ଦୀର୍ଘ ୨୪ ବର୍ଷ ଧରି ଶାସନ କ୍ଷମତାରେ ଥିବା ବିଜେଡି ବର୍ତ୍ତମାନ ଗଣମାଧ୍ୟମକୁ ଆସି ଅପପ୍ରଚାର କରୁଛି। ସୁନା ଅଣ୍ଡା ଦେଉଥିବା କୁକୁଡାକୁ ମାରି ଦେବା ଭଳି ବିଜେଡି ସରକାର ଖଣି ଏବଂ ଖଣିଜ ସଂପଦ କ୍ଷେତ୍ରକୁ ବ୍ୟବହାର କରି ହରିଲୁଟ କରିଥିଲା। ବାସ୍ତବରେ ବିଜେଡିର ଶାସନ କାଳରେ ଖଣି ସଂସ୍କାର ଏବଂ ତତ୍‌ଜନିତ ରାଜସ୍ୱକୁ ନେଇ ତାଙ୍କ ଆଭିମୁଖ୍ୟ ଭିନ୍ନ ଭିନ୍ନ ଥିବାର ସ୍ପଷ୍ଟ ହେଉଛି। ପୂର୍ବ ସରକାର ମାଇନିଙ୍ଗ ସେକ୍ଟରର ଉନ୍ନତି ପାଇଁ କିଛି କରିନଥିଲେ। ଡିଏମଏଫ୍ ପାଂଠିରେ ବ୍ୟାପକ ଅନିୟମିତତା ଓ ଦୁର୍ନୀତିର ପର୍ଦ୍ଦାଫାଶ ହୋଇଛି। ବିଜେଡି ସରକାର ଅମଳରେ ବ୍ୟାପକ ହରିଲୁଟ ହୋଇଥିଲା। ଅତୀତରେ ଜିଏସଟି ଭଳି ଆର୍ଥିକ ସଂସ୍କାରକୁ ବିରୋଧ କରୁଥିବା ବିଜେଡି, କଂଗ୍ରେସ ଏବଂ ସମଭାବପନ୍ନ ବିରୋଧୀ




ଦଳଗୁଡିକର ଆଭିମୁଖ୍ୟ ସମାନ ଭାବେ ଏମ୍‌ଏମ୍‌ଡିଆର୍ ଆଇନ ସଂସ୍କାର କ୍ଷେତ୍ରରେ ପରିପ୍ରକାଶ କରୁଛନ୍ତି ବୋଲି ବରିଷ୍ଠ ନେତା ତଥା ରାଜ୍ୟସଭାର ପୂର୍ବତନ ସାଂସଦ ଅମର ପଟ୍ଟନାୟକ କହିଛନ୍ତି।

ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ, ଦେଶରେ ଥିବା ଖଣିଜ ସଂପଦଗୁଡିକର ସୁପରିଚାଳନା, ସୁରକ୍ଷା, ନିୟନ୍ତ୍ରଣ ଏବଂ ସ୍ୱଚ୍ଛତାର ସହ ଆବଂଟନ କରିବା ହେଉଛି ସଂଶୋଧିତ ଏମ୍‌ଏମ୍‌ଡିଆର୍ ଆଇନ-୨୦୨୬ର ମୁଳ ଲକ୍ଷ୍ୟ। ବିଭିନ୍ନ ରାଜ୍ୟଗୁଡିକର ୧୪ଟି ବିଭିନ୍ନ ପ୍ରକାରର ଟ୍ୟାକ୍ସ, ସେସ୍, ଫି ଆଦି ହଟାଯାଇ ଟ୍ୟାକ୍ସ ବିଶୃଙ୍ଖଳା ଦୂର କରାଯିବ। ସମସ୍ତ ରାଜ୍ୟରେ ରାଜ୍ୟସ୍ତରୀୟ ଟ୍ୟାକ୍ସ ବ୍ୟବସ୍ଥାରେ ସମାନତା ଅଣାଯିବ। ଏହା ପୂର୍ବାନୁମାନ ଯୋଗ୍ୟତା ଏବଂ ସଂସ୍ଥାଗତ ସ୍ଥିରତା ଆସିବା ଦ୍ୱାରା ଖଣି କ୍ଷେତ୍ରରେ ସାମଗ୍ରିକ ଅଭିବୃଦ୍ଧି ପାଇଁ ଲାଭଦାୟକ ହେବ। ଖଣି ପରିଚାଳନାକୁ ବ୍ୟବସାୟିକ ଭାବେ ଲାଭଜନକ ଓ ପ୍ରତିଯୋଗିତାମୁଳକ କରିବ। ସିମେଂଟ, ଲୁହାଛଡ, ଷ୍ଟିଲ ଆଦି ଭଳି ଖଣି ଆଧାରିତ ଶିଳ୍ପ ଓ ବସ୍ତୁର ଦରଦାମ ଉପରେ ନିୟନ୍ତ୍ରଣ ରହିବା ଦ୍ୱାରା ଉପଭୋକ୍ତାଙ୍କ ସ୍ୱାର୍ଥ ସୁରକ୍ଷିତ ରହିବ। ଖଣିଜ କ୍ଷେତ୍ରରେ ନୂତନ ନିବେଶକଙ୍କୁ ଆକର୍ଷିତ କରିବ। ଏହା କେନ୍ଦ୍ର ସରକାରଙ୍କ ହୋଇଥିଲେ ହେଁ, ଏହା ମାଧ୍ୟମରେ ରାଜ୍ୟଗୁଡିକୁ ରୋୟାଲ୍ଟି ଓ ରାଜସ୍ୱ ମିଳିଥାଏ, ଯାହା ରାଜ୍ୟର ଅର୍ଥନୀତିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ଏହି ଆଇନରେ କୌଣସି ପରିବର୍ତ୍ତନ କେନ୍ଦ୍ର ସରକାରଙ୍କ ଦ୍ୱାରା ହୋଇଥାଏ। ଆଇନ କାର୍ଯ୍ୟକାରୀ ହେବା କାରଣରୁ ଖଣିଜ ସଂପଦ ଭରପୁର ଓଡିଶା ରାଜ୍ୟରେ ଖଣି କ୍ଷେତ୍ରରେ ସଂସ୍କାର ଓ ପାରଦର୍ଶିତା ଆସିବା ସହିତ ଅର୍ଥନୀତିରେ ଦୃତ ପ୍ରଗତି ହୋଇଛି।

କେନ୍ଦ୍ରର ନୂତନ ଆଇନ ଅନୁଯାୟୀ ଟ୍ୟାକ୍ସ ପ୍ରକ୍ରିୟାରେ ସମାନତା ରହିବା ଦ୍ୱାରା ଖଣି ଅଂଚଳ ଓ ରାଜ୍ୟଗୁଡିକ ଲାଭାନ୍ୱିତ ହେବେ। ଶିଳ୍ପ ଓ ଶିଳ୍ପାୟନ ଉପରେ ଅଧିକ ଟ୍ୟାକ୍ସ ବୋଝ ପଡିବ ନାହିଁ। ଯୁକ୍ତିଯୁକ୍ତ ସୀମା ନଥାଇ ରାଜ୍ୟ ସରକାରମାନଙ୍କ ଦ୍ୱାରା ଖଣିଜ ଅଧିକାର ଏବଂ ଖଣିଜ ସଂପଦ ବିଶିଷ୍ଟ ଜମି ଉପରେ ଅସମାନ ଭାବରେ ଟ୍ୟାକ୍ସ କିମ୍ବା ଅନ୍ୟାନ୍ୟ ଶୁଳ୍କ ଲାଗୁ କରିବା ଦ୍ୱାରା ବିଭିନ୍ନ ସମସ୍ୟା ସୃଷ୍ଟି ହୋଇଥାଏ। ସେହିପରି କେନ୍ଦ୍ର ସରକାରଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ନିୟମକୁ ମାନି ରାଜ୍ୟ ସରକାର ଟ୍ୟାକ୍ସ ଲଗାଇ ପାରିବେ। ରାଜ୍ୟର କ୍ଷମତା ହ୍ରାସ ହେବା, ସଂଘୀୟ ବ୍ୟବସ୍ଥା କୁଠାରଘାତ ହେବା, ରାଜ୍ୟର ଆର୍ଥିକ କ୍ଷତି ହେବା ଭଳି ବିରୋଧୀଙ୍କ ବକ୍ତବ୍ୟ ଅତ୍ୟନ୍ତ ଭ୍ରମାତ୍ମକ ଓ ହାସ୍ୟାସ୍ପଦ। ବୋଧହୁଏ, ବିରୋଧୀ ଦଳଗୁଡିକ ନୂତନ ସଂଶୋଧିତ ଆଇନ ଏବଂ ମାନ୍ୟବର ସୁପ୍ରିମକୋର୍ଟଙ୍କ ରାୟକୁ ଭଲ ଭାବେ ପଢିନାହାନ୍ତି କିମ୍ବା ବୁଝିବାକୁ ଅସମର୍ଥ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି।

କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ବିଜେପି ସରକାର ଆସିବା ପରେ ପ୍ରଥମ ଥର ପାଇଁ ଇ-ଅକ୍ସନ ବ୍ୟବସ୍ଥା ଆଣିଥିଲେ। ଏହା ପୂର୍ବରୁ ଖଣି ଖାଦାନଗୁଡିକୁ ପୂର୍ବ ସରକାରମାନେ ନିର୍ଦ୍ଦିଷ୍ଟ କିଛି ପରିବାର ଆଧାରରେ ମୁହଁ ଦେଖି ଶାଗମାଛ ଦରରେ ଖଣି ମାଫିଆଙ୍କୁ ଦେଇ ଦେଉଥିଲେ। ଖଣିମାଫିଆମାନେ ବେନିୟମ ଏବଂ ମନଇଚ୍ଛା ଖଣିଜ ଉତ୍ତୋଳନ କରି ଖଣିଜ ପଦାର୍ଥ ଲୁଟ କରୁଥିଲେ ଏବଂ ମାଲେମାଲ ହେଉଥିଲେ, କିନ୍ତୁ ରାଜ୍ୟକୁ କିଛି ମିଳୁନଥିଲା। ବାସ୍ତବରେ ରାଜ୍ୟର କ୍ଷମତା ଯାହା ଥିଲା, ତାହା ସଂପୂର୍ଣ୍ଣ ସୁରକ୍ଷିତ ରହିବ ଏବଂ ଏହା ଦ୍ୱାରା ରାଜ୍ୟର କ୍ଷତି ନୁହେଁ ବରଂ ଲାଭ ହେବ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀ ଅବସରରେ ବିଧାୟକ ଅଶୋକ ମହାନ୍ତି ଓ ଅଗସ୍ତି ବେହେରା, ରାଜ୍ୟ ଗଣମାଧ୍ୟମ ସଂଯୋଜକ ସୁଜିତ୍ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ଏମ୍‌ଏମ୍‌ଡିଆର ସଂଶୋଧନ ଆକ୍ଟ ପ୍ରସଙ୍ଗ

## ପଦବୀ ଲାଳସାରେ ଅମର ଏମ୍‌ଏମ୍‌ଡିଆର ସପକ୍ଷରେ ଯୁକ୍ତି ବାଢୁଛନ୍ତି: ବିଜେଡି

ଭୁବନେଶ୍ୱର, (ସବ୍ୟୁ): ଏମଏମଡିଆର ସଂଶୋଧନ ଆକ୍ଟ ଯୋଗୁଁ ଓଡ଼ିଶାର କୌଣସି କ୍ଷତି ହେବ ନାହିଁ ବୋଲି ବିଜେପି ନେତା ତଥା ପୂର୍ବତନ ରାଜ୍ୟସଭା ସାଂସଦ ଅମର ପଟ୍ଟନାୟକଙ୍କ ମନ୍ତବ୍ୟକୁ ଦୃଢ଼ ଖଣ୍ଡନ କରିଛି ବିଜୁ ଜନତା ଦଳ । ବିଜେପିରେ ଯୋଗଦେବା ପରେ କୌଣସି ପଦବୀ ପାଇନଥିବାରୁ ହତୋତ୍ସାହିତ ହୋଇପଡ଼ିଥିବା ଶ୍ରୀ ପଟ୍ଟନାୟକ ପଦବୀ ପାଇବା ଲୋଭରେ ଏଭଳି ଭ୍ରମାତ୍ମକ ଓ ଓଡ଼ିଶା ସ୍ୱାର୍ଥ ବିରୋଧୀ ଯୁକ୍ତି ବାଢୁଛନ୍ତି ବୋଲି ବିଜେଡି କହିଛି । ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି, ଅମର ପଟ୍ଟନାୟକଙ୍କ ଯୁକ୍ତିକୁ ତଥ୍ୟ ଓ ପ୍ରମାଣ ମାଧ୍ୟମରେ ଦୃଢ଼ ଖଣ୍ଡନ କରିଥିଲେ । ସର୍ବୋଚ୍ଚ ନ୍ୟାୟାଳୟଙ୍କ ସମ୍ମୁଖରେ ରାଜ୍ୟ ସରକାରଙ୍କ ତରଫରୁ ରାଜ୍ୟର ଆଡ଼ଭୋକେଟ ଜେନେରାଲ ପିତାମ୍ବର ଆଚାର୍ଯ୍ୟ ପ୍ରତିନିଧିତ୍ୱ କରି ଖଣି ଟିକସର ବକେୟା ବାବଦକୁ ମିଳିବାକୁ ଥିବା ୧ ଲକ୍ଷ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ଓଡ଼ିଶାର ନ୍ୟାର୍ଯ୍ୟ ପ୍ରାପ୍ୟ ବୋଲି କହିବା ସହିତ ଏହା ନ ମିଳିଲେ ଓଡିଶା ବ୍ୟାପକ କ୍ଷତି ସହିବ ବୋଲି ଯୁକ୍ତି କରିଥିଲେ ।

ଶାଗ ମାଛ ଦରରେ ପୂର୍ବ ସରକାର ଖଣି ଆବଣ୍ଟନ କରିଥିବା ନେଇ ଅମର ପଟ୍ଟନାୟକ ଦେଇଥିବା ମନ୍ତବ୍ୟ ସମ୍ପର୍କରେ ଡ଼ ଲେନିନ ମହାନ୍ତି କହିଥିଲେ ଯେ, ବିଜୁ ଜନତା ଦଳ ସମୟରେ ସ୍ୱଚ୍ଛତାର ସହ ଇ-ନିଲାମ କରି ୮ ଗୁଣ ଖଣି ରାଜସ୍ୱ ବୃଦ୍ଧି ପାଇଥିଲା । ଯେତେବେଳେ ଅନ୍ୟ ବିଜେପି ଶାସିତ ରାଜ୍ୟ ମାନଙ୍କରେ ଏହା ହୋଇପାରି ନଥିଲା । ୨୦୨୦-୨୧ରୁ ୨୦୨୩-୨୪ ମଧ୍ୟରେ କ୍ୟୁମୁଲେଟିଭ୍ ନିଲାମ ପ୍ରିମିୟମ ୮୭ ହଜାର କୋଟିରୁ ଉର୍ଦ୍ଧ୍ୱର୍ ଟଙ୍କା ଆଦାୟ ହୋଇପାରିଥିଲା । ସର୍ବାଧିକ ୧୭୩%ରୁ ଉର୍ଦ୍ଧ୍ୱର ମାଇନିଂ ପ୍ରିମିୟମ ଖଣି ନିଲାମଧାରୀଙ୍କ ଠାରୁ ଆଦାୟ କରାଯାଇ ପାରିଥିଲା । ବିଜେପିରେ ଯୋଗଦେବା ପରେ ଶ୍ରୀ ପଟ୍ଟନାୟକଙ୍କୁ କୌଣସି ପଦବୀ ମିଳିନଥିବାରୁ ସେ ହତୋତ୍ସାହିତ ହୋଇ ଏଭଳି ରାଜ୍ୟ ସ୍ୱାର୍ଥ ବିରୋଧୀ ମନ୍ତବ୍ୟ ଦେଇଛନ୍ତି ବୋଲି ଶ୍ରୀ ମହାନ୍ତି କହିଛନ୍ତି ।

## ବ୍ରିକ୍ସ ସମ୍ମିଳନୀ ୨୦୨୬

# ବଦଳିଲା ଭାରତର ଛବି

**ନୂଆଦିଲ୍ଲୀ:** ୨୦୧୨ରେ ବ୍ରିକ୍ସର 'ସବୁଠାରୁ ଆକର୍ଷଣହୀନ' ସଦସ୍ୟ ଭାବେ ଚର୍ଚ୍ଚିତ ହୋଇଥିବା ଭାରତ ଆଜି ଏହି ଗୋଷ୍ଠୀର ଅନ୍ୟତମ ଭରସାଯୋଗ୍ୟ ଓ ଶକ୍ତିଶାଳୀ ସଦସ୍ୟ ଭାବେ ଉଭା ହୋଇଛି। ୨୦୨୬ର ବ୍ରିକ୍ସ ଶିଖର ସମ୍ମିଳନୀ ଭାରତରେ ଆୟୋଜିତ ହେଉଥିବା ବେଳେ ଗତ ୧୪ ବର୍ଷରେ ଦେଶର ଅର୍ଥନୈତିକ ଓ କୂଟନୈତିକ ଯାତ୍ରାରେ ବଡ଼ ପରିବର୍ତ୍ତନ ଆସିଥିବା ଏକ ରିପୋର୍ଟରେ ଦର୍ଶାଯାଇଛି।୨୦୧୨ରେ ଭାରତ ପ୍ରଥମଥର ପାଇଁ ବ୍ରିକ୍ସର ଅଧ୍ୟକ୍ଷତା କରିଥିଲା। ସେତେବେଳେ ୟୁରୋଜୋନ୍ ଋଣ ସଙ୍କଟ ଯୋଗୁଁ ବିଶ୍ୱ ଅର୍ଥନୀତି ଚାପରେ ଥିଲା। ଭାରତର ଅର୍ଥନୈତିକ ଅଭିବୃଦ୍ଧି ହ୍ରାସ, ଉଚ୍ଚ ମୁଦ୍ରାସ୍ଫୀତି ଓ ଦୁର୍ବଳ ଟଙ୍କାକୁ ନେଇ ଚିନ୍ତା ପ୍ରକାଶ ପାଇଥିଲା। ଗୋଲ୍ଡମ୍ୟାନ୍ ସାକ୍ସର ଜିମ୍ ଓ'ନିଲ୍ ସେତେବେଳେ ଭାରତକୁ ବ୍ରିକ୍ସ ଅର୍ଥନୀତିଗୁଡ଼ିକ ମଧ୍ୟରେ ମୂଲ୍ୟାୟନ ଦୃଷ୍ଟିରୁ 'ସବୁଠାରୁ ଆକର୍ଷଣହୀନ' ବୋଲି କହିଥିଲେ। ଏପରିକି ବ୍ରିକ୍ସର 'ଆଇ' ଭାବେ ଭାରତ ବଦଳରେ ଇଣ୍ଡୋନେସିଆକୁ ସାମିଲ କରାଯିବା ନେଇ ମଧ୍ୟ ଆଲୋଚନା ହୋଇଥିଲା। ସେହି ସମୟରେ 'ଷ୍ଟାଣ୍ଡାର୍ଡ ଆଣ୍ଡ ପୁଅର୍ସ' ଭାରତର ସାର୍ବଭୌମ ଋଣ ମାନ୍ୟତା 'ଇନଭେଷ୍ଟମେଣ୍ଟ ଗ୍ରେଡ୍'ରୁ ହ୍ରାସ ପାଇପାରେ ବୋଲି ଚେତାବନୀ ଦେଇଥିଲା। ୨୦୧୨-୧୩ରେ ଭାରତର ଅର୍ଥନୈତିକ ଅଭିବୃଦ୍ଧି ୫ ପ୍ରତିଶତରୁ କମ୍ ଥିଲା ଏବଂ ମୁଦ୍ରାସ୍ଫୀତି ଦୁଇ ଅଙ୍କରେ ରହିଥିଲା। ଫଳରେ ବିଶ୍ୱ ମଞ୍ଚରେ ଭାରତକୁ ବ୍ରିକ୍ସର ଦୁର୍ବଳ କଡ଼ି ଭାବେ ଦେଖାଯାଉଥିଲା।କିନ୍ତୁ ୨୦୨୬ର ଚିତ୍ର ସମ୍ପୂର୍ଣ୍ଣ ଭିନ୍ନ। ଚଳିତ ଆର୍ଥିକବର୍ଷର ପ୍ରଥମ ତ୍ରିମାସୀରେ ଭାରତର ବାସ୍ତବ ଜିଡିପି ଅଭିବୃଦ୍ଧି ୭.୮ ପ୍ରତିଶତ ରହିଛି। ଜାପାନ କ୍ରେଡିଟ୍ ରେଟିଂ ଏଜେନ୍ସି ମଧ୍ୟ ସେପ୍ଟେମ୍ବରରେ ଭାରତର ସାର୍ବଭୌମ ଋଣ ମାନ୍ୟତାକୁ 'ବିବିବି+'ରୁ 'ଏ-'କୁ ବଢ଼ାଇଛି। ଦୃଢ଼ ଅର୍ଥନୈତିକ ଅଭିବୃଦ୍ଧି, ଉନ୍ନତ ଆର୍ଥିକ ପରିଚାଳନା, ମଜବୁତ ଆର୍ଥିକ ବ୍ୟବସ୍ଥା ଓ ଭଲ ବାହ୍ୟ ଆର୍ଥିକ ସ୍ଥିତିକୁ ଏହାର କାରଣ ଦର୍ଶାଯାଇଛି।ଏଥର ଭାରତ ବ୍ରିକ୍ସ ସମ୍ମିଳନୀ ଆୟୋଜନ କରୁଥିବା ସମୟରେ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍, ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ, ଇରାନର ରାଷ୍ଟ୍ରପତି ମସୁଦ ପେଜେସ୍କିଆନ୍




ଓ ଆବୁଧାବି ଯୁବରାଜ ଶେଖ୍ ଖାଲେଦ ବିନ୍ ମହମ୍ମଦ ବିନ୍ ଜାଏଦ ଅଲ୍ ନାହ୍ୟାନ୍ଙ୍କ ଭଳି ନେତାମାନେ ନୂଆଦିଲ୍ଲୀରେ ଏକାଠି ହେଉଛନ୍ତି। ଏହା ଭାରତର ବଢ଼ୁଥିବା କୂଟନୈତିକ ପ୍ରଭାବ ଓ ବିଶ୍ୱସ୍ତରରେ ବିଭିନ୍ନ ଦେଶକୁ ଏକାଠି କରିବାର କ୍ଷମତାକୁ ପ୍ରତିଫଳିତ କରୁଛି।

# ନୂଆଦିଲ୍ଲୀରେ ପହଞ୍ଚିଲେ ଇରାନ ରାଷ୍ଟ୍ରପତି

## ମୋଦୀଙ୍କ ସହ ଦ୍ୱିପାକ୍ଷିକ ବୈଠକ ସମ୍ଭାବନା

**ନୂଆଦିଲ୍ଲୀ:** ଇରାନ ରାଷ୍ଟ୍ରପତି ମସୁଦ୍ ପେଜେସ୍କିଆନ୍ ବ୍ରିକ୍ସ ଶିଖର ସମ୍ମିଳନୀରେ ଭାଗ ନେବାକୁ ଶୁକ୍ରବାର ନୂଆଦିଲ୍ଲୀରେ ପହଞ୍ଚିଛନ୍ତି। ଇସଲାମିକ ଗଣରାଜ୍ୟର ରାଷ୍ଟ୍ରପତି ଭାବେ ପେଜେସ୍କିଆନ୍ଙ୍କର ଏହା ପ୍ରଥମ ଭାରତ ଗସ୍ତ। ଏହି ଗସ୍ତବେଳେ ଇରାନ ରାଷ୍ଟ୍ରପତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହିତ ଦ୍ୱିପାକ୍ଷିକ ଆଲୋଚନା କରିପାରନ୍ତି। ପଶ୍ଚିମ ଏସିଆରେ ଉତ୍ତେଜନା ବୃଦ୍ଧି ଓ ଇରାନ ବିରୋଧରେ ଆମେରିକାର ନୂତନ ଦଣ୍ଡାତ୍ମକ ଆର୍ଥିକ ପଦକ୍ଷେପ ମଧ୍ୟରେ ପେଜେସ୍କିଆନଙ୍କ ଏହି ଗସ୍ତ ଖୁବ୍ ଗୁରୁତ୍ୱପୂର୍ଣ୍ଣ ରହିଛି। ଶୁକ୍ରବାର ସନ୍ଧ୍ୟାରେ ମୋଦୀଙ୍କ ସହିତ ତାଙ୍କର ବୈଠକ ରହିଛି। ନୂଆଦିଲ୍ଲୀ ଆସିବା ପୂର୍ବରୁ, ପେଜେସ୍କିଆନ୍ ବ୍ରିକ୍ସର ଅର୍ଥନୈତିକ ସ୍ଥିରତା ବୃଦ୍ଧି ଉପରେ ଧ୍ୟାନ ଦେବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ କହିଥିଲେ, ନୂତନ ବ୍ରିକ୍ସ ବ୍ୟାଙ୍କ ଦେଶଗୁଡ଼ିକୁ ଡଲାର ଉପରେ ନିର୍ଭରଶୀଳତାରୁ ମୁକ୍ତ କରିବା ଓ ଆମେରିକାର ପ୍ରାଧାନ୍ୟ ବିସ୍ତାର ବିରୋଧରେ ଛିଡ଼ା ହେବା ପାଇଁ ସୃଷ୍ଟି କରାଯାଇଥିଲା।ଶନିବାରଠାରୁ



ଭାରତ ଦ୍ୱାରା ଆୟୋଜିତ ଦୁଇ ଦିନିଆ ବ୍ରିକ୍ସ ଶିଖର ସମ୍ମିଳନୀ ଖାଦ୍ୟ, ଶକ୍ତି, ସ୍ୱାସ୍ଥ୍ୟ, ବିପର୍ଯ୍ୟୟ ହ୍ରାସ ଓ ଗୁରୁତ୍ୱପୂର୍ଣ୍ଣ ଯୋଗାଣ ଶୃଙ୍ଖଳରେ ସାମୂହିକ ସ୍ଥିରତା ବୃଦ୍ଧି ଉପରେ ଧ୍ୟାନ ଦେବ ବୋଲି ଆଶା କରାଯାଉଛି। ରୁଷ-ୟୁକ୍ରେନ ଯୁଦ୍ଧ, ପଶ୍ଚିମ ଏସିଆ ସଙ୍କଟ, ବିଶେଷକରି ହର୍ମୁଜ୍ ପ୍ରଣାଳୀର ଅବରୋଧ ଓ ଟ୍ରମ୍ପ ପ୍ରଶାସନର ବାଣିଜ୍ୟ ଓ ଶୁଳ୍କ ନୀତିର ପ୍ରତିକୂଳ ପ୍ରଭାବର ସମ୍ମୁଖୀନ ହେଉଥିବା ବିଶ୍ୱ ଅର୍ଥନୀତିର ପୃଷ୍ଠଭୂମିରେ ନୂଆଦିଲ୍ଲୀରେ ଏହି ଶିଖର ସମ୍ମିଳନୀ ଅନୁଷ୍ଠିତ ହେଉଛି।

# ଦିଲ୍ଲୀରେ ବର୍ଷାର ତାଣ୍ଡବ

**ନୂଆଦିଲ୍ଲୀ:** ବ୍ରିକ୍ସ ସମ୍ମିଳନୀର ପ୍ରଥମ ଦିନ ଶୁକ୍ରବାର ଦିଲ୍ଲୀରେ ପ୍ରବଳ ବର୍ଷା ହୋଇଛି। ଏହାକୁ ନେଇ ଭାରତୀୟ ପାଣିପାଗ ବିଭାଗ (ଆଇଏମ୍ଡି) ଦିଲ୍ଲୀ ଓ ଏନ୍ସିଆର୍ ପାଇଁ ରେଡ୍ ଆଲର୍ଟ ଜାରି କରିଛି। ରାଜଧାନୀର ଅଧିକାଂଶ ଅଞ୍ଚଳରେ ମଧ୍ୟମରୁ ପ୍ରବଳ ବର୍ଷା ସହ ବଜ୍ରପାତ ହେବାର ସତର୍କ ସୂଚନା



ଦିଆଯାଇଛି। ଦିଲ୍ଲୀରେ ଆଜିଠାରୁ ୧୩ ପର୍ଯ୍ୟନ୍ତ ବ୍ରିକ୍ସ ଶିଖର ସମ୍ମିଳନୀ ଚାଲିଥିବା ବେଳେ ଏହି ପାଣିପାଗ ସ୍ଥିତି ପ୍ରଶାସନ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି।ସ୍ୱାଧୀନ ପାଣିପାଗ ବିଶେଷଜ୍ଞ ନବଦୀପ ଦହିୟା କହିଛନ୍ତି ଯେ, ଏହି ବର୍ଷା ପୂର୍ବରୁ ଦିଲ୍ଲୀରେ ଲଗାତାର ୫ ଦିନ ଶୁଖିଲା ପାଗ ରହିଥିଲା। ଗୁରୁବାର ସର୍ବୋଚ୍ଚ ତାପମାତ୍ରା ୩୬.୬ ଡିଗ୍ରି ସେଲ୍ସିୟସ୍ ରେକର୍ଡ ହୋଇଥିଲା, ଯାହା ସ୍ୱାଭାବିକଠାରୁ ୩.୧ ଡିଗ୍ରି ଅଧିକ। ଶୁକ୍ରବାର ସକାଳ ସୁଦ୍ଧା ଦିଲ୍ଲୀରେ ୬୯.୫ ମିମି ବର୍ଷା ହୋଇଛି।

# ଭାରତ ମଣ୍ଡପରେ ଆମେରିକାକୁ କଟାକ୍ଷ କଲେ ପୁଟିନ୍

**ନୂଆଦିଲ୍ଲୀ:** ଆମେରିକା ଥିବା ଗ୍ରୁପ ୭ ବା ଜି ୭କୁ ଟାର୍ଗେଟ କରିଛନ୍ତି ରୁଷ ରାଷ୍ଟ୍ରପତି ଭ୍ଲାଦିମର ପୁଟିନ। ୧୮ତମ ବ୍ରିକ୍ସ ଶିଖର ସମ୍ମିଳନୀରେ ଯୋଗ ଦେବାକୁ ଭାରତ ଆସିଥିବା ପୁଟିନ ଆଜି ଭାରତ ମଣ୍ଡପମରୁ ଜି ୭ର ଅର୍ଥନୀତିକୁ କଟାକ୍ଷ କରିଛନ୍ତି। ବିଶ୍ୱ ଅର୍ଥନୀତିରେ ଜି ୭ର ଯୋଗଦାନ ହ୍ରାସ ପାଉଥିବା ବେଳେ ବ୍ରିକ୍ସ ରାଷ୍ଟ୍ରଗୁଡ଼ିକର ଭାଗିଦାରୀ ବୃଦ୍ଧି ପାଉଥିବା ସେ ତୁଳାତ୍ମକ ଢଙ୍ଗରେ ଉପସ୍ଥାପନ କରିଛନ୍ତି। ବ୍ରିକ୍ସ ବିଜନେସ ସମ୍ମିନଳୀ ୨୦୨୬କୁ ସମ୍ବୋଧନ କରି ପୁଟିନ କହିଛନ୍ତି ବିଶ୍ୱ ଅର୍ଥନୀତିକୁ ଜି ୭ ଦେଶଗୁଡ଼ିକର ଯୋଗଦାନ ୧୮%। ଏହା ତୁଳନାରେ ବ୍ରିକ୍ସ ସଦସ୍ୟଙ୍କ ଯୋଗଦାନ ପ୍ରାୟ ୪୦% ରହିଛି।ଜି୭ର ନିୟମିତ ପ୍ରାୟସ ଉପରେ ପ୍ରଶ୍ନ ଉଠାଇ ପୁଟିନ କହିଛନ୍ତି, "ମୁଁ ଜାଣିପାରୁ ନାହିଁ ସେମାନେ କାହିଁକି ନିଜକୁ ଏମିତି କହୁଛନ୍ତି?" ରୁଷ ଏକଦା ଆମେରିକା ରହିଥିବା ସମୂହରେ ରହିଥିଲା।ରୁଷ ରହିଥିବା ଯାଏ ଏହା



ଗ୍ରୁପ ୮ ଭାବେ ପରିଚିତ ଥିଲା। ୨୦୧୪ରେ କ୍ରିମେଆ ଘଟଣା ପାଇଁ ରୁଷକୁ ବହିଷ୍କାର କରାଯାଇଥିଲା। ସେବେଠାରୁ ଏହା ଜି୭ ଭାବେ ପରିଚିୟ ହାସଲ କରିଛି। ଏଥିରେ ଆମେରିକା, କାନାଡା, ବ୍ରିଟେନ, ଫ୍ରାନ୍ସ, ଜର୍ମାନୀ ଓ ଇଟାଲୀ ରହିଛନ୍ତି।ପୁଟିନ ବ୍ରିକ୍ସକୁ ବିଶ୍ୱର ସର୍ବବୃହତ୍ତ ଅର୍ଥନୀତିକ ବ୍ଲକ ଭାବେ ବର୍ଣ୍ଣନା କରି କହିଛନ୍ତି ଯେ ବିଶ୍ୱ ଯୋଗାଣରେ ପରିବର୍ତ୍ତନ ହେଉଥିଲେ ହେଁ ଏହାର ସଦସ୍ୟମାନେ ଶକ୍ତିଶାଳୀ ହେଉଛନ୍ତି ଓ ସଦସ୍ୟ ରାଷ୍ଟ୍ରଙ୍କ ପ୍ରଭାବ ବୃଦ୍ଧି ପାଉଛି। ବିଶ୍ୱ ଅର୍ଥନୀତିକ ପ୍ରତି ଭାରତର ଅବଦାନ ସମ୍ପର୍କରେ ପୁଟିନ କହିଛନ୍ତି, ବିଶ୍ୱ ଏବେ ଗୋଟିଏ ବଡ଼ ଆର୍ଥିକ ପରିବର୍ତ୍ତନ ସହ ଗତି କରୁଛି। ଏଥିସହ ବ୍ରିକ୍ସ ବାହାରେ ଥିବା ରାଷ୍ଟ୍ରଗୁଡ଼ିକର ସହଯୋଗ ପାଇଁ ଏହି ସମୂହ ସବୁବେଳେ ଖୋଲା ରହିଥିବା ମଧ୍ୟ ମତ ରଖିଛନ୍ତି। ପଶ୍ଚିମ ଦେଶଗୁଡ଼ିକ ବ୍ରିକ୍ସ ରାଷ୍ଟ୍ରକୁ ଦୁର୍ବଳ କରିବାକୁ ବାରମ୍ବାର ଉଦ୍ୟମ କରୁଥିବାର ଅଭିଯୋଗ ଆଣିଛନ୍ତି ପୁଟିନ। ସେ କହିଛନ୍ତି, "ବ୍ରିକ୍ସର ପଶ୍ଚିମ ପ୍ରତିଦ୍ୱନ୍ଦ୍ୱୀ ନିଜର ପୂର୍ବ ନେତୃତ୍ୱ ପୁଣି ହାସଲ କରିବାକୁ ଉଦ୍ୟମ କରୁଛନ୍ତି। ଏହି ସଂଘର୍ଷ ସରକାରୀ ସ୍ତରରେ ବେଆଇନ ଢଙ୍ଗରେ ମୋଡ ବଦଳାଇବାରେ ଲାଗିଛି।

# ପୁସ୍ତକ 'ତିରୁକ୍କୁରାଲ' ପୁଟିନକୁ ଉପହାର ଦେଲେ ମୋଦୀ



**ନୂଆଦିଲ୍ଲୀ:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁକ୍ରବାର ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କୁ କବି ତଥା ଦାର୍ଶନିକ ତିରୁଭଲ୍ଲୁରଙ୍କ ଦ୍ୱାରା ଲିଖିତ ପ୍ରସିଦ୍ଧ ତାମିଲ ଶାସ୍ତ୍ରୀୟ ପୁସ୍ତକ 'ତିରୁକ୍କୁରାଲ'ର ଏକ ରୁଷୀୟ ଅନୁବାଦ ଉପହାର ଦେଇଛନ୍ତି।୧୮ତମ ବ୍ରିକ୍ସ ଶିଖର ସମ୍ମିଳନୀଅବସରରେନୂଆଦିଲ୍ଲୀରେ ଦ୍ୱିପାକ୍ଷିକ ଆଲୋଚନା ପାଇଁ ମୋଦୀ ଓ ପୁଟିନଙ୍କ ସାକ୍ଷାତ ସମୟରେ ଏହି ସାହିତ୍ୟିକ ଉପହାର ପ୍ରଦାନ କରାଯାଇଥିଲା। ସେପ୍ଟେମ୍ବର ୧୨ ଓ ୧୩ ତାରିଖରେ ଭାରତ ଦ୍ୱାରା ଆୟୋଜିତ ବ୍ରିକ୍ସ ଶିଖର ସମ୍ମିଳନୀ ପାଇଁ ପୁଟିନ ଶୁକ୍ରବାର ଭାରତରେ ପହଞ୍ଚିଥିଲେ। ଏହି ଉପହାର ଏପରି ଏକ ସମୟରେ ମଧ୍ୟ ଆସିଛି ଯେତେବେଳେ ନୂଆଦିଲ୍ଲୀ ଓ ମସ୍କୋ ପାରମ୍ପରିକ ସହଯୋଗ କ୍ଷେତ୍ର ବାହାରେ ସେମାନଙ୍କର ଦୀର୍ଘକାଳୀନ ରଣନୈତିକ ସହଭାଗୀତାକୁ ବିସ୍ତାର କରିବାକୁ ଚାହୁଁଛନ୍ତି।

# ବିହାର ବନ୍ୟାରେ ୪୬ ଲକ୍ଷ ଲୋକ ପ୍ରଭାବିତ

**ପାଟନା:** ବିହାରରେ ବନ୍ୟା ସ୍ଥିତି ସଙ୍ଗୀନ ରହିଛି। ୧୫ ଜିଲ୍ଲାରେ ୪୬ ଲକ୍ଷ ଲୋକ ପ୍ରଭାବିତ ହୋଇଛନ୍ତି। ଶୁକ୍ରବାର ସୁଦ୍ଧା ବିଭିନ୍ନ ନଦୀରେ ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ବିଭିନ୍ନ ସ୍ଥାନରେ ଗଙ୍ଗା, ଗଣ୍ଡକ, ବୁଢ଼ୀ ଗଣ୍ଡକ, କୋଶୀ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ବିହାର ବିପର୍ଯ୍ୟୟ ପରିଚାଳନା ବିଭାଗ ସଦ୍ୟ ବୁଲେଟିନ୍ ଅନୁଯାୟୀ, ୧୫ ଜିଲ୍ଲାର ୮୮ ବ୍ଲକ, ୫୬୧ ଗ୍ରାମ ପଞ୍ଚାୟତରେ ୪୬.୮୮ ଲକ୍ଷ ଲୋକ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛନ୍ତି। ପ୍ରଭାବିତ ଜିଲ୍ଲା ମଧ୍ୟରେ ପାଟନା, ଭୋଜପୁର, ସରଣ, ବୈଶାଳୀ, ଭାଗଲପୁର, ବେଗୁସରାଇ



ବକ୍ସର, ସମସ୍ତିପୁର, ମୁଙ୍ଗେର୍, କଟିହାର୍, ଲଖିସରାଇ, ଖଗରିଆ, ପୂର୍ଣ୍ଣିଆ, ମଧେପୁରା, ଅରରିୟା ରହିଛି।ସବୁଠାରୁ ଅଧିକ ପ୍ରଭାବିତ ଜିଲ୍ଲାମାନଙ୍କ ମଧ୍ୟରେ ଭାଗଲପୁର, ପାଟନା, ସରଣ, ବୈଶାଳୀ, ବେଗୁସରାଇ, କଟିହାର, ପୂର୍ଣ୍ଣିଆ ଓ ବକ୍ସର ରହିଛି। ବିହାର ପାଣିପାଗ ବିଭାଗ କେନ୍ଦ୍ର ସୂଚନା ଅନୁଯାୟୀ, ସେପ୍ଟେମ୍ବରରେ ଏପର୍ଯନ୍ତ ୯୦ ମିମି ବର୍ଷ ରେକର୍ଡ଼ କରାଯାଇଛି, ଯାହାକି ସାଧାରଣଠାରୁ ୨୦ ପ୍ରତିଶତ ଅଧିକ। ଶୁକ୍ରବାର ସକାଳ ୬ଟାରେ ଗଙ୍ଗା ନଦୀ ଭାଗଲପୁରର ସୁଲତାନଗଞ୍ଜଠାରେ ବିପଦ ସଙ୍କେତଠାରୁ ୨.୧୨ ମିଟର ଉପରେ ୩୬.୬୨ ମିଟରରେ ପ୍ରବାହିତ ହେଉଥିଲା।ବନ୍ୟା ସ୍ଥିତିକୁ ଦେଖି ରାଜ୍ୟରେ୧୧୯୪ଟି କମ୍ୟୁନିଟି କିଚେନ୍ ଖୋଲା ଯାଇଛି। ବିପନ୍ନଙ୍କ ପାଇଁ ୧୫ଟି ରିଲିଫ୍ ଶିବିର କାର୍ଯ୍ୟ କରୁଛି, ଯେଉଁଠାରେ ୧୧,୨୫୫ ଜଣ ବନ୍ୟା ପୀଡିତଙ୍କ ପାଇଁ ରହିବା, ଖାଦ୍ୟ, ଚିକିତ୍ସା ଓ ଅନ୍ୟାନ୍ୟ ଜରୁରୀ ସେବାର ବ୍ୟବସ୍ଥା କରାଯାଇଛି। ବନ୍ୟା ପ୍ରଭାବିତ ଲୋକଙ୍କୁ ଏପର୍ଯ୍ୟନ୍ତ ପ୍ରାୟ ୩.୧୦ ଲକ୍ଷ ପଲିଥିନ୍ ସିଟ୍ ଓ ୪୮,୩୦୦ ଶୁଷ୍କ ରାସନ ପ୍ୟାକେଟ ବଣ୍ଟନ କରାଯାଇଛି।

# ପଥର ଛେଚି ପତ୍ନୀ ଓ ୩ ଝିଅଙ୍କୁ ହତ୍ୟା

**ଜୟପୁର:** ଜଣେ ବ୍ୟକ୍ତି ନିଜ ପରିବାର ସହ ଘଟାଇଥିବା କାଣ୍ଡ ସମସ୍ତଙ୍କୁ କରିଛି ସ୍ତବ୍ଧ। ନିଦରେ ଶୋଇଥିବା ପତ୍ନୀ ଓ ୩ ଝିଅଙ୍କୁ ସେ ଅତ୍ୟନ୍ତ ନିର୍ମମ ଭାବେ କରିଛି ହତ୍ୟା। ସମସ୍ତେ ନିଦରେ ଶୋଇଥିବା ବେଳେ ବ୍ୟକ୍ତି ଜଣକ ଗୁପ୍ତ ଭାବେ ଘରେ ପଶିଥିଲା। ଏହାପରେ ପତ୍ନୀ ଓ ୩ ଝିଅଙ୍କ ମୁଣ୍ଡକୁ ଗୋଟିଏ ପଥରରେ ଛେଚି ଦେଇଥିଲା। ଏଥିଯୋଗୁ ଘଟଣା ସ୍ଥଳରେ ୪ ଜଣ ଯାକ ପ୍ରାଣ ହରାଇଛନ୍ତି। ରାଜସ୍ଥାନର ଜୟପୁରରେ ଏପରି ଗୋଟିଏ ଘଟଣା ଘଟିଛି। ପ୍ରାଣ ହରାଇଥି ମହିଳା ଜଣଙ୍କ ହେଲେ ୪୦ ବର୍ଷୀୟ ଗୀତା ଝା। ସେହିପରି ଆକ୍ରମଣରେ ତାଙ୍କର ୩ ଝିଅ ନନ୍ଦିନୀ, ଗିରିଶା ଓ ରାଧିକା ପ୍ରାଣ ହରାଇଛନ୍ତି। ଏମାନଙ୍କ ବୟସ ୧୭ରୁ ୨୩ ବର୍ଷ ମଧ୍ୟରେ ହେବ। ଗୀତାଙ୍କ ସ୍ୱାମୀ ରାହୁଲ ଝା ହିଁ ସମସ୍ତଙ୍କୁ ପଥରରେ ଛେଚି ହତ୍ୟା କରିଥିବା ପୁଲିସ୍ କହିଛି। ଘଟଣା ପରେ ରାହୁଲ ଝା ଫେରାର ହୋଇ ଯାଇଛି। ତା'କୁ ଧରିବା ପାଇଁ ପୁଲିସ୍ ବିଭିନ୍ନ ସ୍ଥାନରେ ରେଡ ଜାରି ରଖିଛି। ହତ୍ୟାକାଣ୍ଡର କାରଣ ଜଣାପଡ଼ି ନଥିଲେ ହେଁ ପାରିବାରିକ ବିବାଦରୁ ଏତେ ବଡ଼ ଘଟଣା ଘଟିଥିବା ପୁଲିସ୍ ସନ୍ଦେହ କରୁଛି। ପୁଲିସ୍ର କହିବା କଥା ଯେ ପୂରା ଘଟଣା ଶୁକ୍ରବାର ଦିନ ୧୦ଟା ବେଳକୁ ସାମ୍ନାକୁ ଆସିଛି। ଘର ଭିତରେ ଆଜି ସକାଳୁ କୌଣସି ହଲଚଲ ନ ହେବାରୁ ପଡ଼ୋଶୀମାନେ ସନ୍ଦେହ କରିଥିଲେ। ଏହାପରେ ସେମାନେ ପୁଲିସ୍କୁ ଖବର ଦେଇଥିଲେ। ପୁଲିସ୍ ଗୋବିନ୍ଦପୁରା ସ୍ଥିତ ଘରେ ପହଞ୍ଚିଲା ବେଳକୁ ସେଠାରେ କେବଳ ଅଭିଯୁକ୍ତ ରାହୁଲର ୮୫ ବର୍ଷୀୟ ବାପା ଉପସ୍ଥିତ ଥିଲେ। ଗୀତା ଓ ତାଙ୍କର ୩ ଝିଅ ରକ୍ତାକ୍ତ ଅବସ୍ଥାରେ ଘର ଭିତରେ ପଡ଼ି ରହିଥିଲେ। ଫରେନ୍ସିକ ଟିମ ଓ ସନ୍ଧାନୀ କୁକୁର ଘଟଣା ସ୍ଥଳରେ ଛାନଭିନ କରିଛନ୍ତି। ରକ୍ତ ନମୁନା ଓ ଅନ୍ୟ ତଥ୍ୟ ମଧ୍ୟ ଘଟଣା ସ୍ଥଳରୁ ସଂଗ୍ରହ କରାଯାଇଛି। ହତ୍ୟାରେ ବ୍ୟବହୃତ ସନ୍ଦିଗ୍ଧ ପଥରକୁ ମଧ୍ୟ ପୁଲିସ୍ ଜବତ କରିଛି। ଡିସିପି(ପଶ୍ଚିମ) ପ୍ରଶାନ୍ତ କିରନ କହିଛନ୍ତି ଯେ ଯଦିଓ ପାରିବାରିକ ବିବାଦରୁ ଏତେ ବଡ଼ ହତ୍ୟାକାଣ୍ଡ ଘଟିଥିବା କୁହାଯାଉଛି, ତଥାପି ଏହାର ପ୍ରକୃତ କାରଣ ଏଯାଏ ସ୍ପଷ୍ଟ ହୋଇନି। ଏବେ ଘଟଣାର ତଦନ୍ତ ବିଭିନ୍ନ ଦିଗକୁ ଦୃଷ୍ଟିରେ ରଖି ତଦନ୍ତ କରାଯାଉଥିବା ସେ କହିଛନ୍ତି।

# ହେମକୁଣ୍ଡ ସାହିବ ଦର୍ଶନ: ଶିଖ ଶ୍ରଦ୍ଧାଳୁଙ୍କୁ ଅଟକାଇଲା ପାକିସ୍ତାନ

**ଇସ୍ଲାମବାଦ:** ସମସ୍ତଙ୍କ ପାଖରେ ଭାରତ ଆସିବାକୁ ବୈଧ ଭିସା ଥିଲା। ୧୦୦ରୁ ଅଧିକ ଶିଖ ଶ୍ରଦ୍ଧାଳୁ ଏଥିପାଇଁ ଏୟାରପୋର୍ଟରେ ପହଞ୍ଚି ସାରିଥିଲେ। ସେମାନେ ଉତ୍ତରାଖଣ୍ଡରେ ଥିବା ପବିତ୍ର ହେମକୁଣ୍ଡ ସାହିବ ଆସିବାକୁ ଚାହୁଁଥିଲେ।କିନ୍ତୁ ପାକିସ୍ତାନ ଅଧିକାରୀମାନେ ୧୦୦ ଶିଖ ଶ୍ରଦ୍ଧାଳୁଙ୍କୁ ଭାରତ ଆସିବାକୁ ଦେଇ ନାହାନ୍ତି। ସାଧାରଣ ଲୋକଙ୍କ ଯାତ୍ରା ପାଇଁ ଏନଓସି ଆବଶ୍ୟକ ପଡୁ ନଥିବା ବେଳେ ପାକିସ୍ତାନ ଅଧିକାରୀ ଶିଶୁଣି ଶିଖ ଶ୍ରଦ୍ଧାଳୁଙ୍କୁ ଏୟାରପୋର୍ଟରେ ଅଟକାଇ ହଇରାଣ କରିଛନ୍ତି। ପାକିସ୍ତାନ ଅଧିକାରୀଙ୍କ ଏପରି ପଦକ୍ଷେପକୁ ଶିଖ ଶ୍ରଦ୍ଧାଳୁମାନେ ଲଜ୍ଜାଜନକ ବୋଲି ମଧ୍ୟ କହିଛନ୍ତି। ବିବାଦ କାରଣରୁ ଭାରତ-ପାକିସ୍ତାନ ସ୍ଥଳ ସୀମା ବନ୍ଦ ରହିଛି। ତେଣୁ ଶିଖ ଶ୍ରଦ୍ଧାଳୁମାନେ ୟୁଏଇ ଦେଇ ଭାରତ ଆସିବାକୁ ଚାହିଁଥିଲେ। କିନ୍ତୁ ସେମାନଙ୍କୁ ପାକିସ୍ତାନ ଅଧିକାରୀମାନେ ଫୈଜଲାବାଦ ଅନ୍ତର୍ଜାତୀୟ ଏୟାରପୋର୍ଟରୁ ଉଡ଼ାଣ ପାଇଁ ଅନୁମତି ଦେଇ ନାହାନ୍ତି। ୟୁଏଇ ଯିବା ପାଇଁ ଶିଖ ଶ୍ରଦ୍ଧାଳୁଙ୍କ ପାଖରେ ଏନଓସି ନଥିବା ଆଳ ଦେଖାଇ ପାକିସ୍ତାନ କର୍ତ୍ତୃପକ୍ଷ ଏପରି ପଦକ୍ଷେପ ନେଇଛନ୍ତି। ଜଣେ ଶିଖ ଶ୍ରଦ୍ଧାଳୁ ଏୟାରପୋର୍ଟରୁ ଭିଡିଓ ରେକର୍ଡ କରି ସୋଶାଲ ମିଡିଆରେ ପୋଷ୍ଟ କରିଛନ୍ତି। ଏଥିରେ ସେ କହିଛନ୍ତି, "ପାକିସ୍ତାନୀ ପାସପୋର୍ଟରେ ଆମେ ଆଇନଗତ ଉପାୟରେ ଭିସା ହାସଲ କରିଥିଲୁ। ଏପରି ସ୍ଥିତିରେ ଇମିଗ୍ରେସନ ଅଧିକାରୀମାନେ କେଉଁ ଅଧିକାର ବଳରେ ଜଣେ ସାଧାରଣ ଲୋକଙ୍କୁ ଏନଓସି ମାଗୁଛନ୍ତି? ଯଦି କାହାର ଅପରାଧିକ ରେକର୍ଡ ଥିବା କିମ୍ବା ଅନ୍ୟ କୌଣସି କାରଣରୁ ସେମାନଙ୍କ ପାଇଁ ଏନଓସି ଆବଶ୍ୟକ ପଡ଼େ। ଆମେ ଏଠାକୁ ଆସିଛୁ। ଆମେ କୌଣସି ସରକାରୀ ଅଧିକାରୀ ନୁହଁ। ଆମ ପାଖରେ ପାସପୋର୍ଟ ଓ ଭିସା ଷ୍ଟାମ୍ପ ରହିଛି।" ଏହି ସମୟରେ ସେ ଗ୍ରୀନ ପାକିସ୍ତାନୀ ପାସପୋର୍ଟକୁ ମଧ୍ୟ ପ୍ରଦର୍ଶନ କରିଥିଲେ। ଶିଖ ଜଠାର ନେତା ପାପିନ୍ଦର ସିଂହଙ୍କ କହିବା କଥା ଯେ ଶ୍ରଦ୍ଧାଳୁମାନେ ଫୈଜଲାବାଦରୁ ସାରଜା ଓ ସେଠାରୁ ଦିଲ୍ଲୀ ଆସିବାର ଥିଲା। ସେମାନେ ଦିଲ୍ଲୀ, ଅମୃତସର, ଶ୍ରୀ ଆନନ୍ଦପୁର ସାହିବ ଓ ଶ୍ରୀ ହେମକୁଣ୍ଡ ସାହିବ ପାଇଁ ଭାରତୀୟ ଭିସା ହାସଲ କରିଥିଲେ। ତଥାପି ସେମାନେ ବେଆଇନ ଭାବେ ଏୟାରପୋର୍ଟରେ ଅଟକ ରଖାଯାଇଥିବା ସେ କହିଛନ୍ତି। ଉତ୍ତରାଖଣ୍ଡର ଚାମୋଲି ଜିଲ୍ଲାରେ ଗୁରୁଦ୍ୱାର ହେମକୁଣ୍ଡ ସାହିବ ରହିଛି। ଏହା ବିଶ୍ୱରେ ସର୍ବୋଚ୍ଚ ଶିଖ ଧର୍ମ ସ୍ଥଳ। ଏହା ୧୦ମ ଶିଖ ଗୁରୁ ଗୋବିନ୍ଦ ସିଂହଙ୍କ ସହ ଜଡ଼ିତ।

# ବ୍ରିକ୍ସ ଗିଫ୍ଟ ବ୍ୟାଗରେ ଓଡ଼ିଶାର କଫି ଓ ବିହାରର ଛତୁଆ

**ନୂଆଦିଲ୍ଲୀ:** ବ୍ରିକ୍ସରେ ଯୋଗ ଦେଇଥିବା ସ୍ଥାନୀୟ ଓ ବିଦେଶ ସାମ୍ବାଦିକଙ୍କ ସମେତ ଅନ୍ୟ ଅତିଥିମାନଙ୍କୁ ମିଳିତ ଓଡ଼ିଶାର କଫି। ଭାରତ ସରକାରର ଦେଶର ସାଂସ୍କୃତିକ ଓ ଲୋକାଲ ପ୍ରଡକ୍ଟର ପ୍ରଚାର ବ୍ରିକ୍ସରେ କରୁଥିବା ବେଳେ ଏଥିରେ ଓଡ଼ିଶାର କଫିକୁ ସ୍ଥାନ ଦିଆଯାଇଛି।ବ୍ରିକ୍ସର ଅତିଥି ଓ ସାମ୍ବାଦିକମାନଙ୍କ ପାଇଁ ସ୍ୱତନ୍ତ୍ର ଗୁଡି ବ୍ୟାଗ ବା ଉପହାର ବ୍ୟାଗ ପ୍ରସ୍ତୁତ କରାଯାଇଛି। ଭାରତ ମଣ୍ଡପମରେ ଆସନ୍ତାକାଲି ଓ ୧୩ ତାରିଖ ଦୁଇ ଦିନ ଧରି ବ୍ରିକ୍ସ ରାଷ୍ଟ୍ରମୁଖ୍ୟମାନେ ଯୋଗ ଦେବେ। ଏହି ସମୟରେ ଆୟୋଜକ ଭାରତ ସମସ୍ତ ଅତିଥିଙ୍କୁ ଉପହାରରେ ଏହି ବ୍ୟାଗ ଦେବ। ସାମ୍ବାଦିକ ଓ ପ୍ରତିନିଧିମାନଙ୍କୁ ମିଳିବାକୁ ଥିବା ବ୍ୟାଗରେ ମୋଟ ୯ଟି ଜିନିଷ ରହିଛି। ଦେଶର ବିଭିନ୍ନ ରାଜ୍ୟରେ ସ୍ୱତନ୍ତ୍ର ଖ୍ୟାତି ଅର୍ଜନ କରିଥିବା ସାମଗ୍ରୀକୁ ବ୍ୟାଗରେ ରଖାଯାଇଛି। ବ୍ୟାଗରେ ବିହାରର ଛତୁଆ ରହିଛି। ବିହାରର ଛତୁ ପୂରା ଦେଶରେ ପ୍ରସିଦ୍ଧ। ଚଣା ଓ ଅନ୍ୟାନ୍ୟ




ଡାଲି ଜାତୀୟ ଦ୍ରବ୍ୟରୁ ପ୍ରସ୍ତୁତ ଛତୁଆରେ ରହିଛି ପ୍ରୋଟିନର ସମ୍ଭାର। ପଶ୍ଚିମର ସୁପର ଫୁଡ ଭାବେ ଛତୁଆ ବେଶ ଜଣାଶୁଣା। ଉପହାର ବ୍ୟାଗରେ ଓଡ଼ିଶାର କଫିକୁ ମଧ୍ୟ ରଖାଯାଇଛି। ରାଜ୍ୟର ଆଦିବାସୀଙ୍କ ପାହାଡ଼ରେ ଉପଲବ୍ଧ ହେଉଥିବା ୧୦୦% ଆରବିକ ସ୍ପେଶାଲ କଫି ବ୍ରିକ୍ସ ଅତିଥିମାନଙ୍କୁ ଉପହାର ଆକାରରେ ଦିଆଯିବ। ଏହାର ବାସ୍ନା ଅତି ଚମତ୍କାର ଓ ଅନ୍ତର୍ଜାତୀୟ ସମ୍ମିଳନୀରେ ଭାରତ ତା'ର ସ୍ଥାନୀୟ ଦ୍ରବ୍ୟକୁ ପ୍ରଚାର କରିବାକୁ ଚାହୁଁଥିବା ଏଥିରୁ ସ୍ପଷ୍ଟ ହେଉଛି।ବ୍ୟାଗରେ ଆଉ ଗୋଟିଏ ଲୋକପ୍ରିୟ ଖାଦ୍ୟ ବିହାରର ମଖାନା ରହିଛି। କଦଳୀ ଚିପ୍ସ ପରେ ଏହା ଭାରତରେ ଏବେ ବେଶ ପରିଚିତ। ବ୍ରିକ୍ସ ଉପହାର ବ୍ୟାଗରେ ମଖାନା ସାମିଲ ହେବା ଅର୍ଥ ବିଦେଶୀ ସାମ୍ବାଦିକମାନେ ଭାରତର ଲୋକପ୍ରିୟ ଜଳଖିଆର ମଜା ଉଠାଇ ପାରିବେ। ଏସବୁ ଖାଦ୍ୟ ସାମଗ୍ରୀ ବ୍ୟତୀତ ବ୍ୟାଗରେ ଗୁଜରାଟର ବ୍ଲକ ପ୍ରିଣ୍ଟେଡ ଷ୍ଟଲ, ଗୋଟିଏ କଫି ମଗ ଓ ଗୋଟିଏ ଟୋଟ ବ୍ୟାଗ ମଧ୍ୟ ରହିଛି।ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ ଉପହାର ବ୍ୟାଗରେ ଇନ ବିଲ୍ଟ ଚାର୍ଜିଂ ପୋର୍ଟ ରହିଛି। ବ୍ୟାଗ ସହ ଏହାକୁ ଏମିତି ଯୋଡ଼ା ଯାଇଛି ଯେ ସାମ୍ବାଦିକମାନେ ଏହି ବ୍ୟାଗକୁ ନେଇ ଯାତ୍ରା କରିବା ବେଳେ ନିଜ ଉପକରଣକୁ ଚାର୍ଜ କରିପାରିବେ। ୧୮ତମ ବ୍ରିକ୍ସ ଶିଖର ସମ୍ମିଳନୀରେ ରିପୋର୍ଟିଂ କରିବାକୁ ଦେଶ ବିଦେଶରୁ ପ୍ରାୟ ୧୨୦୦ରୁ ୧୩୦୦ ସାମ୍ବାଦିକ ଆସିଛନ୍ତି। ଏମାନଙ୍କ ବ୍ୟତୀତ ଅନେକ ପ୍ରତିନିଧିଙ୍କୁ ମଧ୍ୟ ଶିଖର ସମ୍ମିଳନୀକୁ ନିମନ୍ତ୍ରଣ କରିଛନ୍ତି ଭାରତ ସରକାର। ଭାରତ ମଣ୍ଡପମରେ ଭାରତ ସରକାର ସ୍ୱତନ୍ତ୍ର ଅନ୍ତର୍ଜାତୀୟ ମିଡିଆ ସେଣ୍ଟର ତିଆରି କରିଛନ୍ତି। ଏହି କେନ୍ଦ୍ର ଜରିଆରେ ସାମ୍ବାଦିକମାନେ ସମ୍ମିଳନୀରେ ରିପୋର୍ଟ କରିପାରିବେ, ସୂଚନା ସହ ଅନ୍ୟାନ୍ୟ ସହାୟତା ପାଇବେ। ଏହି ସ୍ଥାନରେ ହିଁ ସେମାନଙ୍କୁ ଉପହାରର ଆକାରରେ ବ୍ୟାଗ ଦିଆଯିବ।

## ପୁରୁଷ ଜୁନିୟର ଏସିଆ କପ

# ଫାଇନାଲରେ ଭାରତୀୟ ହକି ଦଳ



ନୂଆଦିଲ୍ଲୀ,୧୧।୯ (ଏଜେନ୍ସି): ଜୁନିୟର ପୁରୁଷ ଏସିଆ କପ୍ ଫାଇନାଲରେ ଭାରତ ପ୍ରବେଶ କରିଛି। ଚୀନରେ ଚାଲିଥିବା ଏହି ପ୍ରତିଯୋଗିତାର ସେମିଫାଇନାଲରେ ଓଡ଼ିଆ ପୁଅ ତଥା ଅଧିନାୟକ ଅନମୋଲ ଏକ୍କା ଗୋଲ କରି ଦଳକୁ ଫାଇନାଲରେ ପହଞ୍ଚାଇଛନ୍ତି। ତାଙ୍କ ଡବଲ ଗୋଲ ଯୋଗୁଁ ଭାରତ ୩-୧ ବ୍ୟବଧାନରେ ମାଲେସିଆକୁ ହରାଇ ଦେଇଛି। ଭାରତ ପ୍ରଥମ ଦଳ ଭାବେ ଜୁନିୟର ଏସିଆ କପ୍ ଫାଇନାଲରେ ପ୍ରବେଶ କରିଛି। ଅନମୋଲଙ୍କ ଦୁଇଟି ଗୋଲ ବ୍ୟତୀତ ଶୁଖ ବିନ୍ଦର ଗୋଟିଏ ଗୋଲସ୍କୋର କରିଥିଲେ। ୫ଥର ଜୁନିୟର ଏସିଆ କପ୍ ଜିତିଥିବା ଭାରତ ମାଲେସିଆ ବିପକ୍ଷ ମ୍ୟାଚରେ ଆରମ୍ଭରୁ ଜମାଣିଆ ପ୍ରଦର୍ଶନ ଦେଖାଇଥିଲା। ମ୍ୟାଚର ୧୬ତମ ମିନିଟରେ ଅନମୋଲ ଗୋଲ କରି ଦଳକୁ ୧-୦ରେ ଆଗୁଆ କରିଥିଲେ। କିନ୍ତୁ ଦ୍ୱିତୀୟ ଓ ତୃତୀୟ କ୍ୱାର୍ଟର ଗୋଲଶୂନ୍ୟ ରହିଥିଲା। ଭାରତର ସମସ୍ତ ଆଟାକକୁ ମାଲେସିଆ ପଣ୍ଡ କରିଦେଇଥିଲା। ଶେଷ କ୍ୱାର୍ଟରର ଷଷ୍ଠ ମିନିଟରେ ଭାରତ ପୁଣି ମାଲେସିଆ ଡିଫେନ୍ସକୁ ଭେଦ କରିଥିଲା। ୫୧ତମ ମିନିଟରେ ଶୁଖ ବିନ୍ଦର ଭାରତ ପାଇଁ ଦ୍ୱିତୀୟ ଗୋଲସ୍କୋର କରିଥିଲେ। ମାଲେସିଆର ଏମ ରାହୁଲ ୬୦ତମ ମିନିଟରେ ଏକମାତ୍ର ଗୋଲ ପରିଶୋଧ କରିଥିଲେ। ଏହା ସତ୍ତ୍ୱେ ଭାରତ ୩-୧ ବ୍ୟବଧାନରେ ମ୍ୟାଚ ଜିତି ଫାଇନାଲରେ ପ୍ରବେଶ କରିଛି। ଫାଇନାଲରେ ଭାରତର ମୁକାବିଲା ପାକିସ୍ତାନ କିମ୍ବା ଦ.କୋରିଆ ସହ ହୋଇପାରେ। କାରଣ ଦ୍ୱିତୀୟ ସେମିରେ ଦ.କୋରିଆ ଓ ପାକିସ୍ତାନ ମୁହାଁମୁହିଁ ହେବେ। ଏହି ମ୍ୟାଚର ବିଜୟୀ ଦଳ ସହ ଭାରତର ଫାଇନାଲ ଲଢ଼େଇ ହେବ। ଜୁନିୟର ଏସିଆ କପରେ ଭାରତ ଏପର୍ଯ୍ୟନ୍ତ ହାରି ନାହିଁ। ଗ୍ରୁପ ଏ'ରେ ଥିବା ଭାରତ ୩ଟି ବିଜୟ, ଗୋଟିଏ ଡ୍ର' ସହ ୧୦ ପଏଣ୍ଟ ପାଇ ସେମିରେ ପ୍ରବେଶ କରିଥିଲା।

## କଟକ ଜିଲ୍ଲା ତୀରନ୍ଦାଜ ସଂଘର ଲୋଗୋ ଉନ୍ମୋଚନ



ଭୁବନେଶ୍ୱର,୧୧।୯ (ସବ୍ୟୁ): କଟକ କଟକ ଜିଲ୍ଲା ଆର୍ଚେରୀ ଆସୋସିଏସନର ଏକ ସ୍ୱତନ୍ତ୍ର ବୈଠକ ବାରବାଟି ଷ୍ଟାଡିୟମ ସ୍ଥିତ ସଂଘର କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଭାପତି ପରୀକ୍ଷିତ ମହାରଣା ଏହି ବୈଠକରେ ସଭାପତିତ୍ୱ କରିଥିଲେ। ବୈଠକରେ ସଂଘର ଏକ ସ୍ୱତନ୍ତ୍ର ଲୋଗୋ ଉନ୍ମୋଚିତ ହୋଇଛି। ଜିଲ୍ଲା ତଥା ରାଜ୍ୟ ସଂଘର ସମ୍ପାଦକ ସମ୍ପୂର୍ଣ୍ଣାନନ୍ଦ ଦାସ ଏକ ବିବରଣୀ ଉପସ୍ଥାପନ କରି କହିଲେ ଚଳିତ ମାସ ୧୩ ତାରିଖ ଠାରୁ ରାଉର କେଲା ଠାରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ତୀରନ୍ଦାଜ୍ ପ୍ରତିଯୋଗିତାରେ କଟକ ଜିଲ୍ଲାରୁ ୫ ଜଣ ତୀରନ୍ଦାଜ୍ ପ୍ରତିନିଧିତ୍ୱ କରିବେ। କୁମାରୀ ନମସି ମୁଣ୍ଡା, ରଶ୍ମିରଞ୍ଜନ ସେଠୀ, ତନୟ କୁମାର୍ ସିଂ, କୁମାରୀ ଉଜ୍ଜୟିନୀ କେଶରୀ, ଓ ସମୀର କୁମାର୍ ଦାସ କଟକ ଜିଲ୍ଲାରୁ ପ୍ରତିନିଧିତ୍ୱ କରିବେ। ଅଜୟ ପାଙ୍ଗି ଓ ଶକ୍ତିରାଜ ଦାଶଙ୍କୁ କୋଚ୍ ଓ ମ୍ୟାନେଜର ଭାବରେ ମନୋନୀତ କରାଯାଇଛି। ଶନିବାର ଏହି ଖେଳାଳି ମାନେ ରାଉରକେଲା ଅଭିମୁଖେ ଯାତ୍ରା କରିବେ। ସଂଘର ପରାମର୍ଶଦାତା ସଦାନନ୍ଦ ଦାସ, ସଦସ କ୍ଷିତିଶ ପାତ୍ର, ବିଷ୍ଣୁ ଦାସ, ଜଟାଧାରୀ ରାଉତ, ଅର୍ପିତା ଦାସ, ସୁଘୋଷ ଦାସ ଓ ବରିଷ୍ଠ ସଦସ୍ୟ ଦେବୁ ଚାଟାର୍ଜୀ ପ୍ରମୁଖ ସଂଘର ସାଙ୍ଗଠନିକ ବିଷୟ ସମ୍ପର୍କରେ ଆଲୋଚନା କରିଥିଲେ।

# ଭାରତ-ଜାପାନ ପ୍ରଥମ ଟି-୨୦ ମୁକାବିଲା 'ହାଉସଫୁଲ୍'




ସାନୋ,୧୧।୯ (ଏଜେନ୍ସି): ଭାରତ ଓ ଜାପାନ ମଧ୍ୟରେ ପ୍ରଥମ ଥର ପାଇଁ ହେବାକୁ ଥିବା ଐତିହାସିକ ଟି-୨୦ ଆନ୍ତର୍ଜାତିକ ମ୍ୟାଚରେ ସମସ୍ତ ଟିକେଟ୍ ବିକ୍ରି ହୋଇଯାଇଛି। ସେପ୍ଟେମ୍ବର ୨୨ରେ ସାନୋ ଇଣ୍ଟରନ୍ୟାସନାଲ୍ କ୍ରିକେଟ୍ ଷ୍ଟାଡିୟମ୍ରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍କୁ ନେଇ ଦର୍ଶକଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖାଦେଇଛି।

ଜାପାନ କ୍ରିକେଟ୍ ଆସୋସିଏସନ୍ (ଜେସିଏ) ଗୁରୁବାର ଏକ୍ସରେ ପୋଷ୍ଟ କରି ମ୍ୟାଚର ସମସ୍ତ ଟିକେଟ୍ ବିକ୍ରି ହୋଇଥିବା ସୂଚନା ଦେଇଛି। ଏହି ମ୍ୟାଚ୍ ସୁଜୁକି କପ୍ ଅଧୀନରେ ଖେଳାଯିବା ସହ ଭାରତ-ଜାପାନ କୂଟନୈତିକ ସମ୍ପର୍କର ୭୫ତମ ବର୍ଷପୂର୍ତ୍ତିକୁ ସ୍ମରଣୀୟ କରିବ।

ଭାରତ ଓ ଜାପାନ ପ୍ରଥମ ଥର ପାଇଁ ଆନ୍ତର୍ଜାତିକ କ୍ରିକେଟ୍ ମଞ୍ଚରେ ପରସ୍ପରକୁ ଭେଟିବେ। ଏହି ଐତିହାସିକ ମୁକାବିଲା ପାଇଁ ସମର୍ଥନ ଜଣାଇଥିବା ପ୍ରଶଂସକଙ୍କୁ ଜେସିଏ ଧନ୍ୟବାଦ ଜଣାଇଛି।

'ସ୍ପୋର୍ଟ ୭୫'ର ପ୍ରଥମ ପଦକ୍ଷେପ

ଏହି ମ୍ୟାଚକୁ ଭାରତ ଓ ଜାପାନର ମଧ୍ୟରେ କ୍ରୀଡ଼ା ସମ୍ପର୍କକୁ ଆହୁରି ମଜଭୁତ କରିବା ପାଇଁ ଆରମ୍ଭ ହୋଇଥିବା 'ସ୍ପୋର୍ଟ ୭୫' ପଦକ୍ଷେପର ପ୍ରଥମ ପାଦକ୍ଷେପ ଭାବେ ଦେଖାଯାଉଛି। ବିସିସିଆଇ ଓ ଜେସିଏ ଅନୁସାରେ, ଭାରତ-ଜାପାନ ମଧ୍ୟରେ କ୍ରୀଡ଼ା କ୍ଷେତ୍ରରେ ମାନବୀୟ ଆଦାନପ୍ରଦାନ ଓ ସହଯୋଗ ବୃଦ୍ଧି କରିବା ଏହି ପଦକ୍ଷେପର ମୁଖ୍ୟ ଲକ୍ଷ୍ୟ।

ଭାରତ ୨୦୩୬ ଅଲିମ୍ପିକ୍ ଓ ପାରାଲିମ୍ପିକ୍ ଆୟୋଜନ କରିବାର ଆକାଂକ୍ଷା ରଖିଥିବା ପରିପ୍ରେକ୍ଷୀରେ ଏହି କ୍ରୀଡ଼ା ସହଯୋଗକୁ ଗୁରୁତ୍ୱ ଦିଆଯାଉଛି।

ବିସିସିଆଇ ପକ୍ଷରୁ କୁହାଯାଇଛି ଯେ, କ୍ରିକେଟ୍ର ବିକାଶ କେବଳ ପାରମ୍ପରିକ କ୍ରିକେଟ୍ ଦେଶଗୁଡ଼ିକ ମଧ୍ୟରେ ସୀମିତ ରହିବା ଉଚିତ୍ ନୁହେଁ। ଜାପାନରେ କ୍ରିକେଟ୍ର ବିକାଶ ପାଇଁ ଜେସିଏ ସହ ମିଶି କାମ କରିବା ଏବଂ ଆଗାମୀ ଦିନରେ ଦୁଇ ସଂଗଠନର ସମ୍ପର୍କକୁ ଆହୁରି ମଜଭୁତ କରିବା ଉପରେ ବିସିସିଆଇ ଗୁରୁତ୍ୱ ଦେବ। ଭାରତ-ଜାପାନ ପ୍ରଥମ ଟି-୨୦ ମୁକାବିଲାର ଟିକେଟ୍ ସମ୍ପୂର୍ଣ୍ଣ ବିକ୍ରି ହୋଇଯିବା ଜାପାନରେ କ୍ରିକେଟ୍ ପ୍ରତି ବଢୁଥିବା ଆଗ୍ରହର ଏକ ବଡ଼ ସଙ୍କେତ ଭାବେ ଉଭା ହୋଇଛି।

# ପାକିସ୍ତାନ କ୍ରିକେଟରେ ଫିକ୍ସିଂ ଝଡ



କରାଚୀ,୧୧।୯ (ଏଜେନ୍ସି): ବିଶ୍ୱ କ୍ରିକେଟରେ ପୁଣି ଫିକ୍ସି ଝଡ଼ ହଇଚଇ ସୃଷ୍ଟି କରିଛି। ପାକିସ୍ତାନର ଦୁଇ ବରିଷ୍ଠ ଖେଳାଳି ମହମ୍ମଦ ରିଜ ୱାନ ଓ ଇମାମ-ଉଲ-ହକ ଫଶିଛନ୍ତି। ଫିକ୍ସିଂ ଚର୍ଚ୍ଚା ଭିତରେ ଲାହୋର ସ୍ଥିତ ପାକିସ୍ତାନର ଜାତୀୟ ସାଇବର କ୍ରାଇମ ଇନଭେଷ୍ଟିକେସନ ଏଜେନ୍ସି ବା ଏନସିସିଆଇଏ ପକ୍ଷରୁ ରିଜୱାନ ଓ ଇମାମଙ୍କୁ ଜେରା କରାଯାଇଛି। ଟିମ ଡ୍ରେସିଂ ରୁମ ତଥ୍ୟ ଲିକ ଅଭିଯୋଗ ଘଟଣାରେ ଉଭୟଙ୍କୁ ଜେରା କରାଯାଇଛି। ପାକିସ୍ତାନ କ୍ରିକେଟ ବୋର୍ଡ ପୂର୍ବରୁ ଦୁଇ ଖେଳାଳିଙ୍କ ମୋବାଇଲ ଫୋନ ତଦନ୍ତକାରୀ ଅଧିକାରୀଙ୍କୁ ହସ୍ତାନ୍ତର କରିଥିଲା। ଇଂଲଣ୍ଡ ବିପକ୍ଷ ଲର୍ଡ୍ସ ଟେଷ୍ଟ ପରେ ରିଜୱାନ ଓ ଇମାମଙ୍କ ସମେତ ୭ ଜଣ ଖେଳାଳିଙ୍କୁ ଦଳରେ ବାଦ ଦିଆଯିବା ପରେ ପିସିବି ଏପରି ପଦକ୍ଷେପ ନେଇଥିଲା। ଏବେ ଦୁଇ ଖେଳାଳିଙ୍କୁ ଏନସିସିଆଇଏ ଜେରା କରିଛି। ଉଭୟଙ୍କ ବ୍ୟାଙ୍କ ଟ୍ରାଞ୍ଜାକସନ ମଧ୍ୟ ଖୋଳତାଡ ଆରମ୍ଭ ହୋଇଛି। ଦୁଇ ଖେଳାଳିଙ୍କ ସହ ଜଡିତ ଆର୍ଥିକ କାରବାର ଓ ସନ୍ଦିଗ୍ଧ ନେଣଦେଣର ଯାଞ୍ଚ କରୁଛି ଏନସିସିଆଇଏ। ଇଂଲଣ୍ଡ ବିପକ୍ଷ ଟେଷ୍ଟ ଶୃଙ୍ଖଳା ପୂର୍ବରୁ ଓ ଟେଷ୍ଟ ଶୃଙ୍ଖଳା ପରେ ଦୁଇ ଖେଳାଳିଙ୍କ ବ୍ୟାଙ୍କ ଆକାଉଣ୍ଟରେ ଆର୍ଥିକ କାରବାର ହୋଇଥିଲା କି ନାହିଁ ତାହା ଏବେ ଫୋକସରେ ରହିଛି। ଏଥିପାଇଁ ବ୍ୟାଙ୍କ ତଥ୍ୟ ମଗା ଯାଇଛି। ଯଦି ଇଜୱାନ ଓ ଇମାମଙ୍କ ସହ ଜଡିତ ବ୍ୟାଙ୍କ ଆକାଉଣ୍ଟରେ ଆର୍ଥିକ କାର ବାର ହୋଇଥିବ ତାହେଲେ ଏହି ଅର୍ଥ କେଉଁଠୁ ଆସିଲା ଉଭୟଙ୍କୁ ପଚରା ଉଚରା ହେବ। ପିସିବି ପ୍ରଥମେ ରିଜୱାନ ଓ ଇମାମଙ୍କ ଫୋନକୁ ଜବତ କରିଥିଲା। ଏହାପରେ ସେଗୁଡିକୁ ଏନସିସିଆଇଏ ପାଖକୁ ପଠାଇଥିଲା। ତଦନ୍ତ ବେଳେ ଏଗୁଡିକୁ ଅନବ୍ଲକ କରାଯିବ ବୋଲି ଜଣାପଡିଛି।

## ଦ୍ରାବିଡ ମାଲିକ ଭଳି ଆଚରଣ କରୁ ନାହାନ୍ତି : ରାଠୋର୍

ନୂଆଦିଲ୍ଲୀ,୧୧।୯ (ଏଜେନ୍ସି): ୟୁରୋପୀୟ ଟି-୨୦ ଲିଗରେ ଭାରତର ଅନ୍ୟତମ ମହାନ କ୍ରିକେଟର ରାହୁଲ ଦ୍ରାବିଡଙ୍କୁ ଏକ ସମ୍ପୂର୍ଣ୍ଣ ନୂଆ ଭୂମିକାରେ ଦେଖିବାକୁ ମିଳିଛି। ସେ ଇଟିପିଏଲରେ ଭାଗ ନେଇଥିବା ଡବଲଇନ୍ ଗାର୍ଡିଆନ୍ସ ଫ୍ରାଞ୍ଚାଇଜ ମାଲିକ ଅଟନ୍ତି। ଏହି ଫ୍ରାଞ୍ଚାଇଜ କୋଚ ହେଉଛନ୍ତି ବିକ୍ରମ ରାଠୋର। ଦ୍ରାବିଡଙ୍କ ସହିତ ଭାରତୀୟ ଦଳ ଏବଂ ଆଇପିଏଲରେ ସପୋର୍ଟିଂ ଷ୍ଟାଫ ଭାବେ କାମ କରିସାରିଥିବାରୁ ତାଙ୍କୁ ସହଯୋଗୀ ଭାବେ ଦେଖିବାରେ ସେ ଅଭ୍ୟସ୍ତ। କିନ୍ତୁ ଦ୍ରାବିଡଙ୍କୁ ମାଲିକ ଭୂମିକାରେ ଦେଖିବା ତାଙ୍କ ପାଇଁ ସମ୍ପୂର୍ଣ୍ଣ ନୂଆ ଅନୁଭୂତି। ରାଠୋର କହିଛନ୍ତି ଯେ, ଡବଲଇନ ଫ୍ରାଞ୍ଚାଇଜ କ୍ରମାଗତ ୫ଟି ମ୍ୟାଚ ହାରିଥିବା ବେଳେ ଦ୍ରାବିଡ ସମର୍ଥନ ଦେଇଆସୁଛନ୍ତି। ରାହୁଲ ଜଣେ ମାଲିକ ଭଳି ଆଚରଣ କରୁଛନ୍ତି। ମୋର କହିବାର ଅର୍ଥ ସେ ଅନ୍ୟମାନଙ୍କ କାମରେ ହସ୍ତକ୍ଷେପ କରୁନାହାନ୍ତି। ତେଣୁ ଏଭଳ କଥା ମୁଁ ଯେପରି ପୂର୍ବରୁ କହିଥିଲି, ତାଙ୍କ ଭଳି ଜଣେ ବ୍ୟକ୍ତିଙ୍କୁ ମାଲିକ ଭଳି ପାଇବା ବଡ଼ କଥା। ସେ କୋଚ ଭାବେ ଯଥେଷ୍ଟ ସମୟ ବିତାଇଛନ୍ତି। ତେଣୁ ଦଳ ଗୁଡିକ କିପରି ଚାଲିପାରେ ଏବଂ ଫଳାଫଳ କିପରି ହୋଇପାରେ, ସେ ଜାଣିଛନ୍ତି। ତେଣୁ ଏହି ଟୁର୍ଣ୍ଣାମେଣ୍ଟର ପ୍ରାରମ୍ଭିକ ପର୍ଯ୍ୟାୟରେ ଯେତେ ବେଳେ ଆମେ ମ୍ୟାଚ ଜିତି ନଥିଲୁ ସେ ସମୟରେ ସେ ଅକୁଣ୍ଠ ସମର୍ଥନ କରିଥିଲେ। ଆମେ ଖେଳିଥିବା ୫ଟି ମ୍ୟାଚରୁ କୌଣସି ମଧ୍ୟ ଜିତିନଥିଲୁ, କିନ୍ତୁ ସେ ପ୍ରତିକ୍ରିୟାଶୀଳ ହୋଇନଥିଲେ।

## ଜାପାନ ଏସିଆନ୍ ଗେମ୍ସ ପାଇଁ ଶ୍ରୀଲଙ୍କାର ୧୫୬ ଜଣିଆ ଦଳ

କଲମ୍ବୋ,୧୧।୯ (ଏଜେନ୍ସି): ଜାପାନରେ ହେବାକୁ ଥିବା ୨୦ତମ ଏସିଆନ୍ ଗେମ୍ସ ଆଇଚି-ନାଗୋୟା ୨୦୨୬ ପାଇଁ ଶ୍ରୀଲଙ୍କା ତା'ର ଦଳ ଘୋଷଣା କରିଛି। ନ୍ୟାସନାଲ୍ ଅଲିମ୍ପିକ୍ କମିଟି ଅଫ୍ ଶ୍ରୀଲଙ୍କା ପକ୍ଷରୁ ଘୋଷିତ ଦଳରେ ୧୫୬ ଜଣ ଆଥଲେଟ୍ ସ୍ଥାନ ପାଇଛନ୍ତି। ଏଥିରେ ୧୦୦ ଜଣ ପୁରୁଷ ଓ ୫୬ ଜଣ ମହିଳା ଖେଳାଳି ରହିଛନ୍ତି। ଶ୍ରୀଲଙ୍କାର ଏହି ଦଳ ୨୫ଟି କ୍ରୀଡ଼ା ବିଭାଗରେ ଦେଶର ପ୍ରତିନିଧିତ୍ୱ କରିବ। ଏଥିରେ ସନ୍ତରଣ ଓ ଡାଇଭିଂ, ତୀରନ୍ଦାଜୀ, ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍, ଜୁଡୋ, ରୋଇଂ, ରଗ୍ବୀ ସେଭେନ୍ସ, ଟେବୁଲ୍ ଟେନିସ୍, ସ୍କ୍ୱାଶ୍, ଭାରୋତ୍ତୋଳନ, କୁସ୍ତି, ୩x୩ ବାସ୍କେଟବଲ୍, ଉଶୁ, କବାଡ଼ି, ବିଚ୍ ଭଲିବଲ୍, ଆଥଲେଟିକ୍ସ, ବକ୍ସିଂ, କରାଟେ, ସେଲିଂ, ତାଏକୋଣ୍ଡୋ, ସର୍ଫିଂ, ବ୍ୟାଡମିଣ୍ଟନ୍, କ୍ରିକେଟ୍, ଗଲ୍ଫ, ମଡର୍ନ ପେଣ୍ଟାଥଲନ୍ ଓ ହକି ସାମିଲ ରହିଛି। ସେପ୍ଟେମ୍ବର ୯ରେ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟର ଡଙ୍କନ୍ ହ୍ୱାଇଟ୍ ଅଡିଟୋରିୟମରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ 'ଟିମ୍ ଶ୍ରୀଲଙ୍କା'କୁ ଔପଚାରିକ ଭାବେ ଉପସ୍ଥାପନ କରାଯାଇଥିଲା। କ୍ରୀଡ଼ାମନ୍ତ୍ରୀ ସୁନିଲ କୁମାର ଗମାଗେ, ମନ୍ତ୍ରଣାଳୟ ସଚିବ ଏ.ଏଚ୍.ଏମ୍.ୟୁ ଅରୁଣ ବଣ୍ଡାରା, କ୍ରୀଡ଼ା ମହାନିର୍ଦ୍ଦେଶକ ଏସ୍. ଅଛୁଥନ୍, ଏନ୍‌ଓସି ଶ୍ରୀଲଙ୍କା ସଭାପତି ଅସାଙ୍ଗ ସେନେଭିରତ୍ନେ ଓ ମହାସଚିବ ରିଫ୍ତି ଫାକ୍ସି ଏହି ଅବସରରେ ଉପସ୍ଥିତ ଥିଲେ। ଗ୍ରୁପ୍ କ୍ୟାପ୍ଟେନ୍ ଏରାଣ୍ଡା ଗିଗାନାଗେ ଶ୍ରୀଲଙ୍କା ଦଳର ଚିଫ୍ ଡି ମିଶନ୍ ଭାବେ ଦାୟିତ୍ୱ ତୁଲାଇବେ। ଅଶୋକ ଜୟକୁମାରଙ୍କୁ ଡେପୁଟି ଚିଫ୍ ଡି ମିଶନ୍ ନିଯୁକ୍ତ କରାଯାଇଛି। ଏହି ଅଧିକାରୀମାନେ ଜାପାନରେ ହେବାକୁ ଥିବା ଏସିଆନ୍ ଗେମ୍ସ ସମୟରେ ଶ୍ରୀଲଙ୍କା ଦଳର ପରିଚାଳନା, ପ୍ରଶାସନିକ କାର୍ଯ୍ୟ ଓ ଖେଳାଳିଙ୍କ ସହାୟତା ଦାୟିତ୍ୱ ସମ୍ଭାଳିବେ।

## ୧୩୧ ବର୍ଷ ପୁରୁଣା ବିଶ୍ୱ ରେକର୍ଡର ସମକକ୍ଷ ହେଲେ ମାନବ

କାର୍ଡିଫ୍,୧୧।୯ (ଏଜେନ୍ସି): ଭାରତୀୟ ବାମହାତୀ ସ୍ପିନର ମାନବ ସୁତାର କାଉଣ୍ଟି କ୍ରିକେଟରେ ଏକ ଅଭୂତପୂର୍ବ କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ୱାରୱିକ୍ସାୟର ପକ୍ଷରୁ ଖେଳୁଥିବା ସୁତାର ଗ୍ଲାମର୍ଗାନ୍ ବିପକ୍ଷ ମ୍ୟାଚରେ ଗୋଟିଏ ବି ରନ୍ ଖର୍ଚ୍ଚ ନକରି ୩ଟି ୱିକେଟ୍ ନେଇ ୧୩୧ ବର୍ଷ ପୁରୁଣା ପ୍ରଥମଶ୍ରେଣୀ କ୍ରିକେଟ୍ ରେକର୍ଡ ସହ ସମକକ୍ଷ ହୋଇଛନ୍ତି। କାର୍ଡିଫ୍ର ସୋଫିଆ ଗାର୍ଡେନ୍ସରେ ଖେଳାଯାଇଥିବା କାଉଣ୍ଟି ଚାମ୍ପିଅନସିପ୍ ଡିଭିଜନ୍-୧ ମ୍ୟାଚରେ ୱାରୱିକୟର ଏକ ଇନିଂସ ଓ ୨୫୭ ରନ୍ରେ ଗ୍ଲାମର୍ଗାନକୁ ପରାସ୍ତ କରିଥିଲା। ୩୯୧ ରନ୍ କରିଥିବାବେଳେ ଗ୍ଲାମର୍ଗାନ୍ ଦୁଇ ଇନିଂସରେ ଯଥାକ୍ରମେ ୬୯ ଓ ୬୫ ରନରେ ଅଲ୍‌ଆଉଟ୍ ହୋଇଥିଲା। ଏହି ମ୍ୟାଚର ଦୁଇଟି ଇନିଂସରେ ସୁତାର ଅତି କମରେ ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ ମଧ୍ୟ ଗୋଟିଏ ରନ୍ ସୁଦ୍ଧା ଖର୍ଚ୍ଚ କରିନଥିଲେ। ତାଙ୍କର ତିନୋଟି ଯାକ ୱିକେଟ୍ ବୋଲ୍ଡ ଆଉଟ୍ ଥିଲା। ପ୍ରଥମଶ୍ରେଣୀ କ୍ରିକେଟ୍ ଇତିହାସରେ ଏଭଳି ସଫଳତା ହାସଲ କରିବାରେ ସୁତାର ମାତ୍ର ଦ୍ୱିତୀୟ ବୋଲର। ଏହା ପୂର୍ବରୁ ୧୮୯୫ରେ ଇଂଲଣ୍ଡର ଟମ୍ ହେୱାର୍ଡ ଲିସେଷ୍ଟରଶାୟର ପକ୍ଷରୁ ସରେ ବିପକ୍ଷରେ ଏହି କୀର୍ତ୍ତିମାନ ସ୍ଥାପନ କରିଥିଲେ। ଚଳିତ ସିଜନରେ ସୁଥାର ଦମଦାର ଫର୍ମରେ ଅଛନ୍ତି। ଭାରତ ପାଇଁ ଟେଷ୍ଟ ପଦାର୍ପଣରେ ୭ ୱିକେଟ୍ ନେବା ସହ ଶ୍ରୀଲଙ୍କା ବିପକ୍ଷ ସିରିଜରେ ୨ଟି ମ୍ୟାଚରୁ ୧୬ ୱିକେଟ୍ ଦଖଲ କରିଥିଲେ। କାଉଣ୍ଟି ଚାମ୍ପିଅନସିପରେ ୮ ଇନିଂସରୁ ତାଙ୍କ ନାମରେ ରହିଛି ୨୧ ୱିକେଟ୍। ଶୂନ ରନରେ ୩ ୱିକେଟ୍ ନେଇ ମାନବ ସୁଥାର କେବଳ ମ୍ୟାଚ୍ ନୁହେଁ, ୧୩୧ ବର୍ଷର କ୍ରିକେଟ୍ ଇତିହାସରେ ନିଜ ନାମ ଲେଖାଇଛନ୍ତି।

ସୂଚନା

ସମୟ

BHIM

SCAN & PAY

ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / କ୍ରୀଡ଼ାଗତି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ। ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭୀମ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୦୦୮୫୩୩୧୬୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ। ଅଧିକ ସୂଚନା ପାଇଁ ୭୦୦୮୫୩୩୧୬୪ରେ ଯୋଗାଯୋଗ କରନ୍ତୁ।

# ସାବାଲେଙ୍କାଙ୍କ ହ୍ୟାଟ୍ରିକ୍ ସ୍ୱପ୍ନ ଭାଙ୍ଗିବେ କି ରିବାକିନା?



ନ୍ୟୁୟର୍କ,୧୧।୯ (ଏଜେନ୍ସି): ନ୍ୟୁୟର୍କରେ ପହଞ୍ଚିବା ପୂର୍ବରୁ ଆରିନା ସାବାଲେଙ୍କାଙ୍କ ସମୟ ଆଦୌ ଭଲ ଯାଇନଥିଲା। ୱିମ୍ବଲଡନ୍, ଟରଣ୍ଟୋ ଓ ସିନସିନାଟିରେ ଆଗୁଆ ବିଦାୟ ତାଙ୍କୁ ଚିନ୍ତାରେ ପକାଇଥିଲା। ନିଜେ ମଧ୍ୟ ଏହାକୁ 'ସବୁଠାରୁ ଭଲ ସମୟ ନୁହେଁ' ବୋଲି କହିଥିଲେ। କିନ୍ତୁ ୟୁଏସ୍ ଓପନରେ ପହଞ୍ଚିବା ପରେ ଚିତ୍ର ବଦଳିଯାଇଛି। ଏବେ ଲଗାତାର ତୃତୀୟ ଟାଇଟଲ୍ ଜିତିବା ଲକ୍ଷ୍ୟରେ ଥିବା ସାବାଲେଙ୍କାଙ୍କ ସାମ୍ନାରେ ରହିଛନ୍ତି ଏଲେନା ରିବାକିନା। ସେମିଫାଇନାଲରେ ଘରୋଇ ଖେଳାଳି ଜେସିକା ପେଗୁଲାଙ୍କୁ ୭-୫, ୬-୨ରେ ହରାଇ ସାବାଲେଙ୍କା ପହଞ୍ଚିଛନ୍ତି। ବିଶେଷକରି ଦ୍ୱିତୀୟ ସେଟ୍ରେ ତାଙ୍କ ପ୍ରଦର୍ଶନ ଥିଲା ନିଖୁଣ। ପେଗୁଲା ମଧ୍ୟ ସାବାଲେଙ୍କାଙ୍କୁ ଏହି ବର୍ଷର ଶ୍ରେଷ୍ଠ ଫର୍ମରେ ଥିବା ଖେଳାଳି ବୋଲି ପ୍ରଶଂସା କରିଛନ୍ତି। କିନ୍ତୁ ଫାଇନାଲରେ ସାବାଲେଙ୍କାଙ୍କ ପାଇଁ ଚ୍ୟାଲେଞ୍ଜ୍ ଆହୁରି କଠିନ। ତାଙ୍କ ସାମ୍ନାରେ ରହିଛନ୍ତି ରିବାକିନା। ୟୁଏସ୍ ଓପନରେ ପୂର୍ବରୁ ୭ ଥର ଖେଳିଥିଲେ ମଧ୍ୟ ରିବାକିନା କେବେ ଚତୁର୍ଥ ରାଉଣ୍ଡ ଅତିକ୍ରମ କରିପାରିନଥିଲେ। ଏଥର ସିନସିନାଟିରେ ବାମ ଗୋଡ଼ର ଗୋଇଠିରେ ଆଘାତ ପାଇବା ପରେ ମଧ୍ୟ ସେ ଦମଦାର ପ୍ରତ୍ୟାବର୍ତ୍ତନ କରି ଫାଇନାଲରେ ପହଞ୍ଚିଛନ୍ତି।

**ସାବାଲେଙ୍କାଙ୍କଠାରୁ ନମ୍ବର-୧ ମୁକୁଟ ଛଡ଼ାଇଲେ**

କ୍ୱାର୍ଟର ଫାଇନାଲରେ କ୍ୱିନ୍ୱେନ୍ ପଛରୁ ଫେରି ହରାଇ ରିବାକିନା ସାବାଲେଙ୍କାଙ୍କ ୯୯ ସପ୍ତାହର ବିଶ୍ୱ ନମ୍ବର-୧ ରାଜୁତିରେ ଅନ୍ତ ଘଟାଇଥିଲେ। ଏହାପରେ ବିଶ୍ୱ ନମ୍ବର-୪ କୋକୋ ଗାଫ୍ଙ୍କୁ ମଧ୍ୟ ହରାଇ ଫାଇନାଲ୍ ଟିକେଟ୍ ହାସଲ କରିଛନ୍ତି। ଅନ୍ୟପଟେ ସାବାଲେଙ୍କା ଲଗାତାର ଚତୁର୍ଥ ୟୁଏସ୍ ଓପନ୍ ଫାଇନାଲ୍ ଖେଳିବାକୁ ଯାଉଛନ୍ତି।

**ରିବାକିନାଙ୍କ ବଡ଼ ଅସ୍ତ୍ର ସର୍ଭିସ୍**

ଫାଇନାଲରେ ରିବାକିନାଙ୍କ ସବୁଠାରୁ ବଡ଼ ଅସ୍ତ୍ର ହେବ ତାଙ୍କ ଶକ୍ତିଶାଳୀ ସର୍ଭିସ୍। ୨୦୨୬ରେ ସେ ଏପର୍ଯ୍ୟନ୍ତ ୩୫୭ଟି ଏସ୍ ମାରିଛନ୍ତି। ସାବାଲେଙ୍କାଙ୍କ ଏସ୍ ସଂଖ୍ୟା ୨୩୬। ତେଣୁ ରିବାକିନାଙ୍କ ସର୍ଭିସ୍ ତାଙ୍କୁ ନିଜ ସର୍ଭିସ୍ ଗେମ୍ରେ ବଡ଼ ଫାଇଦା ଦେଇପାରେ। ତେବେ ସାବାଲେଙ୍କା ମଧ୍ୟ ନିଜ ସର୍ଭିସରେ ବହୁତ ଉନ୍ନତି କରିଛନ୍ତି। ୨୦୨୩ ପୂର୍ବରୁ ଏହା ତାଙ୍କ ଖେଳର ଏକ ଦୁର୍ବଳ ଦିଗ ଥିଲା। ପରେ ବାୟୋମେକାନିକ୍ସ ବିଶେଷଜ୍ଞଙ୍କ ସହ କାମ କରି ସେ ନିଜ ସର୍ଭିସ୍ ମୋସନ୍ ଓ ବଲ୍ ଟସ୍ରେ ପରିବର୍ତ୍ତନ ଆଣିଥିଲେ। ୨୦୨୬ରେ ସେ ପ୍ରଥମ ସର୍ଭିସ୍ ପଏଣ୍ଟର ୭୧ ପ୍ରତିଶତ ଜିତିଛନ୍ତି, ଯେଉଁଠାରେ ରିବାକିନାଙ୍କ ହାର ୭୩.୪ ପ୍ରତିଶତ।

**ରିଟର୍ଣ୍ଣରେ ସାବାଲେଙ୍କା ଆଗରେ**

ଫାଇନାଲରେ ରିବାକିନାଙ୍କ ସର୍ଭିସ୍କୁ ରୋକିବା ସାବାଲେଙ୍କାଙ୍କ ପାଇଁ ସବୁଠାରୁ ବଡ଼ ଚ୍ୟାଲେଞ୍ଜ୍ ହେବ। ରିଟର୍ଣ୍ଣ ପଏଣ୍ଟ ଜିତିବାରେ କିନ୍ତୁ ସାବାଲେଙ୍କା ଆଗରେ ଅଛନ୍ତି। ସେ ଏ ବର୍ଷ ୪୪.୬ ପ୍ରତିଶତ ରିଟର୍ଣ୍ଣ ପଏଣ୍ଟ ଜିତିଥିବାବେଳେ ରିବାକିନାଙ୍କ ହାର ୪୨.୩ ପ୍ରତିଶତ। ସାବାଲେଙ୍କା ଯଦି ଦୀର୍ଘ ସମୟ ଧରି ରିବାକିନାଙ୍କ ସର୍ଭିସ୍ ଭାଙ୍ଗିବାରେ ବିଫଳ ହୁଅନ୍ତି, ତେବେ ତାଙ୍କ ଉପରେ ଚାପ ବଢ଼ିପାରେ। ଚଳିତ ବର୍ଷ ଜାନୁଆରୀରେ ଅଷ୍ଟ୍ରେଲିଆନ୍ ଓପନ୍ରେ ଦୁହିଁଙ୍କ ମୁକାବିଲାରେ ରିବାକିନା ୬-୪, ୪-୬, ୬-୪ରେ ବିଜୟୀ ହୋଇଥିଲେ। ରିବାକିନା ମଧ୍ୟ ଜାଣିଛନ୍ତି ଯେ ସାବାଲେଙ୍କାଙ୍କ ବିପକ୍ଷରେ ତାଙ୍କ ସର୍ଭିସ୍କୁ ସର୍ବୋତ୍ତମ ସ୍ତରରେ ରଖିବାକୁ ହେବ। ତାଙ୍କ କହିବାନୁସାରେ, ଟାଇଟ୍ ସ୍କୋର୍ରେ ଠିକ୍ ସମୟରେ ଠିକ୍ ନିଷ୍ପତ୍ତି ନେବା ହିଁ ଫରକ ସୃଷ୍ଟି କରିବ।

ସମୟ
ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod
IOS
Download Now:
https://play.google.com/
store/app/details/
id- com.samayalive.app

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି